R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୮୭
ତିଥି : ତୃତୀୟା
୧୨ ଏପ୍ରିଲ ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

Vol. - XXVI, No. 187
12 April 2024, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ସ୍କୁଲ ବସ୍ ଦୁର୍ଘଟଣାଗ୍ରସ୍ତ : ୬ ଛାତ୍ର ମୃତ




ନୂଆଦିଲ୍ଲୀ, ୧୧।୪ : ହରିୟାଣାର ମହେନ୍ଦ୍ରଗଡ ଠାରେ ଏକ ସ୍କୁଲ ବସ୍ ଦୁର୍ଘଟଣା ଘଟି ୬ ଛାତ୍ରଙ୍କର ମୃତ୍ୟୁ ହୋଇଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ତେବେ ଦୁର୍ଘଟଣା ପରେ ବସ୍‌ର ଫିଟ୍‌ନେସ୍ ନେଇ ପ୍ରଶ୍ନ ଉଠିଛି । ଏଥିପାଇଁ କିଏ ଦାୟୀ ସେନେଇ ମଧ କାଦୁଅ ଫିଙ୍ଗା ଆରମ୍ଭ ହେଲାଣି । ସେହିଭଳି ଅଭିଭାବକ ଓ ସ୍ଥାନୀୟ ଲୋକମାନେ ମଧ ଇଦ୍ ଭଳି ଏକ ଛୁଟି ଦିନରେ ସ୍କୁଲ କେମିତି ଖୋଲିଥିଲା ବୋଲି ପ୍ରଶ୍ନ କରିଛନ୍ତି । ସ୍କୁଲର ଅଧକ୍ଷଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି । ୧୪ ଜଣ ଛାତ୍ର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ବସ୍‌ଟି ଓଭରଟେକ୍ କରିବାବେଳେ ଗୋଟିଏ ଗଛରେ ପିଟି ହୋଇଯାଇଥିଲା । ଡ୍ରାଇଭରକୁ ହେପାଜତକୁ ନିଆଯାଇଥିବାବେଳେ ସ୍କୁଲର ସମ୍ପାଦକଙ୍କୁ ମଧ ପୋଲିସ ହେପାଜତକୁ ନେଇଛି ।

ଘଟଣାରୁ ଜଣାପଡିଛି ଯେ ସ୍କୁଲ ବସ୍‌ଟି ସକାଳେ ଯାଉଥିବାବେଳେ ଭାରସାମ୍ୟ ହରାଇଥିଲା । ବସ୍‌ର ଡ୍ରାଇଭର ମଦ ପିଇଥିବା ନେଇ ସୂଚନା ମିଳିଛି । ଏହି ବସ୍‌ର ଫିଟ୍‌ନେସ୍ ସାର୍ଟିଫିକେଟ ୨୦୧୮ରୁ ଶେଷ ହୋଇଯାଇଛି । ଏହି ବସ୍ ଜିଏଲ୍ ପବ୍ଲିକ୍ ସ୍କୁଲର । ରାଜ୍ୟ ସରକାରଙ୍କର ସଡକ ପରିବହନ ଅଧିକାରୀଙ୍କୁ ଚାକିରୀରୁ ନିଲମ୍ବିତ କରାଯାଇଛି । ରାଜ୍ୟ ଶିକ୍ଷା ମନ୍ତ୍ରୀ ସୀମା ତ୍ରିର୍କା କହିଛନ୍ତି ଯେ ଏହାର ସବିଶେଷ ତଦନ୍ତ କରାଯିବ । ଛୁଟି ଦିନରେ ସ୍କୁଲ କିଭଳି ଖୋଲିଥିଲା ତାହା ଅନୁଧ୍ୟାନ କରାଯିବ । ସ୍କୁଲକୁ ବନ୍ଦ କରିବା ପାଇଁ ମଧ ଆଗରୁ କୁହାଯାଇଥିଲା । ସ୍କୁଲ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି । ଆଜି ସ୍କୁଲ ଖୋଲା ଯିବାର ନଥିଲା । କାହିଁକି ସ୍କୁଲ ଖୋଲିଥିଲେ । କାରଣ ଦେଖାଇବା ପାଇଁ ନୋଟିସ୍‌ରେ କୁହାଯାଇଛି । ସରକାରଙ୍କ ପକ୍ଷରୁ ଘରୋଇ ସ୍କୁଲଗୁଡିକ ଠାରୁ ସତ୍ୟପାଠ ନିଆଯାଏ । ସ୍କୁଲଗୁଡିକୁ ମଧ ଗାଡି ପରିବହନ ନିମନ୍ତେ ସତ୍ୟପାଠ କରିବାକୁ ପଡିଥାଏ । ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଥିଲେ ।

**ମଦ ପିଇ ଗାଡି ଚଳାଉଥିଲା ଡ୍ରାଇଭର**

**ଇଦ୍‌ରେ ସ୍କୁଲ କିଭଳି ଖୋଲିଲା ନେଇ ପ୍ରଶ୍ନ**

**୬ ବର୍ଷ ହେଲାଣି ବସ୍‌ର ଫିଟ୍‌ନେସ୍ ନାହିଁ**

**ସ୍କୁଲ ଅଧକ୍ଷଙ୍କ ସମେତ ୩ ଗିରଫ**

# ବଦଳିବ ପାଗ, ଆଜିଠୁ ବଢ଼ିବ ତାପମାତ୍ରା

ଭୁବନେଶ୍ୱର, ୧୧।୪ (ସବ୍ୟୁ) : ବର୍ଷା ଓ ମେଘୁଆ ଆକାଶ ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶାରେ ଦିନ ତାପମାତ୍ରାରେ ଦୃଷ୍ଟନ୍ତ ମୂଳକ ହ୍ରାସ ପାଇଛି । ଭାଙ୍ଗିଲା ସର୍ବକାଳୀନ ରେକର୍ଡ । ଅନୁଭୂତ ହେଲା ଅପ୍ରେଲ ମାସର ସବୁ ଠାରୁ ଥଣ୍ଡା ଦିନ । ଅନୁଗୁଳ, ଟିଟିଲାଗଡ, ସମ୍ବଲପୁର , ହୀରାକୁଦ ସହରରେ ରେକର୍ଡ ହେଲା ସବୁଠୁ କମ ତାପମାତ୍ରା । ଆସନ୍ତାକାଲି(ଶୁକ୍ରବାର)ଠୁ ପାଗ ବଦଳିବ । ଦିନ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗ କହିବାନୁସାରେ, ଆଜି(ଗୁରୁବାର) ସର୍ବୋଚ୍ଚ ତାପମାତ୍ରା ଟିଟଲାଗଡରେ ୨୪ଡ଼ିଗ୍ରୀ (ପୂର୍ବ ରେକର୍ଡ ୧୯୫୨, ୨୦୦୮ ୪ ଏପ୍ରିଲରେ ୨୮.୫ଡ଼ିଗ୍ରୀ), ସମ୍ବଲପୁରରେ ୨୫.୭ ଡିଗ୍ରୀ (ପୂର୍ବ ରେକର୍ଡ ୧୯୫୨, ୨୦୦୮ ୭ ଏପ୍ରିଲରେ ୨୫.୭ ଡିଗ୍ରୀ), ହୀରାକୁଦରେ ୨୬.୧ ଡିଗ୍ରୀ ( ପୂର୍ବ ରେକର୍ଡ ୧୯୭୩, ୨୦୨୩ ଏପ୍ରିଲ ୨୨ରେ ୨୭.୬ ଡିଗ୍ରୀ), ଅନୁଗୁଳରେ ୨୬.୭ଡିଗ୍ରୀ (ପୂର୍ବ ରେକର୍ଡ ୧୯୨୧, ୨୦୦୮ ଏପ୍ରିଲ ୬ରେ ୨୭.୭ ଡିଗ୍ରୀ) ରେକର୍ଡ କରାଯାଇଛି ।

ରାଜ୍ୟରେ ପୁଣି ଫେରିବ ତାତି । ଆସନ୍ତାକାଲି ଠାରୁ ପରବର୍ତ୍ତୀ ୪ ଦିନ ଯାଏଁ ବିଭିନ୍ନ ସ୍ଥାନରେ ତାପମାତ୍ରା ବଢ଼ିବାର ସମ୍ଭାବନା ରହିଛି । ଦିନର ତାପମାତ୍ରା ପ୍ରାୟ ୬ରୁ ୮ ଡିଗ୍ରି ଯାଏଁ ବଢ଼ିପାରେ । ୧୭ ଓ ୧୮ ତାରିଖ ବେଳକୁ ତାତି ପିକ୍‌ରେ ପହଞ୍ଚିବ । ୧୪ ଓ ୧୫ ତାରିଖରେ ହିଟ୍ ୱେଭ୍(ଗ୍ରୀଷ୍ମ ଲହରୀ) ପାଇଁ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବିଗତ ତିନି ଦିନ ହେଲା ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ସାମାନ୍ୟରୁ ମଧ୍ୟମଧରଣର ବର୍ଷା ହୋଇଛ । ଗୁରୁବାର ବଲାଙ୍ଗୀର, ସୁବର୍ଣ୍ଣପୁର, ସମ୍ବଲପୁର, ବୌଦ୍ଧ ଜିଲ୍ଲାରେ ବର୍ଷା ହୋଇଛି ।

**୧୪ରୁ ଦୁଇ ଦିନ ଗ୍ରୀଷ୍ମ ଲହରୀ ଚେତାବନୀ**

# ଦୁଇ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ



ଭୁବନେଶ୍ୱର, ୧୧।୪ (ସବ୍ୟୁ) : ବିଜେଡିରୁ ଇସ୍ତଫା ଦେଇଥିବା ଦୁଇ ବିଧାୟକଙ୍କ ସଭ୍ୟ ପଦକୁ ରଦ୍ଦ କରାଯାଇଛି । ଜୟଦେବ ବିଧାୟକ ଅରବିନ୍ଦ ଢ଼ାଲି ଓ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକଙ୍କ ସଭ୍ୟ ପଦକୁ ବାଚସ୍ପତି ରଦ୍ଦ କରିଛନ୍ତି । ବିଧାନସଭା ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ଦୁଇ ବିଧାୟକ ବିଜେଡି ଛାଡି ବିଜେପିରେ ଯୋଗ ଦେଇଛନ୍ତି । ସେମାନେ ବିଜେପିରେ ଯୋଗ ଦେବାପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଏନେଇ ମାର୍ଚ୍ଚ ୧୮ରେ ପିଟିସନ୍ ଦେଇଥିଲେ । ପିଟିସନ୍ ଆଧାରରେ ମାର୍ଚ୍ଚ ୧୯ରେ ଦୁଇ ବିଧାୟକଙ୍କ ଠାରୁ ସ୍ପଷ୍ଟୀକରଣ ମଗାଯାଇଥିଲା । ସେମାନେ ଏହାର କୌଣସି ଉତ୍ତର ରଖିନଥିଲେ । ଏପ୍ରିଲ ୧୦ ତାରିଖରେ ହାଜର ହେବାପାଇଁ ଚିଠି ମଧ କରାଯାଇଥିଲା । ବ୍ୟକ୍ତିଗତ ଭାବେ ହାଜର ହୋଇ ସେମାନେ ପକ୍ଷ ରଖିଲେ ନାହିଁ । ଫଳରେ ସରକାରୀ ମୁଖ୍ୟ ସଚେତକଙ୍କ (୯ ପୃଷ୍ଠାରେ)

# ଚଡକ ମେଳା ଇତିହାସରେ ରେକର୍ଡ ସଂଖ୍ୟକ ଉପବିତଧାରୀ



ଭୋଗରାଇ, ୧୧।୪ (ସବ୍ୟୁ) : ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚଡକ ମେଳାର ୧ ୧ ଦିନରେ ଜୀଉଙ୍କ ମହାନୀଳ ଉତ୍ସବ ଉଦଯାପିତ ହୋଇଛି ।ମହାନୀଳ ପର୍ବରେ ଚନ୍ଦନେଶ୍ୱର ପୀଠ ଶ୍ରଦ୍ଧାଳୁଙ୍କ ସନ୍ଦର୍ଶନ ଓ ଆରାଧନା ଲାଗି ଜନସମୁଦ୍ରରେ ପରିଣତ ହୋଇଥିଲା ଗୁରୁବାର ନିଶିବସାନରୁ ଅସଂଖ୍ୟ ଶୈବଭକ୍ତ ଦଳେ ଦଳେ ମନ୍ଦିରରେ ପୂଜାର୍ଚ୍ଚନା ଲାଗି ଭିଡ ଲଗାଇଥିଲେ। ଶ୍ରଦ୍ଧାଳୁମାନେ ହାତରେ ଡାଲାଧରି ସେଥିରେ ଥିବା ଫୁଲ, ଚନ୍ଦନ, ବେଲପତ୍ର, କ୍ଷୀର ସହ ପଇଡ଼ ଧରି ମନ୍ଦିରକୁ ପ୍ରବେଶ କରିଥିଲେ । ବେଳବଢୁଥିବାବେଳେ ଶୈବ ଭକ୍ତଙ୍କ ଭିଡ଼ ମଧ ବଢିଥିଲା । ଜଗନ୍ନାଥପୁର ଛକଠାରୁ ଚନ୍ଦନେଶ୍ୱର, (୯ ପୃଷ୍ଠାରେ)

# ଟ୍ରକ ଧକ୍କାରେ କାର୍ଯ୍ୟରତ ତିନି କର୍ମଚାରୀଙ୍କ ମୃତ୍ୟୁ

ବରଗଡ଼, ୧୧।୪ (ସବ୍ୟୁ): ସୋହେଲା ରାୟପୁର ରୋଡ ସ୍ଥିତ ଲୁହୁରାଚଟି ପାଖରେ ଅଭାବନୀୟ ଘଟଣା ଘଟିଛି । ଟ୍ରକ୍ ଧକ୍କାରେ ଚାଲିଗଲା ତିନି ଜଣଙ୍କ ଜୀବନ । ଅଶୋକା କମ୍ପାନିରେ କାର୍ଯ୍ୟରତ ତିନି କର୍ମଚାରୀଙ୍କୁ ଦଳି ଦେଲା ଟ୍ରକ୍ । ଘଣାସ୍ଥଳରେ ତିନିଜଣଙ୍କ ମୃତ୍ୟୁ । ବୁଧବାର ବିଳମ୍ବିତ ରାତିରେ ଘଟିଛି ଏହି ଦୁଃଖଦ ଘଟଣା। ଜାତୀୟ ରାଜପଥ ରାସ୍ତା କଡ଼ରେ ଡ୍ୟୁଟି କରୁଥିବା ସମୟରେ ହଠାତ୍ ତିନି କର୍ମଚାରୀଙ୍କୁ ଏକ ଟ୍ରକ୍ ଧକ୍କା ଦେଇ ଫେରାର ମାରିଥିଲା। ସୋହେଲା ଥାନା ପୁଲିସ ଖବର ପାଇ ଘଟଣା ସ୍ଥଳକୁ ପହଞ୍ଚିଥିଲା । ତିନି ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ଡାକ୍ତର ତିନିଜଣଙ୍କୁ ମୃତ ଘୋଷଣା କରିଥିଲେ । ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ମୃତ ବ୍ୟକ୍ତିମାନେ ହେଲେ ସୋହେଲା ସହରର ପାର୍ଥ ସାହୁ, ବନ୍ଦଳା ଗାଁର ବିକାଶ ଷଣ୍ଢ ଓ ଅନ୍ୟ ଜଣେ କଟକ ଅଞ୍ଚଳର ବୋଲି ଜଣାପଡିଛି ।

# ସୁଧ କାରବାରକୁ ନେଇ ବୋମାମାଡ଼

ଭୁବନେଶ୍ୱର, ୧୧।୪ (ସବ୍ୟୁ) : ସୁଧ କାରବାରକୁ ନେଇ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରାଜଧାନୀ ଉପକଣ୍ଠ ପଟିଆ ନିକଟ ପଦ୍ମକେଶରପୁରରେ ବୋମାମାଡ଼ ସାଙ୍ଗକୁ ଭୁଜାଲି ଚୋଟରେ ଶ୍ୱଶୁର, ବୋହୂ ଗୁରୁତର ହୋଇଛନ୍ତି । ଦୁଇ ଗୁରୁତର କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବାବେଳେ ଉତ୍ତେଜନା ଲାଗି ରହିଥିବାରୁ ୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି ।

ପଦ୍ମକେଶରପୁରର ସୁବ୍ରତ ଦାସ ଓ ମିଟୁ ଦାସ ସେହି ଗ୍ରାମର ସନାତନ ଦାସ (୫୦)ଙ୍କୁ ୮ ବର୍ଷ ତଳେ ୨୦ ହଜାର ଟଙ୍କା ସୁଧ ଦେଇଥିଲେ । ମାସକୁ ୨ହଜାର ସୁଧ ହିସାବରେ ସନାତନ ୨ଲକ୍ଷ ଟଙ୍କା ସୁଧ ଦେଇସାରିଛନ୍ତି । ତଥାପି ବାକି ଥିବା କିଛି ସୁଧ ଓ ମୂଳ ଦେବାକୁ ସୁବ୍ରତ ଓ ମିଟୁ ତାଙ୍କ ସହ ବାରମ୍ବାର ଝଗଡ଼ା କରୁଥିଲେ । ବୁଧବାର ରାତିରେ ଶ୍ୱଶୁର ସନାତନ ବୋହୂ ନିରୁପମା ରୋଷେଇ ଘରେ ଥିବାବେଳେ ସୁବ୍ରତ ଦାସ, ମିଟୁ ଦାସ, ବାବୁଲି ଦାସ, ତାପସ ଦାସ ମିଳିତଭାବେ ଆସି ତାଙ୍କ ରୋଷେଇ ଘରକୁ ବୋମା ମାଡ଼ କରିଥିଲେ । ବୋମାମାଡ଼ ପରେ ସନାତନ ପରିବାର ଓ ସାଇ ଲୋକମାନେ ସେମାନଙ୍କୁ ଗୋଡ଼ାଇ ଆସିବାରୁ ୪ ଜଣ ମିଶି ସନାତନ ଓ ନିରୁପମାଙ୍କୁ ଭୁଜାଲିରେ ହାଣି ପକାଇଥିଲେ । ଭୁଜାଲି ମାଡ଼ରେ ଦୁହେଁ ଗୁରୁତର ହୋଇଥିବାବେଳେ ଖବର ପାଇ ପୋଲିସ (୯ ପୃଷ୍ଠାରେ)

**ଭୁଜାଲି ଚୋଟରେ ଶ୍ୱଶୁର, ବୋହୂ ଗୁରୁତର**

**ତୀବ୍ର ଉତ୍ତେଜନା, ୩ ପ୍ଲାଟୁନ ପୋଲିସ ମୁତୟନ**

# ୯ ବିଧାୟକ ପ୍ରାର୍ଥୀ ଘୋଷଣା କଲା ବିଜେଡି



ଭୁବନେଶ୍ୱର, ୧୧।୪ (ସବ୍ୟୁ) : ବିଜୁ ଜନତା ଦଳ (ବିଜେଡି)ର ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଏହି ପର୍ଯ୍ୟାୟରେ ୯ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବାବେଳେ ବାଲେଶ୍ୱର ଲୋକସଭା ଆସନ ଲାଗି ପ୍ରାର୍ଥୀ ଚୂଡାନ୍ତ କରାଯାଉଛି । ବାଲେଶ୍ୱର ଲୋକସଭା ଆସନ ଲାଗି ବିଜେପି ଛାଡି ବିଜେଡିରେ ଯୋଗ ଦେଇଥିବା ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ପ୍ରାର୍ଥୀ କରାଯାଇଛି । ଲେଖାଶ୍ରୀଙ୍କୁ ପ୍ରାର୍ଥୀ କଲାପରେ ବିଜେଡି ରାଜ୍ୟର ୨୧ ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଛି । ପୂର୍ବ ଥର ଭଳି ଏଥର ମଧ ୭ ମହିଳାଙ୍କୁ ଦଳ ପ୍ରାର୍ଥୀ କରିଛି ।

ସେହିଭଳି ଯେଉଁ ୯ ବିଧାୟକଙ୍କୁ ପ୍ରାର୍ଥୀ କରାଯାଇଛି ସେମାନଙ୍କ ମଧ୍ୟରୁ ୪ ବିଧାୟକଙ୍କୁ ଆଉଥରେ କରିଥିବାବେଳେ ୩ ବିଧାୟକଙ୍କ ଟିକେଟ କଟିଛି । ତେବେ ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟଙ୍କ ବଦଳରେ ତାଙ୍କ ପତ୍ନୀ ଗୀତାଞ୍ଜଳୀ ରାଉତରାୟଙ୍କୁ ପ୍ରାର୍ଥୀ କରିଛି । ସେହିଭଳି ନର୍ଲାରେ ଭୁପିନ୍ଦର ସିଂଙ୍କ ବଦଳରେ ପଞ୍ଚାୟତ ସମିତି ଅଧକ୍ଷ ନବାଗତା ମନୋରମା ମହାନ୍ତି ପ୍ରାର୍ଥୀ ହୋଇଛନ୍ତି । ଲକ୍ଷ୍ମୀପୁର ବିଧାୟିକା ପଦ୍ମିନୀ ଦିଆନଙ୍କୁ ଦଳ ପ୍ରାର୍ଥୀ କରିନାହିଁ । ରେଢ଼ାଖୋଲରୁ ରୋହିତ ପୂଜାରୀ ପ୍ରାର୍ଥୀ ହୋଇଥିବାବେଳେ ତାଳଚେରରୁ ବ୍ରଜକିଶୋର ପ୍ରଧାନ, ବାଲିଗୁଡାରୁ ଚକ୍ରମଣି କହଁର, ଭୁବନେଶ୍ୱରମଧ୍ୟରୁ ଅନନ୍ତ ଜେନାଙ୍କୁ ପ୍ରାର୍ଥୀ କରାଯାଇଛି । ତେଲକୋଇରୁ ପ୍ରେମାନନ୍ଦ ନାୟକ ଦଳରୁ ଇସ୍ତଫା ଦେଇଥିବାରୁ (୯ ପୃଷ୍ଠାରେ)

**ବାଲେଶ୍ୱର ଲୋକସଭା ଲଢ଼ିବେ ଲେଖାଶ୍ରୀ**

**୫ ବିଧାୟକଙ୍କୁ ଟିକେଟ, ୨ ବିଧାୟକଙ୍କ ଟିକେଟ କଟିଲା**

**ପାରାଦ୍ୱୀପରୁ ଲଢ଼ିବେ ସମ୍ବିତ୍‌ଙ୍କ ପତ୍ନୀ**

**ଭୁବନେଶ୍ୱର-ମଧ୍ୟରୁ ଅନନ୍ତ ପୁଣି ପ୍ରାର୍ଥୀ**

## ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସିଏସ୍‌ଡିଏସ୍-ଲୋକନୀତି ସର୍ଭେ

# ମୂଲ୍ୟ ବୃଦ୍ଧି, ବେକାରୀ ଭୋଟରଙ୍କ ଲାଗି ପ୍ରମୁଖ ପ୍ରସଙ୍ଗ



ନୂଆଦିଲ୍ଲୀ, ୧୧।୪ : ୨୦୨୪ ସାଧାରଣ ନିର୍ବାଚନ ଲାଗି ବିଗୁଲ ବାଜିସାରିଛି । ୭ ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନ ଏପ୍ରିଲ ୧୯ରୁ ଆରମ୍ଭ ହୋଇ ଜୁନ୍ ୧ ଯାଏ ଚାଲିବ । ତେବେ ଏଥର ନିର୍ବାଚନରେ ଭୋଟରମାନେ ବେକାରୀ, ମୁଦ୍ରାସ୍ଫିତି ବା ମୂଲ୍ୟ ବୃଦ୍ଧିକୁ ନେଇ ନିଜର ଚିନ୍ତା ପ୍ରକଟ କରିଛନ୍ତି । ଯାହା ଆଗାମୀ ନିର୍ବାଚନରେ ଏକ ପ୍ରମୁଖ ପ୍ରସଙ୍ଗ ହେବାକୁ ଯାଉଛି । ସିଏସ୍‌ଡିଏସ୍-ଲୋକନୀତି ପକ୍ଷରୁ ନିର୍ବାଚନ ପୂର୍ବରୁ ହୋଇଥିବା ଏହି ସର୍ଭେରେ ପ୍ରାୟ ଅଧାରୁ ଅଧିକ ଉତ୍ତରଦାତା ମୂଲ୍ୟବୃଦ୍ଧି ଓ ଦେଶରେ ବେକାରୀକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ୬୨% ଲୋକେ ମତ ଦେଇଛନ୍ତି ଯେ ଏବେ ଚାକିରୀ ପାଇବା ସବୁଠୁ କଷ୍ଟକର ହୋଇପଡିଛି । ମାତ୍ର ୧୨% ସୁବିଧାରେ ଚାକିରି ମିଳୁଛି ବୋଲି ମତ ଦେଇଛନ୍ତି ।

ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପୁଣି ତୃତୀୟଥର କ୍ଷମତାକୁ ଆସିବ ବୋଲି ପ୍ରଚାର ଜୋରଦାର କରିଛି । ସେହିଭଳି ବିରୋଧୀ ମେଣ୍ଟ ଇଣ୍ଡିଆ ସମସ୍ତ ପ୍ରଚେଷ୍ଟା ଜାରି ରଖି ଏନ୍‌ଡିଏକୁ ରୋକିବା ପାଇଁ ମଧ ରଣନୀତି ପ୍ରସ୍ତୁତ କରିଛି । ବିଜେପି ସରକାର ବିକାଶ କଥା କହୁଥିବାବେଳେ ବିରୋଧୀ ମେଣ୍ଟ ଗଣତନ୍ତ୍ର ବଞ୍ଚାଅ ନାରା ଦେଇଛି । ତେବେ ଦେଶର ଭୋଟରଙ୍କ ମୁଡ୍ ଏବେ ବେକାରୀ ଓ ମୁଦ୍ରାସ୍ଫିତି ପାଖରେ ଅଟକି ଯାଇଛି । ସର୍ଭେରୁ ଜଣାପଡିଛି ଯେ ୬୭% ମୁସ୍‌ଲିମ୍ କହିଛନ୍ତି ଏବେ ଚାକିରୀ ପାଇବା ସବୁଠୁ କଷ୍ଟକର । ସମାନ ପ୍ରଶ୍ନର ଉତ୍ତରରେ ୬୩% ହିନ୍ଦୁ ମଧ ସମାନ ଉତ୍ତର ଦେଇଛନ୍ତି । ଅନ୍ୟ ପଛୁଆବର୍ଗ ଓ ଅନୁସୂଚିତ ଜାତି ସମ୍ପ୍ରଦାୟର ଯୁବକମାନେ ମଧ ସମାନ ମତ ପୋଷଣ କରିଛନ୍ତି । ସେହିଭଳି ୫୭% ଉଚ୍ଚ ଜାତିର ଯୁବକ କହିଛନ୍ତି ଯେ (୯ ପୃଷ୍ଠାରେ)

**୬୨%ଙ୍କ ମତ ଚାକିରି ମିଳିବା କଷ୍ଟକର**

**୩୫% କହିଲେ ଜୀବନ ଶୈଳୀ ଦୟନୀୟ**

**ଟଙ୍କାଟେ ସଞ୍ଚୟ କରିପାରୁନାହାନ୍ତି ୩୬%**

**୫୫%ଙ୍କ ମତ ଦେଶରେ ଦୁର୍ନୀତି ବଢ଼ିଛି**

**୭୧% ଲୋକଙ୍କ ମତରେ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି**

**ମୁଦ୍ରାସ୍ଫିତି ଗରିବଙ୍କ ଅଣ୍ଟା ଭାଙ୍ଗିଛି**

## ସମ୍ବଲପୁର ଲାଗି ବିଜେଡିର ମାଷ୍ଟର ଷ୍ଟ୍ରୋକ୍

# ପ୍ରସନ୍ନ, ରୋହିତ ବିଧାୟକ ପ୍ରାର୍ଥୀ





ସମ୍ବଲପୁର, ୧୧।୪ (ସବ୍ୟୁ) : ବିଜୁ ଜନତା ଦଳ ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । ବିଜୁ ଜନତା ଦଳ ଗୁରୁତ୍ୱପୂର୍ଣ୍ଣ ସମ୍ବଲପୁର ବିଧାନସଭା ଆସନ ପାଇଁ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ ନାମ ଉପରେ ମୋହର ମାରିଛି । ଏହି ନିର୍ବାଚନ ମଣ୍ଡଳୀରେ ବିଜେଡିର ଟିକେଟ ପାଇଁ ଏକାଧିକ ଦାବିଦାର ଥିଲେ ।

ବିଶେଷ କରି ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ଇଂ. ରୋହିତ ପୁଜାରୀ ଓ ପୂର୍ବତନ ଜିଲ୍ଲା ସଭାପତି ସିଦ୍ଧାର୍ଥ ଦାସଙ୍କ ନାମ ରହିଥିଲା । ତେବେ ଏମାନଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଥିବାବେଳେ ଗତ କିଛି ଦିନ ଧରି ଏମାନେ ପ୍ରାର୍ଥୀ ହେବାକୁ ନେଇ ସମର୍ଥକଙ୍କ ଜରିଆରେ ହାଇଡ୍ରାମା କରୁଥିଲେ । ତେବେ ତୃତୀୟ ପକ୍ଷ ଓ ଉକ୍ତ ଗୋଷ୍ଠୀରୁ ଉର୍ଦ୍ଧ୍ୱରେ ଥିବା ପ୍ରସନ୍ନଙ୍କୁ ବିଜେଡି ପ୍ରାର୍ଥୀ କରିଛି । ଫଳରେ ଦଳ ମଧ୍ୟରେ ଥିବା ମତଭେଦ ଦୂର ସହ ସଙ୍ଗଠିତ କରିବାକୁ ଗୋଟେ ପ୍ରକାର ପ୍ରୟାସ କରାଯାଇଛି । ଏଥିରେ ଦଳ କେତେ ସଫଳ ହେବ ତାହା ନିର୍ବାଚନ ଗଣତି ପରେ ଜଣାପଡିବ । ସମ୍ବଲପୁର ଲୋକସଭା ପାଇଁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ବହୁ ପୂର୍ବରୁ ପ୍ରାର୍ଥୀ କରିଛି । ସେ ନିର୍ବାଚନ ପ୍ରଚାର ମଧ୍ୟ ଆରମ୍ଭ କରି ଦେଇଛନ୍ତି । ଅନ୍ୟପଟେ ବିଜେପି ଲୋକସଭା ପ୍ରାର୍ଥୀ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଘୋଷଣା କରିଛି । ଏଥିସହ ଜିଲ୍ଲାର ୪ଟି ବିଧାନସଭାରେ ପୁରୁଣା ମୁହଁଙ୍କୁ ଦୋହରାଇଛି । ଏହାକୁ ଦୃଷ୍ଟିରେ (୯ ପୃଷ୍ଠାରେ)

## ଇତିହାସ

୧୭୯୬ – ପ୍ରଥମ ଗଠବନ୍ଧନ ମୋଣ୍ଟେନେଟ ଯୁଦ୍ଧ ହୋଇଥିଲା ଯେଉଁଥିରେ ନେପୋଲିଅନ ବୋନାପାଟ ସେନାକମାଣ୍ଡର୍ ଭାବେ ପ୍ରଥମ ବାଜିମାତ କରିଥିଲେ ।

୧୮୬୧– ଆମେରିକାରେ ଗୃହଯୁଦ୍ଧର ଆରମ୍ଭ ।

୧୯୩୦– ଜର୍ମାନୀ ଓ ଅଷ୍ଟ୍ରିଆ ଏକ ବ୍ୟବସାୟିକ ବୁଝାମଣା ପତ୍ରରେ ହସ୍ତାକ୍ଷର କରିଥିଲେ ।

୧୯୪୫ – ଆମେରିକା ରାଷ୍ଟ୍ରପତି ରୁଜଭେଲ୍ଟଙ୍କର ଦେହାନ୍ତ ।

୧୯୬୧ – ସୋଭିଏତ ସଙ୍ଘ ପକ୍ଷରୁ ପ୍ରଥମ ମନୁଷ୍ୟ ୟୁରି ଗାଗାରିନ୍‌ଙ୍କର ଅନ୍ତରୀକ୍ଷ ଯାତ୍ରା ।

୧୯୬୭ – ଲସ୍ ଏଞ୍ଜେଲସ୍‌ରେ ଅମାରନ୍‌ସନ୍ ରଙ୍ଗମଞ୍ଚ ଖୋଲା ଯାଇଥିଲା ।

୧୯୯୧ – ଖାଡି ଯୁଦ୍ଧର ସମାପ୍ତି ।

## ସୋସିଆଲ କୋଟ୍ସ



ଫିଲ୍ମ ହାଇୱେ ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ଥିଲା । ବାପା ମହେଶ ଭଟ୍ଟଙ୍କର ଇମତିଆଜ ଅଲ୍ଲୀଙ୍କ ଉପରେ ଭରସା ଥିଲା । ଏହି ଫିଲ୍ମ ପାଇଁ ମୋ କ୍ୟାରିୟରରେ ଖୁବ ପରିବର୍ତ୍ତନ ହୋଇଛି ।

**ଆଲିଆ ଭଟ୍ଟ, ଅଭିନେତ୍ରୀ**



ବିବାହ ନିଷ୍ପତ୍ତି ଖୁବ ଗୁରୁତ୍ୱପୂର୍ଣ୍ଣ । ବିବାହ ପୂର୍ବରୁ ଲିଭ୍ ଇନ୍‌ରେ ରହିବାର ଆବଶ୍ୟକତା ଅଛି । ଏହାର ଅନେକ ଭଲ ପ୍ରଭାବ ରହିଛି । ମୋ ନିଜ ପୁଅକୁ ମଧ୍ୟ ଏନେଇ ପରାମର୍ଶ ଦେଇଥାଏ ।

**ଜିନତ ଅମାନ, ଅଭିନେତ୍ରୀ**



ଏଆଇ କାରଣରୁ ଭଏସ୍ ଓଭର ଆର୍ଟିଷ୍ଟଙ୍କୁ ଅନେକ କ୍ଷତି ସହିବାକୁ ପଡୁଛି । ସରକାରଙ୍କୁ ଏଆଇର ବ୍ୟବହାରକୁ ନେଇ ନିୟମ ଲାଗୁ କରିବାର ଆବଶ୍ୟକତା ରହିଛି ।

**ବିଜୟ ବିକ୍ରମ ସିଂ, ଭଏସ୍ ଆର୍ଟିଷ୍ଟ**

## ଡିପ୍ରେସନ



ଶାରୀରିକ ସୁସ୍ଥତା ଭଳି ଆମ ମାନସିକ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନେବାର ଆବଶ୍ୟକତା ରହିଛି । ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଅନେକଙ୍କୁ ମାନସିକ ରୋଗରେ ପୀଡିତ ହେଉଥିବାର ନଜିର ରହିଛି । ଅନେକଙ୍କ ନିକଟରେ ଡିପ୍ରେସନ୍ ଭଳି ମାନସିକ ରୋଗ ଦେଖିବାକୁ ମିଳୁଛି । ତେବେ ଡିପ୍ରେସନ ବା ମାନସିକ ଅବସାଦ ବେଳେବେଳେ ଲଙ୍ଗ୍‌ଟର୍ମ ହୋଇଥିବାବେଳେ ବେଳେବେଳେ କିଛି ଦିନ ପାଇଁ ହୋଇଥାଏ । ଏହି ରୋଗର ଉପଶମ ପାଇଁ ପ୍ରାଥମିକ ଚିକିତ୍ସା ହେଲା ଏହାର କାରଣ ଖୋଜିବା । କେଉଁ କାରଣ ପାଇଁ ଲୋକଟି ଡିପ୍ରେସନର ଶିକାର ହୋଇଛି, ତାହା ଜାଣିବାର ଆବଶ୍ୟକତା ରହିଛି । ବେଳେବେଳେ ଲୋକମାନେ ଜାଣି ପାରି ନଥାନ୍ତି କି ସେମାନେ ଡିପ୍ରେସନ୍‌ର ଶିକାର ହୋଇଛନ୍ତି, ଯାହା ସେମାନଙ୍କୁ ପାଇଁ ଘାତକ ସାଜିଥାଏ । ତେଣୁ ଏହାର ଲକ୍ଷଣ ଉପରେ ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଡିପ୍ରେସନର ଅର୍ଥ ହେଉଛି ନିଜ ଦୈନନ୍ଦିନ କାର୍ଯ୍ୟରେ ରାଗ, ଦୁଃଖ କିମ୍ବା ଅନ୍ୟମନସ୍କ କାରଣରୁ ବାଧା ଉପୁଜିବା । ଯେତେବେଳେ ଉପରୋକ୍ତ କାରଣରୁ ଆପଣ ନିଜର ଛୋଟଛୋଟ ଦୈନନ୍ଦିନ କାର୍ଯ୍ୟରେ ଧ୍ୟାନ ଦେଇପାରୁ ନାହାନ୍ତି, ତେବେ ଆପଣ ଡିପ୍ରେସନର ଶିକାର ହୋଇ ଥାଇ ପାରନ୍ତି । ହେଲେ ସବୁବେଳେ ଯେ ଆପଣ ଡିପ୍ରେସନର ଥିବେ ଏପରି ନୁହେଁ । ଡିପ୍ରେସନର ପ୍ରମୁଖ ଲକ୍ଷଣ ହେଲା ସବୁବେଳେ ଦୁଃଖରେ ରହିବା, ଅନ୍ୟମନସ୍କ ରହିବା, କୌଣସି କାର୍ଯ୍ୟ କରିବା ପାଇଁ ଇଚ୍ଛା ନହେବା, ଆକ୍ଟିଭ ନରହିବା, ଅଧିକ ସମୟ ଏକୁଟିଆ ରହିବାକୁ ଇଚ୍ଛା ପ୍ରକାଶ, ଲୋକଙ୍କ ଗହଣରେ ଥାଇ ମଧ୍ୟ ଏକୁଟିଆ ଲାଗିବା, ହଠାତ୍ ରାଗ ଆସିବା, ଚିଡଚିଡା ଲାଗିବା, କାନ୍ଦ ଲାଗିବା, ଟିଭି କିମ୍ବା ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ କରିବାକୁ ମନ ନଲାଗିବା, ରାତିରେ ନିଦ ନ ଆସିବା, ଖାଇବାକୁ ଇଚ୍ଛା ନହେବା, ଓଜନରେ ହ୍ରାସ ଆଦି । ଯଦି ଏଭଳି କୌଣସି ଲକ୍ଷଣ ଆପଣଙ୍କ ନିକଟରେ ଦେଖିବାକୁ ମିଳୁଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଡିପ୍ରେସନ ଅଧିକ ଦିନ ରହିଲେ ଘାତକ ସାଜିପାରେ ।

## ଭାଇରାଲ ହେଲମେଟ୍



ବର୍ତ୍ତମାନ ଲଗାତାର ଭାବେ ତାପମାତ୍ରା ବଢି ଚାଲିଛି । ଯେଉଁକାରଣରୁ ବାହାରେ ଅସହ୍ୟ ଗରମ ହେଉଛି । ଯେଉଁଥିରେ ବାଇକ୍‌ରେ ଯାତାୟାତ କରୁଥିବା ଲୋକମାନେ ବେଶି ହଇରାଣ ହେଉଛନ୍ତି । ତେବେ ନିକଟରେ ଏକ ହେଲ୍‌ମେଟ୍ ଭାଇରାଲ ହେବାରେ ଲାଗିଛି । ଏହାକୁ ବିଶେଷ ଭାବେ ଖରାରୁ ରକ୍ଷା ପାଇବା ପାଇଁ ନିର୍ମାଣ କରାଯାଇଛି । ତେବେ ଏହା ଦେଖିବାକୁ ଟିକେ ହଟକେ ରହିଛି । ଏହାକୁ ମଖମଲି କପଡାରେ ଢଙ୍କା ଯାଇଛି, ଯେଉଁ କାରଣରୁ ଏହା ପିନ୍ଧିବା ପରେ ଖରା କାଟିବ ନାହିଁ । ବିଶେଷଭାବେ ଏହି ହେଲ୍‌ମେଟ ଯୁବପୀଢିଙ୍କୁ ପସନ୍ଦ ଆସୁଛି । ଏହାର ଦାମ ମଧ୍ୟ ପକେଟ୍ ଫ୍ରେଣ୍ଡଲି ରହିଛି । ବିଭିନ୍ନ ସୋସିଆଲ ମିଡିଆରେ ବର୍ତ୍ତମାନ ଏହାର ଭିଡିଓ ଓ ଫଟୋ ଭାଇରାଲ ହେବାରେ ଲାଗିଛି ।

## ଆକ୍ସନ୍ ପାଇଁ ଇଚ୍ଛା



କ୍ରିତି ସନନ୍ ବର୍ତ୍ତମାନ ବି ଟାଉନ୍‌ର ସବୁଠାରୁ ଚର୍ଚ୍ଚିତ ନାୟିକା ପାଲଟିଛନ୍ତି । ବ୍ୟାକ୍ ଟୁ ବ୍ୟାକ୍ ଦୁଇଟି ଫିଲ୍ମ ଯଥା 'ତେରି ବାତୋଁ ମେ ଏସା ଉଲଝା ଜିଆ', 'କ୍ରୁ'ରେ ନିଜର ନିଖୁଣ ଅଭିନୟ ପାଇଁ ସେ ବର୍ତ୍ତମାନ ସମୀକ୍ଷକଙ୍କ ନଜରରେ ରହିଛନ୍ତି । ଏହି ଦୁଇଟି ଫିଲ୍ମ ଦର୍ଶକଙ୍କୁ ମଧ୍ୟ ଖୁବ ପସନ୍ଦ ଆସିଛି । ତେବେ ନିକଟରେ ଏକ ସାକ୍ଷାତକାରରେ କ୍ରିତି ନିଜ ଫ୍ୟୁଚର ପ୍ଲାନ ବିଷୟରେ କଥା ହୋଇଛନ୍ତି । ଆଗକୁ ସେ ଆକସନ୍ ଫିଲ୍ମରେ ଅଭିନୟ କରିବାକୁ ପ୍ଲାନ କରିଥିବା ପ୍ରକାଶ କରିଛନ୍ତି । ତାଙ୍କର ଏଥିପାଇଁ ଖୁବ ଆଗ୍ରହ ରହିଛି । ଯଦି ଏଭଳି କିଛି ପ୍ରୋଜେକ୍ଟ କରିବାକୁ ସୁଯୋଗ ମିଳେ ତେବେ ସେ କରିବାକୁ ଇଚ୍ଛୁକ ଥିବା କଥା ପ୍ରକାଶ କରିଛନ୍ତି । ସେହିଭଳି ୱାଣ୍ଡର ୱିମେନ୍ ଚରିତ୍ର ଭଳି କିଛି କ୍ୟାରେକ୍ଟର କରିବାକୁ କ୍ରିତିଙ୍କର ଇଚ୍ଛା ଥିବା ସେ ପ୍ରକାଶ କରିଛନ୍ତି । କ୍ରିତିଙ୍କର ଏହି ଷ୍ଟେଟମେଣ୍ଟ ପରେ ତାଙ୍କ ଫ୍ୟାନମାନେ ତାଙ୍କୁ ଏଭଳି ଆଡଭେଞ୍ଚରିଅସ କ୍ୟାରେକ୍ଟରରେ ଦେଖିବାକୁ ଉତ୍ସୁକଥିବା କମେଣ୍ଟ ମାଧ୍ୟମରେ ଜଣାଇଛନ୍ତି ।

## ଛୁରିରେ ମସାଜ



ଯେତେବେଳେ ଆମେ ଥକି ଯାଇଥାଉ ସେତେବେଳେ ମାଲିସର ଆବଶ୍ୟକତା କରିଥାଉ । ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଏଥିପାଇଁ ମସାଜ ପାର୍ଲର ଖୋଲୁଛି, ଯେଉଁଠାରେ ଲୋକମାନେ ମାଲିସ କରିବା ପାଇଁ ଯାଉଛନ୍ତି । ତେବେ ଦୁନିଆରେ ଭିନ୍ନଭିନ୍ନ ପ୍ରକାରର ମାଲିସ ଦେଖିବାକୁ ମିଳିଥାଏ, ସେଥିରୁ ତାଇୱାନ୍‌ରେ ଦିଆଯାଉଥିବା ମାଲିସ ହଟକେ । ଏଠାରେ ବଡବଡ ଛୁରି ସାହାଯ୍ୟରେ ଲୋକଙ୍କୁ ମସାଜ ଦିଆଯାଇଥାଏ, ଶୁଣିବାକୁ ଅବିଶ୍ୱାସ ଲାଗୁଥିଲେ ମଧ୍ୟ କଥାଟି ସତ । ଏହି ମସାଜ ପାଖାପାଖି ୨ ହଜାର ବର୍ଷ ପୁରୁଣା ବୋଲି ଏଠିକାର ବାସିନ୍ଦା ପ୍ରକାଶ କରନ୍ତି । ଏହି ସହରରେ ଅନେକ ଏଭଳି ପାର୍ଲର ଅଛନ୍ତି, ଯେଉଁଠାରେ ସେମାନେ ଛୁରୀରେ ମସାଜ କରିଥାଆନ୍ତି । ପ୍ରଥମେ ଲୋକଙ୍କ ଶରୀରକୁ କପଡାରେ ଢଙ୍କା ଯାଇଥାଏ, ଏହାପରେ ଛୁରିରେ ହାଲୁକା ହାଲୁକା ମସାଜ ଦିଆଯାଇଥାଏ । ତେବେ ଏହା ଦେଖିବାକୁ ଡର ଲାଗୁଥିଲେ ବି ଯେଉଁମାନେ ମସାଜ କରନ୍ତି, ସେମାନେ ଏହାକୁ ଭଲ କହିଥାଆନ୍ତି । ସେମାନଙ୍କ ପାଇଁ ଏହା ରିଲାକ୍ସି ହୋଇଥାଏ ବୋଲି ଗ୍ରାହକମାନେ ମତ ଦେଇଥାଆନ୍ତି ।

## ଗ୍ରୀଷ୍ମରେ ଶରୀରଚର୍ଯ୍ୟା

ଗ୍ରୀଷ୍ମ ଋତୁକୁ କେହି କେହି ଏକ ବିରକ୍ତିକର ସମୟ ବୋଲି ବିଚାର କରନ୍ତି । କିନ୍ତୁ ବାସ୍ତବରେ ଗ୍ରୀଷ୍ମଋତୁଟି ଅତି ସୁନ୍ଦର ଓ ମନୋରମ । ଏହି ସମୟରେ ଜଣେ ବ୍ୟବସ୍ଥିତ ସମୟଚର୍ଯ୍ୟା ଅନୁସାରେ ଚଳିପାରିଲେ, ଗ୍ରୀଷ୍ମଋତୁ ମଧ୍ୟ ଭଲ ଅନୁଭୂତ ଦେଇଥାଏ । ଭଗବାନଙ୍କ ସୃଷ୍ଟିରେ ଛଅ ଋତୁ ଭିତରେ ଗ୍ରୀଷ୍ମ ଋତୁ ହେଉଛି ଏକ ପ୍ରମୁଖ ଓ ବଡ଼ ଋତୁ । ତେଣୁ ଆସନ୍ତୁ ଏହି ଗ୍ରୀଷ୍ମ ଋତୁରେ ସର୍ବନିମ୍ନ ଜୀବନଚର୍ଯ୍ୟା ବିଷୟରେ ଜାଣିବା ।



- ଶୋଷ ମେଣ୍ଟାଇବା ପାଇଁ ପାଣି ହିଁ ସବୁଠାରୁ ଭଲ । ଖରାଦିନେ ଥଣ୍ଡା ରହିବା ନିମନ୍ତେ ବାରମ୍ବାର ପାଣି ପିଇବା ସବୁଠାରୁ ସହଜ ଉପାୟ । ଏହି ସମୟରେ ଦେହରୁ ବହୁତ ଝାଳ ବାହାରିଥାଏ ଏବଂ ଦେହରୁ ଜଳର ପରିମାଣ କମିଯାଏ । ଜଳୀୟଅଂଶକୁ ଠିକ୍ ରଖିବାକୁ ଶୋଷ ନଥିଲେ ମଧ୍ୟ ପ୍ରଚୁର ପାଣି ପିଅନ୍ତୁ । ଦେଖିବେ କେତେ ସତେଜ ଲାଗିବ । ଦିନକୁ ଅତିକମ୍‌ରେ ୧୫ ଗ୍ଲାସ ପାଣି ପିଅନ୍ତୁ ।
- ଖରାଦିନେ ଚା', କଫି, ସିଗାରେଟ୍ ଓ ମଦଠୁ ଯଥାସମ୍ଭବ ଦୂରରେ ରହନ୍ତୁ ।
- ମୃଦୁପାନୀୟ ବଦଳରେ ପଇଡ଼ ପିଅନ୍ତୁ । ମୃଦୁ ପାନୀୟକୁ ସଂରକ୍ଷିତ ରଖିବାଲାଗି ସେଥିରେ ନାନା ପ୍ରକାରର କେମିକାଲ୍ ଓ ରଙ୍ଗ ମିଶାଯାଏ । କିଛି ପାନୀୟରେ ଚିନି ଅଂଶ ମଧ୍ୟ ଥାଏ । ଏସବୁ ଶରୀରରେ ଅମ୍ଳ ସୃଷ୍ଟି କରିବା ସହ ଅନେକ ପ୍ରକାର ରୋଗକୁ ଉତ୍ସାହିତ କରିଥାଏ ।
- ଅଧିକାଂଶ ମୃଦୁ ପାନୀୟରେ ଫସ୍‌ଫରିକ୍ ଏସିଡ଼ ଦ୍ରବୀଭୂତ ହୋଇ ରହିଥାଏ । ଏହା ଶରୀରରେ ହଜମ କରୁଥିବା ଯନ୍ତ୍ରର ଭିତର ସ୍ତରକୁ କ୍ରମଶଃ ଖରାପ କରିଦିଏ । ଫଳରେ ଏହାଦ୍ୱାରା ହଜମ ଶକ୍ତି ଦୁର୍ବଳ ହୋଇଯାଏ । ପୁଣି ମୃଦୁ ପାନୀୟ ଦେହରୁ ଖଣିଜ ଲବଣ ହ୍ରାସ କରିଦିଏ । ଫଳରେ ଏନ୍‌ଜାଇମ୍‌ର କାର୍ଯ୍ୟରେ ଅସୁବିଧା ହୋଇ ଖାଦ୍ୟ ହଜମ ହୁଏ ନାହିଁ । ଏହାଦ୍ୱାରା ମଧ୍ୟ ଦାନ୍ତର ଅନେକ ରୋଗ, କିଡ୍‌ନୀରେ ଷ୍ଟୋନ୍ ଜମିବା ଏବଂ ଆର୍ଥ୍ରାଇଟିସ୍ ରୋଗ ହୋଇଥାଏ ।
- ଖରାଦିନେ ବାହାରୁ ଆସି ଆମେ ଅତି ଥଣ୍ଡା ପାନୀୟ ପିଇବାକୁ ଭଲପାଉ । କିନ୍ତୁ ଖରାଦିନେ ଅତିଥଣ୍ଡା ପାଣି ବା ସର୍ବତ୍ ପିଇବା ଶରୀର ପାଇଁ ଭଲ ନୁହେଁ । ବାହାର ଗରମରୁ ଆସି ସଙ୍ଗେ ସଙ୍ଗେ ଥଣ୍ଡା ପାଣି ପିଇଲେ ରକ୍ତରେ ଥିବା କୋସିକାଗୁଡ଼ିକ ସଙ୍କୁଚିତ ହୋଇଯାଏ ।
- ଖରାଦିନେ ଅତ୍ୟଧିକ ଶାରୀରିକ ପରିଶ୍ରମ କରିବା କ୍ଷତିକାରକ ।
- ଖରାଦିନେ ଅଳ୍ପ ତଥା ପୁଷ୍ଟିକର ଏବଂ ତୈଳମୁକ୍ତ ଖାଦ୍ୟ ଖାଇବା ହିତକର ।
- ଦେହକୁ ଗରମ କରୁଥିବା ପରିବା ଏବଂ ଫଳ ଯେପରି ବିଭିନ୍ନ ପ୍ରକାରର ଶାଗ, ମୂଳା, ଗୋଲମରିଚ, ପିଆଜ, ରସୁଣ, ବିଟ୍, ସପୁରି, ବାତାପିଲେମ୍ବୁ ଖାଆନ୍ତୁ ନାହିଁ । ଏହି ଋତୁରେ ପ୍ରଚୁର ଆମ୍ବ ମିଳେ । ତେଣୁ ଯଦି ଆମ୍ବ ଖାଇବାକୁ ଇଚ୍ଛା ହେଉଥାଏ, ତେବେ ଆମ୍ବକୁ ସାରା ରାତି ପାଣିରେ ଭିଜାଇ ରଖନ୍ତୁ ଏବଂ ସକାଳୁ ଖାଆନ୍ତୁ ।
- ଶୁଖିଲା ଫଳ ବଦଳରେ ତାଜା ଫଳ ଏବଂ ପରିବା ଖାଇଲେ ଏହି ସମୟରେ ଦେହ ଭଲ ରହିଥାଏ ।
- ଅତ୍ୟଧିକ ଗରମ, ରାଗଯୁକ୍ତ, ଲୁଣଯୁକ୍ତ ଖାଦ୍ୟଠାରୁ ଯେତେ ଦୂରେଇ ରହିବେ ସେତେ ଭଲ ।
- ତେଲରେ ଛଣାଯାଇଥିବା ଖାଦ୍ୟ ଯେମିତି ବରା, ସିଙ୍ଗଡ଼ା ବିଭିନ୍ନ ପ୍ରକାର ଚିପ୍ସ, ଭୁଜିଆ ଇତ୍ୟାଦି ଠାରୁ ଗ୍ରୀଷ୍ମରେ ଦୂରେଇ ରହିବା ଭଲ ।
- ଖରାଦିନେ ରାତି ଜଣା ପଡ଼େନାହିଁ । ଲୋକେ ବହୁତ ଡ଼େରିରେ ଶୁଅନ୍ତି । ପୁଣି ଗରମରେ ବି ଭଲ ନିଦ ହୁଏନି । ଅନିଦ୍ରା ରହି ଟିକେ ପରିଶ୍ରମରେ ହାଲିଆ ଲାଗେ, ମାନ୍ଦା ମାନ୍ଦା ଅନୁଭୂତ ହୁଏ । ତେଣୁ ଯଥେଷ୍ଟ ପରିମାଣରେ ଶୋଇବା ପ୍ରତି ଦୃଷ୍ଟି ଦିଅନ୍ତୁ । ଚା'କଫି କମାଇ ଦିଅନ୍ତୁ । ରାତିରେ ଅଳ୍ପ ଖାଆନ୍ତୁ ।
- ଖରାଦିନେ ସକାଳୁ ଉଠନ୍ତୁ । ସମ୍ଭବହେଲେ ମର୍ଣ୍ଣିଂୱାକ୍‌ରେ ଯାଆନ୍ତୁ । ମର୍ଣ୍ଣିଂୱାକ୍ ଆପଣଙ୍କ ପୂରା ଦିନକୁ ସତେଜ କରିଦେବ ।




**ଗିରିଧାରୀ ସାମଲ**
ମୋ:୯୪୩୭୪୫୦୧୧୪

### ବିଜେପି ବିରୋଧରେ ସିଇଓଙ୍କ ନିକଟରେ ବିଜେଡିର ଫେରାଦ

# ଆଶାକର୍ମୀ, ଅଙ୍ଗନବାଡ଼ି, ମିଶନଶକ୍ତି ମା'ଙ୍କୁ ଅପମାନିତ କରାଯାଉଛି : ବିଜେଡି



ଭୁବନେଶ୍ୱର(ସବ୍ୟୁ): ନିର୍ବାଚନ ଜିତିବା ପାଇଁ ରାଜ୍ୟ ବିଜେପି ଯେକୌଣସି ସ୍ତରକୁ ଖସି ଯାଉଛି । ସରକାରୀ କର୍ମଚାରୀଙ୍କୁ ନାଲିଆଖି ଦେଖାଉଥିବାବେଳେ ତୃଣମୂଳ ସ୍ତରରେ ମହିଳାଙ୍କୁ ନିନ୍ଦିତ, ଲାଞ୍ଛିତ ଅପମାନିତ ତଥା ଚରିତ୍ର ସଂହାର କରିବାକୁ ପଛାଉ ନାହିଁ । ସବୁ ନିର୍ବାଚନରେ ମହିଳାମାନଙ୍କୁ ନିରବଚ୍ଛିନ୍ନ ଭାବେ ଟ୍ରାପ କରିଆସୁଛି । ଏହା ବିରୋଧରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଫେରାଦ ହୋଇଛନ୍ତି ବିଜେଡି ସାଂସଦ ସୁଲତା ଦେଓ ଓ ସସ୍ମିତ ପାତ୍ରଙ୍କ ନେତୃତ୍ୱରେ ଏକ ମହିଳା ଟିମ । ଯେଉଁ ମହିଳାମାନେ ପେଟପାଟଣା ପାଇଁ ପଦାକୁ ଆସି ନିଜ ସ୍ୱାଭିମାନ ଗଢୁଛନ୍ତି, ସ୍ୱାବଲମ୍ବୀ ହେଉଛନ୍ତି ସେହିଭଳି ସ୍ଥିତିରେ ତୃଣମୂଳସ୍ତରରେ କର୍ମୀଙ୍କୁ ବିଜେପି କ୍ରମାଗତ ଭାବେ ଧମକାଉଛନ୍ତି । ଗର୍ଭବତୀ ମା'ମାନଙ୍କୁ, ଶିଶୁମାନଙ୍କୁ ପୋଷଣ ଯୋଗାଉଥିବା ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ମିଶନ ଶକ୍ତି ମା'ମାନଙ୍କୁ ପରାଜୟ ଭୟରେ ନିନ୍ଦିତ ଅପମାନିତ କରିଚାଲିଛି ବିଜେପି । କେବଳ ବିଜେପି ପାଇଁ କାମ କରିବା ପାଇଁ ଉସୁକାଉଛନ୍ତି । ଏହା କେବଳ ବ୍ରହ୍ମପୁର, କଟକରେ ହେଉନାହିଁ । ରାଜ୍ୟର ସବୁ ଜିଲ୍ଲାରେ ବିଜେପି ଗୁଣ୍ଡାଗିରି କରି ନାଲିଆଖି ଦେଖାଇ ନିଜ କାମ କରିବାକୁ ବାଧ୍ୟ କରୁଛି । ତେଣୁ ଆଗାମୀ ଦିନରେ ତୃଣମୂଳସ୍ତରର ଏହି ମହିଳା ବିଜେପିକୁ ଉଚିତ ଶିକ୍ଷାଦେବେ । ସେମାନଙ୍କୁ ଓଡ଼ିଶାରୁ ସଂପୂର୍ଣ୍ଣ ବିତାଡ଼ିତ କରିବେ ବୋଲି ଆହ୍ୱାନ ଦେଇଛି ବିଜେଡି ଟିମ । ମହିଳାଙ୍କ ପ୍ରତି ଆକ୍ଷେପକୁ ବିଜେଡି ସହ୍ୟ କରିବନି ବୋଲି ଚେତାବନୀ ଦେଇଛି । ତେଣୁ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବିଜେଡି ଆଶା କରିଛି ।

## ବାଇକକୁ ଧକ୍କା ଦେଲା କାର୍, ଚାଲିଗଲା ମହିଳାଙ୍କ ଜୀବନ

କୋଣାର୍କ ,(ସବ୍ୟୁ) : କୋଣାର୍କ-ପିପିଲି ରାସ୍ତାର ଗୋପ ବାୟାକୁଦା ଗାଁ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଛି ।ଏକ କାର୍ ବାଇକକୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି।ଦୁଇ ଜଣ ମହିଳା ଫୁଲ ତୋଳିବାକୁ ଯାଇଥିବା ବେଳେ ଦ୍ରୁତ ଗତିରେ କୋଣାର୍କ ଯାଉଥିବା ଏକ କାର ଧକ୍କା ଦେଇଥିଲା।ମୃତକ ହେଉଛନ୍ତି ବଡ଼ମଠ ଗାଁର ରେଣୁ ବେହେରା। ଏଥିରେ ବାୟାକୁଦା ଗାଁର ରଞ୍ଜିତା ବେହେରା ଗୁରୁତର ହୋଇଛନ୍ତି। ସେହିପରି ଅନ୍ୟ ଜଣେ ବାଇକ୍ ଆରୋହୀ ମଧ୍ୟ ଆହତ ହୋଇଛନ୍ତି।ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବିଜେଡିର ଜୋନସ୍ଥରୀୟ ସାଙ୍ଗଠନିକ ବୈଠକ : ମିଶ୍ରଣ ପର୍ବ



ପାଲଲହଡା,(ସବ୍ୟୁ) :ନିର୍ବାଚନ ତାରିଖ ଯେତିକି ପାଖେଇ ପାଖେଇ ଆସୁଛି ବିଜୁ ଜନତା ଦଳ ପାଲଲହଡା ନିର୍ବାଚନ ମଣ୍ଡଳୀରେ ତାର ପ୍ରଚାର ସେତିକି ଜୋରଦାର କରିଛି । ଆଜି ପାଲଲହଡା ନିର୍ବାଚନମଣ୍ଡଳୀ ଖୁଲୁଡି ଗ୍ରାମ ଆମ୍ବ ତୋଟା ଠାରେ ୨୩ ନମ୍ବର ଜୋନ ର ଜୋନ ସ୍ଥରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକ ରେ ବିଜେଡି ର ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଅବିନାଶ ସାମଲ ଏବଂ ପାଲଲହଡା ବିଧାୟକ ପ୍ରାର୍ଥୀ ମୁକେଶ ପାଲ ଅତିଥି ଭାବରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁଗୁଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ ତଥା ବରିଷ୍ଠ ବିଜେଡି ନେତା କୁନବିହାରୀ ଦାସ ଯୋଗ ଦେଇଥିଲେ । ପ୍ରଥମେ ଉଭୟ ପ୍ରାର୍ଥୀ ଏବଂ ଅନ୍ୟ ନେତା ଏବଂ କର୍ମୀ ମାନେ ଖୁଲୁଡି ଗ୍ରାମ ରେ ଥିବା ବାବା ଗିରିଶ୍ୱର ମନ୍ଦିର କୁ ଯାଇ ପୂଜାର୍ଚ୍ଚନା କରିଥିଲେ । ସେଠାରୁ ବୈଠକ ସ୍ଥଳକୁ ଯାଇ ସାଙ୍ଗଠନିକ ବୈଠକ ରେ ଯୋଗ ଦେଇଥିଲେ । ନିର୍ବାଚନ ମଣ୍ଡଳୀ ରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଏବଂ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ପାଥେୟ କରି ଉଭୟ ସାଂସଦ ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀ ଙ୍କୁ ବିପୁଳ ସଂଖ୍ୟକ ଭୋଟ ବ୍ୟବଧାନ ରେ ଜିତାଇବା ପାଇଁ ବୈଠକ ରେ କର୍ମୀ ମାନେ ସଂକଳ୍ପ ନେଇଥିଲେ । ଏହି ଅବସରରେ ନବୀନ ପଟ୍ଟନାୟକ ଏବଂ ପାଲଲହଡା ବିଧାୟକ ଙ୍କ କାର୍ଯ୍ୟଶୈଳୀ ଓ ଆଦର୍ଶ ରେ ଅନୁପ୍ରାଣିତ ହୋଇ ବିଜେପି ର ଶତାଧିକ କର୍ମୀ ବିଜେଡରେ ଯୋଗଦେଇ ଥିଲେ । ବିଜେପି ପାଲଲହଡା ମଣ୍ଡଳ ଯୁବ ସମ୍ପାଦକ ଭୁବନ ଭୁକ୍ତା, ସଇଡ଼ା ଗ୍ରାମ ପଞ୍ଚାୟତ ର ବରିଷ୍ଠ ବିଜେପି ନେତା କିଶୋର ଆପଟ ଓ ଦିଲେଶ୍ୱର ଖମଣିଆ, ପେଚାମୁଣ୍ଡି ଗ୍ରାମପଞ୍ଚାୟତ ର ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ ପଲେଇ,କିଶୋରୀ ରାଉତ ପ୍ରଭୃତି ଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଜେଡି ରେ ସାମିଲ ହୋଇଥିଲେ । ନୂତନ ଭାବେ ଯୋଗଦେଇ ଥିବା କର୍ମୀ ମାନଙ୍କୁ ସାଂସଦ ପ୍ରାର୍ଥୀ ଡାଃ ଅବିନାଶ ସାମଲ ଏବଂ ବିଧାୟକ ପ୍ରାର୍ଥୀ ମୁକେଶ ପାଲ ପୁଷ୍ପଗୁଚ୍ଛ ଏବଂ ଦଳୀୟ ଉତ୍ତରୀ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ । ଆଗାମୀ ନିର୍ବାଚନ ରେ ବିଜେଡି କିଭଳି ଭାବେ ସଂଗଠିତ ହୋଇ ନିର୍ବାଚନ ଲଢ଼ି ଅଧିକ ରୁ ଅଧିକ ଭୋଟ ବ୍ୟବଧାନ ରେ ବିଜୟୀ ହେବ ତାହାକୁ ନେଇ ଉପସ୍ଥିତ ବରିଷ୍ଠ କାର୍ଯ୍ୟକର୍ତ୍ତା। କର୍ମୀ ମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ ମୁକେଶ ପାଲ ।

## ସାମ୍ବାଦିକଙ୍କୁ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଆକ୍ରମଣ, ଥାନାରେ ମାମଲା

### ଗୁରୁତର ସାମ୍ବାଦିକ ଏମ୍ସ ସ୍ଥାନାନ୍ତର



ଖୋର୍ଦ୍ଧା/ନିରାକାରପୁର(ସବ୍ୟୁ): ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ର ଟାଙ୍ଗୀ ବ୍ଲକ ଛଣଗିରି ରେ ଗୁରୁବାର ସାଂସଦ ଅପରାଜିତା ଷଡଙ୍ଗୀ ଓ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ପଦଯାତ୍ରା କରୁଥିବା ସମୟରେ ସାଂସଦଙ୍କୁ ପ୍ରଶ୍ନ କରୁଥିବା ସ୍ଥାନୀୟ ଲୋକଙ୍କ ଉପରେ ଉତକ୍ଷିପ୍ତ ହୋଇ ବିଧାୟକ ଜଗଦ୍ଦେବ ଲୋକଙ୍କୁ ଆକ୍ରମଣ କରିବା ସହ ଉକ୍ତ ସମୟର ଚିତ୍ର ଉତୋଳନ କରୁଥିବା କାର୍ଯ୍ୟରତ ସାମ୍ବାଦିକ ପ୍ରକାଶ ହାତୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ମୋବାଇଲ ଛଡାଇନେଇଥିବା ଥାନାରେ ଅଭିଯୋଗ ହୋଇଛି । ଆକ୍ରମଣରେ ସାମ୍ବାଦିକ ହାତୀ ଗୁରୁତର ହୋଇ ପ୍ରଥମେ ଖୋର୍ଦ୍ଧା ଓ ପରେ ଏମସ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି ।

ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଛଣଗିରି ରେ ସାଂସଦଙ୍କ ଅପରାଜିତା ଷଡଙ୍ଗୀ ବିଧାୟକ ଜଗଦ୍ଦେବଙ୍କୁ ସାଙ୍ଗରେ ଆଣି ଜନ ସମ୍ପର୍କ ପଦଯାତ୍ରା କରୁଥିଲେ । ଏହି ସମୟରେ ସାଂସଦ ନିଜର ୫ବର୍ଷର ପାରିବା ପଣିଆ ବଖାଣୁଥିବାବେଳେ ଭୋଟ ନେବାବେଳେ ଯେଉଁ ପ୍ରତିଶ୍ରୁତ ଦେଇଥିଲ କେତେକ ପାଳନ କରିଛନ୍ତି ବୋଲି ଲୋକ ପ୍ରଶ୍ନ କରିଥିଲେ । ସାଂସଦ କିଛି ଉତ୍ତର ଦେବା ପୂର୍ବରୁ ବିଧାୟକ ଜଗଦ୍ଦେବ ଉତକ୍ଷିପ୍ତ ହୋଇ ଲୋକଙ୍କୁ ଆକ୍ରମଣ କରିଥିଲେ ।

ଏହି ସମୟରେ ଏହାର ଚିତ୍ର ଉତୋଳନ କରୁଥିବା ସାମ୍ବାଦିକଙ୍କୁ ବିଧାୟକ ଜଗଦ୍ଦେବଙ୍କୁ ଧମକ ଦେବା ସହିତ ସାମ୍ବାଦିକ ପ୍ରକାଶ ହାତୀଙ୍କ ହାତରୁ ମୋବାଇଲ ଛଡାଇ ତଳେ ପକାଇ ଧକା ମାରି ଠେଲା ପେଲା କରିଥିଲେ । ଏମିତି କି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ହତ୍ୟା ଭଳି ଧମକ ଦେଇଥିଲେ । ଏ ଦୃଶ୍ୟ ପାଖରେ ଥିବା ଅନ୍ୟ ସାମ୍ବାଦିକ ଉତୋଳନ କରିବା ସହିତ ଜୀବନ ବଂଚାଇ ଘଟଣା ସ୍ଥଳ ରୁ ପଳାଇ ଆସିଥିଲେ । ପରେ ଜଙ୍କିଆ ଥାନା ରେ ଲିଖିତ ଅଭିଯୋଗ ସହିତ ଘଟଣା ର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ସାମ୍ବାଦିକମାନେ ଦାବି କରିଛନ୍ତି । ସାମ୍ବାଦିକ ହାତୀଙ୍କ ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରଖିଛି । ଅଭିଯୁକ୍ତ ବିଧାୟକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସାମ୍ବାଦିକମାନେ କଳାବ୍ୟାଚ ପରିଧାନ ସହ ଧାରଣା ଦେବେ ବୋଲି ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶୁଭ୍ରାଂଶୁ ସମାନ୍ତରାୟ ପ୍ରକାଶ କରିଛନ୍ତି ।

## ସିଂଘାପଡ଼ା ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଖଣ୍ଡପଡା,(ସବ୍ୟୁ) : ଖଣ୍ଡପଡା ବ୍ଲକ୍ ଅଧିନ ସିଂଘାପଡ଼ା ପଞ୍ଚାୟତରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ।ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ବିଜେଡ଼ି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ଅମିତ୍ କୁମାର ମଲ୍ଲିକକାର୍ଯ୍ୟକ୍ରମରେ ଯୋଗଦେଇ ଶହ ଶହ କର୍ମୀ, କର୍ମକର୍ତ୍ତା ଓ ସଂଗଠକଙ୍କ ଗହଣରେ ପଂଚାୟତର ବିଭିନ୍ନଗ୍ରାମ ପରିକ୍ରମା କରିଥିଲେ। ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ପୂର୍ବତନ ଜିଲ୍ଲା ପରିଷଦସଭ୍ୟ ରମାକାନ୍ତ ସେଠୀ, ପୂର୍ବତନ ସରପଂଚ ଶରତ କୁମାର ସାହୁ, ସର୍ବେଶ୍ୱର ସ୍ୱାଇଁ, ଶିକ୍ଷାବିତ୍ ଜନ୍ମେଜୟନାୟକଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ କର୍ମୀ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଏ ଅବସରରେ ମାନ୍ୟବରମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଁଚାଇବା ସହ ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ଦଳୀୟକର୍ମୀମାନେ ଶଙ୍ଖଚିହ୍ନ ପୋଷ୍ଟର ଲଗାଇଥିଲେ । ସେହିପରି ସନ୍ଧ୍ୟା ସମୟରେ ଖଣ୍ଡପଡ଼ା ଅରୁଣ ନିବାସପରିସରରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପର୍ଯ୍ୟବେକ୍ଷକ ଶ୍ରୀ ମଲ୍ଲିକ ଯୋଗଦେଇ ଦଳରସାଂଗଠନିକ ସ୍ଥିତି ସମ୍ପର୍କରେ ପୂର୍ବତନ ବିଧାୟକ ଓ ପଂଚାୟତ ଜନପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ।

## କାନପୁର ଯାତ୍ରା କମିଟି ପକ୍ଷରୁ ଦୈତାରି ପଣ୍ଡା ସମ୍ମାନିତ

କଟକ ,(ସବ୍ୟୁ) :କାନପୁର ଯାତ୍ରା କମିଟି ପକ୍ଷରୁ ଦୈତାରି ପଣ୍ଡା ସମ୍ମାନିତ କରାଯାଇଅଛିଛ ୫୧ ତମ ଦୋଳ ମହୋତ୍ସବ ଉପଲକ୍ଷେ କାନପୁର, ଟାଙ୍ଗୀ ରେ ୩ ଦିନ ଧରି ଅପେରା ପରିବେଷଣ ହୋଇଥିଲା । ଏଥିରେ ଭାରତ ମସଲା କମ୍ପାନୀ ର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡା ଅତିଥି ଭାବେ ଯୋଗଦେଇ, ଯାତ୍ରା ଜଗତର ଉଦୀୟମାନ କଳାକାର ଦୈତାରି ପଣ୍ଡା ଙ୍କୁ ସମ୍ମାନିତ କରିଥିଲେ । ଏଥିରେ ଗରୁଡ଼ ଗାଁ ସରପଞ୍ଚ ଦିପ୍ତିମୟୀ ବେହେରା, ପୂର୍ବତନ ସରପଞ୍ଚ ସୁବୋଧ କୁମାର ସାମଲ , ଯାତ୍ରା କମିଟି ସଭାପତି ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ଧନେଶ୍ୱର ନାୟକ, ଉପସଭାପତି ଗଙ୍ଗାଧର ଦାସ ଉପସ୍ଥିତ ଥିଲେ । ଏହି ଦୋଳ ଉତ୍ସବ କୁ କରୁଥିଲେ ଗଙ୍ଗାଧର ବେହେରା, ନବକୃଷ୍ଣ ପ୍ରଧାନ ଏଂ କାନପୁର ଯାତ୍ରା କମିଟି ର ସମସ୍ତ ସଭ୍ୟ ବୃନ୍ଦ ସୁଚାରୁ ରୂପେ ପରିଚାଳନା କରିଥିଲେ । ପ୍ରବଳଜନସମାଗମ ସତ୍ତ୍ୱେ ଶାନ୍ତି ଶୃଙ୍ଖଳା ର ସହିତ କୋଣାର୍କ ଗଣନାଟ୍ୟ ଦ୍ୱାରା ଅପେରା ପରିବେଷଣ,ଦୋକାନ ବଜାର ଏଂ ଦୋଳିପଡ଼ିଥିଲା ।

## ଏକାମ୍ରରେ ବାବୁ ସିଂଙ୍କ ପ୍ରଚାର ଜୋରଦାର



ଭୁବନେଶ୍ୱର(ସବ୍ୟୁ): ଏକାମ୍ର ନିର୍ବାଚନ ମଣ୍ଡଳୀରେ ପ୍ରଚାରକୁ ଜୋରଦାର କରିଛି ବିଜେପି । ପ୍ରତ୍ୟେକ ଦିନ ବିଧାୟକ ପ୍ରାର୍ଥୀ ବାବୁ ସିଂ ବିଭିନ୍ନ ଅଞ୍ଚଳରେ ପଦଯାତ୍ରା, ଚା ଖଟି, ପାର୍କ ଭ୍ରମଣ କରି ଲୋକଙ୍କ ସହ ମତବିନିମୟ କରୁଛନ୍ତି । ଗୁରୁବାର ପଳାଶପଲ୍ଲୀ ଓ ଭୀମଟାଙ୍ଗୀ ଅଞ୍ଚଳରେ ବାବୁ ସିଂ ପଦଯାତ୍ରା କରି ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ଭୋଟ ଭିକ୍ଷା କରିଥିଲେ । ଦିନକୁ ଦିନ ବାବୁ ସିଂଙ୍କ ଲୋକପ୍ରିୟତା ଏକାମ୍ର ନିର୍ବାଚନ ମଣ୍ଡଳୀରେ ବଢ଼ିବାରେ ଲାଗିଛି । ଯୁବ ବର୍ଗ ଠାରୁ ବରିଷ୍ଠ ସବୁ ଶ୍ରେଣୀର ଲୋକଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତ ସେ । ଏକାମ୍ର ନିର୍ବାଚନ ମଣ୍ଡଳୀର ପ୍ରତି ସ୍ଥାନରେ ଲୋକେ ବାବୁଙ୍କ ସମର୍ଥନ ବଢୁଛି । ବିଜେପିର ଶକ୍ତି ବୃଦ୍ଧି ଦିନକୁ ଦିନ ବଢ଼ିବାରେ ଲାଗିଛି ଏକାମ୍ରରେ ।

## ଷ୍ଟିୱାର୍ଟ ସ୍କୁଲ ଏମ୍ୟଏନ୍ ସମ୍ମିଳନୀରେ ମୋଟିଭେଟର ଭାବେ ସନ୍ତୃପ୍ତ ମିଶ୍ର



କଟକ(ସବ୍ୟୁ)କଟକ ସଂସଦୀୟ କ୍ଷେତ୍ରରେ ବିଜେଡି ଟିକେଟ୍ ରୁ ସଂସଦ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ଡଃ ସନ୍ତୃପ୍ତ ମିଶ୍ର ଆଜି କଟକର ଷ୍ଟିୱାର୍ଟ ସ୍କୁଲ ଏମ୍ୟଏନ୍ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଆସିଥିଲେ । ଦୁଇ ଦିନ ଧରି ଚାଲିଥିବା ଏହି ମଡେଲ ୟୁନାଇଟେଡ ନେସନ ୪.୦ ସମ୍ମିଳନୀର ଉଦ୍ଯାପନୀ ଉତ୍ସବରେ ଜାତୀୟ ସ୍ତରରୁ ଆସିଥିବା ଡେଲିଗେଟ୍ସ ମାନଙ୍କୁ ଶୀର୍ଷରେ ପହଞ୍ଚିବା ପାଇଁ ଦକ୍ଷତା ହେଉଛି ଜୀବନର ମାପକାଠି ବୋଲି କହିଥିଲେ । ଉପସ୍ଥିତ ଶିକ୍ଷକ,ଶିକ୍ଷୟତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କ ସହ ଭାବବିନିମୟ କରିବା ଅବସରରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ଆଲୋକପାତ କରିବାସହ ଅଂଶ ଗ୍ରହଣ କରିଥିବା ବିଦ୍ୟାର୍ଥୀ ମାନଙ୍କୁ ଶ୍ରୀ ମିଶ୍ର ପୁରସ୍କୃତ କରିଥିଲେ । ଉଦଘାଟନ ଉତ୍ସବରେ ରୋଟାରିଆନ ଅଶୋକ ବିହାରୀ ମହାପାତ୍ର ଯୋଗଦେଇଥିବା ବେଳେ ଅଧକ୍ଷା ଡି.ମାର୍ଟିନା,ଶିଲ୍ପା ସାହୁ,ରେଶମା ପ୍ରଧାନ ଓ ବିଶ୍ୱଜିତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ମାଆ ଚର୍ଚ୍ଚିକାଙ୍କୁ ଦର୍ଶନ କଲେ ଭର୍ତ୍ତୃହରି ଓ ତୁଷାରକାନ୍ତ



ବାଙ୍କୀ , (ସବ୍ୟୁ) : ଗୁରୁବାର ବିଜେପି କଟକ ସାସଂଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ବାଙ୍କୀ ବିଜେପି ବିଜେପି ବିଧାୟକ ପ୍ରାର୍ଥୀ ତୁଷାର କାନ୍ତ ଚକ୍ରବର୍ତ୍ତୀ ମାଆ ଚର୍ଚ୍ଚିକାଙ୍କୁ ଦର୍ଶନ କରି ଆର୍ଶୀବାଦ ଭିକ୍ଷା କରିଛନ୍ତି। ହଜାର ହଜାର ଦଳୀୟ କର୍ମୀ ମାନେଜାତମୁଣ୍ଡିଆ ଛକ ଠାରୁ ମାଆ ଚର୍ଚ୍ଚିକା ଙ୍କ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେଛ ମାଆ ଚର୍ଚ୍ଚିକାଙ୍କ ମନ୍ଦିରରେ ମାଆ ଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ବିଜେପି କାର୍ଯ୍ୟାଳୟ ଠାରେ ଏକ ସାଧାରଣ ସଭାରେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟଦେଇ ନରେନ୍ଦ୍ର ମୋଦୀ ଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଅନୁରୋଧ କରିଥିଲେ। ସଭାରେ ବିଭିନ୍ନ ଗ୍ରାମ ପଞ୍ଚାୟତ ରୁ ବିଜେଡ଼ି ଓକଂଗ୍ରେସ କର୍ମୀ ମାନେ ବିଜେପି ରେ ଯୋଗ ଦେଇଥିଲେ। ବିଜେପି ନେତା ଅଜୟ ମୁଦୁଲି, ସରୋଜ ମତଗଜ ସିଂହ, ନଳିନୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରାଉନସୁଗର ଜବତ, ବିକ୍ରେତା ଗିରଫ



ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ପୋଲିସ ଜଣେ ବ୍ରାଉନସୁଗର ବିକ୍ରେତାଙ୍କୁ ଗିରଫ କରିବା ସହ ତା' ନିକଟରୁ ୩୦ ଗ୍ରାମ ବ୍ରାଉନସୁଗର ଜବତ କରିଛି । ବ୍ରାଉନସୁଗର କାରବାରରେ ବ୍ୟବହାର ହେଉଥିବା ମୋବାଇଲ, ପଲସର ବାଇକ ମଧ୍ୟ ଜବତ ହୋଇଛି ।

ରଙ୍ଗବଜାର ବ୍ରିଜ ବୁଲାଣି ନିକଟରେ ବିଜୟ କୁମାର ମହାପାତ୍ର ଓରଫ ବାବୁଲି (୨୭) ବ୍ରାଉନସୁଗର ବିକୁଥିବା ଖବର ପାଇ ପୋଲିସ ଅତର୍କିତ ଭାବେ ସେଠାରେ ଚଢ଼ାଉ କରିଥିଲା । ଚଢ଼ାଉ କରି ବାବୁଲିକୁ କାବୁ କରିବା ପରେ ତା' ନିକଟରୁ ବ୍ରାଉନସୁଗର ମିଳିଥିଲା । ବାବୁଲି ଘର ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ପୁରୁଣା ଫାୟାର ଷ୍ଟେସନ ଛକ ଦୁର୍ଗାମାଧବ ପୂଜା ମଣ୍ଡପ ନିକଟ ନନ୍ଦ ସାହିରେ । ସେ ଖୋର୍ଦ୍ଧାରୁ ଯାଇ ବାଲିଅନ୍ତା ଅଞ୍ଚଳରେ ବ୍ରାଉନସୁଗର ବିକ୍ରି କରେ ବୋଲି ପୋଲିସକୁ କହିଛି । ଗୁରୁବାର ବିଜୟ କୁମାର ମହାପାତ୍ରକୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି ।

## ପୁରୀ ସଦର ବିଧାନସଭା, ଲୋକସଭା ନିର୍ବାଚନ ନେଇ ଶଙ୍ଖ ଭବନରେ ଦଳୀୟ ବୈଠକ



ପୁରୀ (ସବ୍ୟୁ) : ଆସନ୍ତା ମେ ମାସରେ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏଥି ପାଇଁ ନିର୍ବାଚନୀ ବିଗୁଲ ବାଜି ସରିଛି । ବିଜୁ ଜନତା ଦଳ ପକ୍ଷରୁ ପୁରୀ ବିଧାନ ସଭା ଆସନ ପାଇଁ ପୂର୍ବତନ ବିଧାୟକ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁତ୍ର ସୁନିଲ କୁମାର ମହାନ୍ତିଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରା ଯାଇଛି । ସେହିପରି ମୁମ୍ବାଇ ପୂର୍ବତନ ପୋଲିସ କମିଶନର ଅରୂପ କୁମାର ପଟ୍ଟନାୟକଙ୍କୁ ପୁରୀ ଲୋକ ସଭା ସାଂସଦ ପ୍ରାର୍ଥୀ ଭାବେ ଘୋଷଣା କରା ଯାଇଛି । ଉଭୟ ପ୍ରାର୍ଥୀ କିପରି ବିପୁଳ ଭାବେ ଭୋଟ ପାଇ ବିଜୟୀ ଲାଭ କରିବେ ସେ ନେଇ ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱର ବିଜୁ ଜନତା ଦଳ ଶଙ୍ଖ ଭବନ ଠାରେ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଦଳ ପକ୍ଷରୁ ପୁରୀ ସଦର ବିଧାନ ସଭା ନିର୍ବାଚନ ମଣ୍ଡଳୀର କର୍ମ କର୍ତ୍ତାଙ୍କୁ ନେଇ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଥିଲା । ବୈଠକରେ

ରାଜ୍ୟ ବିଜୁ ଜନତା ଦଳର ସାଂଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଅଧକ୍ଷତା କରି ଥିବା ବେଳେ ପୁରୀ ଜିଲ୍ଲା ସଭାପତି ଦିବାକର ପାତ୍ର ସଭା ପରି ଚାଳନା କରି ଥିଲେ । ଏହି ବୈଠକରେ ପୂର୍ବତନ ବ୍ରହ୍ମଗିରି ବିଧାୟକ ତଥା ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ ଦାସବର୍ମା, ନଗର ସଭାପତି ସବ୍ୟସାଚୀ ମହାପାତ୍ର, ବରିଷ୍ଠ ବିଜେଡ଼ି ନେତା ରାମକୃଷ୍ଣ ଦାସ ମହାପାତ୍ର, ପୂର୍ବତନ ନଗର ପାଳ ଗୌରହରି ପ୍ରଧାନ, ସୁରେନ୍ଦ୍ର ନାଥ ଦାସ, କୃଷ୍ଣ ଚନ୍ଦ୍ର ପଣ୍ଡା, ବିଜୟ ମିଶ୍ର, ଶ୍ରୀ ପ୍ରକାଶ ମିଶ୍ର, ଶାନ୍ତିଲତା ପ୍ରଧାନ, ରବିନ୍ଦ୍ର ନାଥ ପଡ଼ିଆରୀ, ଭକ୍ତ ଚରଣ ଦାସ, ପୁଷ୍ପାଞ୍ଜଳି ରଣା, ବିନୋଦିନୀ ଦାସ, ଭଗବାନ ପଡ଼ିଆରି, ଗୋପାଳ କୃଷ୍ଣ ପଣ୍ଡା, ନାରାୟଣ ଖୁଣ୍ଟିଆ, କାଶୀନାଥ ମହସୁଆରଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ବର୍ମା କହିଥିଲେ ପୁରୀ ସଦର ବିଧାନ ସଭା ଆସନ ଓ ଲୋକ ସଭା ସାଂସଦ ର୍ନିବାଚନ ବିଜୁ ଜନତା ଦଳ ପାଇଁ ଏକ ଗୁରୁତ୍ୱ ପୂର୍ଣ୍ଣ ଆସନ ଅଟେ । ଦୀର୍ଘ ତିରିଶ ବର୍ଷ ଧରି ବିଜେଡ଼ି ପୁରୀ ବିଧାନ ସଭା ଆସନ ଓ ଲୋକ ସଭା ସାଂସଦ ଆସନକୁ ଅକ୍ତିଆର କରି ଆସିଛି । ତେଣୁ ସମସ୍ତେ ଏକ ମନରେ ରାଜ୍ୟରେ ପୁଣି ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ରୂପରେ ଅଧିଷ୍ଠିତ କରିବା ପାଇଁ ବିଜେଡି ପ୍ରାର୍ଥୀ ମାନଙ୍କୁ ବିପୁଳ ଭାବେ ଭୋଟରେ ଜିତେଇବା ପାଇଁ କାର୍ଯ୍ୟ କରନ୍ତୁ । ଏଥର ପୁତ୍ର ସୁନିଲ କୁମାର ମହାନ୍ତି ଓ ଲୋକ ସଭା ସାଂସଦ ପ୍ରାର୍ଥୀ ଭାବେ ଅରୂପ କୁମାର ପଟ୍ଟନାୟକଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ ଭାବେ ଘୋଷଣା କରା ଯାଇଛି । ତେଣୁ ସମସ୍ତେ ଏକ ମନରେ କାର୍ଯ୍ୟ କରନ୍ତୁଛ ଦଳୀୟ ପ୍ରାର୍ଥୀ ମାନଙ୍କୁ ଜିତାନ୍ତୁ ବୋଲି ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟ କ୍ରମରେ ସାଂସଦ ଶ୍ରୀ ଖୁଣ୍ଟିଆଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଯୋଗ ଦେଇ ଥିଲେ ।

### ବୋଲଗଡ଼-ବେଗୁନିଆ ନିର୍ବାଚନମଣ୍ଡଳୀ

# ପ୍ରାର୍ଥୀ ପାଇଁ ସବୁ ଦଳର ମୁଣ୍ଡବିନ୍ଧା ,ଭୋଟର ଖୋଜୁଛନ୍ତି ସ୍ଥାନୀୟ ନେତା

ବୋଲଗଡ଼,(ସବ୍ୟୁ) :୨୦୨୪ ସାଧାରଣ ର୍ନିବାଚନପାଇଁ ଖୋର୍ଦ୍ଧାଜିଲ୍ଲା ୧୧୬ନଂ ବେଗୁନିଆ ବିଧାନସାଭା ର୍ନିବାଚନ ମଣ୍ଡଳୀର କ୍ଷେତ୍ର ପ୍ରସ୍ତୁତ ହୋଇରହିଛି । ଏଥିପାଇଁ ର୍ଦିଘଦିନ ଧରି ବେଗୁନିଆ-ବୋଲଗଡ଼ବାସୀ ପ୍ରାର୍ଥୀ ଘୋଷଣାକୁ ଅପେକ୍ଷା କରି ରହିଛନ୍ତି । ଆଜସୁଦ୍ଧା ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅଧିନସ୍ଥ ବେଗୁନିଆ-ବୋଲଗଡ଼ ବିଧାନସଭାପାଇଁ କୌଣସି ଦଳର ପ୍ରାର୍ଥୀ ମଇଦାନକୁ ଆସିନାହାଁନ୍ତି ଛ ବିଶେଷକରି ରାଜ୍ୟର ପ୍ରମୁଖ ଦଳଭାବେ ପରିଚତ ବିଜୁ ଜନତା ଦଳ , ଭାରତୀୟ ଜନତା ପାର୍ଟୀ ଓ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଏପର୍ଯ୍ୟନ୍ତ ସେନାପତି ବଛା ହୋଇନଥିବାରୁ ଉକ୍ତ ୩ଦଳର କର୍ମୀମାନେ ହତାଶ ହୋଇ ମନମାରି ବସିଛନ୍ତି ।ଏଠାରେ ସୂଚନା ଯୋଗ୍ୟ ଯେ ୧୯୫୨ମସିହାରୁ ଅବିଭକ୍ତ ପୁରୀ ଜିଲ୍ଲାର ଏହି ନିର୍ବାଚନ ମଣ୍ଡଳୀରେ ପ୍ରଥମ କରି ବିଶିଷ୍ଟ ଖଦୀ ଆନ୍ଦୋଳନର ଅନ୍ୟତମ ପୁରୋଧା ସ୍ୱାଧୀନତା ସଂଗ୍ରାମୀ ସକ୍ଷୀଗୋପାଳର ସତ୍ୟବାଦୀ ନନ୍ଦ କଂଗ୍ରେସ ପାର୍ଥୀଭାବେ ପ୍ରତ୍ୟେକ୍ଷ ନିର୍ବାଚନରେ ବିଜୟ ଲାଭ କରିଥିଲେ । ଏହାପରେ କଂଗ୍ରେସ ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଚିନ୍ତାମଣୀ ପାଣୀଗ୍ରାହୀ, ବିଶିଷ୍ଟ ସାହିତ୍ୟକ ସତ୍ୟାନନ୍ଦ ଚମ୍ପତିରାୟ, କୈଳାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ର୍ନିବାଚିତ ହୋଇ ଅଞ୍ଚଳର ବହୁ ଉନ୍ନତି କରିଥିଲେ । ବିଶିଷ୍ଟ ସାମ୍ୟବାଦୀ ନେତା ଗଙ୍ଗାଧର ପାଇକରାୟ, ଜନତା ଦଳର ନେତା ସୁରେନ୍ଦ୍ର ନାଥ ମିଶ୍ର, ବିଜେପି ଓ ଏନସିପି ନେତା ପ୍ରଶାନ୍ତ ନନ୍ଦ, ବିଜୁ ଜନତା ଦଳର ଯୁବ ଚେହେରା ପ୍ରଶାନ୍ତ ଜଗଦ୍ଦେବ ଓ ରାଜେନ୍ଦ୍ର କୁମାର ସାହୁ ଏଠାରୁ ବିଜୟ ଲାଭ କରି ବୋଲଗଡ-ବେଗୁନିଆ ବାସୀଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିଯାଇଛନ୍ତି।କିନ୍ତୁ ଏମାନଙ୍କ ମଧ୍ୟରୁ ସତ୍ୟାନନ୍ଦ ଚମ୍ପତିରାୟ , କୈଳସ ମହାପାତ୍ର ଓ ଗଙ୍ଗାଧର ପାଇକରାୟ ସ୍ଥାନୀୟ ବିଧାୟକ ଭାବେ ଜନମାନସରେ ରହିଛନ୍ତି। ଏମାନଙ୍କୁ ଛାଡିଦେଲେ ଅନ୍ୟଯେତେ ବିଧାୟକ ସମସ୍ତେ ନିର୍ବାଚନ ମଣ୍ଡଳୀ ବାହାରର ନେତା ଅଟନ୍ତି। ଚଳିତ ୨୦୨୪ମସିହାରେ ବେଗୁନିଆ-ବୋଲଗଡ଼ବାସୀ ଚାହିଁଛନ୍ତି ସ୍ଥାନୀୟ ନେତାଙ୍କୁ। ସେମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ଟିକେଟ ଆଶାୟୀ ଥିବା ପ୍ରମୁଖ ଦାବୀଦାର ଭାବେ ପ୍ରଦୀପ କୁମାର ସାହୁ ଓ ପ୍ରବୋଧ ଦାଶ ଥିଲା ବେଳେ ,ଭାରତୀୟ ଜନତା ପାର୍ଟୀରୁ ପ୍ରକାଶ ଚନ୍ଦ୍ର ରଣବିଜୁଳି, ଅନାଦି ସାହୁ ଟିକେଟ ଆଶାୟୀ ଅଛନ୍ତି। ସେହିପରି କଂଗ୍ରେସ ଦଳରୁ ପୂର୍ବତନ ବିଧାୟକ କୈଳାସ ମହାପାତ୍ରଙ୍କ ପୁତ୍ର ସଦାଶିବ ମହାପାତ୍ର ଓ ତାରା ପଟ୍ଟନାୟକଙ୍କ ପତ୍ନୀ ଯେକି ବୋଲଗଡ଼ ଅଞ୍ଚଳର ଝିଅ ଜୟଶ୍ରୀ ପଟ୍ଟନାୟକ ଟିକେଟପାଇଁ ପ୍ରମୁଖ ଦାବୀଦାର ଅଛନ୍ତି । କିନ୍ତୁ ବିଜେଡି ଦଳର ଦୁଇ ପ୍ରମୁଖ ଦାବୀଦାର ବର୍ତ୍ତମାନ ବିଧାୟକ ତଥା ଖୋର୍ଦ୍ଧାର ପୁଅ ରାଜେନ୍ଦ୍ର କୁମାର ସାହୁ ଓ ବେଗୁନିଆର ପୁଅ ପ୍ରଦୀପ କୁମାର ସାହୁଙ୍କ ମଧ୍ୟରେ କାହାକୁ ଟିକେଟ ଦିଆଯିବ ତାହା ହାଇକମାଣ୍ଡ ନିଷ୍ପତ୍ତି ନେଇପାରୁନାହାଁନ୍ତି । ଯଦି ରାଜେନ୍ଦ୍ର କୁମାର ସାହୁଙ୍କୁ ଏଠାରେ ଦଳ ପୁନର୍ବାର ଛିଡା କରାଏ ତେବେ ପ୍ରଦୀପ ସାହୁଙ୍କ ଗୋଷ୍ଠୀ ପ୍ରବଳ ବିରୋଧ କରି ବିକଳ୍ପ ପନ୍ଥା ଆପଣେଇ ନେବେ ବୋଲି ତାଙ୍କ କର୍ମିମାନେ କହି ବୁଲୁଛନ୍ତି ।ସେହିପରି ଗତ ୩ବର୍ଷ ତଳେ କଂଗ୍ରେସ ଦଳରୁ ଡିଆଁମାରି ବିଜେଡିରେ ଯୋଗଦେଇ ଥିବା ପ୍ରଦୀପ ସାହୁଙ୍କୁ ଟିକେଟ ଦେଲେ ପୁରୁଖା ବିଜେଡି କର୍ମୀମାନେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ବହୁ ସରପଞ୍ଚ ସମିତିସଭ୍ୟ ଓ ଜିଲ୍ଲା ପରିଷଦମାନେ ଗୁପ୍ତ ବୈଠକ କରି ରଣକୌଶଳ ସ୍ଥିର କରିଛନ୍ତି ଛ ଭାରତୀୟ ଜନତା ପାର୍ଟୀ ଅଦ୍ୟାବଧି ବୋଲଗଡ଼-ବେଗୁନିଆ ପାଇଁ ସେନାପତି ବାଛିପାରିନାହିଁ ଛ ଆଶାୟୀ ଥିବା ବାହୁବଳୀ ତଥା ଏଠାର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କୁ ଟିକେଟ ଦିଆଗଲେ ସେ ବିଜେଡି ,ବିଜେପି ଓ କଂଗ୍ରେସ ଦଳରୁ ବହୁ ଭୋଟରେ ଆଗୁଆ ହେବେ ବୋଲି ଚର୍ଚ୍ଚା ହେଉଛି । ଆବଶ୍ୟକ ସ୍ଥଳେ ବିଜୁ ଜନତା ଦଳ ପ୍ରାର୍ଥୀଙ୍କୁ କଡା ଟକ୍କର ଦେବା ପାଇଁ ସକ୍ଷମ ହୋଇପାରିବେ । ପ୍ରଶାନ୍ତ ଜଗଦ୍ଦେବଙ୍କର ବେଗୁନିଆ-ବୋଲଗଡ଼ ଅଞ୍ଚଳରେ ନିଜସ୍ୱ ସଙ୍ଗଠନ ଅଛି ଓ ତାଙ୍କର ପୂର୍ବ ୫ବର୍ଷ ତଳର ଉନ୍ନତି ମୂଳକ କାମକୁ ଏବେ ମଧ୍ୟ ଜନସାଧାରଣ ଭୁରି ଭୁରି ପ୍ରଶଂସା କରୁଛନ୍ତି ।ତାଙ୍କ ଛଡା ଅନ୍ୟକେହି ବିଜେପିରୁ ଟିକେଟ ପାଆନ୍ତି ତେବେ ର୍ନିବଚନ ମଇଦାନରେ ଲଢେଇ ଜୋରଦାର କରିପାରିବେନି ବୋଲି ସାଧାରଣରେ ଆଲୋଚନା ହେଉଛି ।ସେହିପରି କଂଗ୍ରେସ ଦଳରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲବ ପଟ୍ଟନାୟକଙ୍କ ପୁତ୍ର ପୃଥିବୀ ବଲ୍ଲଭ ପଟ୍ଟନାୟକ ଟିକେଟ ପାଆନ୍ତି ତେବେ ଏଠାରେ ତ୍ରିମୁଖୀ ଲଢେଇ ହେବ ବୋଲି ଆଲୋଚନା ହେଉଛି । ତାଙ୍କ ଛଡା ଅନ୍ୟ କେହି ଟିକେଟ ପାଇଲେ ଧନୁରେ ଗୁଣ ଚଢାଇବା ଏତେ ସହଜ ହେବ ନାହିଁବୋଲି ସାଧାରଣରେ ଆଲୋଚନା ହେଉଛି । ଗତ ୪ବର୍ଷ ଧରି ପୃଥିବୀ ବଲ୍ଲବ ପଟ୍ଟନାୟକ ସମସ୍ତ ଗ୍ରାମ ପଞ୍ଚୟତ ସାହି, ପଡା ବୁଲି ବୁଲି ଶୋଇଯାଇଥିବା କଂଗ୍ରେସ କର୍ମୀଙ୍କୁ ଏକାଠି କରାଇବା, ଘରେ ଘରେ ହାତ କାର୍ଯ୍ୟକ୍ରମ କରିବା ଓ ବାପାଙ୍କର କଂଗ୍ରେସ ଗଡକୁ ପୁନଃ ଜିବୀତ ପାଇଁ ଆପ୍ରାଣ ଉଦ୍ୟମ ଚଳାଇଥିବାରୁ ତାଙ୍କ ପ୍ରତି କଂଗ୍ରେସ କର୍ମମାନଙ୍କ ଆସ୍ଥା ଓ ବିଶ୍ୱାସ ରହିଛି । ଗତ କିଛିଦିନ ଧରି ବୋଲଗଡ-ବେଗୁନିଆ ର୍ନିବାଚନ ମଣ୍ଡଳୀରେ ଛୋଟଦଳ ଭାବେ ମୁଣ୍ଡ ଟେକି ଥିବା ଆମ ଅଦମୀ ପାର୍ଟୀ , ନବର୍ନିମାଣ କୃଷକ ସଂଘ, ସିପିଆଇଦଳମାନଙ୍କର ପ୍ରାର୍ଥ ଚୟନ କରିନାହାଁନ୍ତି ଛ ସେମାନେ କେବଳ ସାଇନବୋର୍ଡ ପାର୍ଟୀ ଭାବେ ଏଠାରେ ରହିଛନ୍ତି । ତେଣୁ ଖୁବ୍ ଶିଘ୍ର ପ୍ରମୁଖ ବିଜେଡି, ବିଜେପି , କଂଗ୍ରେସ ଦଳ ପକ୍ଷରୁ କେବେ ପ୍ରାର୍ଥୀ ଘୋଷଣା ହେବ ତାହା ସାଧାରଣ ଭୋଟର ଚାହିଁ ବସିଛନ୍ତି ।

# କଂଗ୍ରେସରେ ମିଶିଲେ ବିଜୁ ଜନତା ଦଳର ବରିଷ୍ଠ ନେତା ଅଶିତ ପଟ୍ଟନାୟକ (ବୁଲୁ)



ଭୁବନେଶ୍ୱର (ସବ୍ୟ): ବିଜେଡି ଭଦ୍ରକ ଜିଲ୍ଲା ଉପସଭାପତି ତଥା ବର୍ତମାନ ମଧୁବାବୁ ପେନସନ୍ ଯୋଜନାର ଓଡ଼ିଶା ସରକାରଙ୍କର ମୁଖ୍ୟ ଉପଦେଷ୍ଟା ଅଶିତ ପଟ୍ଟନାୟକ ତାଙ୍କର ଶହ ଶହ ସମର୍ଥକଙ୍କ ସହିତ ବହୁ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦର ସଦସ୍ୟ, ବର୍ତମାନର ଭଦ୍ରକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତର ସରପଂଚଙ୍କ ସମେତ ହଜାର ରୁ ଅଧିକ ସମର୍ଥକଙ୍କ ସହିତ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଚାର କମିଟି ଅଧକ୍ଷ ଭକ୍ତ ଚରଣ ଦାସ, ମେନିଫେଷ୍ଟୋ କମିଟିର ଅଧକ୍ଷ ପଂଚାନନ କାନୁନ୍‌ଗୋ, ପ୍ରଚାର କମିଟିର ଉପାଧକ୍ଷ ନବଜ୍ୟୋତି ପଟ୍ଟନାୟକ, ଉପସଭାପତି ଶିବାନନ୍ଦ ରାୟ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ୍ ଦାସ, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି । ସଭାପତି ଶରତ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ, ଭକ୍ତଚରଣ ଦାସ କଂଗ୍ରେସ ଦଳରେ ସାମିଲ ହୋଇଥିବା ଅଶିତ ପଟ୍ଟନାୟକଙ୍କ ସମେତ ସମସ୍ତ ସମର୍ଥକଙ୍କୁ କଂଗ୍ରେସ ଉତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଭାପତି ଶ୍ରୀ ପଟ୍ଟନାୟକ ଏହି ମିଶ୍ରଣ ପର୍ବରେ ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଥିଲେ ଯେ ଅଶିତ୍ ବାବୁଙ୍କ ଯୋଗଦାନ ଦ୍ୱାରା କେବଳ ଭଦ୍ରକ ଜିଲ୍ଲା ନୁହେଁ ସାରା ଓଡ଼ିଶାରେ କଂଗ୍ରେସ ଅଧିକ ଶକ୍ତିଶାଳି ହେଲା । ଓଡ଼ିଶାରେ କଂଗ୍ରେସ ସରକାର କରିବା ଏହା ଏକମାତ୍ର ଝଲକ। ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଆଜି ସାରା ରାଜ୍ୟରେ ଜନସାଧାରଣ ମାନଙ୍କୁ ଆଗକୁ ଆସିବାକୁ ପଡ଼ିବ ଏବଂ ବିଜେପି ଓ ବିଜେଡ଼ି ମିଛ ପ୍ରତାରଣ ଓ ପ୍ରଚାର ବିରୁଦ୍ଧରେ ଏକ ହୋଇ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟି କୋଣରୁ କଂଗ୍ରେସକୁ ଭୋଟ ଦେଇ ରାଜ୍ୟକୁ ରକ୍ଷା କରିବାକୁ ପଡ଼ିବ ।

ଅଶିତ ପଟ୍ଟନାୟକ କହିଥିଲେ ଯେ ବିଜେଡ଼ି ଓ ବିଜେପି ଏକ। ଉଭୟ ବୁଝାମଣା ଭିତିରେ ଓଡ଼ିଶାରେ ଲୋକସଭା ଠାରୁ ଆରମ୍ଭ କରି ବିଧାନସଭା କ୍ଷେତ୍ରରେ ପ୍ରାର୍ଥି ଦେଇଛନ୍ତି । ସବୁଠାରୁ ଦୁଃଖର କଥା ଉଭୟ ବିଜେପି ଓ ବିଜେଡ଼ି ଭଦ୍ରକକୁ ଲୁଣ୍ଠନ କରୁଛନ୍ତି । କଂଗ୍ରେସ ଦଳ ଆସନ୍ତା ସାଧାରଣ ନିର୍ବାଚନରେ ଭଦ୍ରକ ଜିଲ୍ଲାରେ ଆଶାତିତ ସଫଳତା ଲାଭ କରିବ । ମୁଁ ମୋ ଘରକୁ ଫେରିଛି । ମୁଁ ଆଜି ବହୁତ ଆନନ୍ଦିତ ଏବଂ ଗର୍ବୀତ ଯେ ପ୍ରକୃତର କଂଗ୍ରେସ ଏକ ମାତ୍ର ଦଳ ଯିଏ ଓଡ଼ିଶାର ବିକାଶ କରିବ । ଶ୍ରୀ ପଟ୍ଟନାୟକଙ୍କ ସହିତ ଶତାଧିକ ନେତା ଓ କର୍ମୀ କଂଗ୍ରେସରେ ଯୋଗଦାନ କରିଛନ୍ତି ।

## ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ଲକ୍ଷ୍ମୀ ନାରାୟଣ ମିଶ୍ର ସାମାଜିକ ଓ ରାଜନୈତିକ ନେତୃତ୍ୱର ଥିଲେ ଅନନ୍ୟ ପରିଚୟ

ଭୁବନେଶ୍ୱର (ସବ୍ୟ): ସମ୍ବଲପୁରର ବରପୁତ୍ର ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ସାମାଜିକ ଓ ରାଜନୈତିକ ନେତୃତ୍ୱର ଅନନ୍ୟ ପରିଚୟ ଥିଲେ ବୋଲି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ମହାପୁରୁଷଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ସେ କହିଛନ୍ତି ଯେ ପୂଜ୍ୟ ବାପୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରାବସ୍ଥାରୁ ଦେଶମାତୃକାର ସେବା ପାଇଁ ପଣ୍ଡିତ ଲକ୍ଷ୍ମୀନାରାୟଣ ଥିଲେ ପ୍ରତିବଦ୍ଧ । ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର ସମାବେଶୀ ସମାଜର କଳ୍ପନା କରିଥିଲେ । ତାଙ୍କର ଭାଷା ସାହିତ୍ୟ ପ୍ରତି ଅନୁରାଗ ଓ ବିକାଶ ପାଇଁ ଥିଲା ପ୍ରତିବଦ୍ଧତା । ଅସ୍ମିତା ଏବଂ



ସ୍ୱାଭିମାନର ବ୍ରତୀ ନେଇ ଥିବା ତାଙ୍କର ପ୍ରାସଙ୍ଗିକ ବିଚାର ଗୁଡିକ ସମାଜ ପାଇଁ ପଥେୟ ହେଉ । ବିଶେଷତଃ ବର୍ତ୍ତମାନର ସାମାଜିକ ଓ ରାଜନୈତିକ ଯୁବପିଢି ଏବଂ କାର୍ଯ୍ୟକର୍ତ୍ତା ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ସମ୍ବଲପୁର ମାଟି ହେଉଛି ଅନନ୍ୟ ମାଟି ଛ ଏହି ମାଟି ବୀର ସୁରେନ୍ଦ୍ରଙ୍କ ଲଢେଇର ମାଟି । ଏଇ ମାଟି ପୁଣି ମାଧୋ ସିଂହଙ୍କ ଶହୀଦ ହେବାର ମାଟି ଏବଂ କୁଦୋପାଲି ଠାରେ ସହିଦ ହୋଇଥିବା ଶହୀଦ ମାନଙ୍କ ସଂଘର୍ଷର ମାଟି । ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର ଥିଲେ ସେହି ସ୍ୱାଭିମାନୀ ଶହୀଦ ମାନଙ୍କ ଦ୍ୱାରା ଏବଂ ପରବର୍ତ୍ତୀ ସମୟରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା କରାଯାଇଥିବା ସ୍ୱାଧୀନତା ଯଜ୍ଞର ସମିଧ କାଠ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ସଙ୍କଟମୋଚନ ମହାବୀରଙ୍କ ୨୫ତମ ବାର୍ଷିକ ଉତ୍ସବ



କଟକ, (ସ୍ୱପ୍ର): ମହାନଦୀ ବିହାର ମହାବୀର ଛକ ସ୍ଥିତ ୩ନଂ ସେକ୍ଟରରେ ଦୀର୍ଘଦିନ ଧରି ପୂଜା ପାଇଆସୁଥିବ ଶ୍ରୀ ଶ୍ରୀ ପଞ୍ଚମୁଖୀ ମହାବୀରଙ୍କ ୨୫ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏଥିସହିତ ବିଶ୍ୱରେ ଶାନ୍ତି ସ୍ଥାପନା ନିମନ୍ତେ ହନୁମତ ମହାଯଜ୍ଞର ଆୟୋଜନ ମଧ କରାଯାଉଛି । ମନ୍ଦିର ପରିଚାଳନା କମିଟିର ଆବାହକ ସଞ୍ଜୟ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ରେଭେନ୍ସା ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡ଼ଃ ସଞ୍ଜୟ ନାୟକ, ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡେଇ, ହନୁମାନ ମନ୍ଦିର ପରିଚାଳନା କମିଟିର ସଭାପତି ମାଧବ ପ୍ରସାଦ ଶର୍ମା, ହନୁମାନ ମନ୍ଦିର ପ୍ରତିଷ୍ଠାତା ପ୍ରଦୀପ୍ତ କୁମାର ମହାନ୍ତି, ବରିଷ୍ଠ ନାଗରିକ ମଂଚର ସଭାପତି ରବି ନାରାୟଣ ମହାନ୍ତି, ଶିକ୍ଷାବିତ୍ ରବି ଶତପଥୀ, ଏମଡିଏର ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ମାନବେଶ ରାୟ ପ୍ରମୁଖ ଯୋଗ ଦେଇଥିଲେ । ଗୁରୁବାର କାର୍ଯ୍ୟକ୍ରମର ପ୍ରଥମାର୍ଦ୍ଧରେ ସନ୍ଧ୍ୟା ୬ ଘଟିକାରେ ମନ୍ଦିର ବେଢା ପରିକ୍ରମାରେ ଆଲୋକୀକରଣ ଅଙ୍କୁରାରୋପଣ ହୋଇଥିବା ବେଳେ ୭ ଘଟିକାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ଶୁକ୍ରବାର ମଣ୍ଡଳାଧିବାସ ଓ ଅଗ୍ନିସ୍ଥାପନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶନିବାର ସକାଳ ୭ଘଟିକାରେ ସୂର୍ଯ୍ୟପୂଜା, ମଣ୍ଡଳାଦି ପୂଜା, ଗୋପୂଜା ଓ ଯଜ୍ଞକର୍ମ-ଗୀତାଯଜ୍ଞ ଅନୁଷ୍ଠିତ ହେବ । ରବିବାର ଉଦ୍‌ଯାପନୀ ଦିବସରେ ସୂର୍ଯ୍ୟପୂଜା, ଯଜ୍ଞକର୍ମ ଆରମ୍ଭ ହେବା ସହ ହନୁମାନ ଚାଳିଶା ପଠନ, ହନୁମନ୍ତ ଷୋଡଷ ଉପଚାର ସହ ପୂର୍ଣ୍ଣାହୁତି ହେବ । ପରେ ସନ୍ଧ୍ୟା ସମୟରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି ବୋଲି ପରିଚାଳନା କମିଟି ପକ୍ଷରୁ କୁହାଯାଇଛି ।

# ଗ୍ରୀନ୍ ପଏଣ୍ଟକୁ ଅଧିଗ୍ରହଣ କଲା ସର୍ବେଶ୍ୱର ଫୁଡ୍‌ସ

ଭୁବନେଶ୍ୱର (ସବ୍ୟ) : ଖାଦ୍ୟ ଶିଳ୍ପର ଏକ ସୁପରିଚିତ ନାମ ସର୍ବେଶ୍ୱର ଫୁଡ୍‌ସ ସିଙ୍ଗାପୁରରେ ଅବସ୍ଥିତ ଗ୍ରୀନ୍ ପଏଣ୍ଟର ୧୦୦% ଅର୍ଡିନାରୀ ସେୟାର ଓ ବ୍ୟବସାୟକୁ ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛି। ଫଳରେ ଗ୍ରୀନ୍ ପଏଂଟ୍ ଏବେ ସର୍ବେଶ୍ୱର ଫୁଡ୍‌ସ ଲିମିଟେଡର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ଏକ ସହାୟକ କମ୍ପାନୀରେ ପରିଣତ ହୋଇଛି। ଗତ ମାର୍ଚ୍ଚ ୩୧ ତାରିଖ ୨୦୨୩ ସୁଦ୍ଧା ଗ୍ରୀନ୍ ପଏଂଟ୍ ପ୍ରି. ଲିମିଟେଡର ମୋଟ ରାଜସ୍ୱ ୩୧୩୯,୪୭୧ ଡଲାର ଥିଲା। ପୂର୍ବରୁ ସର୍ବେଶ୍ୱର ଫୁଡ୍‌ସ ଲିଃ ସୂଚିତ କରିଥିଲା ଯେ, ଏହା ସରକାରଙ୍କ ନୋଡାଲ ଏଜେନ୍ସି ନାଫେଡ୍ ମାଧମରେ ପ୍ରାୟ ୫୦ କୋଟି ଟଙ୍କା ମୂଲ୍ୟର ୯୦,୦୦୦ କ୍ୱିଂଟାଲ ପ୍ରିମିୟମ ହ୍ୱାଇଟ୍ ରାଇସ୍‌କୁ ଆଫ୍ରିକାକୁ ଯୋଗାଣ କରିବା ପାଇଁ ସଫଳତାର ସହ ଅର୍ଡର ହାସଲ କରିଥିଲା । ସର୍ବେଶ୍ୱର ଫୁଡ୍‌ସ ବିଶ୍ୱବ୍ୟାପୀ ଉପଭୋକ୍ତାଙ୍କୁ ଉତ୍କୃଷ୍ଟମାନର ଚାଉଳ ଉତ୍ପାଦ ପ୍ରଦାନ କରିବା ପାଇଁ ଏହାର ଲକ୍ଷ୍ୟରେ ସ୍ଥିର ରହିଛି । ସର୍ବେଶ୍ୱର ଫୁଡ୍‌ସ ଲିମିଟେଡ (ଏସ୍‌ଏଫ୍‌ଏଲ୍) ହେଉଛି ଏକ ଆଇଏସ୍‌ଓ ୨୨୦୦୦:୨୦୧୮ ଓ ୟୁଏସ୍‌ଏଫ୍‌ଡିଏ (ୟୁନାଇଟେଡ ଷ୍ଟେଟ୍‌ସ ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ) ସାର୍ଟିଫାଏଡ କମ୍ପାନୀ। ଏସ୍‌ଏଫ୍‌ଏଲ୍ ନିକଟରେ ଏହାର ଉତ୍ପାଦଗୁଡିକ ପାଇଁ ବିଆର୍‌ସି (ଖାଦ୍ୟ ସୁରକ୍ଷା ପାଇଁ ସର୍ବବୃହତ ଆନ୍ତର୍ଜାତୀୟ ମାନକ), କୋଶର, ଏନ୍‌ପିପିଓ ୟୁଏସ୍‌ଏ ଆଣ୍ଡ ଚୀନ ସହିତ ଏନ୍‌ଓପି-ୟୁଏସ୍‌ଡିଏ ଅର୍ଗାନିକ ସାର୍ଟିଫିକେଶନ ରହିଛି। କମ୍ପାନୀ ଘରୋଇ ଓ ଆନ୍ତର୍ଜାତୀୟ ବଜାରଗୁଡିକରେ ବ୍ରାଣ୍ଡେଡ୍ ଓ ଅନ୍-ବ୍ରାଣ୍ଡେଡ୍ ବାସୁମତୀ ଓ ଅଣବାସୁମତୀ ଚାଉଳର ମାନୁଫ୍ୟାକ୍ଚରିଂ, ଟ୍ରେଡିଂ, ପ୍ରୋସେସିଂ ଓ ମାର୍କେଟିଂର ବ୍ୟବସାୟ କ୍ଷେତ୍ରରେ ନିୟୋଜିତ ରହିଛି ।

# ବିଜେଡିରେ ଯୋଗ ଦେଲେ ପୁରୀର ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକ

ଭୁବନେଶ୍ୱର (ସବ୍ୟ) : ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାଭିମୁଖୀ ସ୍ୱଚ୍ଛ, ନିର୍ମଳ ଶାସନ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ପୁରୀ ସହରର ଜଣାଶୁଣା ତଥା ବରିଷ୍ଟ ସାମ୍ବାଦିକ ବିଶ୍ୱଜି ପଟ୍ଟନାୟକ ଗୁରୁବାର ବିଧିବଧ ଭାବେ ବିଜୁ ଜନତା ଦଳରେ ଯୋଗ ଦାନ କରିଛନ୍ତି । ଭୁବନେଶ୍ୱର ବିଜୁ ଜନତା ଦଳ ଶଙ୍ଖ ଭବନ ଠାରେ ଆୟୋଜିତ ଏକ ଦଳୀୟ ବୈଠକରେ ଶ୍ରୀ ପଟ୍ଟନାୟକ ଯୋଗ ଦେଇ ଛନ୍ତିଛ ଦଳର ସଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସାଂସଦ ଶ୍ରୀ ଶୁଭାଶିଷ ଖୁଣ୍ଟିଆ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ ଦାସବର୍ମା, ଜିଲ୍ଲା ସଭାପତି ଦିବାକର ପାତ୍ର, ପୁରୀ ଲୋକ ସଭା ସାଂସଦ ପ୍ରାର୍ଥି ଅରୂପ କୁମାର ପଟ୍ଟନାୟକ, ପୁରୀ ବିଧାୟକ ପ୍ରାର୍ଥି ସୁନିଲ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ଯୋଗ ଦାନ କରିଛନ୍ତି । ଦଳ ପକ୍ଷରୁ




ସାଂଗଠନିକ ସମ୍ପାଦକ ପ୍ରକାଶ ଦାସ ସାମ୍ବାଦିକ ବିଶ୍ୱଜିତଙ୍କ ବେକରେ ଶଙ୍ଖ ଚିହ୍ନ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ବଶିଷ୍ଠ ବିଜେଡ଼ି ନେତା ରାମକୃଷ୍ଣ ଦାସ ମହାପାତ୍ର, ସୁରେନ୍ଦ୍ର ନାଥ ଦାସ, ଗୌରହରି ପ୍ରଧାନ, ପୁଷ୍ପାଞ୍ଜଳି ରଣା, ପ୍ରକାଶ ମିଶ୍ର, ବିଜୟ ମିଶ୍ର, ଶାନ୍ତିଲତା ପ୍ରଧାନ, ଭକ୍ତ ଚରଣ ଦାସ, ଭଗବାନ ପଡ଼ିଆରି, ନାରାୟଣ ଖୁଣ୍ଟିଆ, ଭଗବାନ ପଢିଆରି, ରବିନ୍ଦ୍ର ନାଥ ପଢିଆରୀ, ଭକ୍ତ ଚରଣ ଦାସ, ସବ୍ୟସାଚୀ ମହାପାତ୍ର, ଗୋପାଳ କୃଷ୍ଣ ପଣ୍ଡାଙ୍କ ସମେତ ବହୁ ଦଳୀୟ ନେତୃ ବୃନ୍ଦ ଉପସ୍ଥିତ ଥିଲେ ।

## ବାସୁଦେବପୁର ନିର୍ବାଚନମଣ୍ଡଳୀ

# ଘୋଷଣାରେ ଅଟକିଛି କଂଗ୍ରେସ ଓ ବିଜେପି : ପ୍ରଚାର ଆଗୁଆ ବିଜେଡି

ବାସୁଦେବପୁର,(ସବ୍ୟ):ଆରମ୍ଭ ହୋଇଛି ଗଣତନ୍ତ୍ରର ମହାପର୍ବ ନିର୍ବାଚନ । ଓଡିଶା ବିଧାନସଭା କ୍ଷେତ୍ରରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ବେଶ୍? ଗୁରୁତ୍ୱପୂର୍ଣ୍ଣ ବହନ କରିଆସୁଛି । ଏହି ନିର୍ବାଚନରେ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ଘୋଷଣାରେ ଅଟକି ରହିଥିବା ବେଳେ ଶାସକ ବିଜୁ ଜନତା ଦଳ ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀ ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ନାମ ଘୋଷଣା କରି ପ୍ରଚାର କ୍ଷେତ୍ରରେ ଆଗୁଆ ରହିଛି । ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଗତ ୩୪ ବର୍ଷ ଧରି ଜନତା ଦଳ ଓ ପରେ ବିଜେଡିର ଗଡ ଭାବେ ପରିଗଣିତ ହୋଇ ଆସୁଛି । ଦିବଙ୍ଗତ ନେତା ବିଜୟଶ୍ରୀ ରାଉତରାୟ ୧୯୯୦ ମସିହା ଠାରୁ ୨୦୧୪ ମସିହା ପର୍ଯ୍ୟନ୍ତ ରାଜନର୍ତିକ ମୈଦାନରେ ଛକା ମାରି ରାଜନିତିରୁ ସନ୍ୟାସ ନେଇଥିଲେ । ବିଜୟଶ୍ରୀ ରାଉତରାୟଙ୍କ ସମୟରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ବିକାଶର ସ୍ମାରକୀ ବିଭିନ୍ନ ପଂଚାୟତର ମୁକ ସାକ୍ଷୀ ସାଜିଛି । ଗତ ୨୦୧୯ ନିର୍ବାଚନରେ ବିଜୟଶ୍ରୀଙ୍କ ପୁଅ ବିଷ୍ଣୁବ୍ରତ ରାଉତରାୟ ବିଜେଡିରୁ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସରୁ ଅଶୋକ କୁମାର ଦାସ,ବିଜେପିରୁ ମାଧବାନନ୍ଦ ମଲ୍ଲିକ,ଟିଏମସିରୁ ନାଥ ବୈରାଗୀ ଦାସ ବେହେରା,ନିର୍ମଳ ମଳିକ ବିଏସପି ଓ ସ୍ୱାଧିନରୁ ସବିତା ପାକଳ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ । ଏହି ନିର୍ବାଚନରେ ବିଷ୍ଣୁବ୍ରତ ରାଉତରାୟ ୭୮ ହଜାର ୯ ଶହ ୬୩ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିଲେ । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ୨୦୨୨ ରେ ବିଜେପି ଦୁଇ ନମ୍ବର ଓ କଂଗ୍ରେସ ତିନି ନମ୍ବରରେ ଥିଲା । ପଂଚାୟତ ଓ ପୌରପାଳିକା ନିର୍ବାଚନକୁ ଲକ୍ଷ୍ୟ କଲେ ବାସୁଦେବପୁର ବିଧନସଭା ଆସନରେ ବିଜୁ ଜନତା ଦଳ ଅନ୍ୟ ରାଜନୈତିକ ଦଳ ଠାରୁ ବହୁ ଆଗରେ ରହିଛି । ବାସୁଦେବପୁର ବହୁ ବିକାଶ ମୂଳକ କାର୍ଯ୍ୟକୁ ବିରୋଧ ସହଜରେ ଗ୍ରହଣ କରିପାରୁନଥିବା ବେଳେ ଭୋଟ ବିକାଶ ମୂଳକ କାର୍ଯ୍ୟକୁ ପ୍ରସଂଶା କରୁଛନ୍ତି । ଆଗାମୀ ଦିନରେ କଂଗ୍ରେସ ଓ ବିଜେପିର ପ୍ରାର୍ଥୀ ଘୋଷଣା ହେଲେ ଭୋଟର ବିକାଶ ସପକ୍ଷରେ ଯିବେ ନା ପ୍ରାର୍ଥୀକୁ ଗୁରୁତତ୍ୱ ଦେବେ ସମୟ କହିବ।

# ଜନ୍ମମାଟିରୁ ପ୍ରଚାର ଆରମ୍ଭ କଲେ ପ୍ରକାଶ

କଟକ (ସବ୍ୟ) ବାରବାଟୀ କଟକ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ବୁଧବାର ତାଙ୍କ ପେତୃକ ଘର ତଥା ଜନ୍ମସ୍ଥାନ ମାଛୁଆବଜାର( ୱାର୍ଡ ନଂ ୨୫)ରୁ ନିଜର ପ୍ରଚାର- ପଦଯାତ୍ରା ଆରମ୍ଭ କରିଛନ୍ତିଛ ମାଛୁଆ ବଜାର ଆରାଧ ଦେବୀ ମା ବାସନ୍ତୀ ଦୁର୍ଗାଙ୍କୁ ଦର୍ଶନ କରିବା ପରେ ଶ୍ରୀ ବେହେରା ପ୍ରଚାର ଆରମ୍ଭ କରିଥିଲେଛ ପରେ ଅଞ୍ଚଳର ନିଜର ସଂପର୍କୀୟ, ଗୁରୁଜନଙ୍କ ଆଶୀବାଦ ନେଇଥିଲେଛ ସାହିରେ ତାଙ୍କୁ ସ୍ୱାଗତ କରାଯାଇଥିଲାଛ ଏହି ପଦଯାତ୍ରରରେ ଶ୍ରୀ ବେହେରାଙ୍କ ସହିତ ବିଜେଡି ନଗର ସଭାପତି ମଧୁସୂଦନ ସାହୁ, କର୍ପୋରେଟର ସତ୍ୟରାମ ସାହୁ, ବିଜେଡି ୱାର୍ଡ ସଭାପତି ସଞ୍ଜୀବ ସାହୁ, ପୂର୍ବତନ କର୍ପୋରେଟର ପାରୁଲ ଜୟସ୍ୱାଲ, ମହିଳା ଶାଖା ସଭାପତି ପ୍ରାଚୀ ମହାରଣା, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର କାହାଲୀ, ଓ ବିଜୁ



କାହାଳୀଙ୍କ ସମେତ ୱାର୍ଡର ଶହ ଶହ ସଂଖ୍ୟାରେ ବିଜେଡି କର୍ମୀ ଏଥିରେ ସାମିଲ ହୋଇଥିଲେଛ ଏଥି ସହିତ ଶ୍ରୀ ବେହେରା ୨୮ ଓ ୩୦ ନମ୍ବର ୱାର୍ଡରେ ପ୍ରଚାର କରିଥିଲେ ୨୮ ନଂ ୱାର୍ଡ ର କର୍ପୋରେଟର ବନଲତା ପ୍ରଧାନ, ୱାର୍ଡ ସଭାପତି ଜନସନ୍ ମହାପାତ୍ର, ୩୦ ନଂ ୱାର୍ଡର କର୍ପୋରେଟର ରବିନାରାୟଣ ସାହୁ, ୱାର୍ଡ ସଭାପତି ସୁଚତ ମହାପାତ୍ର, କଟକ ଜିଲ୍ଲା ବିଜେଡ଼ି ଉପସଭାପତି ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ ବିଜୁ ଯୁବ, ଛାତ୍ର, ମହିଳା ଦଳର ବହୁ କର୍ମୀ ସାମିଲ ହୋଇଥିଲେ ।

## ପାନାସୋନିକ ଓଡିଶାରେ ନୂତନ ଏସି ପରିସର ଉନ୍ମୋଚନ କରିଛି ଯାହାକି ସ୍ମାର୍ଟ ଜୀବନ ଯାପନ ପାଇଁ ମେଟର ସକ୍ଷମ ଆରଏସି ସୁବିଧା ସହିତ ଉପଲବ୍ଧ

ଭୁବନେଶ୍ୱର (ସବ୍ୟ): ପାନାସୋନିକ ଲାଇଫ ସଲ୍ୟୁସନ୍ସ ଇଣ୍ଡିଆ - ଏକ ଅଗ୍ରଣୀ ବିବିଧ ଟେକ୍ନୋଲୋଜି କମ୍ପାନୀ ଆଜି ଓଡିଶା ବଜାରରେ ନୂତନ ଏୟାର କଣ୍ଡିସନରର'ର ୨୦୨୪ ଲାଇନ-ଅପ ଘୋଷଣା କରିଛି। ୧.୦, ୧.୫ ଏବଂ ୨.୦-ଟନ ମଡେଲର ଏକ ବ୍ୟାପକ ଶୃଂଖଳାର ବୈଶିଷ୍ଟ୍ୟ ଥିବା ୬୦ରୁ ଅଧିକ ମଡେଲ, ଏୟାର କଣ୍ଡିସନରର'ର ସର୍ବଶେଷ ପରିସର ବର୍ତମାନ ସମସ୍ତ ମୁଖ୍ୟ ରିଟେଲ ଆଉଟଲେଟ, ଇ-କମର୍ସ ପ୍ଲାଟଫର୍ମ ଏବଂ ପାନାସୋନିକ ବ୍ରାଣ୍ଡ ଷ୍ଟୋରରେ ଉପଲବ୍ଧ । ଏୟାର କଣ୍ଡିସନର ଗ୍ରୁପ, ପିଏମଆଇଏନ,ପିଏଲଏସଆଇଏନଡି ଅଭିଷେକ ବର୍ମା କହିଥିଲେ, 'ଆମର ନିକଟରେ କରାଯାଇଥିବା ଅଧ୍ୟୟନରେ ଓଡିଶାର ଗ୍ରାହକଙ୍କ ମଧ୍ୟରେ ପ୍ରମୁଖ ଚିନ୍ତା ଥିବା ଜଣାପଡିଛି, ବିଶେଷତଃ ରାତିରେ ଏସି ତାପମାତ୍ରାକୁ ବାରମ୍ବାର ସଜାଡିବାର ହଇରାଣ, ଥଣ୍ଡା ପ୍ରଦର୍ଶନ, ବାହ୍ୟ ୟୁନିଟର କଳଙ୍କି ଏବଂ ରକ୍ଷଣାବେକ୍ଷଣ ଏବଂ ସେବା ଆବଶ୍ୟକତା ଉପରେ କେନ୍ଦ୍ରିତ ।ତେଣୁ ଗ୍ରାହକଙ୍କ ଏହି ବିକାଶଶୀଳ ଆବଶ୍ୟକତାକୁ ଧ୍ୟାନରେ ରଖି ପାନାସୋନିକ ଏସିର ନୂତନ ପରିସର ବିକଶିତ ହୋଇଛି । ପାନାସୋନିକ ଠାରୁ ଭାରତର ପ୍ରଥମ ମେଟର-ସକ୍ଷମ ଏସି କେବଳ ପାରମ୍ପରିକ କାର୍ଯ୍ୟଦକ୍ଷତା ପ୍ରଦାନ କରେ ନାହିଁ ବରଂ ଆମର ଇକୋ-କଠିନ କେସିଙ୍ଗ ସହିତ ନିର୍ଭରଯୋଗ୍ୟତା ଏବଂ ସ୍ଥାୟୀତ୍ୱ ମଧ ଆଣିଥାଏ ।

# ଉଠ ଓଡ଼ିଆ ସଂକଳ୍ପ ଯାତ୍ରା ଦ୍ୱିତୀୟ ଦିନରେ ପହଞ୍ଚିଲା ଗୋପବନ୍ଧୁଙ୍କ ଜନ୍ମପୀଠରେ

ପୁରୀ (ସବ୍ୟ): ଓଡ଼ିଆମାନଙ୍କୁ ଜାଗ୍ରତ କରି ଭବିଷ୍ୟତରେ ବାସ୍ତବ ଅର୍ଥରେ ଏକ ସମୃଦ୍ଧ ଓ ସମ୍ପନ୍ନ ଓଡ଼ିଶା ଗଠନ କରିବା ପାଇଁ ଆରମ୍ଭ ହୋଇଥିବା 'ଉଠ ଓଡ଼ିଆ ସଂକଳ୍ପ ଯାତ୍ରା' ଦ୍ୱିତୀୟ ଦିନରେ ପୁରୀ ଜିଲ୍ଲାର ଚନ୍ଦନପୁରରୁ ବାହାରି ପ୍ରାୟ ଦଶ




କିଲୋମିଟର ଚାଲି ମଧ୍ୟାହ୍ନରେ ସତ୍ୟବାଦୀ ବନ ବିଦ୍ୟାଳୟରେ ପହଞ୍ଚିଥିଲା । ସେଠାରେ ସ୍ଥାନୀୟ ଲୋକମାନଙ୍କୁ ନେଇ ଏକ ବୈଠକ କରାଯାଇଥିଲା । ରାସ୍ତାରେ ପଦଯାତ୍ରୀମାନେ ପଥପ୍ରାନ୍ତ ସଭା କରି ସମ୍ପ୍ରତି ଓଡ଼ିଶା ଭୋଗୁଥିବା ସମସ୍ୟା ବିଷୟରେ ଆଲୋଚନା କରିଥିଲେ ଓ ଏହାର ସମାଧାନ ପାଇଁ ଆଗେଇ ଆସିବାକୁ ଓଡ଼ିଆମାନଙ୍କୁ ଆହ୍ୱାନ କରିଥିଲେ । ଓଡ଼ିଶାରେ ଓଡ଼ିଆ ଭାଷା କୋଣଠେସା ହୋଇଗଲାଣି । ଏପରି ସମୟରେ ଶୁଦ୍ଧ ଓଡ଼ିଆ ପ୍ରାଣ ଆଗେଇ ନଆସିଲେ ଆଗାମୀ ଦିନରେ ଆମ ଓଡ଼ିଶା ମହାଦୁର୍ଦ୍ଦିନ ଭୋଗିବା ସହିତ ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତା ଭୂଇଁରେ ଲୋଟିବ ।

ଆଉ ୧୨ ବର୍ଷ ପରେ ଆମ ଓଡ଼ିଶାକୁ ୧୦୦ ବର୍ଷ ପୁରିବ । ଶହେ ବର୍ଷ ପୁରିବା ବେଳକୁ ଏକ ସମ୍ପନ୍ନ ଓଡ଼ିଶାର ବାସ୍ତବ ରୂପାୟନ ଦେଖିବା ପାଇଁ ପ୍ରୟାସରତ 'ଉଠ ଓଡ଼ିଆ' ଓ ଏହି ପଦଯାତ୍ରା ଅପରାହ୍ନରେ ସତ୍ୟବାଦୀ ବନ ବିଦ୍ୟାଳୟରୁ ବାହାରି ରାତିରେ ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଠାରେ ପହଞ୍ଚିଥିଲା । ସେଠାରେ ମଧ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ରାସ୍ତାରେ ଲୋକମାନେ ଉଠ ଓଡ଼ିଆ ସଂକଳ୍ପ ଯାତ୍ରାକୁ ସ୍ୱାଗତ କରିବା ସହିତ ଯାତ୍ରାର ଉଦ୍ଦେଶ୍ୟକୁ ସମର୍ଥନ କରିଥିଲେ ଓ ଯାତ୍ରାରେ ଭାଗ ମଧ ନେଇଥିଲେ । ଏହି ଯାତ୍ରା ଆସନ୍ତା ଦୁଇଦିନ ବୀର ପୁରୁଷୋତ୍ତମପୁର, ଦାଣ୍ଡ ମୁକୁନ୍ଦପୁର, ଧଉଳି ହୋଇ ୧୪ ତାରିଖରେ ଭୁବନେଶ୍ୱରର ପି.ଏମ.ଜି. ଠାରେ ପହଞ୍ଚିବ ଓ ସେଠାରେ ଏକ ଜନସଭା କରାଯିବଛ ଏହି ଯାତ୍ରାକୁ ସୌମ୍ୟରଂଜନ ମହାନ୍ତି, ଅଶୋକ ଜେନା, କାହ୍ନୁ ଚରଣ ବେଉରା, ଜ୍ଞାନରଞ୍ଜନ ଦାସ, ସ୍ନେହଂଶୁ ଜେନା, ବିଚିତ୍ର ବିଶ୍ୱାଳ, ପ୍ରସନ୍ନ କୁଅଁର, ଦୁର୍ଗାଚରଣ ଦାସ, ପିତାମ୍ବର ଭୂୟାଁ, ସନ୍ତୋଷ ନାୟକ, ଭାସ୍କର ସାହୁ, ଅନନ୍ତ ସାମନ୍ତ, ଆଶିଷ ମୁଦୁଲି, ପ୍ରଦୀପ ସିଂହ, ଅରୁଣ ପ୍ରଧାନ, ବେଣୁ ସାହୁ, ବଳରାମ, ସଂତୋଷୀ, ବନ୍ଦିତା, ଇନ୍ଦୁମତୀ, ରମାକାନ୍ତ ମଣ୍ଡଳ ଆଦି ଏହି ଯାତ୍ରାର ନେତୃତ୍ୱ ନେଇଥିଲେ ।

# କ୍ଷୁଦ୍ରଗଳ୍ପ ସଂକଳନ ପାହାଡ଼ୀ କନ୍ୟା ଉନ୍ମୋଚିତ



ଭୁବନେଶ୍ୱର (ସବ୍ୟ): ଗାଳ୍ପିକ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ରଚିତ ଖୁଦ୍ରଗଳ୍ପ ସଂକଳନ ପାହାଡ଼ୀ କନ୍ୟା ପୁସ୍ତକ ଗୁରୁବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି । ରାଜଧାନୀର ପୁରୁଣା ବସଷ୍ଟାଣ୍ଡରେ ଥିବା ନାରାୟଣୀ ବୁକଷ୍ଟଲ ସମ୍ମୁଖରେ ଏକ ନିରାଡ଼ମ୍ବର ଉତ୍ସବରେ ଏହାକୁ ଖ୍ୟାତିସମ୍ପନ୍ନ ଲେଖକ ଡ. ଅଜୟ ସ୍ୱାଇଁ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ବିଶିଷ୍ଟ କବି କେଦାର ମିଶ୍ର, ପକ୍ଷୀଘର ପ୍ରକାଶନୀର ସମ୍ପାଦକ ବନୋଜ ତ୍ରିପାଠୀ, ଗାଳ୍ପିକ ଦେବବ୍ରତ ଜେନା, ନାରାୟଣୀ ବୁକଷ୍ଟଲର ସତ୍ତ୍ୱାଧିକାରୀ ବାବୁଲି ବେହେରା, ପୁସ୍ତକର ପ୍ରକାଶକ ସୁବାଷ ମିଶ୍ର ଓ ସାମ୍ବାଦିକ ଡ. ମାଧବ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ । ଲେଖକ ଶ୍ରୀ ମିଶ୍ରଙ୍କର ଏହା ତୃତୀୟ ପ୍ରକାଶିତ ପୁସ୍ତକ ଅଟେ ।

## ଆଇଆଇଏମ୍‌ଟିରେ ଆର୍ଥିକ ବିନିଯୋଗରେ

# ସମୀକ୍ଷା ଏବଂ ବ୍ୟବସାୟିକ ବିଶ୍ଳେଷତା ଉପରେ ଆନ୍ତର୍ଜାତିକ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟ): ଆର୍ଥିକ ବିନିଯୋଗର ସମୀକ୍ଷା ଏବଂ ବ୍ୟବସାୟିକ ବିଶ୍ଳେଷଣତା ଉପରେ ଏକ ଆନ୍ତର୍ଜାତୀୟ ସମ୍ମିଳନୀ କଣ୍ଟାବାଡ଼ସ୍ଥ ଆଇଆଇଏମ୍‌ଟି ର ପ୍ରଫେସର୍ ଡ଼କ୍ଟର ଶ୍ରୀକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ ବିନିଯୋଗର ସମୀକ୍ଷା ଉପରେ ଗୁରୁତ୍ୱ ଦେଲେ ବ୍ୟବସାୟିକ ସଫଳତା ମିଳିଥାଏ ବୋଲି ସେ କହିଥିଲେ । ପ୍ରଥମେ ଏହି କାର୍ଯ୍ୟକ୍ରମକୁ ଜୁମା ମାଧ୍ୟମରେ ଇଟାଲିସ୍ଥ ପେରୁପିଇଅ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ପ୍ରଫେସର ଡ଼କ୍ଟର ଫ୍ରାନ୍‌ସିସ୍ ବର୍ଟିଲୋଚି, ଆର୍ଥିକ ବିନିଯୋଗରେ ସମୀକ୍ଷା ଏବଂ ବ୍ୟବସାୟିକ ମିତବ୍ୟୟତା ଉଦ୍ୟୋଗ ସ୍ଥାପନର ମୂଳ ଲକ୍ଷ ବୋଲି କହିଥିଲେ । ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ସୂଚନା



କମିଶନର, ଓଡ଼ିଶା ଜଗଦାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦିବାସୀ ମାନଙ୍କର ଜଙ୍ଗଲଜାତ ଏବଂ କୃଷି ଜାତ ଦ୍ରବ୍ୟର ବିକ୍ରିବଟା ସଠିକ୍ ମୂଲ୍ୟରେ ହୋଇପାରିଲେ ସେମାନଙ୍କ ଆର୍ଥିକ ଉନ୍ନତି ହୋଇପାରିବ ବୋଲି ମତ ରଖିଥିଲେ । ପ୍ରାରମ୍ଭରେ ଆଇଆଇଏମ୍‌ଟି ର ଆସୋସିଏଟ ପ୍ରଫେସର ସୋମା ମିତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିବା ସଂଗେ ସଂଗେ ପ୍ରଫେସର୍ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଡ଼ିନ୍ ଏକାଡ଼େମୀ ଏବଂ ପ୍ରଫେସର୍ ଡ଼କ୍ଟର ଜଗମୋହନ ପଟ୍ଟନାୟକ ଡ଼ିନ୍ ପ୍ରଶାସନିକ ଏବଂ ଛାତ୍ରକଲ୍ୟାଣ ଯଥାକ୍ରମେ ସ୍ୱାଗତ ଭାଷଣ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଜିଲ୍ଲା ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁଁ ପାଟପର୍ବରେ ବିଭ୍ରାଟ

# ପ୍ରତିବାଦରେ ଭକ୍ତାଙ୍କ ସହ ରାସ୍ତାରୋକରେ ସାମିଲେ ହେଲେ ବିଧାୟକ

ବାରିପଦା, (ସବ୍ୟୁ) : ରାଜରାଜୁଡା ସମୟରୁ ପବିତ୍ର ଚୈତ୍ର ପର୍ବ ଅବସରରେ ପାଟ ଭକ୍ତା ମାନଙ୍କ ପକ୍ଷରୁ ଭକ୍ତା ପର୍ବ ପାଳିତ ହୋଇଆସୁଛି । ମାତ୍ର ଜିଲ୍ଲାପ୍ରାଶାସନର ଅବହେଳା ତଥା ଖାମ୍‌ଖିଆଲି ମନୋଭାବ ଯୋଗୁଁ ଗୁରୁବାର ପାଟ ଭଚ୍ଛା ମାନଙ୍କର କଣ୍ଟାପାଟ ପର୍ବ ଅନୁଷ୍ଠିତ ହୋଇପାରିନାହିଁ । ଫଳରେ ଏହାକୁ ନେଇ ପାଟଭକ୍ତା ଓ ଭକ୍ତ ମହଲରେ ଗଭୀର ପ୍ରତିକ୍ରିୟା ପ୍ରକାଶ ପାଇଛି ।



ଗୁରୁବାର ଭକ୍ତା ମାନେ ପାରମ୍ପାରିକ ସାଜସଜାରେ ଏମ୍‌ପିସି ଜୁନିୟର କଲେଜ ସିଦ୍ଧେଶ୍ୱର ଶିବ ମନ୍ଦିର ନିକଟରେ କଣ୍ଟାପାଟ ଅବସରରେ ଚାଲିବାକୁ ଥିବାବେଳେ କିଛି ହାତଗଣତି କଣ୍ଟା ପଡିଥିବା ଦେଖି ପାଟୁଆ ମାନେ କଡା ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଏଣେ ଭକ୍ତା ମାନଙ୍କୁ ବୁଝାସୁଝା କରିବା ପାଇଁ ଜିଲ୍ଲା ପ୍ରଶାସନ କି ଦେବତ୍ତୋର ବିଭାଗର କୌଣସି ଅଧିକାରୀଙ୍କ ଦେଖା ମିଳିନଥିଲା । ଶେଷରେ ଭକ୍ତାମାନେ ଏମ୍‌ପିସି କଲେଜ ସମ୍ମୁଖ ରାସ୍ତାକୁ ଅବରୋଧ କରି କଡା ପ୍ରତିକ୍ରିୟା ରଖିଥିଲେ । ଏହି ପ୍ରତିବାଦକୁ ସମର୍ଥନ କରି ବାରିପଦା ବିଧାୟକ ପ୍ରକାଶ ସୋରେନ୍ ଓ ଭଞ୍ଜସେନା ସଭାପତି ପିଣ୍ଟୁ ମାଇତି ଭକ୍ତା ମାନଙ୍କ ସହିତ ଧାରଣାରେ ବସିଥିଲେ ।

ଏହି ଅବସରରେ ବାରିପଦା ବିଧାୟକ ପ୍ରକାଶ ସୋରେନ୍ ଭକ୍ତାମାନଙ୍କର ଏହି ନ୍ୟାର୍ଯ୍ୟକୁ ଦାବୀ ତୁରନ୍ତ ପୂରଣ କରିବା ପାଇଁ ଦାବି କରିବା ସହ ପ୍ରଶାସନିକ ଅଧିକାରୀଙ୍କୁ ଫୋନ୍ କରି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଏହି ଘଟଣା ସାମାଧାନ କରିବାକୁ ତାଗିତ୍ କରିଥିଲେ । ବହୁ ଘଣ୍ଟା ଧରି ରାସ୍ତା ଅବରୋଧ ହେବାପରେ ଶେଷରେ ପୋଲିସଙ୍କ ଉପସ୍ଥିତିରେ ଜିଲ୍ଲା ଦେବତ୍ତୋର ଅଧିକାରୀ ମାନସୀ ତରେଇ ଘଟଣାସ୍ଥଳରେ ପହଞ୍ଚି ଭକ୍ତାମାନଙ୍କୁ ବୁଝାସୁଝା କରିଥିଲେ । ସେ କାର୍ଯ୍ୟରେ ନୂତନ କରି ଯୋଗଦାନ କରିଥିବାରୁ ଏ ବିଷୟରେ ଅବଗତ ନଥିବାରୁ ଦୁଃଖପ୍ରକାଶ କରିଥିଲେ । ଅପରପକ୍ଷରେ ସାଧାରଣ ନିର୍ବାଚନ ବାହାନାରେ ଜିଲ୍ଲାପ୍ରଶାସନ ପକ୍ଷରୁ ପ୍ରସିଦ୍ଧ ଚୈତ୍ର ପର୍ବ ଓ ଭକ୍ତା ମାନଙ୍କର ଚିରାଚରିତ ପାରମ୍ପାରିକ କାର୍ଯ୍ୟକ୍ରମକୁ ଅବହେଳା କରିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଥିଲା ।

ଭକ୍ତା ମାନଙ୍କର କଣ୍ଟା ପର୍ବ ପାଳନ ଗୁରୁବାର ଅନୁଷ୍ଠିତ ହୋଇପାରି ନ ଥିବାରୁ ଚଳିତ ବର୍ଷ ଭକ୍ତା ମାନଙ୍କର ପାଟ ପର୍ବ ଅନୁଷ୍ଠିତ ହେବାରେ ବିଭ୍ରାଟ ହେବାକୁ ସବୁରୀ ମହଲରେ ନାପସନ୍ଦ କରାଯାଇଛି । ଆଗାମୀ ଦିନରେ ଜିଲ୍ଲାପ୍ରଶାସନ ଭକ୍ତଙ୍କ ଭାବାବେଗ ପ୍ରତି ଦୃଷ୍ଟି ଦେବାକୁ ଭକ୍ତ ମହଲରେ ଦାବି ହୋଇଛି ।

## ଶିମିଳିପାଳ ଅଭୟାରଣ୍ୟରୁ ୨ ଶିକାରୀଙ୍କୁ ଗିରଫ କଲେ ଗ୍ରାମବାସୀ

ବାରିପଦା, (ସବ୍ୟୁ) : ଶିମିଳିପାଳ ଅଭୟାରଣ୍ୟକୁ ଅବାଧରେ ଶିକାର ପାଇଁ ପଶିଥିବା ଦୁଇ ଶିକାରୀଙ୍କୁ ଗିରଫ କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି ଗ୍ରାମବାସୀ । ସେମାନଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ ସହ ଶିକାର ସଂରଜାମକୁ ମଧ୍ୟ ଜବତ୍ କରାଯାଇଛି । ଶିମିଳିପାଳ ଅଭୟାରଣ୍ୟର ଦକ୍ଷିଣ ଡିଭିଜନର ପିଠାବଟା ରେଞ୍ଜର କେନ୍ଦୁଆ ଗ୍ରାମରେ ଏହି ପରି ଘଟଣା ଘଟିଛି । ଏନେଇ ସୂଚନା ଦେଇଛନ୍ତି ଶିମିଳିପାଳ ଅଭୟାରଣ୍ୟର ଦକ୍ଷିଣ ଡିଭିଜନ ଉପନିର୍ଦ୍ଦେଶକ ସମ୍ରାଟ ଗୌଡା । ଶିମିଳିପାଳ ଅଭୟାରଣ୍ୟକୁ ଲାଗିକରି ଥିବା ବିଭିନ୍ନ ଗ୍ରାମରେ ଲୋକଙ୍କୁ ସଚେତନତା କରାଯାଇଥିବାବେଳେ ଗ୍ରାମବାସୀ ମଧ୍ୟ ସଚେତନ ହୋଇ ପ୍ରଥମଥର ପାଇଁ ଏହି ପରି ଶିକାରୀଙ୍କୁ ଅଟକ ରଖି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି ଯାହା କି ଶିମିଳିପାଳକୁ ସୁରକ୍ଷା ପାଇଁ ଏକ ଶୁଭ ସଂକେତ, ଲୋକଙ୍କୁ ଯେଉଁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ଏହା ତା'ର ଶୁଭ ସଂକେତ ବୋଲି ଉପନିର୍ଦ୍ଦେଶକ ସମ୍ରାଟ ଗୌଡା କହିଛନ୍ତି ।

ଆଗକୁ ପଣା ସଂକ୍ରାନ୍ତି ଥିବାବେଳେ ପୂର୍ବରୁ ଅଖଣ୍ଡ ଶିକାର ନାମରେ ଶହ ଶହ ଶିକାରୀ ଶିମିଳିପାଳ ଅଭୟାରଣ୍ୟକୁ ପ୍ରବେଶ କରି ମନଇଚ୍ଛା ଶିକାରୀ କରି ଥାଆନ୍ତି । ସଂକ୍ରାନ୍ତି ପୂର୍ବରୁ ଶିକାରୀ ମୁକ୍ତ କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ବେଳେ ଶିକାରୀଙ୍କୁ ସହସ ଦେଖାଇ ବିଭାଗକୁ ଖବର ଦେଇଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ ବୋଲି କହିଛନ୍ତି ସମ୍ରାଟ ଗୌଡା । ଶିମିଳିପାଳକୁ ଶିକାରୀ ମୁକ୍ତ କରିବା ପାଇଁ



ଶିମିଳିପାଳ ଅଭୟାରଣ୍ୟରେ ବନ କର୍ମଚାରୀଙ୍କ ସହ ଏସଟିଏଫ, ପୋଲିସ ମୃତୟନ କରାଯାଇଛି । ଶିମିଳିପାଳ ଅଭୟାରଣ୍ୟରେ ଗତ ଦୁଇବର୍ଷ ମଧ୍ୟରେ ଉଭୟ ପୋଲିସ ଓ ବନ ବିଭାଗ ଛଅ ଶହରୁ ଉର୍ଦ୍ଧ ଦେଶୀ ବନ୍ଧୁକ ଜବତ କରିଥିବା ସହ ୪୮ଜଣଙ୍କୁ ଗିରଫ କରାଯାଇଛି ।

## ବୁଗୁଡ଼ା ଓକିଲ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ବୁଗୁଡ଼ା, (ସବ୍ୟୁ): ଗତ ମାର୍ଚ୍ଚ ୩୦ ତାରିଖରେ ଅନୁଷ୍ଠିତ ବୁଗୁଡ଼ା ଓକିଲ ସଂଘର ନିର୍ବାଚନରେ ନିର୍ବାଚିତ ହୋଇଥିବା କର୍ମକର୍ତ୍ତାଗଣ ଆଜି ଶପଥ ଗ୍ରହଣ କରିଛନ୍ତି। ନବ ନିର୍ବାଚିତ ସଭାପତି ବନବାସୀ ମହାରଣା, ଉପସଭାପତି ସରୋଜ କୁମାର ଦାଶ, ସମ୍ପାଦକ ଦୁର୍ଗା ମାଧବ ପଣ୍ଡା, ଯୁଗ୍ମ ସମ୍ପାଦକ ସିମାଞ୍ଚଳ ନନ୍ଦ, କୋଷାଧ୍ୟକ୍ଷ କାହ୍ନୁ ଚରଣ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ସୁଶାନ୍ତ କୁମାର ଡାକୁଆ, ଆଶିଷ କୁମାର ରାଉତ ଓ ରବିନ୍ଦ୍ର ନାଥ ବେହେରା ପ୍ରମୁଖଙ୍କୁ ନିର୍ବାଚନ ଅଧିକାରୀ ସତ୍ୟ ନାରାୟଣ ମିଶ୍ର ଶପଥ ପାଠ କରାଇଥିଲେ। ଏହା ପରେ କର୍ମକର୍ତ୍ତାଗଣ ବୁଗୁଡ଼ା ଓକିଲ ସଂଘର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ ।

## ମା'ଲାଲପାଟ ସାଲପାଟ ଗ୍ରାମଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ପୂଜା

ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସ୍ଥିତ ବହୁ ପୁରାତନ ଲାଲପାଟ ସାଲପାଟ ଗ୍ରାମଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହ ବାର୍ଷିକ ପୂଜାବିଧି ଆରମ୍ଭ ହୋଇଯାଇଛି । ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଅଧିବାସ, କଳସ ଶୋଭାଯାତ୍ରା, ଅଙ୍କୁରା ରୋପଣ ଆଦି ଅନୁଷ୍ଠିତ ହୋଇଯାଇଛି । ସକାଳେ ମା'ଅମ୍ବିକାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ବୁଢାରାହୁଳ ମଠ ନିକଟସ୍ଥ ବୁଢ଼ାବଳଙ୍ଗ ଓ ଚିପଟ ନଦୀର ସଙ୍ଗମ ସ୍ଥଳରୁ କଳସ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା । ପ୍ରାୟ ୧୫୦ରୁ ଉର୍ଦ୍ଧ ଉଭୟ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ମୁଣ୍ଡରେ ପୂର୍ଣ୍ଣକୁମ୍ଭ ନେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଓ ଶଙ୍ଖ, ଘଣ୍ଟ ଘଣ୍ଟା, ମୃଦଙ୍ଗ ଓ ହରିବୋଲ ଧ୍ୱନି ଦେଇ ପ୍ରାୟ ୫କିଲୋମିଟର ଯାତ୍ରା କରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ । ତାପରେ ରୀତିନୀତି ଅନୁସାରେ ମା'ଙ୍କ ପୂଜାବିଧି ଆରମ୍ଭ ହୋଇଥିଲା । ୧୨ତାରିଖ ଦିନ ସକାଳ ୬ଘଟିକାରେ ନାମ ସଂକୀର୍ତ୍ତନ ସହ ମନ୍ଦିର ପ୍ରତିଷ୍ଠା କର୍ମ ଏବଂ ୧୩ତାରିଖ ଦିନ ସକାଳ ୮ଘଟିକା ସମୟରେ ଦଧିନଉତି ଏବଂ ପରେ ପରେ ସର୍ବସାଧାରଣ ପୂଜା, ଯଜ୍ଞ, ବାର୍ଷିକ ପୂଜା, ପୂର୍ଣ୍ଣାହୂତି, ପୁଷ୍ପାଞ୍ଜଳି ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ କମିଟି ତରଫରୁ ପ୍ରକାଶ ଏବଂ ବହୁ ସଂଖ୍ୟାରେ ଉପସ୍ଥିତ ରହି ମା'ଙ୍କ ସାନ୍ନିଦ୍ଧଲାଭ କରିବାକୁ ଅନୁରୋଧ ।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଜରୁରୀକାଳୀନ ବୈଠକ

ବାରିପଦା, (ସବ୍ୟୁ) : ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ଆଶଙ୍କା ନେଇ ମୟୂରଭଞ୍ଜ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଏକ ଜରୁରୀକାଳୀନ ସମୀକ୍ଷା ବୈଠକ କରିଥିଲେ । ଏହି ବୈଠକ ସନ୍ଧ୍ୟା ୫ଟାରେ ଜିଲ୍ଲାପାଳଙ୍କ ସ୍ଥାନୀୟ ଓସୱାନ ହଲ ଠାରେ ସମସ୍ତ ଅତିରିକ୍ତ ଜିଲ୍ଲପାଳ, ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପଖଣ୍ଡ ସ୍ତରୀୟ ଅଧିକାରୀ ଏବଂ ଜିଲ୍ଲା ସ୍ତରୀୟ ଜରୁରୀକାଳୀନ ଅଧିକାରୀ ମାନଙ୍କୁ ନେଇ ଆୟୋଜିତ ହୋଇଥିଲା । ଜିଲ୍ଲାର ବିଭନ୍ନ ସ୍ଥାନରେ ପାନୀୟ ଜଳକୁ ନେଇ ଦେଖା ଦେଇଥିବା ସମସ୍ୟାକୁ ମୁଖ୍ୟ ଆଧାରରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିବା ସମୟରେ, ଗଣମାଧ୍ୟମରେ ପ୍ରକାଶିତ ସମସ୍ତ, ବ୍ଲକରେ ପାନୀୟଜଳ ଦ୍ୱାରା ଦେଖା ଦେଇଥିବା ସମସ୍ୟା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ ।




ଏଥିସହିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଗଣମାଧ୍ୟମ ରିପୋର୍ଟ ଆଧାରରେ ସମସ୍ତ ସ୍ଥାନରେ ୪୮ ଘଣ୍ଟା ମଧ୍ୟରେ ପାନୀୟଜଳ ଯୋଗୁଁ ହେଉଥିବା ଅସୁବିଧାକୁ ସମ୍ପୂର୍ଣ୍ଣ ରୂପେ ମୂଳପୋଛ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ପାନୀୟ ଜଳ ସମୟାନେଇ ଗ୍ରାମବାସୀ ମାନେ ଭୋଟ ବର୍ଜନ ଚେତାବନୀ ସମସ୍ତଙ୍କୁ ଗମ୍ଭୀର ଭାବେ ନେବା ପାଇଁ କହିଥିଲେ । ଏହି ସବୁ ମୌଳିକ ସୁବିଧାରୁ ବଂଚିତ ହେବା ଏବଂ ଏହା ଆଧାରରେ ଭୋଟ ବର୍ଜନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଜିଲ୍ଲାପାଳ କହିଥିଲେ । ଏଥିସହିତ ଗ୍ରୀଷ୍ମର ପ୍ରକୋପ ଧୀରେ ଧୀରେ ବଢିବାକୁ ଥିବାବେଳେ ଗ୍ରୀଷ୍ମ ପ୍ରବାହର ଉପଯୁକ୍ତ ମୁକାବିଲା ଓ ପରିଚାଳନା ନିମନ୍ତେ ଏହାର ସଠିକ ମୁକାବିଲା ଏବଂ ଅଂଶୁଘାତରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ଆଜିର ବୈଠକରେ ଅଧିକାରୀମାନଙ୍କୁ ବିସ୍ତୃତ ଭାବେ ଜିଲ୍ଲାପାଳ ଶ୍ରୀ ସିନ୍ଧେ, ବୁଝାଇଥିଲେ । ବାହାରେ ବୁଲୁଥିବା ପଶୁ ପକ୍ଷୀ ମାନଙ୍କ ପାଇଁ ଆବଶ୍ୟକ ପରିମାଣର ଜଳ ରଖିବା ପ୍ରତି ଗୁରୁତ୍ୱ ଦେଇଥିଲେ । ଆଗାମୀ ୧୩ ତାରିଖ ଠାରୁ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ପୂର୍ବାନୁମାନ କରା ଯାଇଥିବାରୁ ଏଥିପ୍ରତି ସଜାଗ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

ସୂଚନା ଥାଉକି, ଗ୍ରୀଷ୍ମ ପ୍ରବାହ ସହିତ କାଳ ବୈଶାଖୀ ହେବାର ସମ୍ଭାବନା ଥିବାରୁ, କ୍ଷୁଦ୍ର ମରାମତି ହେଉଥିବା ଆବାସ ଏବଂ ଜରୁରୀକାଳୀନ କାର୍ଯ୍ୟପାଇଁ ସମସ୍ତ ଉଚିତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ଆଦେଶ ଦେଇଥିଲେ । ସମସ୍ତ ପର୍ଯ୍ୟଟନ ସ୍ଥଳୀ ମାନଙ୍କୁ ସାମୟିକ ଭାବେ ବନ୍ଦ ରଖିବାକୁ ଏବଂ ଅଧିକ ଶ୍ରମ ଆବଶ୍ୟକ କାର୍ଯ୍ୟ ଗୁଡିକୁ ଦିନ ୧୧ଟା ରୁ ୩ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ପରିବହନ ଅଧିକାରୀ ବିସ୍ୱରାଜ ବେହେରା, ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଗ୍ରୀଷ୍ମପ୍ରବାହ ପରିଚାଳନା ସମ୍ପର୍କରେ ଚର୍ଚ୍ଚା କରିଥିଲେ ।

## ତାଲୁକ ଆଇନ ସେବା କମିଟି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ପ୍ରତିଭା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କମିଟିର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମନୋରଂଜନ ଦାଶଙ୍କ ପୌରହିତ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସଡିଜେଏମ ପ୍ରୀତିଶ କୁମାର ରଥ, ଛତ୍ରପୁର ଏସଡିପିଓ ଗୌରହରି ସାହୁ, କୁମାର, କମିଟିର ସଭ୍ୟ ମନୋଜ କୁମାର ପାଢି ଓ ସୁରଜିତ ସାମନ୍ତରାୟ, ପ୍ରତିଭା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଚିନ୍ମୟ କୁମାର ଦାଶ ପ୍ରମୁଖ ଯୋଗଦେଇ ତାଲୁକ ସେବା କମିଟି ପକ୍ଷରୁ ପ୍ରଦାନ କରାଯାଉ ଥିବା ବିଭିନ୍ନ ସୁବିଧା ସମ୍ପର୍କରେ ବିଦ୍ୟାର୍ଥୀ ମାନଙ୍କୁ ସଚେତନତା କରାଇଥିଲେ ।

## ଲକ୍ଷ୍ମୀପୁର ସରପଞ୍ଚଙ୍କ ମାତୃ ବିୟୋଗ



ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମ ପଂଚାୟତ ସରପଞ୍ଚ ଝୁଲି ନାହାକଙ୍କ ମାଆ ତଥା କରାପଲ୍ଲୀ ଗ୍ରାମ ନିବାସୀ ଜ୍ୟୋସ୍ନା ନାହାକଙ୍କ ବିୟୋଗ ଘଟିଛି । ସେ ଜଣେ ଧର୍ମପାରାୟଣ ଏବଂ ପରୋପକାରୀ ମହିଳା ଭାବେ ସୁପରଚିତ ଥିଲେ। ତାଙ୍କର ବିୟୋଗରେ ଅଂଚଳରେ ଶୋକ ଛାୟା ଖେଳି ଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ସ୍ୱାମୀ ନାରାୟଣ ନାହାକ, ଜ୍ୱାଇଁ ମାଗୁଣି ବିଷୋୟୀଙ୍କ ସମେତ ୨ ପୁଅ -ବୋହୁ, ଝିଅ -ଜ୍ୱାଇଁ, ନାତି ନାତୁଣୀ ଓ ବନ୍ଧୁବାନ୍ଧବ ଏବଂ ବହୁ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ । ଗ୍ରାମ ଶ୍ମଶାନ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ମୁଖାଗ୍ନି ବଡ଼ପୁଅ ନରେନ୍ଦ୍ର ନାହାକ ଦେଇଥିଲେ ।

## ଗଞ୍ଜାମ ଟ୍ରକ୍ ମାଲିକ ସଂଘ ବୈଠକ




ବ୍ରହ୍ମପୁର, (ସବ୍ୟୁ): ଓଡ଼ିଶାର ସର୍ବ ପ୍ରଥମ ଟ୍ରକ୍ ମାଲିକ ସଂଘ ରୂପେ ବ୍ରହ୍ମପୁର ସ୍ଥିତ ୧୯୭୧ ମସିହାରେ ଗଞ୍ଜାମ ଟ୍ରକ୍ ମାଲିକ ସଂଘ ଗଠନ ହୋଇଥିଲା । ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ କେନ୍ଦ୍ର ବ୍ରହ୍ମପୁର ସହରରେ ତତ୍‌କାଳୀନ ପୂଜସ୍ୱଦ କର୍ମକର୍ତ୍ତାଙ୍କ ପ୍ରଚେଷ୍ଟାରେ ଏହି ସଂଘ ବହୁତ ବାଧାବିଘ୍ନ ସତ୍ତ୍ୱେ ସର୍ବ ଭାରତୀୟ ସ୍ତରରେ ଏକ ପ୍ରତିଷ୍ଠିତ ଟ୍ରକ୍ ମାଲିକ ସଂଘ ହିସାବରେ ଅଦ୍ୟାବଧି କାମ କରିଆସିଛି । ଗୁରୁବାର ସଂଘର ସାଧାରଣ ବୈଠକ ସ୍ଥାନୀୟ ଫାଷ୍ଟ ଗେଟ୍ ନିକଟସ୍ଥ ନିଜ ଗୃହରେ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା ।

ପୂର୍ବ ଘୋଷିତ ସଂଜ୍ଞା ଅନୁଯାୟୀ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ତତ୍ ସଙ୍ଗେ ସଙ୍ଗେ ନିର୍ବାଚନ ପାଇଁ ଆଗାମୀ ୫ ବର୍ଷ ପାଇଁ ସଭାପତି ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଏଥିରେ ସମସ୍ତ ସଭ୍ୟ/ସଭ୍ୟା ଭାଗ ନେଇ ଏକ ସ୍ୱରରେ ନିର୍ବାଚନ ପ୍ରକ୍ରିୟାକୁ ସଂଘର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସର୍ବ ସମ୍ମତି କ୍ରମେ ଚୟନ ହିସାବରେ କରିବା ପାଇଁ ମଞ୍ଚକୁ ଅନୁରୋଧ କରିଥିଲେ ।

ସେହି ପରିପ୍ରେକ୍ଷୀରେ ସର୍ବସମ୍ମତି କ୍ରମେ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କୁ ପୁନର୍ବାର ନିର୍ବାଚିତ କରାଗଲା । ଏଥିରେ ସଭାପତି ଭାବେ ପ୍ରମୋଦ କୁମାର ଜେନା, ସାଧାରଣ ସମ୍ପାଦକ ରଞ୍ଜିତ୍ କୁମାର ପଣ୍ଡା, ଉପ ସଭାପତି ରୂପେ କାଳି ଚରଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ତଥା କୋଷାଧ୍ୟକ୍ଷ ରୂପେ ସୁବାଷ ଚନ୍ଦ୍ର ପଣ୍ଡା ତତ୍ ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ସଭାପତି ଭାବେ ନିରଞ୍ଜନ ଜେନା ଓ ସରକାରୀ କୋଷାଧ୍ୟକ୍ଷ ଭାବେ ମନୋଜ କୁମାର ପାଢ଼ୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯିବା ସହ ଏକ ୧୭ ଜଣିଆ କାର୍ଯ୍ୟକାରୀ ସଭ୍ୟ ସଂଘ ପାଇଁ ଚୟନ କରାଯାଇଥିଲା ।

ଶିବଶଙ୍କର ଦଳାଇ, ସଦାଶିବ ପାଢ଼ୀ, ପ୍ରଶାନ୍ତ ମହାରଣା, ସଞ୍ଜୟ ପାଳ, ଯୋଗେନ୍ଦ୍ର ଲେଙ୍କା, ଅରୁଣ କୁମାର ନାୟ, ନୀଳାଞ୍ଚଳ ପଣ୍ଡା, ଆର୍. ହରିବନ୍ଧୁ ରେଡ୍ଡୀ, ନୃସିଂହନାଥ ବେହେରା, ସୀମାଞ୍ଚଳ ମହାନ୍ତି, ସତ୍ୟପ୍ରସନ୍ନ ବିଷୋୟୀ, ରାଧାମାଧବ ସାହୁ, ନିଶିକାନ୍ତ ସେଠୀ, ଶ୍ରୀବତ୍ସ ସ୍ୱାଇଁ, ଉପେନ୍ଦ୍ର ମଲ୍ଲିକ, କୃଷ୍ଣଚନ୍ଦ୍ର ବିଷୋୟୀ, ବିଭୂତି ଭୂଷଣ ରଥଙ୍କୁ ଚୟନ କରାଯାଇଥିଲା ।

## ପାନ୍ଥନିବାସ ରୋଡ଼ରେ ବିରୁଳିଗଡ଼ ଦଣ୍ଡନାଚ ଯାତ୍ରା

ରମ୍ଭା, (ସବ୍ୟୁ): ଆଧାତ୍ମିକ ପରିବେଶ ମଧ୍ୟରେ ଗୁରୁବାର ଦିନ ସ୍ଥାନୀୟ ପାନ୍ଥନିବାସ ରୋଡ଼ ଗଣେଷ ପୂଜା କମିଟି ପକ୍ଷରୁ ପ୍ରାକ୍ତନ ଓଡ଼ିଆ ଅଧଛପକ ଡ଼ଃ ବିଜୟାନନ୍ଦ ମହାପାତ୍ରଙ୍କ ଅଧକ୍ଷତାରେ ବିରୁଳିଗଡ଼ ଦଣ୍ଡ ନାଚଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସର୍ବ ସମ୍ମତି କ୍ରମେ ରୀତିନୀତି ପ୍ରକାରରେ ମା ଦଣ୍ଡ କାଳୀଙ୍କ ପ୍ରଭା ଧରି ଗ୍ରାମ ପରିକ୍ରମା, ଧୁଳିଆ ଦଣ୍ଡ, ପୋଖରୀରେ ପାଣି ଦଣ୍ଡ, ସଂନ୍ଧ୍ୟା ଆଳତୀ ଏବଂ ରାତିରେ ପ୍ରଭା ନୃତ୍ୟ ସହ ମୁଠି ନିଆଁ ଖେଳ ଦେଖିବାକୁ ଶହଶହ ଶ୍ରଦ୍ଧାଳୁଙ୍କ ଆଗମନ ଓ ନିଶବ୍ଦ ରାତିରେ ଦଣ୍ଡ ନାଚ ଉପଭୋଗ କରୁଥିବା ଲକ୍ଷ୍ୟ କରାଯାଇଛି । ଏଥିସହିତ ରାତ୍ରର ପାରମ୍ପରିକ ଦଣ୍ଡ, ପ୍ରଭା ନୃତ୍ୟ ଦର୍ଶକଙ୍କୁ ଆଧ୍ୟତ୍ମିକ ଦିଗରେ ଇସାରା ଦେଉଥିବା ଲକ୍ଷ୍ୟ କରାଯାଇଥିଲା । ଏହି ଦଣ୍ଡ ନୃତ୍ୟକୁ ପରିଚାଳନାରେ ସହଯୋଗ କରିଥିଲେ ଉପଦେଷ୍ଟା ବିଜୟ ଦାସ, କୋଷାଧକ୍ଷ ପ୍ରଶାନ୍ତ କୁମାର ସେଠୀ, ଆବାହକ ତଥା କାଉନସିଲର କ୍ଷେତ୍ର ମୋହନ ବେହେରା, ଗୀତାଞ୍ଜଳି ପଟ୍ଟନାୟକ, ଆଶା ବାଜାଜ, ରାଜେଶ ବାଜାଜ, ଗୁପ୍ତେଶ୍ୱର ସେଠୀ, ବଳରାମ ବେହେରା, କାହ୍ନୁ ଚରଣ ମହାପାତ୍ର, ଭାଗିରଥି ବେହେରା, କାଳିଆ ବେହେରା, ଡାକ, ପୂର୍ଣ୍ଣ, ସୂର୍ଯ୍ୟ, ଶଙ୍କର, ବାବୁ, ଆଦିତ୍ୟ, ମିଥୁନ, ଶିବ, ଚନ୍ଦନ, କାଳିଆ ମହାରଣା, ଜୀବନ, ବିଷ୍ଣୁ, ଦୁର୍ଗା, ଅଜିତ, ଚିକୁ, ପ୍ରମୁଖ ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ ।

## ଋଷିକୂଲ୍ୟା ମୁହାଣ ମୁହଁ ସଙ୍କୁଚିତ

### ପଙ୍କ ଉଦ୍ଧାର ନହେବାରୁ ଚିଲିକାକୁ ମାଛ ଯାଆଁଳ କମୁଛି: ସଙ୍କଟରେ ମତ୍ସ୍ୟଜୀବୀ

ରମ୍ଭା, (ସବ୍ୟୁ): ଋଷିକୂଲ୍ୟା ମୁହାଣରୁ ଆସୁଥିବା ମା ମାଛ, କଙ୍କଡା ଓ ଚିଙ୍ଗୁଡ଼ି ରାସ୍ତାରେ ବାଧାପ୍ରାପ୍ତ ଯେହେତୁ ପଙ୍କ ଉଦ୍ଧାର ନ ହେବା ଓ ରାସ୍ତା ସଙ୍କୁଚିତ ହେବା ଫଳରେ ଚିଲିକାକୁ ଅଣ୍ଡା ପ୍ରଦାନ ହୋଇପାରୁନାହିଁ। ରାସ୍ତାରେ ଅବରୋଧ ମସୁରୀ ଜିରୋ ନେଟ୍ ବ୍ୟବହୃତ ହେଉଛି। ସେଥିପାଇଁ ମାଛ ଜାଆଁଳା ଉତ୍ପାଦନ କମୁଛି।



ପୁରୀ ଜିଲ୍ଲାର ୨ଲକ୍ଷ ମତ୍ସ୍ୟଜୀବି, ଖୋର୍ଦ୍ଧା ଓ ଗଞ୍ଜାମ ଜିଲାର ୨ଲକ୍ଷ ପାରମ୍ପରିକ ମତ୍ସ୍ୟଜୀବି ଅଭାବ ଅନାଟନରେ ଲକ୍ଷାଧିକ ପରିବାର ବାହାର ଦାଦନ ଖଟିବାକୁ ଯାଉଛନ୍ତି । କେବେ ଚିଲିକାରେ ପଙ୍କୋଦ୍ଧାର ହେବ? ରାସ୍ତା ପ୍ରସାରିତ ହୋଇ କଂକ୍ରିଟ ବାଡ ହେବ ଓ ଅବରୋଧ ମଶାରୀ ଜିରୋ ନେଟ ହଟାଇ ଦିଆଯିବ ଚିନ୍ତାରେ ଚିଲିକା ମତ୍ସ୍ୟଜୀବି। ମତ୍ସ୍ୟଜୀବି ନେତା ଭୀମସେନ ବେହେରା ସମେତ କର୍ମକର୍ତ୍ତା ସମସ୍ତ ମତ୍ସ୍ୟ ଅଧିକାରୀଙ୍କୁ ବହୁବାର ମୌଖିକ ଓ ପତ୍ର ମାଧ୍ୟମରେ ଜଣାଇଛନ୍ତି । କିନ୍ତୁ ଶାସକ ଓ ପ୍ରଶାସକ ଅବହେଳା କରୁଛନ୍ତି ଏକ ମତ୍ସ୍ୟଜୀବି ପ୍ରତିନିଧି ମୁହାଣ ମୁଁହ କୁ ପ୍ରତ୍ୟକ୍ଷ ଭାବେ ବୁଲି ସମସ୍ତ ଅସୁବିଧା ଦେଖିଥିଲେ। ସେମାନେ ହେଲେ ଭୀମସେନ ବେହେରା, ସେନାପତି ବେହେରା, ରଘୁନାଥ ବେହେରା ଓ ସମାଜସେବୀ ଅଭିଷେକ ମିଶ୍ରଛ ଆଗାମୀ ଦିନରେ ମତ୍ସ୍ୟଜୀବିଙ୍କ ମୌଳିକ ଅଧିକାର ଓ ଜୀବନ ଜୀବିକା ଆନ୍ଦୋଳନ ସହ ଦରକାର ପଡିଲେ ଆଇନ୍ ହାତକୁ ନେବାକୁ ବାଧ ହେବ ।

## ପୋଚାଲୁଣ୍ଡି ଦଣ୍ଡ ନାଚ, ଢୋଲ ମହୁରୀରେ ଦୁଲୁକିଲା ଶାସ୍ତ୍ରୀ ନଗର

ଆସିକା, (ସବ୍ୟୁ): ଆସିକା ପୌର ପରିଷଦ ଅଧୀନ ୧୭ନମ୍ବର ୱାର୍ଡର ଶାସ୍ତ୍ରୀନଗର ସାହି କମିଟି ପକ୍ଷରୁ ପୋଚାଲୁଣ୍ଡି ଦଣ୍ଡ ନାଚ ଗୁରୁବାରରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରେ ପୋଚାଲୁଣ୍ଡି ଦଣ୍ଡ ଦଳକୁ ବିଧିବିଧାନ ଅନୁଯାୟୀ ବରଣ କରାଯାଇ ମଧ୍ୟାହ୍ନରେ ଶାସ୍ତ୍ରୀ ନଗରରେ ଧୂଳିଦଣ୍ଡ ଅପରାହ୍ନରେ ପାଣି ଦଣ୍ଡ ଓ ଅଗ୍ନି ଦଣ୍ଡ ହୋଇଥିଲା । ସନ୍ଧ୍ୟାରେ ଆଳତି ସମୟରେ ଦେବ ଦେବ ମହାଦେବ ଓ ମହାକାଳି ଆଳତୀ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମି ଥିଲା। ରାତିରେ ସାମାଜିକ ନାଟକ କହ୍ନେଇ ରଜା ମୋ ବାଇଦ ବଜା ମଞ୍ଚସ୍ଥ ହୋଇଥିଲା । ଦିନ ତମାମ ଶାସ୍ତ୍ରୀ ନଗର ରେଢୋଲ ମହୁରୀ ଶବ୍ଦ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିବାବେଳେ ସାହି କମିଟି ପକ୍ଷରୁ ସଭାପତି ଉମା ମହେଶ୍ୱର ଦାସ, ସମ୍ପାଦକ ପଦ୍ମ ଲୋଚନ ଶତପଥୀ, ଉପସଭାପତି ସୁନୀଲ କୁମାର ଗୌଡ, କୋଷାଧକ୍ଷ ତ୍ରିଲୋଚନ ପାତ୍ର ବିପିନ ବିହାରୀ ଦାଶ, କୃଷ୍ଣ ପ୍ରିୟା ଦାଶ, ବୁଲୁ ମିଶ୍ର, ରାମ ଚନ୍ଦ୍ର ମିଶ୍ର, ନିର୍ମଳ କୁମାର ଦାସ, ରାଜେଶ କୁମାର ମିଶ୍ର, ଲୁନା ଦାଶ, ସଙ୍କର ସାହୁ, ଶିବ ଶଙ୍କର ମିଶ୍ର, ସନ୍ତୋଷ କୁମାର ସାମନ୍ତରା, ପ୍ରଶାନ୍ତ କୁମାର ତ୍ରିପାଠୀ, ଲକ୍ଷ୍ମୀ କାନ୍ତ ପଟ୍ଟନାୟକ ଓ ସମସ୍ତ ସାହିବାସୀ ଏଥିରେ ସହଯୋଗ କରିଥିଲେ ।



## ଷ୍ଟ୍ରଙ୍ଗ ରୁମ୍‌ରେ ପହଞ୍ଚିଲା ଇଭିଏମ୍ ଓ ଭିଭିପ୍ୟାଟ୍

# ୨୪ ଘଣ୍ଟିଆ ସୁରକ୍ଷା ସହ ସିସିଟିଭି ବ୍ୟବସ୍ଥା

ଛତ୍ରପୁର, (ସବ୍ୟୁ): ଚଳିତ ଏକକ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଏନେଇ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ନିର୍ବାଚନରେ ବ୍ୟବହାର ହେବାକୁ ଥିବା ଇଭିଏମ୍ ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ସ୍ଥିତ ପଣ୍ୟାଗାରରୁ କଡା ସୁରକ୍ଷା ମଧ୍ୟରେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ଭଞ୍ଜନଗର ଠାରେ ଲୋକସଭା ନିମନ୍ତେ ୪ ଗୋଟି ଏବଂ ବିଧାନସଭା ନିମନ୍ତେ ୪ଗୋଟି ଏଭଳି ୮ଗୋଟି ଷ୍ଟ୍ରଙ୍ଗ ରୁମ୍ ରହିଥିବା ବେଳେ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ଛତ୍ରପୁର ଠାରେ ଲୋକସଭା ନିମନ୍ତେ ୮ ଗୋଟି ଏବଂ ବିଧାନ ସଭା ନିମନ୍ତେ ୮ ଗୋଟି ଏଭଳି ୧୬ ଗୋଟି ଷ୍ଟ୍ରଙ୍ଗ ରୁମ୍, ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଠାରେ ଲୋକ ସଭା ନିମନ୍ତେ ୬ ଗୋଟି ଏବଂ ବିଧାନସଭା ନିମନ୍ତେ ୬ ଗୋଟି ଓ ସରକାରୀ ପଲିଟେକନିକ୍, ବ୍ରହ୍ମପୁର ଷ୍ଟ୍ରଙ୍ଗ ରୁମ୍‌ରେ ଇଭିଏମ୍ ନିଆଯାଇ ରଖାଯାଇଛି । ଏହାକୁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯିବା ସହ ସଶସ୍ତ୍ର ପୋଲିସ୍ କର୍ମଚାରୀ ଷ୍ଟ୍ରଙ୍ଗରୁମ୍ ସୁରକ୍ଷାରେ ମୁତୟନ ହୋଇଛନ୍ତି ।

ଏଥିସହ ସିସିଟିଭିର ମଧ ବ୍ୟବସ୍ଥା କରାଯାଇଛି । ପ୍ରଥମ ପର୍ଯ୍ୟାୟ ରାଣ୍ଡାମାଇଜେସନ୍ ପରେ ଆସ୍କା ଓ ବ୍ରହ୍ମପୁର ଲୋକସଭା ଏବଂ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ଭଞ୍ଜନଗର, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସ୍କା, ସୋରଡା, ସାନଖେମୁଣ୍ଡି ଓ ହିଞ୍ଜିଳି ବିଧାନ ସଭା ନିର୍ବାଚନ ମଣ୍ଡଳୀ ପାଇଁ ଇଭିଏମ୍ ଗୁଡିକୁ ପଠାଯାଇଥିବା ନେଇ ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା ସୂଚନା ଦେଇଛନ୍ତି । ଗଞ୍ଜାମ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ମତଦାନ ମେ ୧୩ ତାରିଖରେ ବ୍ରହ୍ମପୁର ଲୋକସଭା ଏବଂ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି ବିଧାନସଭା ର୍ନିବାଚନ ମଣ୍ଡଳୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ଛତ୍ରପୁର ନିମନ୍ତେ ୨୪୪ଟି, ଗୋପାଳପୁର ନିମନ୍ତେ ୨୧୩ଟି, ବ୍ରହ୍ମପୁର ନିମନ୍ତେ ୧୭୨ଟି, ଦିଗପହଣ୍ଡି ନିମନ୍ତେ ୨୫୬ଗୋଟି, ଚିକିଟି ନିମନ୍ତେ ୨୪୧ଗୋଟି ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି ।

ସେହିଭଳି ଜିଲ୍ଲାରେ ମେ ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ଆସ୍କା ଲୋକସଭା ଓ ଭଞ୍ଜନଗରପ, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସ୍କା, ସୋରଡା ସାନଖେମୁଣ୍ଡି ଓ ହିଞ୍ଜିଳି ବିଧାନସଭା ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବ । ଏଥି ସକାଶେ ଭଞ୍ଜନଗର ନିମନ୍ତେ ୨୬୦ଗୋଟି, ପୋଲସରା ନିମନ୍ତେ ୨୬୩ଗୋଟି, କବିସୂର୍ଯ୍ୟନଗର ନିମନ୍ତେ ୨୪୫ଗୋଟି, ଖଲ୍ଲିକୋଟ ନିମନ୍ତେ ୨୪୧ଗୋଟି, ଆସ୍କା ନିମନ୍ତେ ୨୦୯ ଗୋଟି, ସୋରଡା ନିମନ୍ତେ ୨୫୫ଗୋଟି, ସାନଖେମୁଣ୍ଡି ନିମନ୍ତେ ୨୫୩ଗୋଟି ଏବଂ ହିଞ୍ଜିଳି ନିମନ୍ତେ ୨୨୫ ଗୋଟି ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛ । ସମୁଦାୟ ୩୦୭୭ ଗୋଟି ଟି ମତଦାନ କେନ୍ଦ୍ର ମଧ୍ୟରୁ ସହରାଞ୍ଚଳରେ ୪୧୫ଗୋଟି ଓ ଗ୍ରାମାଞ୍ଚଳରେ ୨୬୬୨ଗୋଟି ମତଦାନ କେନ୍ଦ୍ର ରହିଛି ।

# ଗ୍ୟାସ୍ ଟ୍ୟାଙ୍କର-ଟାଟା ଏସି ମୁହାଁମୁହିଁ : ଟାଟା ଏସି ଚାଳକ ଗୁରୁତର

ବଇଣ୍ଡା, (ସବ୍ୟୁ) : ହଣ୍ଡପା ଥାନା ଲୁହାମୁଣ୍ଡା ସାହୁ ଛକ ଠାରେ ଗୁରୁବାର ଏକ ଦୁର୍ଘଟଣା ଘଟି ଯାଇଛି । ଆଜି ଅପରାହ୍ନ ସମୟରେ ହଣ୍ଡପା ଥାନା ଲୁହାମୁଣ୍ଡା ସାହୁ ଛକଠାରେ ହଣ୍ଡପା ଆଡୁ ଅନଗୁଳ ଆଡେ ଯାଉଥିବା ଗ୍ୟାସ ଟ୍ୟାଙ୍କର ସହ ବିପରୀତ ଦିଗରୁ ଆସୁଥିବା ଟାଟା ଏସିଇ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ଟାଟା ଏସିଇ ଚାଳକ ଚୌଦ୍ୱାର ଥାନା ଗୁରୁଡିଝାଟିଆ ଗ୍ରାମର ଅନାମ ବେହେରା ଗୁରୁତର ଥିବାରୁ ତାଙ୍କୁ ଅନଗୁଳ ମେଡିକାଲ ପଠାଯାଇଥିବା ଜଣାପଡିଛି । କିଛି କ୍ଷୟ କ୍ଷତି ହୋଇ ନଥିବା ଜଣାପଡିଛି । ଘଟଣା ସ୍ଥଳରେ ଖବର ପାଇ ହଣ୍ଡପା ପୋଲିସ ପହଂଚି ଗାଡି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

# ଛିଣ୍ଡି ପଡିଲା ବିଦ୍ୟୁତ ତାର, ଅଳ୍ପକେ ବର୍ତ୍ତିଲେ ପରିବାର

ବଇଣ୍ଡା, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅନ୍ତର୍ଗତ ତାବଡା ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କରିଥିଲେ । ଘଟଣା ସ୍ଥଳରୁ ପ୍ରକାଶ ଯେ, ତାବଡା ଗ୍ରାମର ଧ୍ରୁବଚରଣ ସାହୁଙ୍କ ଘର ଉପର ଦେଇ ବିଦ୍ୟୁତ ତାର ଯାଇଛି । ଗତ ୩ ଦିନ ହେଲା ସେହି ତାର ସ୍ପାର୍କ ହେଉଥିଲା ।

ଠାକୁରଗଡ଼ ବିଦ୍ୟୁତ ବିଭାଗକୁ ବାରମ୍ବାର ଖବର ଦେଲେ ମଧ କୌଣସି ସୁଫଳ ମିଳୁନଥିଲା । ଆଜି ସକାଳ ପ୍ରାୟ ୧୦ ଟା ସମୟରେ କାଳ ବୈଶାଖୀ ଯୋଗୁ ହୋଇଥିବା ଝଡ ବର୍ଷାରେ ଛାତ ଉପର ଦେଇ ଯାଇଥିବା ତାର ଛିଣ୍ଡିଯାଇ ଧ୍ରୁବ ଚରଣ ସାହୁଙ୍କ ଘର ସମ୍ପୂର୍ଣ୍ଣ ରୂପେ ବିଦ୍ୟୁତ ଦ୍ୱାରା ଚାର୍ଜିତ ହୋଇଯାଇଥିଲା ।

ମାତ୍ର ଭଗବାନଙ୍କ ଆଶୀର୍ବାଦରୁ ପରିବାରର ସମସ୍ତ ସଦସ୍ୟ ବାହାରେ ଥିବାରୁ ଏତେ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ । ଠାକୁରଗଡ ବିଦ୍ୟୁତ ବିଭାଗକୁ ଅଭିଯୋଗ କରିବା ପରେ ସେମାନେ ଘଟଣା ସ୍ଥଳରେ ପହଂଚି ପୁଣି ସେହି ତାରକୁ ଟାଣିବାକୁ ଚେଷ୍ଟା କରିବା ବେଳେ ସେହି ତାରକୁ ଅନ୍ୟତ୍ର ଟାଣିବାକୁ ପରିବାର ପକ୍ଷରୁ ଦାବି କରାଯାଇଛି । ମାତ୍ର ବିଦ୍ୟୁତ ବିଭାଗ ଅନ୍ୟ ଏକ ଖୁଣ୍ଟି ପୋତି ଅନ୍ୟତ୍ର ତାର ଟାଣିବାକୁ ପ୍ରାୟ ଟଙ୍କା ତାଙ୍କ ପରିବାରକୁ ଦାବି କରିଛି, ଯାହା ଚର୍ଚ୍ଚାର ବିଷୟ ପାଲଟିଛି ।

# ଶ୍ରୀଚୈତନ୍ୟ ଟେକ୍ନୋ ସ୍କୁଲରେ ଅବ୍ୟବସ୍ଥା: ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଅଭିଭାବକ



ଅନୁଗୁଳ, (ସବ୍ୟୁ) : ସ୍ଥାନୀୟ ଶ୍ରୀ ଚୈତନ୍ୟ ଟେକ୍ନୋ ସ୍କୁଲରେ ଅବ୍ୟବସ୍ଥା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି ସ୍କୁଲ ଛାତ୍ରଛାତ୍ରୀଙ୍କ ଅଭିଭାବକ । ଶ୍ରୀ ଚୈତନ୍ୟ ଟେକ୍ନୋ ସ୍କୁଲରେ ଗତ ବର୍ଷ ୨୦୨୩-୨୪ ରେ ଛାତ୍ରଛାତ୍ରୀଙ୍କ ନାମ ଲେଖା ଯାଇଥିଲା । ସ୍କୁଲ ପକ୍ଷରୁ ଅଭିଭାବକଙ୍କୁ ଛାତ୍ରଛାତ୍ରୀଙ୍କ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା ।

କିନ୍ତୁ ଦୁଃଖର ବିଷୟ ହେଉଛି, ଅଭିଭାବକଙ୍କ ଠାରୁ ନାମ ଲେଖା ବାବଦରେ ଲକ୍ଷାଧିକ ଟଙ୍କା ନେବା ସତ୍ତ୍ୱେ ସ୍କୁଲରେ ଅସୁରକ୍ଷିତ ସ୍କୁଲ ବସ, ଅସୁରକ୍ଷିତ ସ୍କୁଲର ଆନୁସଙ୍ଗୀକ ବ୍ୟବସ୍ଥା ଯଥା (ପାଚେରୀ, ଅଗ୍ନି ନିରାପତ୍ତା, ପରିମଳ), ଦୂଷିତ ପାନୀୟ ଜଳ ଦେବା, ଅତି ନିମ୍ନମାନର ଶିକ୍ଷା ବ୍ୟବସ୍ଥା, ଛାତଛାତ୍ରୀଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଅଭିଭାବକ ଅଭିଯୋଗ କରିଛନ୍ତି ।

ଏ ଘଟଣା ବିଷୟରେ ଜିଲ୍ଲା ଶିକ୍ଷା ବିଭାଗର ଉପ ବିଭାଗ ଅଧିକାରୀ ରୋହିତ କୁମାର ନାଥଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ଛୁଟିରେ ଥିବାରୁ ଆମେ ଅଭିଯୋଗ ପତ୍ରକୁ ରଖୁଛୁ । ଆସିଲେ ଅଭିଯୋଗ ପତ୍ର ହସ୍ତାନ୍ତର କରିଯିବ । ସେହିପରି ପରି ସ୍କୁଲ ବସ ବାବଦରେ ଏମଭିଆଇଙ୍କୁ ପଚାରିବାରୁ ଶ୍ରୀ ଚୈତନ୍ୟ ଟେକ୍ନୋ ସ୍କୁଲ ବସକୁ ଯାଞ୍ଚ କରିଯିବା ପରେ ପାର୍ଟିସନ୍ ଏବଂ ପର୍ମିଟ ନଥିବାରୁ ଦୁଇଟି ଗାଡ଼ିକୁ ଫାଇନ କରାଯାଇଥିବା କହିଛନ୍ତି ।

# ଟ୍ରକ୍ ଧକ୍କାରେ ସ୍କୁଟର ଆରୋହୀ ମୃତ

ଅନୁଗୁଳ, (ସବ୍ୟୁ) : ଅନୁଗୁଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ନୂଆହତା ଗ୍ରାମ ଠାରେ ଟ୍ରକ ଧକ୍କାରେ ଜଣେ ସ୍କୁଟର ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ବିକଳ ନାଏକଙ୍କ ପୁଅ ଶିବୁ ନାଏକ ।

ଶିବୁ ଆଜି ସକାଳ ପ୍ରାୟ ୧୦ ଟାରେ ମା'ଙ୍କୁ ଦେଖା ହେବାକୁ ବଅଁରପାଳ ଆସି ଘରକୁ ଫେରୁଥିବା ସମୟରେ ନୂଆହତା ପଞ୍ଚାୟତର ଟେଲକୋ ଛକ ନିକଟରେ ତାଙ୍କ ସ୍କୁଟର ଏକ କୋଇଲା ଟ୍ରକ୍ ପଛରୁ ଧକ୍କା ଦେଇ ଘୋଷାଡ଼ି ନେଇ ତାଙ୍କ ଉପରେ ଚଢି ଯାଇଥିଲା । ଫଳରେ ଶିବୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣାସ୍ଥଳରେ ବଅଁରପାଳ ପୋଲିସ ପହଞ୍ଚି ଉତ୍ତେଜିତ ଲୋକ ଓ ପରିବାରବର୍ଗଙ୍କୁ ବୁଝାସୁଝା କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଦୁଇ ଗାଡିକୁ ଜବତ କରିବା ସହ ଟ୍ରକ୍ ଚାଳକକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି ।

# କର୍ତ୍ତବ୍ୟରତ ସାମ୍ବାଦିକ ସଂଘର ବାର୍ଷିକ ବୈଠକ, ନୂତନ କର୍ମକର୍ତ୍ତା ଚୟନ

ପାଲଲହଡା, (ସବ୍ୟୁ) : ପାଲଲହଡା ଉପଖଣ୍ଡ କର୍ତ୍ତବ୍ୟରତ ସାମ୍ବାଦିକ ସଂଘର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଖଗେଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ବାର୍ଷିକ ବୈଠକରେ ମୁଖ୍ୟଅତିଥି ରୂପେ ସଂଘର ପ୍ରତିଷ୍ଠାତା ସଦସ୍ୟ ତଥା ଅଧ୍ୟକ୍ଷ ରଘୁନନ୍ଦନ ଆଚାର୍ଯ୍ୟ ଯୋଗଦେଇ ବିଗତ ବର୍ଷ ମାନଙ୍କରେ ସଂଘ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବତାରଣା କରି ସମସ୍ତଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରି ସଂଘର କାର୍ଯ୍ୟାବଳୀକୁ ଅଧିକ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ । ସଭାପତିଙ୍କ ଆହ୍ୱାନ କ୍ରମେ ସଂଘ ସାଧାରଣ ସମ୍ପାଦକ ଦେବଦତ୍ତ ସାହୁ ବାର୍ଷିକ ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ । ଶେଷରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଅଧ୍ୟକ୍ଷ ଭାବେ ପୁନର୍ବାର ବରିଷ୍ଠ ସାମ୍ବାଦିକ ରଘୁନନ୍ଦନ ଆଚାର୍ଯ୍ୟ, ସଭାପତି ଭାବେ ପୁନର୍ବାର ଖଗେଶ୍ୱରଦାଶ, ଉପସଭାପତି ଭାବେ ଆଡ଼ଭୋକେଟ ରବିନାରାୟଣ ପ୍ରଧାନ, ସାଧାରଣ ସମ୍ପାଦକ ରୂପେ ରମେଶ ଚନ୍ଦ୍ର ପ୍ରଧାନ, ସହ ସାଧାରଣ ସମ୍ପାଦକ ରୂପେ ଖଗେଶ୍ୱର ମହାନ୍ତ ଏବଂ କୋଷାଧକ୍ଷ ରୂପେ ଦିବ୍ୟଜ୍ୟୋତି ଦାଶଙ୍କୁ ମନୋନୀତ କରାଯାଇ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସଂଘର ଏକ ସ୍ଥାୟୀ ଗୃହ ପାଇଁ ଜନପ୍ରତିନିଧିଙ୍କ ଉପରେ ଚାପ ପକାଇ ତୁରନ୍ତ ନିର୍ମାଣ କରାଇବାକୁ ସଂଘର ନୂତନ କର୍ମକର୍ତାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ।

# ଇଞ୍ଜିଡ଼ିରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା



ଖମାର, (ସବ୍ୟୁ) : ପାଲଲହଡା ବ୍ଲକ ଇଞ୍ଜିଡ଼ି ଠାରେ ଆଞ୍ଚଳିକ ଚଷା ସମାଜ ପକ୍ଷରୁ ନବନିର୍ମିତ ରାମମନ୍ଦିରର ତିନିଦିନିଆ ପ୍ରାଣ ପ୍ରତିଷ୍ଠା ଉତ୍ସବ ର ପ୍ରଥମ ଦିନରେ ଅଧିବାସ ଓ କଳସ ଯାତ୍ରା ରେ ହଜାର ହଜାର ସଂଖ୍ୟାରେ ଲୋକ ଯୋଗଦେଇ ନାମ ସଂକୀର୍ତ୍ତନ ଓ ଘଣ୍ଟ ବାଦ୍ୟର ତାଳେ ତାଳେ ସମକୋଇ ନଦୀରୁ ଜଳ ନେଇ ଠାକୁରଙ୍କୁ ସ୍ନାନ କରାଯାଇଥିଲା ।

ଦ୍ୱିତୀୟ ଦିନରେ ଯଥାବିଧି ପୂଜାର୍ଚ୍ଚନା କରି ଶ୍ରୀରାମଙ୍କ ବିଗ୍ରହକୁ ଜୀବନ୍ୟାସ ମନ୍ତ୍ର ପଢି ପ୍ରାଣ ପ୍ରତିଷ୍ଠା କରାଯାଇଥିଲା । ପ୍ରାଣ ପ୍ରତିଷ୍ଠା ଉତ୍ସବରେ ପାଲଲହଡା ବିଧାୟକ ମୁକେଶ ପାଲ, ବିଜେପି ସାଂସଦ ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି, ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡା ଅବିନାଶ ସାମଲ, ଖାଦ୍ୟ ଆୟୋଗ ଅଧକ୍ଷ ଓଡିଶା ଅବନୀକାନ୍ତ ସାହୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

କର୍ତ୍ତା ନବୀନ ଚନ୍ଦ୍ର ସାହୁ, ରଞ୍ଜିତା ସାହୁ, ଉତ୍ସବ ଚନ୍ଦ୍ର ସାହୁ, ମଞ୍ଜରୀ ସାହୁ, ବିଷ୍ଣୁ ଚରଣ ସାହୁ, ସୁଲୋଚନା ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ । ମୁଖ୍ୟ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଶତପଥି, ବନ ବିହାରୀ ଦାସ, ତ୍ରିଲୋଚନ ପଣ୍ଡା, ପ୍ରସନ ଆଚାର୍ଯ୍ୟ ବିଗ୍ରହମାନଙ୍କର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସମାପନ କରିଥିଲେ । କୃଷକ ସମାଜ ସଭାପତି ଚିତ୍ତରଞ୍ଜନ ପରିଡା, ସମ୍ପାଦକ ନବୀନ ରଞ୍ଜନ ସାହୁ, କୋଷାଧକ୍ଷ ଉତ୍ସବ କୁମାର ସାହୁ ଏବଂ ଇଞ୍ଜିଡ଼ି, କୁଞ୍ଜାମ, ଆଲୋରୀ, ରୋହିଲା ପଞ୍ଚାୟତ ର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ ।

# ଢେଙ୍କାନାଳ ବିଜେଡିର ମିଶ୍ରଣ ପର୍ବ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ବିଧାୟକ ସୁଧିର ସାମଲଙ୍କ ନେତୃତ୍ୱରେ ବିଧାୟକଙ୍କ ଆବାସିକା କାର୍ଯ୍ୟାଳୟ ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଗତି ପଥେ ଓଡିଶା ଓ ପ୍ରତ୍ୟେକ ଓଡିଶା ବାସୀଙ୍କ ଉନ୍ନତିକୁ ପ୍ରଶଂସା କରି ଏବଂ ଢେଙ୍କାନାଳ ବିଧାୟକ ସୁଧିର ସାମଲଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ବିଜେପି ଦଳ ଛାଡି ବିଜେପି ଯୁବ ମୋର୍ଚ୍ଚା ଜିଲ୍ଲା ଉପ-ସଭାପତି ସନ୍ତୋଷ ବେହେରା ଏବଂ ଓଡାପଡା ଓ ଗନ୍ଦିଆ ଅଞ୍ଚଳର ଶତାଧିକ ବିଜେପି ଓ କଂଗ୍ରେସ ଦଳ ନେତା ଓ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି ।

ବିଧାୟକ ଶ୍ରୀ ସାମଲ ସମସ୍ତଙ୍କୁ ବିଜେଡି ଦଳର ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ । ବିଦ୍ଧିବଦ୍ଧ ଭାବେ ସାମିଲ ହୋଇଥିବା ସମସ୍ତ ସଦସ୍ୟ ଆଗାମୀ ଦିନରେ ବିଜୁ ଜନତା ଦଳକୁ ଆହୁରି ସଙ୍ଗଠିତ କରି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ସହ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ବିଜେଡି ସଂସଦ ପ୍ରାର୍ଥୀ ଓ ସମସ୍ତ ବିଧାୟକ ପ୍ରାର୍ଥୀଙ୍କୁ ବିଜୟ କରିବା ପାଇଁ ସଂକଳ୍ପ ନେଇଥିଲେ । ଏହି ମିଶ୍ରଣ ପର୍ବରେ ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ, ବିଜେଡି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ନରୋତ୍ତମ ସାହୁ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଯୁବନେତା ବାପୁନ ଜେନା, ବୁବୁଲି ଧଳ, ବିଧାୟକଙ୍କ ପ୍ରତିନିଧି ନିରାକାର ରାଉତ,ଅଜୟ ଭଞ୍ଜ, ଉପ-ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ବିଜେଡି ଜିଲ୍ଲା ଛାତ୍ର ସଭାପତି ସୁରଜ ମହାପାତ୍ର, ଜିଲ୍ଲା ସମ୍ପାଦକ ରଞ୍ଜନ ନାୟକ, ଅଭିନାଶ ଜେନା ଙ୍କ ସମେତ ବହୁ ଦଳୀୟ ନେତୃମଣ୍ଡଳୀ ଉପସ୍ଥିତ ରହିଥିଲେ ।

# ଜିଲ୍ଲାପରିଷଦ ସଭ୍ୟା ପୁତ୍ରଙ୍କ ଆତ୍ମହତ୍ୟା

ତାଳଚେର, (ସବ୍ୟୁ) : ୨୧ ତାଳଚେର ହାଣ୍ଡିଧୂଆଁ ଅଂଚଳର ବିଶିଷ୍ଟ ବ୍ୟବସାୟୀ ବିଭୂତି ସାହୁଙ୍କ ଧର୍ମପତ୍ନୀ ତଥା ୧୯ ନମ୍ବର ଜିଲ୍ଲାପରିଷଦ ସତ୍ୟଭାମା ସାହୁଙ୍କ ଏକମାତ୍ର ପୁତ୍ର ସମ୍ବିତ ସାହୁ ଓରଫ ରାଜା (୨୬)ଙ୍କର ମୃତଦେହ ଗଞ୍ଜାମ ଅଂଚଳରୁ ଉଦ୍ଧାର କରାଯାଇଛି ।

ସମ୍ବିତ ବ୍ରହ୍ମପୁରର ଏକ ଘରୋଇ କମ୍ପାନୀରେ ସେଲସ ଏକଜ୍ୟୁଟିଭ ଭାବେ କାର୍ଯ୍ୟ କରିଆସୁଥିଲେ । ଗତକାଲି ମଧ୍ୟରାତ୍ରିରେ ସେ ରହୁଥିବା ଏକ ସ୍ଥାନୀୟ ଆପାର୍ଟମେଣ୍ଟରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା । ଏହି ଖବର ସେଠାରେ ପ୍ରଚାରିତ ହେବାପରେ ପୋଲିସ୍ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶବ ଉଦ୍ଧାର କରାଯାଇ ଘରକୁ ଖବର ଦିଆଯାଇଥିଲା । ପୋଲିସ୍ ଶବ ବ୍ୟବଚ୍ଛେଦ କରି ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା । ତାଳଚେର ଅଂଚଳରେ ଏହି ଦୁଃଖର ଘଟଣା ପ୍ରଚାରିତ ହେବାପରେ ଶୋକରଛାୟା ଖେଳାଇ ଦେଇଥିଲା । ତାଙ୍କ ମରଶରୀରକୁ ଶେଷ ଦର୍ଶନ କରିବାକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଦଳୀୟନେତା, କର୍ମୀ ଓ ତାଙ୍କ ସହପାଠୀମାନେ ତାଙ୍କ ଘଂଟପଡ଼ା ସ୍ଥିତ ବାସଭବନ ଠାରେ ଉପସ୍ଥିତ ଥିଲେ ।

# ଡ. କୁମାର ଗୋପାଳ ନିର୍ଦ୍ଦେଶିତ ନାଟକ କାଳକୋଠରୀ ଉଚ୍ଚ ପ୍ରଶଂସିତ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱରର ନାଟ୍ୟ ଓ ସଂସ୍କୃତିର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ, ନାଟ୍ୟପ୍ରଭା ସୁଦୂର କୋରାପୁଟ, ଦାମନଜୋଡ଼ି ଠାରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗୀତାରେ ଭାଗନେଇ ନାଟକ କାଳକୋଠରୀ ମଂଚସ୍ଥ କରି ଉଚ୍ଚ ପ୍ରଶଂସିତ ହୋଇପାରିଛି । ଯୁବ ନାଟ୍ୟକାର ସୁଶାନ୍ତ ଦାସ ଏହି ନାଟକଟିକୁ ରଚନା ଓ ସଂଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଓଡ଼ିଶାର ସୁନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ଡ. କୁମାର ଗୋପାଳ ଏହି ନାଟକଟିକୁ ନିର୍ଦ୍ଦେଶନା ଦେଇଥିଲେ । ଆୟୋଜିତ ପ୍ରତିଯୋଗୀତାରେ ମୁଖ୍ୟ ଅତିଥିଭାବେ ନାଲକୋର ଡିଜିଏମ୍ ସୁଶୀଲ କୁମାର ପାଢୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ମଣିଷର ଅନ୍ତିମ ଲକ୍ଷ୍ୟ ସଂସାରର ସମସ୍ତ ମାୟା ବନ୍ଧନରୁ ମୁକ୍ତି କିନ୍ତୁ ମଣିଷ ମୁକ୍ତିର ପଥ ଛାଡ଼ି ବିଭିନ୍ନ କାମନା ବାସନାରେ ଲିପ୍ତ ରହି ସଂସାରରେ ଅନେକ ପ୍ରକାର କୁକାର୍ଯ୍ୟ କରିଥାଏ । ଏପରି ଏକ ବିଷୟବସ୍ତୁକୁ ନେଇ କାଳକୋଠରୀ ରଚନା କରାଯାଇଛି । ଅଭିନୟରେ ଚନ୍ଦନ ବେହେରା, ପ୍ରାଣବିନ୍ଦୁ ଦାସ, ଲକ୍ଷ୍ମୀଧର ରାଉତ, ଶ୍ୟାମାନନ୍ଦ ଗିରି, ଭାଗିରଥି ଜେନା, ବିଜୟ ମିଶ୍ର, ସ୍ୱାଗତିକା ବେହେରା, ସଂହିତା ଦାସ, ସୁ ଶାନ୍ତ କର, ମନୋରଂଜନ ବେହେରା, ଅଙ୍କିତ ପ୍ରମୁଖ ମଂଚ ସଜ୍ଜାରେ ସହଯୋଗ କରିଥିଲେ ।

# ଇଦ୍ ପର୍ବ ମହାସମାରୋହରେ ପାଳିତ



ବାଲେଶ୍ୱର,(ସବ୍ୟୁ) :ମୁସ୍‌ଲିମ ସମ୍ପ୍ରଦାୟର ଇଦ୍‌ପର୍ବ ଗୁରୁବାର ଦିନ ବାଲେଶ୍ୱର ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମହାସମାରୋହରେ ପାଳିତ ହୋଇଯାଇଛି । ଏକ ମାସର ଉପବାସ ପରେ ପବିତ୍ର ଇଦ-ଉଲ୍-ଫିତର ଅବସରରେ ଗତ ବୁଧବାର ସନ୍ଧ୍ୟାରେ ଚାନ୍ଦ ଦେଖିବାପରେ ଉପବାସ ଭଙ୍ଗକରି ଗୁରୁବାର ପବିତ୍ର ଇଦ୍‌ପର୍ବ ପାଳନ କରିଛନ୍ତି ।ଏହି ଅବସରରେ ସମସ୍ତଙ୍କ ଘରେ ବନ୍ଧୁବାନ୍ଧବଙ୍କ ସମାଗମ ହୋଇଥିବା ବେଳେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ମୁସ୍‌ଲିମ୍ ଭାଇମାନେ ଦରଘା ମୈଦାନ,ଖ୍ୱାଜାବାଗ, ବାଲୁବଜାର, ପଠାଣମହଲା, ସୁନହଟ, ଖଲାସି ମହଲା, କାଦ୍ରିମହଲା, ମଛୁଆସାହି,କସାବ ମହଲା, ମାଣିଖମ୍ବ,ସୁଏଲପୁର, ମୋତିଗଞ୍ଜ, କଚେରୀ ବଜାର, ଖପରାପଦା, ଅରଡବଜାର ସମେତ ସହର ଉପକଣ୍ଠ ବାଲିଆ, କଣ୍ଟାବଣିଆ, ସୋମନାଥପୁର, ଚଷାଖଣ୍ଡ ଆଦି ଅଞ୍ଚଳରେ ଥିବା ମସଜିଦକୁ ଯାଇ ସମୂହ ନମାଜ ପାଠ କରିବା ସହ ପରସ୍ପର କୁ ଇଦ୍ ଅଭିନନ୍ଦନ ଜଣାଇଥିଲେ । ଦରଘା ମୈଦାନରେ ହୋଇଥିବା ସମୂହ ନମାଜପାଠ କାର୍ଯ୍ୟକ୍ରମରେ ଇଦ୍ ମିଲନ କମିଟିର ସେକ୍ ଅବଦୁଲ ରଫିକ୍ , ହାଜି ମହମ୍ମଦ ଗୋଲାମ ଖାନ୍, ସେକ୍ ସମ୍ମତ, ସେକ୍ କାଲା, ଅବଦୁଲ ସାକିଲ ଖାନ୍, ସେକ୍ ନଜିରୁଦ୍ଦିନ୍ ପ୍ରମୁଖ ନମାଜ ପାଠରେ ସକ୍ରିୟ ସହଯୋଗ କରିଥିଲେ । ଇଦ୍‌ପର୍ବ ଅବସରରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, କଂଗ୍ରେସ ନେତା ସରୋଜ ଲେଙ୍କା, ଯୁବନେତା ବିକ୍ରମ ପଣ୍ଡା, ପୂର୍ବତନ ପୌରଧକ୍ଷ ମନୋଜ ରାଉତ, କାଉନସିଲର ସେକ୍ ଆୟୁବ, ଧିରେନ୍ ନାୟକ ପ୍ରମୁଖ ଉପସ୍ଥିତ ରହି ମୁସଲମାନ ଭାଇମାନଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିବା ପରିଲକ୍ଷିତ ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମସଜିଦ ସମେତ ସହରର ବିଭିନ୍ନ ସ୍ଥାନରେ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯିବା ସହ ପୁଲିସ ପେଟ୍ରୋଲିଂ ବ୍ୟବସ୍ଥା ମଧ୍ୟ କରାଯାଇଛି ।

# ଅନୁଗୁଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ

ଅନୁଗୁଳ, (ସବ୍ୟୁ) : ସ୍ଥାନୀୟ ଗାନ୍ଧିମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଛି । ଏ ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତରୁଣ କୁମାର ଦେହୁରୀ ମୁଖ୍ୟଅତିଥି ଭାବରେ ଉପସ୍ଥିତ ରହି ଦିବସର ମହତ୍ତ୍ୱ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ । ନାଲକୋ ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ପ୍ରଭାତ କୁମାର ଧର ମୁଖ୍ୟବକ୍ତା ଭାବେ ଭାରତୀୟଙ୍କ ପାଇଁ ଆଜି ଏକ ଗୌରବ ଦିବସ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ବିପ୍ରଚରଣ ଦାଶ ଦିବସର ଆଭିମୁଖ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ଦିଲ୍ଲୀପ କୁମାର ବରାଳ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା । ଅନୁଗୁଳର ବିଭିନ୍ନ ମନ୍ଦିରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂଜାର୍ଚ୍ଚନା ସହିତ ମନ୍ତ୍ର ପାଠ କରାଯାଇଥିଲା । ବିଦ୍ୟାଳୟର ବରିଷ୍ଠ ଗୁରୁମା ସ୍ୱର୍ଣ୍ଣ ମଞ୍ଜରୀ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ସହଯୋଗ କରିଥିଲେ ।

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଆନନ୍ଦ ସାହୁ

ଢେଙ୍କାନାଳ, (ସବ୍ୟୁ) : କାମାକ୍ଷାନଗର ଥାନା ଅନ୍ତର୍ଗତ ସାରୁଆଳି ଗ୍ରାମର ଆନନ୍ଦ ସାହୁଙ୍କ ଘର ଭାଙ୍ଗିବା ଓ ବାଡିରୁ ବାଡଭାଙ୍ଗି ଫସଲ ନଷ୍ଟ କରିବାକୁ ନେଇ ଏକ ଅଭିଯୋଗ ପତ୍ର ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ଗତ ୪ ତାରିଖରେ ସାରୁଆଳି ଗ୍ରାମର କୃପାସିନ୍ଧୁ ମାହୁନ୍ତ, ବାବୁଲି ଦେହୁରୀ, ବୁଧିମନ୍ତ ଦେହୁରୀ, ପୁରିଆ ଦେହୁରୀ, ନିର୍ମଳ ବେହେରା, ରମେଶ ବେହେରା ପ୍ରମୁଖ ସଂଘବଦ୍ଧ ହୋଇ ଆନନ୍ଦ ସାହୁଙ୍କ ବାସଗୃହ ଭାଙ୍ଗିବା ସହିତ ବାଡଭାଙ୍ଗି ବାଡିରେ ପଶି ଫସଲ ନଷ୍ଟ କରିଦେଇଥିଲେ । ଏ ବିଷୟରେ କାମାକ୍ଷାନଗର ଥାନାରେ ଜଣାଇଥିଲେ, କିନ୍ତୁ ଥାନା ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ । ସେହିଦିନ ସଂଧ୍ୟାରେ ଥାନାବାଲା ଆସିଥିଲେ ଏବଂ କିଛି ସମାଧାନ ନକରି ୫ ତାରିଖରେ ଆସିବେ ବୋଲି କହି ଚାଲିଯାଇଥିଲେ, କିନ୍ତୁ ଆସିଲେ ନାହିଁ । ୬ ତାରିଖ ଦିନ ପୁନଶ୍ଚ ଥାନାର ଦ୍ୱାରସ୍ଥ ହେଲେ କିନ୍ତୁ ଥାନା ବାବୁ କହିଲେ 'ଆମ୍ଭର କିଛି କାମ ନାହିଁ ଯେ ତମ ଘର ଜଗିଥିବୁ । ସେହି ରାତି ପ୍ରାୟ ୧୦ ଘଟିକାରେ ଉକ୍ତ ଦୁର୍ବୃତ୍ତମାନେ ଘରଟିକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଦେଇ ବାଡିରେ ଥିବା ଟୁଲୁ ପମ୍ପ, ଆକାଶିଆ ଗଛ ଦୁଇଟି କାଟି ନେଇଛନ୍ତି ଏବଂ ଘରେ ଥିବା ୧୦ ହଜାର ଟଙ୍କା ନେଇଛନ୍ତି ବୋଲି ଆନନ୍ଦ ସାହୁ ଅଭିଯୋଗ କରିଛନ୍ତି ।

# ଭୂଜାଖିଆ ପୀରଙ୍କ ମଜାରରେ ପ୍ରାର୍ଥନା କଲେ କଂଗ୍ରେସ ନେତା ଶ୍ରୀକାନ୍ତ



ବାଲେଶ୍ୱର ,(ସବ୍ୟୁ) :କଂଗ୍ରେସ ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଗୁରୁବାର ସନ୍ଧ୍ୟାରେ ବାଲେଶ୍ୱର ସହରରେ ପହଞ୍ଚି ସୁନହଟ ଠାରେ ଥିବା ବାବା ଭୂଜାଖିଆ ପୀରଙ୍କ ମଜାରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ପ୍ରାର୍ଥନା କରିଥିଲେ । ପରେ ସେ ଗୋଳାପୋଖରୀ ଅଞ୍ଚଳ ସମେତ ଅନ୍ୟାନ୍ୟ ୱାର୍ଡକୁ ଯାଇ ସେଠାକର ବାସିନ୍ଦାମାନଙ୍କ ସହ ଆଲୋଚନା କରିଥିଲେ । ଶ୍ରୀ ଜେନାଙ୍କ ସହ କଂଗ୍ରେସ ଦଳରୁ ଟିକଟ ପାଇବାକୁ ଆଶା କରୁଥିବା ସରୋଜ ଲେଙ୍କା, ବିକ୍ରମ ପଣ୍ଡାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ନିର୍ଦ୍ଦଳୀୟ କାଉନସିଲର ପଦ୍ମଲୋଚନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଶ୍ରୀ ଜେନା ୨୦୦୯ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ବାଲେଶ୍ୱର ଲୋକସଭା ଆସନର ସାଂସଦ ଭାବେ ନିର୍ବାଚିତ ହୋଇ ୟୁପିଏ ମେଣ୍ଟ ସରକାରରେ ସାର ଓ ରସାୟନ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ଶ୍ରୀ ଜେନାଙ୍କ ସମୟରେ ସଲ୍ଟରୋଡ଼ର ପ୍ରଶସ୍ତି କରଣ, ନୋସି, ୩ଟି ରେଳ ଓଭରବ୍ରିଜ, ସିପେଟ, ଏମ୍ସ ସାଟେଲାଇଟ୍ କେନ୍ଦ୍ର, ନର୍ସିଂ କଲେଜ ଆଦି ବାଲେଶ୍ୱରରେ ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନେଇଥିଲେ । ୨୦୧୪ମସିହା ସାଧାରଣ ନିର୍ବାଚନରେ ଶ୍ରୀ ଜେନା ବିଜୁ ଜନତା ଦଳ ପ୍ରାର୍ଥୀଙ୍କ ଠାରୁ ପରାସ୍ତ ହେବାପରେ ସେ ଆଉ ବାଲେଶ୍ୱର ସହ ସମ୍ପର୍କ ରଖିପାରି ନଥିଲେ । ଗତ କିଛିମାସ ହେଲା ଶ୍ରୀ ଜେନା ବାଲେଶ୍ୱର କଂଗ୍ରେସ କର୍ମୀ ଏବଂ ବିଭିନ୍ନ ସାମାଜିକ ସଂଗଠନ ସହ ସମ୍ପର୍କ ରଖିଥିବା ବେଳେ ଗତ କିଛି ସପ୍ତାହ ତଳେ ଶ୍ରୀ ଜେନାଙ୍କୁ ପୁଣି କଂଗ୍ରେସ ଦଳରେ ସାମିଲ କରାଯାଇଥିଲା ।

ଶ୍ରୀ ଜେନା ବାଲେଶ୍ୱର ଲୋକସଭା ଆସନ ନିମନ୍ତେ ପ୍ରାର୍ଥୀ ହେବାକୁ ଇଚ୍ଛା ପ୍ରକାଶ କରିଥିଲେ ମଧ ଅଦ୍ୟାବଧି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବାଲେଶ୍ୱର ଲୋକସଭା ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନଥିବା ବେଳେ ବାଲେଶ୍ୱର ଜିଲ୍ଲରେ ଥିବା ବିଭିନ୍ନ ବିଧାନ ସଭା ଆସନ ପାଇଁ ବିଧାୟକ ପ୍ରାର୍ଥୀଙ୍କ ନାମ ମଧ ଘୋଷଣା କରାଯାଇ ନାହିଁ ।

# ଜିଲ୍ଲା ବ୍ରାହ୍ମଣ ସମିତିର ବୈଠକ

ବାଲେଶ୍ୱର, (ସବ୍ୟୁ) : ଜିଲ୍ଲା ବ୍ରାହ୍ମଣ ସମିତିର ଏକ ବୈଠକ ଦାମୋଦରପୁରସ୍ଥିତ କାର୍ଯ୍ୟାଳୟରେ ସଭାପତି ଡା. ଶ୍ରୀଶ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜଗନ୍ନାଥଙ୍କୁ ପୁଷ୍ପାର୍ଘ୍ୟ ପ୍ରଦାନ ପରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ବେଦମନ୍ତ୍ର ପାଠ କରିବା ପରେ ସଭାକାର୍ଯ୍ୟ ଶୁଭାରମ୍ଭ ହୋଇଥିଲା । ଐତିହ୍ୟସମ୍ପନ୍ନ ଉକ୍ତ ଶତାୟୁ ଅନୁଷ୍ଠାନ ତଥା ବ୍ରାହ୍ମଣ ସମାଜର ମଙ୍ଗଳ କଳ୍ପେ ରାଜ୍ୟସରକାର ସରକାରୀ ଅନୁଦାନ ପ୍ରଦାନ କରିଥିବାରୁ ଅନୁଷ୍ଠାନ ତରଫରୁ ସରକାରଙ୍କୁ ବଧେଇ ଜଣାଇଥିଲେ । ସାଧାରଣ ସଂପାଦକ ଗୌରଚନ୍ଦ୍ର ଦାଶ ପୂର୍ବ ବୈଠକର ବିବରଣୀ ସହିତ ସରକାରୀ ଅନୁଦାନରେ ନିର୍ମାଣାଧିନ ବ୍ରାହ୍ମଣ ସମାଜ କାର୍ଯ୍ୟାଳୟ ବାବଦରେ ଆଜ ତାରିଖ ସୁଦ୍ଧା ହୋଇଥିବା କାର୍ଯ୍ୟର ବିବରଣୀ ବୈଠକରେ ପାଠ କରିଥିଲେ । ତାହା ବୈଠକ ଦ୍ୱାରା ତର୍ଜମା ପୂର୍ବକ ଆଲୋଚନା କରାଯାଇ ଉପସ୍ଥିତ ସଦସ୍ୟମାନଙ୍କ ସର୍ବସମ୍ମତି ମତେ ଅନୁମୋଦିତ ହୋଇଥିଲା ।

ଦ୍ୱିତୀୟ ପର୍ଯ୍ୟାୟରେ ସମିତିକୁ ମଂଜୁରୀ ଅର୍ଥ ତିନିଲକ୍ଷ ଟଙ୍କା ଏବଂ ପ୍ରଥମ ପର୍ଯ୍ୟାୟ ମଞ୍ଜୁରୀ ଅର୍ଥ ଟ. ୨,୦୦,୦୦୦/- (ଦୁଇ ଲକ୍ଷ) ଏଯାବତ୍ ସମିତିଦ୍ୱାରା ହସ୍ତଗତ ହୋଇ ନଥିବାରୁ ନିର୍ମାଣ କାର୍ଯ୍ୟର ତ୍ୱରାନ୍ୱିତ ହୋଇପାରୁ ନାହିଁ ବୋଲି ବୈଠକରେ ଉପଲବ୍ଧି କରାଯାଇ ଯଥାଶୀଘ୍ର ପ୍ରଦାନ କରିବାକୁ ବୈଠକରେ ସଦର ବି.ଡି.ଓ ଓ ଜେ.ଇ.ଙ୍କୁ ଅନୁରୋଧ କରାଗଲା । ଡ. ଗୌର ସାଧନ ମିଶ୍ର ଉପସଭାପତି, ଜିଲ୍ଲା ବ୍ରାହ୍ମଣ ସଂଗଠନର ଶକ୍ତିବୃଦ୍ଧି ପାଇଁ ତୃଣମୂଳ ଅର୍ଥାତ୍ ପଞ୍ଚାୟତସ୍ତରରୁ ସାଂଗଠନିକ ବୈଠକମାନ ଅନୁଷ୍ଠିତ କରିବା ଏବଂ ଯାଗଯଜ୍ଞର ଆୟୋଜନ କରି ବ୍ରାହ୍ମଣମାନଙ୍କୁ ସଚେତନ କରିବାକୁ ନିଷ୍ପତ୍ତି ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ । ପଣ୍ଡିତ ବୈଦ୍ୟନାଥ ଆଚାର୍ଯ୍ୟ ଓ ଅଧ୍ୟାପକ ଚନ୍ଦ୍ରାଂଶୁ ବାନାର୍ଜୀ ଗୋ-ବଧ ନିରୋଧ ଆଇନ୍‌କୁ କଡ଼ାକଡ଼ି ପାଳନ ପାଇଁ ଜିଲ୍ଲା ବ୍ରାହ୍ମଣ ସମିତି ଓ ସମସ୍ତ ହିନ୍ଦୁମାନଙ୍କୁ ନେଇ ଏକ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରିବା ଏବଂ ସେ ଦିଗରେ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ଆଲୋଚନାକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହାବ୍ୟତୀତ ପ୍ରତି ବ୍ଲକ୍ ସ୍ତରରେ ବେଦ କର୍ମକାଣ୍ଡ ପ୍ରଶିକ୍ଷଣ କେନ୍ଦ୍ର ସରକାରଙ୍କ ତରଫରୁ ନିଃଶୁଳ୍କରେ ଉନ୍ମୋଚନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ପାଣିଗ୍ରାହୀ, ଗଣେଶ୍ୱର ପଣ୍ଡା, ବୁଦ୍ଧିରାମ ପାଣିଗ୍ରାହୀ, ବୀରେନ୍ଦ୍ର କୁମାର କର, ଶାନ୍ତି ସ୍ୱରୂପ ମିଶ୍ର, ବ୍ରହ୍ମପୁଣ୍ୟଶ୍ଳୋକ ନନ୍ଦ, ଅଶୋକ କୁମାର ତ୍ରିପାଠୀ, ମାନସ କର, ନାରାୟଣ କର ଓ ଜ୍ଞାନରଞ୍ଜନ ପାଣି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବକ୍ତବ୍ୟ ରଖିଥିଲେ । ପରିଶେଷରେ ଡ. ଗୌରସାଧନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ତାଳଚେରରେ ଟିକେଟ୍ ପାଇଲେ ବ୍ରଜ କର୍ମୀଙ୍କ ମହଲରେ ଖୁସିର ମାହୋଲ

ତାଳଚେର, (ସବ୍ୟୁ) : ବହୁ ପ୍ରତୀକ୍ଷା ପରେ ୪ର୍ଥ ପର୍ଯ୍ୟାୟରେ ତାଳଚେର ନିର୍ବାଚନ ମଣ୍ଡଳୀର ଟିକେଟ ହାତେଇଲେ ବ୍ରଜ କିଶୋର ପ୍ରଧାନ । ବିଜେଡି ସୁପ୍ରିମ ତଥା ସଭାପତି ନବୀନ ପଟ୍ଟନାୟକ ଆଜି ସନ୍ଧ୍ୟା ସମୟରେ ତାଳଚେର ବିଧାନସଭା କ୍ଷେତ୍ରର ଘୋଷଣା କରି ଶ୍ରୀ ପ୍ରଧାନଙ୍କ ଉପରେ ମୋହର ମାରିଥିଲେ । ତେବେ ଏହାକୁ ନେଇ ତାଳଚେର ଅଂଚଳରେ ଦଳୀୟକର୍ମୀ ଓ ଶୁଭେଚ୍ଛୁଙ୍କ ମହଲରେ ବାଣଫୁଟାଇ ଖୁସି ମନାଇଥିବା ଜଣାପଡ଼ିଛି ।

ଶ୍ରୀ ପ୍ରଧାନ ୨୦୦୯ରେ ସ୍ୱାଧୀନରୁ ଜିତି ପରବର୍ତି ସମୟରେ ବିଜେଡ଼ିରେ ମିଶି ୨୦୧୪ ଏବଂ ୨୦୧୯ରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେ ତାଳଚେର ଅଂଚଳର ବହୁ ଉନ୍ନତିକରି ଭୋଟରଙ୍କର ଆସ୍ଥାଭାଜନ ହୋଇପାରିଥିଲେ । ଏହା ଉପରେ ଆସ୍ଥାରଖି ଦଳର ସୁପ୍ରିମଙ୍କ ପ୍ରିୟପାତ୍ର ହେବା ସହ ତାଙ୍କୁ ପୁନଶ୍ଚ ପାର୍ଥି ଘୋଷଣା କରାଯାଇଛି ।



ଆନନ୍ଦପୁର : ପଣ୍ଡୁଆ ଠାରେ ପବିତ୍ର ଇଦ୍-ଉଲଫିତର ଉତ୍ସବରେ ଘଷିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ର (ଫଟୋ-ରବି ରାଜ)

# ଜାମା ମସଜିଦ ଓ ଇଦଘାରେ ସମୂହ ନମାଜ ପାଠ

ଭଦ୍ରକ,(ସବ୍ୟୁ):ଦୀର୍ଘ ୧ ମାସ ଧରି ନିଷ୍ଠାର ସହ ରୋଯା ରଖିଥିବା ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିମାନେ ଗୁରୁବାର ମହା ଆଡ଼ମ୍ବରରେ ଇଦ୍ ପର୍ବ ପାଳନ କରିଛନ୍ତି। ଭଦ୍ରକ ପୁରୁଣାବଜାର ସ୍ଥିତ ଜାମା ମସଜିଦରେ ସକାଳ ୯.୧୫ ମିନିଟ ଓ କୁଆଁସ କଦମ୍ବ ବେଢ଼ା ସ୍ଥିତ ଇଦଘା ମଇଦାନରେ ସକାଳ ସାଢ଼େ ୯ଟାରରେ ସହର ଛଡ଼ାକ ମହଲ୍ଲା, କାଜି ମହଲ୍ଲା, ଶଙ୍କରପୁର,ମିର୍ଜାପୁର, ଅଲାଲପୁର, ଦୁର୍ଗାପୁର, ସେକସାହି,ନଙ୍ଗାମହଲ୍ଲା, ହଜାରି ନଗର,ସାହାପୁର,ଏଲଖା, ଚରମ୍ପା ଏବଂ ବାଇପାସ ନୂଆ ମସଜିଦ୍ ସହିତ ପ୍ରାୟ ୩୦ଟି ମସଜିଦରେ ମଧ୍ୟ ହଜାର ହଜାର ସଂଖ୍ୟାରେ ଇସଲାମ ଧର୍ମ ସମ୍ପ୍ରଦାୟର ବ୍ୟକ୍ତି ନୂତନ ବସ୍ତ୍ର ପରିଧାନ କରି ନିର୍ଦ୍ଧାରିତ ସମୟରେ ସମୂହ ନମାଯ ପାଠ କରାଯାଇଥିଲା। ଜାମା ମସଜିଦରେ ହାଫିଜ ମହମ୍ମଦ ସାଦିକ ହୋସେନ ଓ ଇଦଘାରେ ମୌଲାନା ଫଜଲେ ହକ୍ ଖାନ ମୁସଲମାନ ଧର୍ମାବଲମ୍ବୀଙ୍କୁ ନମାଜ ପାଠ କରାଇବା ସହ ନୀତିନିଷ୍ଠ ଜୀବନ ଯାପନ ପାଇଁ ପରାମର୍ଶ ଦେଇଥିଲେ। ନମାଜ ପାଠ ପରେ ଉଭୟ ହିନ୍ଦୁ,ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୋବାରକ୍ ଜଣାଇଥିଲେ। ରୋଯା ଅର୍ଥ କେବଳ ଦିନ ସାରା ଭୋକିଲା ରହିବା ନୁହେଁ, ବରଂ ଆତ୍ମା ମଧ୍ୟ ଈଶ୍ୱରଙ୍କ ସାନିଧ୍ୟ ଲାଭ ପାଇଁ କ୍ଷୁଧାର୍ଥ ରହିଥାଏ ବୋଲି ନମାଯ ପାଠ ପରେ କହିଛନ୍ତି ଭଦ୍ରକ ମୁସଲିମ ଜମାତ୍ର ମିଡିଆ ସେଲ୍ ସଂଯୋଜକ ସେଖ ଅନୱର (ବାବୁ) ଆଜି ପବିତ୍ର ଦିବସ ପାଇଁ ସହରର ସମସ୍ତ ମସଜିଦକୁ ବିଭିନ୍ନ ଆଲୋକ ମାଳାରେ ସଜାଯାଇଥିବା ଦେଖିବାକୁ ମିଳିଥିଲା। ଇଦଘାଠାରେ ମୁସଲିମ ଜମାତର ସଭାପତି ହାଜି ମହମ୍ମଦ ଅବଦୁଲ ବାରି, ସାଧାରଣ ସମ୍ପାଦକ ହାଜି ଏନାମ ମହମ୍ମଦ, ସଂପାଦକ ହାଜି ଅବଦୁଲ ମୁକିତ୍ ଖାଁ, ସମ୍ପାଦକ ସେଖ ସିରାଜୁଦ୍ଦିନ, ମହମ୍ମଦ ଫାରୁକ୍, ହାଜି ଅନୱର ହୋସେନ, ଅସରଫ ଅଲି, ମିର୍ଜା ଏକ୍ରାମ ବେଗ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଯୁବନେତା ଅସିତ ପଟ୍ଟନାୟକ, ଯୁବନେତା ଲୁଲୁ ସାମଲ, ଯୁବ ନେତା ନଳିନୀ ମହାନ୍ତି, ଯୁବନେତା ଜାହିଦ ହବିବ, ଦିଲ୍ଲିପ ନାୟକଙ୍କ ସମେତ ବହୁ ରାଜନୈତିକ ନେତୃବୃନ୍ଦ ଉପସ୍ଥିତ ରହି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଅନୁରୂପ ଭଦ୍ରକ ଜିଲ୍ଲାପାଳ ବଳିରାମ ବନ୍ଦୋର, ଭଦ୍ରକ ଏସ.ପି. ବରୁଣ ଗୁଣ୍ଟୁପାଲି, ଡିଏସପି / ଡି.ଆଇ.ବି ପ୍ରଭାତ ବିଶ୍ୱାଳ, ସି.ଟି.ଡିଏସପି ଅଂଶୁମାନ ଦ୍ୱିବେଦୀ, ଥାନା ଅଧିକାରୀଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ମୁସଲମାନ ଭାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଇଦୁଲ ଫିତର ପାଳନ ଅବସରରେ ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ପଳାଶିଆ ପ୍ରାଥମିକ ବିଦ୍ୟାଳୟ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ

ପାଞ୍ଚପୀଢ ,(ସବ୍ୟୁ) : କରଞ୍ଜିଆ ମ୍ୟୁନିସିପାଲଟି ଅଧୀନ ୮ନଂ ୱାର୍ଡ ଅଙ୍ଗନୱାଡି କେନ୍ଦ୍ର ଓ ପଳାଶିଆ ପ୍ରାଥମିକ ବିଦ୍ୟାଳୟ ପରିସର ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଠାରେ କିଛି ଦୋଳି ଗତ ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରିଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରୁ ସୂଚନା ମିଳିଛି । ପ୍ରାପ୍ତ ସୂଚନା ମୁତାବକ କିଛିଦିନ ପୂର୍ବେ ଏଠାରେ ମୁକ୍ତା ଯୋଜନା ଅଧୀନରେ ଚାରିଗୋଟି ନୂତନ ଦୋଳି,ନୂତନ ପାଚେରୀ ଓ ଗେଟ ନିର୍ମାଣ କରାଯାଇଥିଲା । ତେବେ କିଛି ସ୍ଥାନୀୟ ଲୋକ ସ୍କୁଲ ପରିସରରେ ଥିବା ଗୋଷ୍ଠୀ ଗୃହକୁ ଜବରଦଖଲ କରି ରଖିଥିବାରୁ ମୁଖ୍ୟ ଫାଟକରେ ତାଲା ଲାଗି ପାରୁନାହିଁ । ଯାହାଦ୍ୱାରା ଏଭଳି ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ନୂଆ ଦୋଳି ସହିତ ପୂର୍ବରୁ ଅଙ୍ଗନୱାଡି ନିକଟରେ ଶିଶୁ ମାନଙ୍କ ଉଦ୍ଦେଶ୍ୟରେ ଲାଗିଥିବା କିଛି ପୁରୁଣା ଦୋଳି ମଧ୍ୟ ଚୋରି ହେଇଛି । ତେବେ ସୂଚନା ଥାଉକି ବିଦ୍ୟାଳୟ ପରିସରରେ ରାତି ତମାମ ଅସାମାଜିକ ବ୍ୟକ୍ତି ଆଡ୍ଡା କରୁଥିବା ଓ କବାଟ ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରିଥିବା କିଛିମାସ ପୂର୍ବେ କରଞ୍ଜିଆ ଥାନାରେ ଅଭିଯୋଗ ମଧ୍ୟ କରାଯାଇଥିଲା ।ଘଟଣାକୁ ନେଇ ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ସିଡିପିଓ ଭାରତୀ ସାହୁଙ୍କୁ ସୂଚନା ଦିଆଯାଇଛି।

## ଆଦିବାସୀ ନୃତ୍ୟଗୁରୁଙ୍କ ପତ୍ନୀ ବିୟୋଗ

ନୀଳଗିରି,(ସବ୍ୟୁ) : ଭୂମିଜ ଆଦିବାସୀ ନୃତ୍ୟଗୁରୁ ହାଡ଼ିବନ୍ଧୁ ସିଂଙ୍କ ପତ୍ନୀ ନୀରମଣି ସିଂଙ୍କର କଟକ ବଡ଼ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ଶ୍ରୀମତୀ ସିଂ ଅସୁସ୍ଥ ହୋଇପଡ଼ିବାରୁ ଗତ ୭ତାରିଖ ରବିବାର ଦିନ ତାଙ୍କୁ ଚିକିତ୍ସା ନିମନ୍ତେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ବାଲେଶ୍ୱରରେ ଯକୃତ ଚିକିତ୍ସା ବିଭାଗ ନଥିବାରୁ ତାଙ୍କୁ କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ପଠାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ନୀରମଣିଙ୍କର ପରଲୋକ ଘଟିଛି । ଏଠାରେ ଉଲ୍ଲେଖଯୋଗ୍ୟ ଗତ କିଛିଦିନ ସ୍ଥଳେ ସ୍ୱର୍ଗତାଃ ନୀରମଣିଙ୍କ ସ୍ୱାମୀ ତଥା ଆଦିବାସୀ ନୃତ୍ୟଗୁରୁ ହାଡ଼ିବନ୍ଧୁ ସିଂ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଣଧୂଳିର ଫୁଲ ଟ୍ରଷ୍ଟ, ବାଲେଶ୍ୱର ଜିଲ୍ଲା ରେଡକ୍ରସ ଓ କିଛି ବଦାନ୍ୟ ବ୍ୟକ୍ତି ସହଯୋଗର ହାତବଢାଇବା ପରେ ସେ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ନୀଳଗିରିର ମହିଷାପଟା ଗ୍ରା.ପ. ଅଧିନ ମହିଷାପଟା, କୁଆନାଳୀ, ଶାଳବଣି, ଡମ୍ବରୁ ଘାଟି ଆଦି ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକରେ ଅନେକ ଲୋକ ବୃକ୍କ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ବରଣ କରିଥିବା ବେଳେ କେତେକ ବୃକ୍କ୍ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

## ଅବକାରୀ ଚଢ଼ାଉ, ଦୁଇ ଗିରଫ

ସୋର, (ସବ୍ୟୁ) :ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୁଡ଼ ପୋଚ ନଷ୍ଟ କରିବା ସହିତ ଦେଶୀମଦ ଏବଂ ବିୟର ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୋର ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମରେ ଚଢ଼ାଉ କରି ୧୬୦୦ ଲିଟର ଗୁଡପୋଚ ନଷ୍ଟ କରିବା ସହିତ ୨୧୦ ଲିଟର ଦେଶୀମଦ ଜବତ କରି ମନରଞ୍ଜନ ବେହେରାକୁ ଗିରଫ କରିଥିଲେ। ସେହିପରି ଶିରାପୁର ଗ୍ରାମରେ ଚଢ଼ାଉ କରି ସୁରେନ୍ଦ୍ର ବେହେରା ନିକଟରୁ ୫.୮୦୦ ଲିଟର ବିୟର ଜବତ କରି ସୁରେନ୍ଦ୍ରକୁ ଗିରଫ କରିଥିଲେ। ଅପରାହ୍ନରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଏଏସଆଇ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ,ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

## ଭାଟପଡା ଭଗବତୀ ମା'ତାରିଣୀ ପୀଠ ଉତ୍ସବ ମୁଖର

ତିହିଡି,(ସବ୍ୟୁ): ତିହିଡି ବ୍ଲକ ଭାଟପଡାସ୍ଥିତ ଭଗବତୀ ମା' ତାରିଣୀ ପୀଠ ପଣାସଂକ୍ରାନ୍ତି ଲାଗି ଉତ୍ସବ ମୁଖର ହୋଇଉଠିଛି । ଗତ ୧୦ ତାରିଖ ଠାରୁ ଏଠାରେ ମା'ଙ୍କର ବାର୍ଷିକ ପୂଜା ଉତ୍ସବ ଆରମ୍ଭ ହୋଇଛି । ଏହା ଆସନ୍ତା ୧୪ ତାରିଖ ଯାଏଁ ଚାଲିବ । ଏହି ଅବସରରେ ଗତ ୧୦ ତାରିଖରେ ଅଷ୍ଟମପ୍ରହର ନାମ ସଂକୀର୍ତ୍ତନ, ୧୧ ତାରିଖରେ ବିଶ୍ୱକଲ୍ୟାଣ ମହାଯଜ୍ଞ ଆରମ୍ଭ ହୋଇ ୧୩ ତାରିଖରେ ପୂର୍ଣ୍ଣାହୂତି ଓ ୧୪ ତାରିଖରେ ପାଟୁଆ ଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ସେହିପରି ପ୍ରତ୍ୟହ ସନ୍ଧ୍ୟାରେ ମା'ଙ୍କ ପୀଠରେ ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗିତା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯିବ। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କ ପୀଠରେ ଉପସ୍ଥିତ ହୋଇ ପୂଜାର୍ଚ୍ଚନା କରିବା ସହ ମା'ଙ୍କ ଆଶୀର୍ବାଦ କାମନା କରୁଛନ୍ତି । ମା' ତାରିଣୀ ପୂଜା କମିଟିର ସଭାପତି ତା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସମ୍ପାଦକ ସୀତାକାନ୍ତ ନାୟକ, ସଦସ୍ୟ ଲକ୍ଷ୍ମୀଧର ପତି, ରଘୁନାଥ ପାତ୍ର, ଯଦୁମଣି ପାଣିଗ୍ରାହୀ, ଶୁକଦେବ ମଳିକ, ତପନ ମିଶ୍ର, ପ୍ରତାପ ଜେନା, ଦେବବ୍ରତ ପାଢ଼ୀ, ତାପସ କୁଣ୍ଡ, ରମାକାନ୍ତ ପଣ୍ଡା, ମାୟାଧର ବାରିକ, ଗିରିଜା ଦାସ, ସନାତନ ସାହୁ ଓ ମାନସ ତ୍ରିପାଠୀ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ସମଗ୍ର ଜିଲ୍ଲାରେ ଆରାଧ ଦେବୀ ଭାବେ ପୂଜାପାଉଥିବା ଭାଟପଡା ମା' ତାରିଣୀଙ୍କ ପୀଠକୁ ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଆଗମନ କରିବା ସହ ମା'ଙ୍କ ଠାରେ ମାନସିକ ରଖିଥାନ୍ତି ଓ ମାନସିକ ପୂରଣ ପରେ ଏଠାକୁ ଆସି ପୂଜାର୍ଚ୍ଚନା କରିବାର ପରମ୍ପରା ବହୁ ଦିନରୁ ରହି ଆସିଛି ବୋଲି ମା'ଙ୍କର ପୂଜକ ଦୀନବନ୍ଧୁ ବେହେରା ପ୍ରକାଶ କରିଛନ୍ତି।

## କାର୍‌କୁ ଧକ୍କା ଦେଲା ଟ୍ରକ : ଜଣେ ଗୁରୁତର



ପାଟଣା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଧନୁରଜୟ ପୁର ନିକଟରେ କାରକୁ ଟ୍ରକ୍ ଧକ୍କା ଦେବାରୁ ଜଣେ ଗୁରୁତର ଜଣେ ଆହତ ହୋଇଛନ୍ତି।ସୂଚନା ଅନୁଯାୟୀ ସ୍ୱାମ ଶାସନ ର ଗଦାଧର ଦାଶ୍,ପୁଅ କ୍ଷୀରୋଦ ଚନ୍ଦ୍ର ଦାଶ୍ ଦୁହେଁ ଡୁବୁରୀ ହାଟସାରି ତାଙ୍କ କାର ଯୋଗେ ଘରକୁ ଫେରୁଥିବା ସମୟରେ ଢେଙ୍କିକୋଟ ପାଟଣା ୨୨୦ନଂ ଜାତୀୟ ରାଜପଥ କାଶିଆ ନିକଟରେ ଏକ ଟ୍ରକ କାରକୁ ଧକ୍କା ଦେଇଥିଲା। ଫଳରେ କାର ଚାଳକ ଭାବେ କ୍ଷୀରୋଦ ଚନ୍ଦ୍ର ଅବସ୍ଥା ଗୁରୁତର ସହ ତାଙ୍କ ବାପା ଗଦାଧର ଦାଶ ଆହତ ହୋଇ ଥିବା ବେଳେ ସ୍ଥାନୀୟ ଲୋକେ ଘଟଣାସ୍ଥଳ ରୁ ଦୁହେଁ ଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁହେଁ ଙ୍କ ପ୍ରାଥମିକ ଚିକିତ୍ସା ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣା ଗ୍ରସ୍ତ କାର ଓ ଟ୍ରକ୍‌କୁ ପୋଲିସ ଜବତ କରିଥିବା ବେଳେ ଟ୍ରକଡ୍ରାଇଭର ଢେଙ୍କିକୋଟ ଫାଣ୍ଡି ରେ ଆତ୍ମ ସମର୍ପଣ କରିଥିବା ଜଣାପଡ଼ିଛି ।

# ଇଦ୍ ଉଲ ଫିତର ପାଳିତ



କରଞ୍ଜିଆ , (ସବ୍ୟୁ) : ମୁସଲମାନ ଧର୍ମାବଲମ୍ବୀଙ୍କ ତ୍ୟାଗର ପର୍ବ ବା ଆତ୍ମା ଓ ପରମାତ୍ମାଙ୍କ ମିଳନର ପର୍ବ ଇଦ୍ ଉଲ ଫିତର ଗୁରୁବାର ଦିନ କରଞ୍ଜିଆର ବିଭିନ୍ନ ଅଞ୍ଚଳରେ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଛି। ରମଜାନ ମାସର ଉପବାସ ପରେ ଇଦଗାହ ଗୁଡ଼ିକରେ ସାମୁହିକ ପ୍ରାର୍ଥନା ଓ ନମାଜ ପାଠ ଅନୁଷ୍ଠିତ ହୋଇଥିଲା।କରଞ୍ଜିଆର କରଞ୍ଜିଆ ସହର, ତାଟୋ, ଝାଟିଆଳୀ, ମଣ୍ଡୁଆ, ଚଢେଇଭୋଳ ଠାରେ ବସବାସ କରୁଥିବା ମୁସଲମାନ ଧର୍ମାବଲମ୍ବୀଙ୍କ ଦ୍ୱାରା ଏହି ପର୍ବ ପାଳନ କରାଯାଇଥିଲା।ଜାକାତ୍ ଓ ଫିତରା ଦାନ କରାଯାଇଥିଲାଛ ଚଢେଇଭୋଳ ଠାରେ ଅନୁଷ୍ଠିତ ସାମୁହିକ ନମାଜ ପାଠ ସମୟରେ ପ୍ରାୟ ୨୦୦୦ ସମ୍ପ୍ରଦାୟର ଲୋକଙ୍କ ଉପସ୍ଥିତିରେ ଇମାମ ସାହେବ ମାନେ ନମାଜ ପାଠ କରାଇଥିଲେ ଏବଂ ଗାଁ କମିଟିର ସର୍ଦ୍ଦାର ମହମ୍ମଦ ଜଲାଲ ଏବଂ ସାଥି ମାନେ ପରିଚାଳନା କରିଥିଲେଛ ସ୍ଥାନୀୟ ହିନ୍ଦୁ ଭାଇମାନଙ୍କ ସହ ସମସ୍ତେ ମିଳିତ ହୋଇ ଏହି ପର୍ବ ପାଳନ କରିଥିଲେ ଏବଂ ପୋଲିସ ପ୍ରଶାସନ ମଧ୍ୟ ସମସ୍ତ ପ୍ରକାର ସହଯୋଗ କରିଥିଲେ। ନମାଜ ପାଠ ପରେ ନିକଟସ୍ଥ କବରସ୍ଥାନରେ ମୃତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା ମଧ୍ୟ କରାଯାଇଥିଲା। ସେହିପରି କରଞ୍ଜିଆ ଠାରେ ହିନ୍ଦୁ ମୁସଲମାନ ଭାଇଚାରାର ସଦୃଶ ଉଭୟ ଧର୍ମର ଲୋକେ ମିଳିତ ହୋଇ ଆଲିଙ୍ଗନ କରି ମିଷ୍ଟାନ୍ନ ଖାଇଥିଲେ।

## ସାପ କାମୁଡାରେ ମହିଳା ମୃତ

ଦୋବଲ,(ସବ୍ୟୁ):ଧାମନଗର ଥାନା କରଦା ପଞ୍ଚାୟତ ମୁହାଁଣପଡା ଗ୍ରାମର ମକୁନ୍ଦ ସାହୁଙ୍କ ପତ୍ନୀ ଭାରତୀ ସାହୁ(୬୦) ଏକ ବିଷଧର ସାପ କାମୁଡାରେ ତାଙ୍କର ମୃତ୍ୟୁ ଘଟିଛି। ଗୁରୁବାର ଦିନ ଭାରତୀ ଘୋରୋଇ କାମ କରୁ ଥିବାବେଳେ ଏକ ବିଷଧର ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା। ପରିବାର ଲୋକ ତାଙ୍କୁ ତୁରନ୍ତ ଯାଜପୁର ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ସମ୍ପୃକ୍ତ ଗ୍ରାମରେ ଶୋକର ଛାୟା ଯାଇଛି।

## ନିର୍ବାଚନକୁ ନେଇ ଗାଡି ମୋଟର ଯାଞ୍ଚ

ପାଟଣା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ବଜାରରେ ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବୁଧବାର ଦିନ ପାଟଣା ବୈତରଣୀ ପୋଲ ଉପରେ ପାଟଣା ଅତିରିକ୍ତ ତହସିଲଦାର ଶ୍ରବଣ କୁମାର ଜେନା, ସୁପରଭାଇଜର ବନମାଳୀ ନାୟକ ଓ ପୋଲିସ ଟିମ୍ ପାଟଣା ଅତିରିକ୍ତ ଥାନା ଅଧିକାରୀ ଲକ୍ଷ୍ମଣ ମାଝୀ ଉପସ୍ଥିତ ରହି ରାସ୍ତା ରେ ଯାତାୟାତ କରୁଥିବା ୨ ରୁ ୪ ଚକିଆ ଯାନବାହନ ଗୁଡ଼ିକୁ ଅଟକାଇ ଡିକି ଖୋଲି ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି।

## ପଶ୍ଚିମା ଠାକୁରାଣୀଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ

ଖଇରା,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ତୁଡିଗଡିଆ ସଂଲଗ୍ନ ତେନ୍ତୁଳିଆପଡା ଗ୍ରାମରେ ଅଧିଷ୍ଠାତ୍ରୀ ଦେବୀ ମା ପଶ୍ଚିମାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଗୁରୁବାର ଦିନ ମହାସମାରୋହରେ ଭକ୍ତିପୂର୍ଣ୍ଣ ପରିବେଶରେ ପାଳିତ ହୋଇ ଯାଇଛି । ପଣ୍ଡିତ ଦୟାନିଧି ଆଚାର୍ଯ୍ୟ,ଜନାର୍ଦ୍ଦନ ପାଢ଼ୀଙ୍କ ତତ୍ତ୍ୱାବଧାନରେ କଳସ ପୂଜା,ଚଣ୍ଡୀପାଠ ସହିତ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା ଓ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ମାରୱାଡି ସମାଜର ଯୁବ ଗୋଷ୍ଠୀ,ଗାଁ ସଭାପତି ରତ୍ନାକର ମାଝୀ,ଲୋଚନ ଘଡେଇ,ଗୟାଧର ଗାହାଣ,ବାପି ମାଝୀ, ରମେଶ ଗୁପ୍ତା, ଲକ୍ଷ୍ମଣ ଧଡା, ଦୀପକ ଗାହାଣ,କମଳ ଗୁପ୍ତା,ଗୟାଧର ଘଡେଇ,ଅଭିରାମ ମାଝୀ,ସଞ୍ଜିବ ମାଝୀ ଓ କୈଳାସ ବେହେରା ପ୍ରମୁଖ ପ୍ରତିଷ୍ଠା ଉତ୍ସବ ପାଳନରେ ସହଯୋଗ କରିଥିଲେ ।

## ଇଦ୍‌ପର୍ବ ପାଳିତ

ଆଗରପଡ଼ା,(ସବ୍ୟୁ): ସ୍ଥାନୀୟ ପୁରୁଷଣ୍ଡ, ଘଣ୍ଟଗଡ଼ିଆ ଓ ଚାରିଘରିଆ ଆଦି ସ୍ଥାନରେ ଇଦପର୍ବ ପାଳିତ ହୋଇଯାଇଛି। ମୁସଲିମ ଭାଇମାନେ ସମୂହ ନମାଜ ପାଠ ସହ ନୂଆବସ୍ତ୍ର ପିନ୍ଧି ଅନ୍ୟମାନଙ୍କୁ ଇଦ ମୋବାରକ ଜଣାଇଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ,ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା,ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ,ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ,ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ,ବିଜ୍ଞାନ ମହାନ୍ତି,କଂଗ୍ରେସ ନେତା ସୁବ୍ରତ ଦାସ,ରାଜକିଶୋର ସ୍ୱାଇଁଙ୍କ ସମେତ ବିଜେପି ନେତାମାନେ ଏଠାରେ ପହଂଚି ମୁସଲିମ ଭାଇ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ପିଲା ଚୋରି ଅଭିଯୋଗ : ଜଣେ ଅଟକ

ସୋର, (ସବ୍ୟୁ) : ସୋର ଷ୍ଟେସନଛକ ନିକଟରେ ପିଲା ଚୋରକୁ ଧରି ପୁଲିସ ଜିମାଦେଲେ ସ୍ଥାନୀୟ ଲୋକେ। ସୋର ଥାନା ଅନ୍ତର୍ଗତ ରଘୁନାଥପୁର ଗଞ୍ଜ ଗ୍ରାମର ହୃଷୀକେଶ ମାସନ୍ତ ଏହି ସ୍ଥାନରେ ଏକ ଦୋକାନ କରିଛନ୍ତି। ଦୋକାନରେ ତାଙ୍କ ସ୍ତ୍ରୀ ଏବଂ ୯ ବର୍ଷର ଶିଶୁକନ୍ୟା ରୁହନ୍ତି। ଆଜି ସନ୍ଧ୍ୟାରେ ଜଣେ ଅଣଓଡ଼ିଆ ଯୁବକ ଦୋକାନ ନିକଟରେ ପହଞ୍ଚି ଶିଶୁକନ୍ୟାକୁ ପ୍ରଲୋଭନ ଦେଖାଇ ଜବରଦସ୍ତ ନେଇଯାଉଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଅଟକାଇ ଶିଶୁକନ୍ୟାକୁ ଉଦ୍ଧାର କରିବା ସହିତ ଯୁବକକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ନିର୍ବାଚନୀ ସଚେତନତା ଶୋଭାଯାତ୍ରା

ପାଞ୍ଚପୀଢ , (ସବ୍ୟୁ) :ସାଧାରଣ ନିର୍ବାଚନ ୨୦୨୪ ଉପଲକ୍ଷେ ସାଧାରଣ ଜନତାଙ୍କୁ ନିର୍ବାଚନରେ ବିନା କୌଣସି ବାଧା ବାଧକତାରେ ବା ପ୍ରଲୋଭନରେ ନିଜର ମତବ୍ୟକ୍ତ କରିବା ପାଇଁ ସଚେତନତା କରିବା ଲାଗି କରଞ୍ଜିଆ ମୁଖ୍ୟ ଡାକଘର କର୍ମଚାରୀମାନଙ୍କ ଦ୍ୱାରା ବୁଧବାର ଦିନ କରଞ୍ଜିଆ ବଜାର ମଧ୍ୟରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା ଶୋଭାଯାତ୍ରା କରଞ୍ଜିଆ ମୁଖ୍ୟ ଡାକଘର ଠାରୁ ଆରମ୍ଭ ହୋଇ ସାହାରପଡା ଛକ, ବଡ଼ଦାଣ୍ଡ ଛକ, କଚେରୀ ଛକ ଦେଇ ମୁଖ୍ୟ ଡାକଘରେ ପହଞ୍ଚିଥିଲା। ନିର୍ବାଚନ ଏକ ଜାତୀୟ ପର୍ବ ଏବଂ ସମସ୍ତେ ନିଜ ନିଜର ମତଦାନ ସାବ୍ୟସ୍ତ କରି ଏକ ଭଲ ସରକାର ଗଠନ କରିବା ଉଦ୍ଦେଶ୍ୟରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।ପୋଷ୍ଟାଲ ଇନ୍ସପେକ୍ଟର ବିକ୍ରମ କୁମାର ନାୟକଙ୍କ ନେତୃତ୍ୱରେ ମୁଖ୍ୟ ଡାକଘର ପୋଷ୍ଟ ମାଷ୍ଟର ନନ୍ଦ କିଶୋର ନାୟକ ଏବଂ ଏହାର ଆଖପାଖ ଅଞ୍ଚଳର ସମସ୍ତ ଡାକ କର୍ମଚାରୀ ମାନେ ଏହି ଶୋଭାଯାତ୍ରାରେ ବିଭିନ୍ନ ପ୍ଲାକାର୍ଡ ମାନ ଧରି ନାରା ଦେଇ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

## ଇଦୁଲ-ଫିତର ପାଳିତ

ବାସୁଦେବପୁର,(ସବ୍ୟୁ): ଶେଷ ହେଲା ପବିତ୍ର ରମଜାନ ମାସ। ମାସେ କାଳ ନିରାହାର ଉପାସ ରହି ପାଳିଥିଲେ ବ୍ରତ। ଜହ୍ନ ଦେଖିବା ପରେ ପାଳିତ ହୋଇଛି ଭାଇଚାରାର ପର୍ବ ଇଦୁଲ୍ ଫିତର। ବାସୁଦେବପୁର ବିଭିନ୍ନ ସ୍ଥାନରେ ଶାନ୍ତି ଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସର ସହିତ ପବିତ୍ର ଇଦୁଲ ଫତର ପାଳିତ ହୋଇଯାଇଛି। ଏହି ଅବସରରେ ସାବରପୁର ବଡି ମସଜିଦ୍ ଇଦ୍‌ଗା ପଡିଆରେ ମୁସଲମାନ ଭାଇମାନେ ସମ୍ମୁହ ନମାଜ ପାଠ କରିବା ପରେ ମୌଲବୀ ମହମ୍ମଦ ଅଶ୍ରଫ୍ ଜାହାର୍ଙ୍ଗି ମିସବାହୀ ପ୍ରବଚନ ଦେଇଥିଲେ। ନମାଜ ପାଠରେ ଉପସ୍ଥିତ ସମବେତ ଜନତା ଅନୁଷ୍ଠାନ ପାଇଁ ଅର୍ଥ ଦାନ କରିଥିଲେ। ପବିତ୍ର ଇଦୁଲ୍ ଫିତର ପର୍ବ ଅବସରରେ ପରସ୍ପରକୁ ଆଲିଙ୍ଗନ କରି ଆନ୍ତରିକତାର ସହିତ ଇଦ୍‌ମୋବା ରଖ୍ କରି ଶୁଭେଚ୍ଛା ଜଣାଇଥିଲେ। ତାହିରି ବାବାଙ୍କ ଆସ୍ଥାନାରେ ଦର୍ଶନ କରିଥିଲେ। ଏହି ଭାଇଚାରା ଉତ୍ସବରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ,ଅସିତ କୁମାର ଦାଶ,ମାନସ ରଞ୍ଜନ ସାହୁ,ଜିଲ୍ଲା କଂଗ୍ରେସର ସଭାପତି ଅଶୋକ କୁମାର ଦାସ,ବିଜୟ କୁମାର ମହାନ୍ତି,ଭକ୍ତରଞ୍ଜନ ପଟ୍ଟନାୟକ,ବିଜେପିର ଜିଲ୍ଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ ପ୍ରମୁଖ ଯୋଗଦେଇ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ପ୍ରତି ବର୍ଷ ପରି ମିଠା ବାଣ୍ଟି ଏଠାରେ ଉପସ୍ଥିତ ଥିବା ହିନ୍ଦୁ ଭାଇମାନଙ୍କୁ ମଧ୍ୟ କୋଳାଗ୍ରତ କରି ଶୁଭେଛା ଜଣାଇଥିଲେ।

## ପବିତ୍ର ଇଦ-ଉଲ-ଫିତର ପର୍ବ ପାଳନ

ଧାମନଗର,(ସବ୍ୟୁ):ଧାମନଗର ଅଂଚଳରେ ପବିତ୍ର ଇଦ-ଉଲ-ଫିତର ପର୍ବ ଆନନ୍ଦ ଉଲ୍ଲାସର ସହ ପାଳନ ହୋଇଯାଇଛି। ଗୁରୁବାର ସକାଳ ଆଠଟାରେ ହଜାର ହଜାର ସଂଖ୍ୟାରେ ମୁସଲମାନଭାଇ ମାନେ ନୂତନ ବସ୍ତ୍ର ପରିଧାନ କରି ଧାମନଗର ସ୍ଥିତ ଇଦଗା ମୈଦାନରେ ସମବେତ ହୋଇଥିଲେ। ଆଠଟା ସମୟରେ ସମୂହ ନମାଜ ପାଠ କରାଯାଇଥିଲା। ଧାମନଗର ଖାନକାସରିଫର ମତଓ୍ୱଲି ଅଲହାଜ ସୟଦ ଗୋଲାମ ମହମ୍ମଦ ହବିବି ସମବେତ ମୁସଲମାନଭାଇ ମାନଙ୍କ ଉଦ୍ଦେଶ୍ୟରେ ଧର୍ମୀୟ ଉଦବୋଧନ ଦେଇଥିଲେ। ନମାଜ ପାଠ ପରେ ଇଦଗା ମୈଦାନରୁ ଏକ ସୁସଜ୍ଜିତ ଗାଡିରେ ମତଓ୍ୱଲିଙ୍କୁ ଶୋଭାଯାତ୍ରାରେ ନିଆଯାଇଥିଲା। ଏହି ଶୋଭାଯାତ୍ରା ଧାମନଗର ବଡବଜାର,ସାନବଜାର ଦେଇ ଖାନକାସରିଫ ପରିସରରେ ପହଂଚିଥିଲା। ସେଠାରେ ପୀର ବାବା ହଜୁର ମୁଜାହିଦ୍-ଏ-ମିଲ୍ଲତଙ୍କ ଆସ୍ତାନରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ,ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ବିଜେଡି ବିଧାୟକ ପ୍ରାର୍ଥୀ ଡାକ୍ତର ସଂଜୟ କୁମାର ଦାସ,ଏନଏସି ଅଧ୍ୟକ୍ଷା ନିବେଦିତା ଜେନା,କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢ଼ୀ,ରମେଶ ଚନ୍ଦ୍ର ବେହେରା,ରଞ୍ଜନ କୁମାର ବେହେରା,ସଂଜୟ କୁମାର ମିଶ୍ର, ବିଜେପି ନେତା କୈଳାସ ଚନ୍ଦ୍ର ମହାପାତ୍ର,ବିରେନ୍ଦ୍ର କୁମାର ଜେନା,ଶ୍ରୀଧର ବେହେରା ପ୍ରମୁଖ ବହୁ ରାଜନେତା ଓ କର୍ମୀ ମୁସଲମାନଭାଇ ମାନଙ୍କୁ ଭେଟି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ସେହିପରି ଦୋବଲ,ମୁସ୍ତଫୀପୁର,ଗୁଡିପୋଖରୀ,ପନ୍ଦରବାଟିଆ,ତୁଡାକୁଟି ଆଦି ସ୍ଥାନରେ ଇଦ୍ ପର୍ବ ପାଳନ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା।

## ସାନ୍ତରାପୁରରେ ଇଦ୍ ପର୍ବ

ଢେଙ୍କିକୋଟ,(ସବ୍ୟୁ) :କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ସାନ୍ତରାପୁର ଠାରେ ଗୁରୁବାର ଦିନ ସଂଖ୍ୟାଲଘୁ ସମ୍ପ୍ରଦାୟ ସମାଜ ତରଫରୁ ଇଦ୍ ପର୍ବ ପାଳିତ ହୋଇଯାଇଛି । ପ୍ରାତଃ ସମୟରେ ମସଜିଦ ଠାରେ ସାମୁହିକ ନମାଜ ପାଠ ପରେ ପରସ୍ପର ଇଦ୍ ମୁବାରକ କରିଥିଲେ । ମିଠା ଖାଇବା ସହିତ ଘର କୁ ଘର ବୁଲି ଇଦ୍ ପର୍ବ ର ଶୁଭେଚ୍ଛା ଜଣାଇଥିଲେ । ପରେ ପରେ ଦିନଦୁଖୀ ଲୋକମାନଙ୍କୁ ଅର୍ଥ,ଅନ୍ନ,ଓ ବସ୍ତ୍ର ପ୍ରଦାନ କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ ବିଜୁ ଜନତା ଦଳ ତରଫରୁ ଘସିପୁରା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ବଦ୍ରୀ ନାରୟଣ ପାତ୍ର, ଜିଲ୍ଲାର ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ସାହୁ କଂ ସମେତ ବହୁ ମାନ୍ୟଗଣବ୍ୟକ୍ତି ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଖ୍ୟାଲଘୁ ସମ୍ପ୍ରଦାୟ ର ସେକ ଇମ୍ରଝନ୍,ସେକ ତାହିର,ସେକ ମୋବିନ,ସେକ ମଇମୁର୍,ସେକ ଜଲିଲ୍,ସେକ ଦାଉଦ,ସେକ ମହମ୍ମଦ୍,ସେକ ରଫିକ୍,ସେକ ସଫିକ୍ ସମେତ ଏକଶହ ରୁ ଅଧିକ ବ୍ୟକ୍ତି ଉପସ୍ତିତ ଥିଲେ । ସଭିଙ୍କୁ ଇଦ୍ ମୁବାରକ କରିବା ସହିତ ଅତିଥି ମାନଂକୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ : ସ୍ନାତକୋତ୍ତର ଶିକ୍ଷା ବିଭାଗ ବାର୍ଷିକ ଉତ୍ସବ




ବାଲେଶ୍ୱର,(ସବ୍ୟୁ) : ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗର ବାର୍ଷିକ ଉତ୍ସବ ଅମୃତମସ୍ତୁତେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଦିନିକିଆ କାର୍ଯ୍ୟକ୍ରମଟି ଆଲୁମିନି ମିଟ, ଆଲୁମିନି କଲେକ୍ସିମ୍ ଏବଂ ବିଭାଗର ବାର୍ଷିକ ଉତ୍ସବ -୨୦୨୪କୁ ନେଇ ପ୍ରସ୍ତୁତ କରାଯାଇଥିଲା ଓ ବିଶ୍ୱବିଦ୍ୟାଳୟର ପୁରାତନ କ୍ୟାମ୍ପସ ପରିସର ମଧ୍ୟରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନଟି ବିଭାଗ ମୁଖ୍ୟ ପ୍ରଫେସର ଜ୍ୟୋତିଶଙ୍କର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆରମ୍ଭ କରାଯାଇଥିଲା । ଏଥିସହ ପୁରାତନ ଛାତ୍ରସଂସଦର ସଂଯୋଜକ ପ୍ରଫେସର ଡକ୍ଟର ଅମୁଲ୍ୟ କୁମାର ଆଚାର୍ଯ୍ୟ, ପୁରାତନ ଛାତ୍ର ସଂସଦର ସଭାପତି ଲକ୍ଷ୍ମୀନାରାୟଣ ନାୟକ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ବିଭାଗର ପୁରାତନ ଛାତ୍ର ଡ. ରାମଚନ୍ଦ୍ର ମାଝୀ ଓ ଲକ୍ଷ୍ମୀନାରାୟଣ ନାୟକ ବିଭାଗର ଉନ୍ନତି କରଣ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ସମ୍ପର୍କରେ ବିବିଧ ଆଲୋଚନା କରିଥିଲେ । ଏଥିରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଦ୍ୱିତୀୟ ଅଧିବେଶନ ତଥା ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ବିଶେଷ ଅତିଥିଭାବେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତାଭାବେ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ଜ୍ୟୋତିଶଙ୍କର ପ୍ରଧାନ, ଡକ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା । ଡକ୍ଟର ପ୍ରତିମା ପ୍ରଧାନ କାର୍ଯ୍ୟକ୍ରମର ସଂଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମିଳୁନି ପାଣି : ଗରା, ବାଲଟି ଧରି ବ୍ଲକ୍ ଘେରିଲେ ମହିଳା



କେନ୍ଦୁଝର , (ସ୍ୱପ୍ର) : ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବା ବେଳେ ଜଳ ସଂକଟ ଉତ୍କଟ ହୋଇଛି। ଗ୍ରାମାଞ୍ଚଳରେ କେଉଁଠି ନଳକୂପ ଅଚଳ ତ ଆଉ କେଉଁଠି ଗୋଳିଆ ପାଣି ବାହାରୁଛି। ପିଇବା ପାଣି ଟୋପାଏ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି।ଏହାର ପ୍ରତିବାଦରେ ଗୁରୁବାର ଦିନ କେନ୍ଦୁଝର ଜିଲ୍ଲା ହରିଚନ୍ଦନ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଗୌଣିଘସା ପଞ୍ଚାୟତ ଚିଲିକିଧରା ଗ୍ରାମର ବାଦବାହାଲି ସାହିବାସୀ ସାହିର ମହିଳାମାନେ ଆଜି ଗରା, ବାଲଟି ଧରି ବ୍ଲକ୍ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଦାବି ଜଣାଇଛନ୍ତି।ବାଦବାହାଳି, ମହାନ୍ତସାହି ଓ ମାଟିଗଡ଼ିଆରେ ୮୦ଟି ପରିବାର ବାସ କରୁଛନ୍ତି। ମାଟିଗଡ଼ିଆରେ ଥିବା ନଳକୂପରୁ ଲେହଯୁକ୍ତ ପାଣି ବାହାରୁଛି।ଯାହା ପିଇବା ପାଇଁ ଉପଯୁକ୍ତ ନୁହେଁ। ସେହିପରି ବାଦବାହାଲିସାହିରେ ଥିବା ନଳକୂପରୁ ଖୁବ କମ୍ ପରିମାଣର ପାଣି ବାହାରୁଛି। ପାଣି ପାଇଁ ନଳକୂପ ନିକଟରେ ମହିଳାମାନେ ବହୁ ସମୟ ଧରି ଅପେକ୍ଷା କରୁଛନ୍ତି। ଉଭୟ ନଳକୂପ ମରାମତି କରିବା ସହ ମହାନ୍ତସାହିରେ ଏକ ନଳକୂପ ଖନନ କରିବାକୁ ଲୋକେ ଦାବି କରିଆସୁଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ଏନେଇ କେଣସି ପଦକ୍ଷେପ ନିଆଯାଉ ନାହିଁ। ଏହାର ପ୍ରତିବାଦରେ ଗୁରୁବାର ଦିନ ନମିତା ମାଝୀ, ଚେମି ମହାନ୍ତ, ପ୍ରେମଲତା ମହାନ୍ତ, ସୁମିତ୍ରା ହେମ୍ବ୍ରମ, ଅଝଟି ମାଝୀ, ସାଗଲେ ମାଝୀ, ବେଙ୍ଗବତୀ ଦେହୁରୀ, ସବିତା ଦେହୁରୀ, ରକ୍ମିଣୀ ଦେହୁରୀ ଗୁରୁବାରୀ ମହାନ୍ତ, ସୁମିତ୍ରା ମହାନ୍ତ, ଲିପି ମହାନ୍ତ ଓ ଟିଞ୍ଚୁ ମହାନ୍ତ ପ୍ରମୁଖ ଗରା, ବାଲଟି ଧରି ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ବିଡିଓ ଦୁଲାରାମ ମାରାଣ୍ଡି ମହିଳାଙ୍କ ସହିତ ଆଲୋଚନା କରିଥିଲେ। ନଳକୂପ ମରାମତି ପାଇଁ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଘରକୁ ଫେରିଥିଲେ। ପରେ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ସ୍ୱପ୍ନାରାଣୀ ଉପାଧ୍ୟାୟ ଓ ବିଭାଗୀୟ କର୍ମଚାରୀମାନେ ଉକ୍ତ ସାହିକୁ ଯାଇ ନଳକୂପ ଅବସ୍ଥା ଯାଞ୍ଚ କରିଥିବା ଜଣାପଡ଼ିଛି।

# ସମ୍ପାଦକ ସନନ୍ଦ

ଶୁକ୍ରବାର, ୧୨ ଏପ୍ରିଲ ୨୦୨୪


**(ଶ୍ରୀମଭଗବଦ୍ ଗୀତା ୫/୦୪)**

**–କର୍ମସନ୍ୟାସଯୋଗଃ–**

**(ଶ୍ରୀଭଗବାନୁବାଚ )**

**ସାଂଖ୍ୟଯୋଗୌ ପୃଥଗ୍ବଲାଃ ପ୍ରବଦନ୍ତି ନ ପଣ୍ଡିତଃ ।**
**ଏକମପ୍ୟାସ୍ଥିତଃ ସମ୍ୟଗୁଭୟୋର୍ବିନ୍ଦତେ ଫଳମ୍ ।।୪।।**

ଅଜ୍ଞମାନେ ସନ୍ୟାସ ଓ କର୍ମଯୋଗକୁ ଭିନ୍ନ ବୋଲି କହନ୍ତି, କିନ୍ତୁ ପଣ୍ଡିତମାନେ କହନ୍ତି ନାହିଁ, ଏ ଦୁହିଁଙ୍କ ମଧ୍ୟରୁ ଗୋଟିକୁ ସମ୍ପୂର୍ଣ୍ଣ ରୂପେ ଆଶ୍ରୟ କଲେ, ଉଭୟର ଫଳ (ମୋକ୍ଷ) ମିଳେ ।।୪।।

## ସମ୍ପାଦକୀୟ

# ସ୍ୱାର୍ଥରୁ ପରାର୍ଥ

ପ୍ରତି ମୁହୂର୍ତ୍ତରେ ଅହଂଭାବ ରୂପାନ୍ତରିତ ହେଉଅଛି । କେତେବେଳେ ଏହା ଆତ୍ମା ଦିଗକୁ କେତେବେଳେ ଅବା ଜଡ଼ ବା ସଂକୀର୍ଣ୍ଣତା ଦିଗକୁ ଧାବିତ ହେଉଅଛି । ଯେଉଁମାନେ ଅହଂକାରକୁ ଆତ୍ମପରକ ଭାବରେ ଗ୍ରହଣ କରି ତଦନୁକୂଳ ଜୀବନଯାପନ କରନ୍ତି, ସେମାନଙ୍କ ଅହଂଭାବ ବିଶ୍ୱାତ୍ମାରେ ପର୍ଯ୍ୟବେଶିତ ହୁଏ । ସ୍ୱାର୍ଥ ପରାର୍ଥରେ ପରିଣତ ହୁଏ । ପ୍ରକୃତପକ୍ଷେ ମନୁଷ୍ୟ ଘୋର ଜଡ଼ବାଦୀ ହୋଇ ସୁଦ୍ଧା, ସଂକୀର୍ଣ୍ଣ ସ୍ୱାର୍ଥ ମଧ୍ୟରେ ମଜ୍ଜି ରହିଲେ ମଧ୍ୟ ସ୍ୱାର୍ଥର ଅନ୍ତରାଳରେ ପରାର୍ଥର ଭାବନା ଅଜ୍ଞାତସାରରେ ଉପସ୍ଥିତ ଥିବା ଦେଖାଯାଏ । ଅନେକ କ୍ଷେତ୍ରରେ କୌଣସି ପରାର୍ଥ କାର୍ଯ୍ୟ ସାଧନ କରିବା ପରେ ମନୁଷ୍ୟ–ଅନ୍ତରରେ ଅନିର୍ବଚନୀୟ ଆହ୍ଲାଦ ଓ ତୃପ୍ତି ଜାତ ହୁଏ । ସେ ନିଜେ ଏହା ବୁଝିପାରେ । ନିଷ୍ଠୁର ଓ ସ୍ୱାର୍ଥୀ ହେଲେ ପରିବାର ସୁଖ ଲାଗି ନିଜେ ଦାରୁଣ ଦୁଃଖ ସହିବାକୁ ମନୁଷ୍ୟ କୁଣ୍ଠାବୋଧ କରେ ନାହିଁ । ଏପରିକି ନିଜ ଶିଶୁକୁ ରକ୍ଷା କରିବା ପାଇଁ ମାତା ବାଘ ମୁହଁକୁ ଡ଼େଇଁପଡ଼େ । ମାତାପିତା ସନ୍ତାନ ପାଇଁ ବହୁ କଷ୍ଟ ସ୍ୱୀକାର କରିଥାନ୍ତି । ସନ୍ତାନକୁ ଦୁଃଖୀ ହେବା ଦେଖିଲେ ନିଜେ ଦୁଃଖ ଅନୁଭବ କରନ୍ତି, ଏପରିକି ବେଳେ ବେଳେ ପୁତ୍ରଶୋକରେ ମୃତ୍ୟୁ ବରଣ କରନ୍ତି । ଅଜ୍ଞାତସାରରେ ହେଲେ ସୁଦ୍ଧା ଏହା କ'ଣ ନିଃସ୍ୱାର୍ଥ ପ୍ରେମର ପରିଚାୟକ ନୁହେଁ କି ? ସେହିପରି ଦଳ ବା ଗୋଷ୍ଠୀ ନେତା, ସେନାଧ୍ୟକ୍ଷ, ରାଷ୍ଟ୍ରନାୟକ ସାମୂହିକ ମଙ୍ଗଳ ପାଇଁ ବ୍ୟକ୍ତିଗତ ସୁଖସ୍ୱାଚ୍ଛନ୍ଦ୍ୟକୁ ବଳିଦାନ କରିଥାନ୍ତି । ଏହି ସବୁରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ, ପରାର୍ଥତା ଅଜ୍ଞାତସାରରେ କାର୍ଯ୍ୟ କରିଚାଲିଛି । ସ୍ୱାର୍ଥରୁ ପରାର୍ଥ ଜନ୍ମଲାଭ କରୁଛି । ବ୍ୟଷ୍ଟିରୁ ସମଷ୍ଟି ଦେଇ, ସଂକୀର୍ଣ୍ଣତାରୁ ଅପେକ୍ଷାକୃତ ବିଶାଳ ରୂପ ଗ୍ରହଣ କରି ପରାର୍ଥତା କ୍ରମଶଃ ବିଶ୍ୱାତ୍ମାଙ୍କଠାରେ ଲୀନ ହେବା ପାଇଁ ଗତି କରୁଛି ।

ମାତାପିତାଙ୍କଠାରୁ ସନ୍ତାନ ଜନ୍ମ ହୁଅନ୍ତି । ତା'ପରେ ପିତାମାତା ଦେହତ୍ୟାଗ କରନ୍ତି । ସନ୍ତାନ ପୁଣି ପିତାମାତା ହୁଅନ୍ତି ଓ ଭବିଷ୍ୟତ ବଂଶଧରକୁ ଜନ୍ମ ଦେଇ ନିଜ ମାତାପିତାଙ୍କ ଠାରୁ ବିଦାୟ ନିଅନ୍ତି । ସନ୍ତାନସନ୍ତତି ପ୍ରବାହ ପରି ସ୍ୱାର୍ଥ ପରାର୍ଥର ପ୍ରବାହ ଅବିରାମ ଗତିରେ ଚାଲିଛି । ସମୁଦ୍ର ଥିବାରୁ ନଦନଦୀ ପ୍ରବାହିତ ହେବା ସମାନ ଆତ୍ମସତ୍ତା ବିଦ୍ୟମାନ ଥିବା ହେତୁ ସ୍ୱାର୍ଥପରାର୍ଥର ସ୍ରୋତ ଚାଲିଛି । ସମସ୍ତ କାର୍ଯ୍ୟ ଆତ୍ମପରକ ଭାବନାକୁ ଗ୍ରହଣ କଲେ ସ୍ୱାଥ–ପରାର୍ଥ, ସତ୍ୟମିଥ୍ୟାର ପ୍ରଭେଦ ବିବେଚନା କରିବା ସହଜସାଧ ହୋଇପଡ଼େ । ସ୍ୱାର୍ଥ ମଧ୍ୟରେ ରହି ସୁଦ୍ଧା କି ହେତୁ ପରାର୍ଥ ପାଇଁ କାର୍ଯ୍ୟ କରି ଚାଲିଛୁ, ମିଥ୍ୟା ମଧ୍ୟରେ ରହି ସୁଦ୍ଧା ଓ ସାଧୁତାର ଆଶ୍ରୟ ନେଲେ କି ହେତୁ ସନ୍ତୋଷ ପାଉଛୁ– ଏହାର ରହସ୍ୟ ସ୍ପଷ୍ଟ ହୋଇଯାଏ ।

ଅପରିପକ୍ୱ ସ୍ୱାଥ ପରାର୍ଥକୁ ଜନ୍ମ ଦେଇପାରେ ନାହିଁ । ପରିପକ୍ୱ ଫଳରୁ ହିଁ ମଞ୍ଜି ଜାତ ହୁଏ ଓ ସେହି ମଞ୍ଜିରୁ ବୃକ୍ଷ, ଫଳପୁଷ୍ପ ଜାତ ହୋଇଥାଏ । ଅପରିପକ୍ୱ ଫଳରୁ ଜାତ ହେବା ମଞ୍ଜିରୁ ବୃକ୍ଷ ହୁଏ ନାହିଁ । ସେହିପରି ପରିପକ୍ୱ ସ୍ୱାର୍ଥରୁ ପରାର୍ଥ ଜାତ ହୁଏ । ସେହି ପରାର୍ଥ ଫଳପୁଷ୍ପ ସୁଶୋଭିତ ହୁଏ,ଅର୍ଥାତ୍ ବ୍ୟାପକ ରୂପ ଧାରଣ କରେ ।

କାମନା–ବାସନାରୁ ସ୍ୱାର୍ଥ ଭାବନା ଆସେ । ବାସନା ଯେତେ ପ୍ରବଳ ଥାଏ ସ୍ୱାର୍ଥଭାବନା ତେତେ ବୃଦ୍ଧି ପାଏ । କେଉଁ ବିଷୟରେ କାମନା ବାସନା ପ୍ରବଳ ରହିଛି ତଦନୁଯାୟୀ ଜୀବନ ନିୟନ୍ତ୍ରଣ କରିବା ଆବଶ୍ୟକ । ବାସନାର ଅତୃପ୍ତ ଅବସ୍ଥାରେ ତାହାକୁ ତ୍ୟାଗ କରିବାକୁ ଚେଷ୍ଟା କଲେ ବିଷମୟ ଫଳ ଉତ୍ପନ୍ନ ହୁଏ । ପାଚି ନଥିବା ବଥକୁ ଅସ୍ତ୍ରାଘାତ କରିବା ଦ୍ୱାରା ସାଂଘାତିକ ହୋଇପଡ଼େ । ପାରିବାରିକ କର୍ତ୍ତବ୍ୟ ରହିଥିବା ପର୍ଯ୍ୟନ୍ତ ପରିବାର ତ୍ୟାଗ କରିବା ଉଚିତ ନୁହେଁ । କର୍ତ୍ତବ୍ୟ ଶେଷ ହେବା ପରେ ପରିବାର ମଧ୍ୟରେ ଜଡ଼ିତ ରହିବା ଉଚିତ ନୁହେଁ । କ୍ଷୁଧା ଥାଉ ଥାଉ ଭୋଜନ ତ୍ୟାଗ କରିବା ଏବଂ କ୍ଷୁଧାନିବୃତ୍ତି ପରେ ଭୋଜନ କରିବା ଉଭୟ କ୍ଷତିକାରକ ।

ଆତ୍ମାହିଁ ସ୍ୱାର୍ଥ–ପରାର୍ଥର କସୌଟି–ଦେହ ନୁହେଁ । ଆତ୍ମିକ ବିକାଶ ପାଇଁ ସ୍ୱାର୍ଥ–ପରାର୍ଥ ପରୀକ୍ଷା କରି ତଦନୁକୂଳ ଆଚରଣ କରିବା ଉଚିତ । ଦେହର ସୁଖଭୋଗ ପାଇଁ କୌଣସି କର୍ମକୁ ସ୍ୱାର୍ଥ ବା ପରାର୍ଥ କରିବା ଭୁଲ ଅଟେ । ଆର୍ଯ୍ୟ ଋଷିଗଣ କହିଛନ୍ତି– ସ୍ଥୂଳ ଚକ୍ଷୁଦ୍ୱାରା ଆତ୍ମା ଦୃଷ୍ଟ ହୁଏ ନାହିଁ । ଜ୍ଞାନଚକ୍ଷୁ ଖୋଲିଲେ ଏହାର ଅନୁଭବ ହୁଏ । ସେ ଜାଣିପାରେ ଯେ ସ୍ୱାର୍ଥରୁ ପରାର୍ଥ, ବନ୍ଧନରୁ ମୁକ୍ତି, ପରତନ୍ତ୍ରତାରୁ ସ୍ୱତନ୍ତ୍ରତାର ଗତି ପାଇଁ ମୂଳ ଉତ୍ସ ଆତ୍ମା ଅଟେ । ବ୍ୟାପକ ଆତ୍ମା ଆମର ସ୍ୱରୂପ ହୋଇଥିବାରୁ ସ୍ୱାର୍ଥର ସଂକୀର୍ଣ୍ଣତା ମଧ୍ୟରେ ଆମେ ତୃପ୍ତିଲାଭ କରିପାରୁ ନାହୁଁ, ବନ୍ଧନ ମଧ୍ୟରେ ରହିଲେ ଶ୍ୱାସରୁଦ୍ଧ ହେବାପ୍ରାୟ ମନେକରୁଛୁ, ପରତନ୍ତ୍ରତା ମରଣତୁଲ୍ୟ ବୋଧ ହେଉଛି । ଅଭ୍ୟନ୍ତରରେ କିଏ ଯେପରି ଆମକୁ କହିଚାଲିଛି– ପରାର୍ଥ ତୋର ଧ୍ୟେୟ । ମୁକ୍ତି ତୋର ଲକ୍ଷ୍ୟ । ଆଜି ହେଉ, କାଲି ହେଉ, ଦିନେ ଦିନେ ତୋତେ ମୁକ୍ତ ହେବାକୁ ପଡ଼ିବ । ଏଣୁ ପ୍ରକୃତିକୁ ପୁରୁଷ ପାଇଁ, ଅହଂକାରକୁ ଆତ୍ମା ପାଇଁ ବଳିଦାନ ଦେବା ଲକ୍ଷ୍ୟ କରି ଅଭ୍ୟାସ କର । ସେଥିରେ ବ୍ୟକ୍ତି, ପରିବାର, ସମାଜ, ଦେଶ ତଥା ବିଶ୍ୱର କଲ୍ୟାଣ ନିହିତ ଅଛି ।

# କ୍ୱାଣ୍ଟମ୍ ଗଣନା ଏବଂ କୃତ୍ରିମ ବୁଦ୍ଧିମତ୍ତା ମଧ୍ୟରେ ସମନ୍ୱୟ

## ଅସିତ ମହାନ୍ତି

କ୍ୱାଣ୍ଟମ୍ କମ୍ପ୍ୟୁଟିଂ (QC) ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) ଆମ ଯୁଗର ଦୁଇଟି ପରିବର୍ତ୍ତନଶୀଳ ପ୍ରଯୁକ୍ତିବିଦ୍ୟା, ଗଣନା ଏବଂ ଜ୍ଞାନର ସୀମା ବିସ୍ତାର କରେ । ଯଦିଓ ସେମାନେ ପ୍ରାରମ୍ଭରେ ବିଭିନ୍ନ ପଥ ଅନୁସରଣ କରୁଥିବା ପରି ମନେହୁଏ, QC ଗତି ଏବଂ ସମାନ୍ତରାଳତାର ସୀମାକୁ ପୁନଃ ନିର୍ଦ୍ଦିଷ୍ଟ କରେ ଯେତେବେଳେ AI ଆମର ବୁଦ୍ଧି ଏବଂ ସ୍ୱୟଂଚାଳିତ ବିଷୟରେ ଆମର ବୁଝାମଣାକୁ ରୂପାନ୍ତର କରେ । ଯେତେବେଳେ ଏହି ପଥଗୁଡିକ ବିଚ୍ଛେଦ ହୁଏ, ସମ୍ଭାବ୍ୟ ଫଳାଫଳଗୁଡିକ ଅସାଧାରଣ ଏବଂ ଭୟଙ୍କର ଅଟେ । କ୍ୱାଣ୍ଟମ୍ ଗଣନା ଏବଂ କୃତ୍ରିମ ବୁଦ୍ଧିମତାର ସମ୍ମିଶ୍ରଣ ପରସ୍ପରର ଶକ୍ତି ବୃଦ୍ଧି କରେ । ଏହା ଏକ ସହଜୀବୀ ସମ୍ପର୍କ ପ୍ରଦାନ କରେ, ଯାହା ପାରମ୍ପାରିକ ଗଣନର ସୀମା ଅତିକ୍ରମ କରେ ।

କ୍ୱାଣ୍ଟମ୍ ଗଣନା ହେଉଛି ଏକ ପ୍ରକ୍ରିୟା ଯାହା ପାରମ୍ପାରିକ କମ୍ପ୍ୟୁଟର ପାଇଁ ବହୁତ ବଡ କିମ୍ବା ଜଟିଳ ସମସ୍ୟାର ସମାଧାନ ପାଇଁ କ୍ୱାଣ୍ଟମ୍ ମେକାନିକ୍ସର ନିୟମ ବ୍ୟବହାର କରେ । ବହୁମୁଖୀ କ୍ୱାଣ୍ଟମ୍ ଆଲଗୋରିଦମଗୁଡିକ ପରିଚାଳନା ଏବଂ ସମାଧାନ ପାଇଁ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡିକ କ୍ୟୁବିଟ୍ ଉପରେ ନିର୍ଭର କରେ । ଏକ କ୍ୟୁବିଟ୍ ହେଉଛି କ୍ୱାଣ୍ଟମ୍ ସୂଚନାର ଏକ ମୌଳିକ ଏକକ ଯାହା ଉଭୟ ସ୍ଥିତିମାନଙ୍କର ଏକ ସମନ୍ୱିତ ସୁପରପୋଜିସନ୍‌ରେ ବିଦ୍ୟମାନ ହୋଇପାରେ । କ୍ୟୁବିଟ୍ ହେଉଛି ପାରମ୍ପାରିକ କିମ୍ବା କ୍ଲାସିକାଲ ବିଟ୍‌ର କ୍ୱାଣ୍ଟମ୍ ଏନାଲଗ, ଯାହା କେବଳ ୦ କିମ୍ବା ୧ ହୋଇପାରେ, କିନ୍ତୁ ସାଧାରଣ ବିଟ୍ ତୁଳନାରେ (ଯାହା କେବଳ ୦ କିମ୍ବା ୧ ହୋଇପାରେ) ଏକ କ୍ୟୁବିଟ୍ ଏପରି ସ୍ଥିତିରେ ରହିପାରେ ଯେଉଁଠାରେ ଏହା ଉଭୟ ଏକ ସମୟରେ ହୋଇପାରେ । କ୍ୟୁବିଟ୍‌କୁ ବିଭିନ୍ନ ଭୌତିକ ପ୍ରଣାଳୀ ବ୍ୟବହାର କରି କ୍ୟୁବିଟ୍ କାର୍ଯ୍ୟକାରୀ କରାଯାଇପାରିବ, ଯେପରିକି ଟ୍ରାପ୍ ହୋଇଥିବା ଆୟନ, ଫୋଟନ୍, କିମ୍ବା ସୁପରକଣ୍ଡକ୍ଟିଂ ସର୍କିଟ୍ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡିକ କ୍ୱାଣ୍ଟମ୍ ଘଟଣାଗୁଡ଼ିକର ଲାଭ ଉଠାଇ ପାରିବେ, ଯେପରିକି ସୁପରପୋଜିସନ୍ ଏବଂ ଏଣ୍ଟାଙ୍ଗଲମେଣ୍ଟ ଯେକୌଣସି ଆଧୁନିକ 'ପାରମ୍ପାରିକ' କମ୍ପ୍ୟୁଟର ଅପେକ୍ଷା ଅଧିକ ଦ୍ରୁତ ଗତିରେ କିଛି ଗଣନା କରିବା ପାଇଁ ବିଶେଷ ଭାବରେ, ଏକ ବଡ଼ ଆକାରର କ୍ୱାଣ୍ଟମ୍ କମ୍ପ୍ୟୁଟର ବହୁଳ ଭାବରେ ବ୍ୟବହୃତ ଏନକ୍ରିପସନ୍ ସ୍କିମ୍ ବ୍ରେକ କରିପାରେ ଏବଂ ପଦାର୍ଥ ବିଜ୍ଞାନୀମାନଙ୍କୁ ଶାରୀରିକ ଅନୁକରଣ କରିବା ପାଇଁ ସାହାଯ୍ୟ କରିଥାଏ । କ୍ୱାଣ୍ଟମ୍–ଏ ଆଇ କନଭରର୍ଜେନ୍ସ ଟେକ୍ନୋଲୋଜି ଏବଂ ସମାଜକୁ କିପରି ନୂଆ ରୂପ ଦେଇପାରିବ? କ୍ୱାଣ୍ଟମ୍ ନେଟୱାର୍କିଂ: ବ୍ୟକ୍ତିଗତ କଣିକାର ଭୌତିକ ସ୍ଥାନାନ୍ତର ବିନା କ୍ୱାଣ୍ଟମ୍ ସ୍ଥିତିକୁ ସ୍ଥାନାନ୍ତର କରିବା, ସୁରକ୍ଷିତ ଯୋଗାଯୋଗକୁ ପୁନଃ ନିର୍ଦ୍ଦିଷ୍ଟ କରିବା ଏବଂ 'କ୍ୱାଣ୍ଟମ୍ ଇଣ୍ଟରନେଟ୍' ପାଇଁ ପଥ ପରିଷ୍କାର କରିବା ପାଇଁ କ୍ୱାଣ୍ଟମ୍ ଟେଲିପୋର୍ଟେସନ୍ ବ୍ୟବହାର କରିବା । ବର୍ଦ୍ଧିତ ଗଣନା ଶକ୍ତି: କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକରେ ଶାସ୍ତ୍ରୀୟ କମ୍ପ୍ୟୁଟର ଅପେକ୍ଷା କିଛି ପ୍ରକାରର ସମସ୍ୟାର ସମାଧାନ କରିବାର କ୍ଷମତା ଅଛି ।

ଏହି ବର୍ଦ୍ଧିତ ଗଣନା ଶକ୍ତି ଯେତେବେଳେ AI ଆଲଗୋରିଦମ ସହିତ ଏକୀଭୂତ ହୁଏ, ଜଟିଳ ସମସ୍ୟାର ସମାଧାନ, ଅପ୍ଟିମାଇଜେସନ୍ ଏବଂ ମେସିନ୍ ଲର୍ନିଂ କାର୍ଯ୍ୟରେ ସଫଳତା ଆଣିପାରେ । ୨୦୧୯ ରେ, ଗୁଗୁଲର 'ସାଇକାମୋର' କ୍ୱାଣ୍ଟମ୍ ପ୍ରୋସେସର୍ 'କ୍ୱାଣ୍ଟମ୍ ସର୍ବୋଚ୍ଚତା' ହାସଲ କଲା, ଯେଉଁଠାରେ ଏହା ପ୍ରାୟ ୨୦୦ ସେକେଣ୍ଡରେ ଜଟିଳ ସମସ୍ୟାର ସମାଧାନ କରିଥିଲା ଯାହା ସମାଧାନ ପାଇଁ ଶାସ୍ତ୍ରୀୟ ସୁପର କମ୍ପ୍ୟୁଟର ସହସ୍ର ବର୍ଷ ନେଇଥାନ୍ତା । ଉନ୍ନତ ଅପ୍ଟିମାଇଜେସନ୍ ଆଲଗୋରିଦମ: ଅପ୍ଟିମାଇଜେସନ୍ ସମସ୍ୟାର ସମାଧାନରେ କ୍ୱାଣ୍ଟମ୍ ଆଲଗୋରିଦମ ଉତ୍କୃଷ୍ଟ AI ସହିତ କ୍ୱାଣ୍ଟମ୍ କମ୍ପ୍ୟୁଟିଂର ସମ୍ମିଶ୍ରଣରୁ, ଲଜିଷ୍ଟିକ୍, ଫାଇନାନ୍ସ ଏବଂ ଉତ୍ପାଦନ ପରି ଶିଳ୍ପଗୁଡିକ ଅଧିକ ଦକ୍ଷ ଉତ୍ସ ବଣ୍ଟନ, ଯୋଗାଣ ଶୃଙ୍ଖଳା ପରିଚାଳନା ଏବଂ ଆର୍ଥିକ ମଡେଲିଂ ଦ୍ୱାରା ଉପକୃତ ହୋଇପାରିବେ ।

ଉନ୍ନତ କ୍ରିପ୍ଟୋଗ୍ରାଫି ଏବଂ ସୁରକ୍ଷା: କ୍ୱାଣ୍ଟମ୍ ଆଲଗୋରିଦମ ଯେପରିକି ଶୋର ଆଲଗୋରିଦମ ବହୁଳ ଭାବରେ ବ୍ୟବହୃତ ଏନକ୍ରିପସନ୍ ପଦ୍ଧତିକୁ ଭାଙ୍ଗିବାର କ୍ଷମତା ରଖିଛି । ଏହା ବିଦ୍ୟମାନ ସୁରକ୍ଷା ବ୍ୟବସ୍ଥା ପାଇଁ ବିପଦ ସୃଷ୍ଟି କରୁଥିବାବେଳେ ଏହା ନୂତନ, କ୍ୱାଣ୍ଟମ୍–ପ୍ରତିରୋଧୀ ଏନକ୍ରିପସନ୍ ଟେକ୍ନୋଲୋଜିର ବିକାଶ ପାଇଁ ମଧ୍ୟ ଦ୍ୱାର ଖୋଲିଥାଏ । କ୍ୱାଣ୍ଟମ୍ ଗଣନା ଏବଂ AIର ପ୍ରତିଚ୍ଛେଦନ ଉନ୍ନତ କ୍ରିପ୍ଟୋଗ୍ରାଫିକ୍ ପଦ୍ଧତି ସୃଷ୍ଟି କରିପାରେ ଯାହା ଉଭୟ ଶାସ୍ତ୍ରୀୟ ଏବଂ କ୍ୱାଣ୍ଟମ୍ ବିପଦରୁ ସୁରକ୍ଷିତ ରହିବ । ଶକ୍ତି ଅପ୍ଟିମାଇଜେସନ୍: କ୍ୱାଣ୍ଟମ୍– AI ସମ୍ମିଶ୍ରଣ ବିଭିନ୍ନ ପ୍ରୟୋଗରେ ଶକ୍ତି ଦକ୍ଷତାକୁ ଉନ୍ନତ କରିପାରିବ । କ୍ୱାଣ୍ଟମ୍ କମ୍ପ୍ୟୁଟିଂ ମାଧ୍ୟମରେ ଆଲଗୋରିଦମ ଏବଂ ପ୍ରକ୍ରିୟାଗୁଡ଼ିକୁ ଅପ୍ଟିମାଇଜ୍ କରି ଡାଟା ସେଣ୍ଟରରେ ଶକ୍ତି ବ୍ୟବହାର ଏବଂ ଅନ୍ୟାନ୍ୟ ଗଣନା–ତୀବ୍ର କାର୍ଯ୍ୟ ହ୍ରାସ କରାଯାଇପାରେ । ଜଳବାୟୁ ମଡେଲିଂରେ ଅଗ୍ରଗତି: କ୍ୱାଣ୍ଟମ୍ ଗଣନା ଜଳବାୟୁ ମଡେଲିଂ ସିମୁଲେସନର ସଠିକତା ଏବଂ ଗତି ବଢ଼ାଇପାରେ ଏହା ଅଧିକ ସଠିକ୍ ପୂର୍ବାନୁମାନ ଏବଂ ଅନ୍ତର୍ନିହିତ ସୂଚନା ଦେଇ ଜଳବାୟୁ ପରିବର୍ତ୍ତନ ସହିତ ଜଡିତ ଆହ୍ୱାନଗୁଡିକର ସମାଧାନ ପାଇଁ ଉତ୍ତମ ବୁଝିବା ଏବଂ ସମାଧାନ କରିବାରେ ସହାୟକ ହୋଇପାରେ । ବୃହତ ଡାଟାବେସକୁ ପରିଚାଳନା ଏବଂ ବିଶ୍ଳେଷଣ କରି ବୈଜ୍ଞାନିକ ଆବିଷ୍କାରକୁ ତ୍ୱରାନ୍ୱିତ କରିବାର କ୍ୱାଣ୍ଟମ୍–ଏଇ ସମ୍ମିଶ୍ରଣର ସାମର୍ଥ୍ୟ ଅଛି । ଏହା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଜୀବ ବିଜ୍ଞାନ ପରି କ୍ଷେତ୍ରରେ ଅଗ୍ରଗତି ଘଟାଇପାରେ । ଡ୍ରଗ୍ ଆବିଷ୍କାର ଏବଂ ସ୍ୱାସ୍ଥ୍ୟସେବା: ଡ୍ରଗ୍ ଆବିଷ୍କାର ଏବଂ ବ୍ୟକ୍ତିଗତ ଔଷଧରେ ଅଗ୍ରଗତି କରିବା ପାଇଁ କ୍ୱାଣ୍ଟମ୍ କମ୍ପ୍ୟୁଟିଂର ସିମୁଲେସନ୍ କ୍ଷମତା ସହିତ AI ର ପ୍ୟାଟର୍ନ ସ୍ୱୀକୃତି ମିଶ୍ରିତ ହୋଇପାରିବ । ଜଳବାୟୁ ସଙ୍କଟର ଉତ୍ତମ ସମାଧାନ ପ୍ରଦାନ କରି କ୍ୱାଣ୍ଟମ୍–ବର୍ଦ୍ଧିତ AI ଅଧିକ ସଠିକ୍ ଜଳବାୟୁ ମଡେଲକୁ ନେଇପାରେ । କ୍ୱାଣ୍ଟମ୍– AI ସମ୍ମିଶ୍ରଣର ନୈତିକ ଦିଗଗୁଡିକ କ'ଣ ହୋଇପାରେ?

କ୍ୱାଣ୍ଟମ୍ ଗଣନା ଏବଂ AI ର ଏକୀକରଣ ଭୁଲ ତଥ୍ୟ ଏବଂ ଦ୍ୱିପାକ୍ଷିକ ନିଷ୍ପତ୍ତି ଗ୍ରହଣ କରିବାର ବିପଦକୁ ଉପସ୍ଥାପନ କରେ । AI ଆଲଗୋରିଦମ, ଯେତେବେଳେ କ୍ୱାଣ୍ଟମ୍ ସାମର୍ଥ୍ୟ ଦ୍ୱାରା ଚାଳିତ ହୁଏ, ଅଜାଣତରେ ତାଲିମ ତଥ୍ୟରେ ଥିବା ପକ୍ଷପାତକୁ ବଢ଼ିପାରେ, ଯାହା ଅନୁଚିତ ପରିଣାମକୁ ପ୍ରାପ୍ତ କରିପାରେ । କ୍ୱାଣ୍ଟମ୍ ଗଣନା ଏବଂ AI ର ସମ୍ମିଶ୍ରଣ ସମ୍ଭବତଃ ଅଧିକ ଅତ୍ୟାଧୁନିକ ଏବଂ ଅନୁପ୍ରବେଶକାରୀ ତଥ୍ୟ ବିଶ୍ଳେଷଣକୁ ନେଇପାରେ । ସମ୍ବେଦନଶୀଳ ସୂଚନାକୁ ଅନଧିକୃତ ପ୍ରବେଶକୁ ରୋକିବା ପାଇଁ ଦୃଢ ଗୋପନୀୟତା ସୁରକ୍ଷା ଆବଶ୍ୟକ । କ୍ୱାଣ୍ଟମ୍ କ୍ଷମତାକୁ AI ସହିତ ମିଶ୍ରଣ କରିବାର ସମ୍ଭାବନା ସ୍ୱୟଂଶାସିତ ଅସ୍ତ୍ରଶସ୍ତ୍ରର ବିକାଶ ପାଇଁ ଚିନ୍ତା ବଢାଇଥାଏ । ଅସ୍ତ୍ରଶସ୍ତ୍ର ନିର୍ମାଣକୁ ରୋକିବା ପାଇଁ ନୈତିକ ବିଚାରଗୁଡିକ ନିଶ୍ଚିତ ଭାବରେ ଏହି ଟେକ୍ନୋଲୋଜିର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ମାର୍ଗଦର୍ଶନ କରିବ ଯାହା ସ୍ୱାଧୀନ ଭାବରେ କାର୍ଯ୍ୟ କରିପାରିବ ଏବଂ ଜୀବନ–ମୃତ୍ୟୁ ନିଷ୍ପତ୍ତି ନେଇପାରେ ।

କ୍ୱାଣ୍ଟମ୍ ଗଣନା ଏବଂ AIର ସମ୍ମିଶ୍ରଣ ଅପ୍ରତ୍ୟାଶିତ ସାମାଜିକ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିପାରେ । ଏହି ଟେକ୍ନୋଲୋଜିର ଦ୍ରୁତ ଅଗ୍ରଗତି ବିଭିନ୍ନ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରିପାରେ, ଯାହା ରୋଜଗାର, ଅର୍ଥନୈତିକ ଗଠନ ଏବଂ ସାମାଜିକ ଗତିଶୀଳତାକୁ ପ୍ରଭାବିତ କରିଥାଏ । କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗର ବର୍ତ୍ତମାନର ଅବସ୍ଥା ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୁଏ, ଯେପରିକି ତ୍ରୁଟି ଏବଂ ତ୍ରୁଟି–ସଂଶୋଧନ ଏହି ଆହ୍ୱାନଗୁଡିକର ସମ୍ଭାବ୍ୟ ସୁରକ୍ଷା ପ୍ରଭାବକୁ ନୈତିକ ବିଚାର ବିସ୍ତାର କରେ । ଆହ୍ୱାନଗୁଡ଼ିକୁ ଦୂର କରିବା ପାଇଁ କ'ଣ କରାଯାଇପାରିବ?

ଭବିଷ୍ୟତରେ ଯେଉଁଠାରେ କ୍ୱାଣ୍ଟମ୍ କମ୍ପ୍ୟୁଟର ଅଧିକ ପ୍ରଚଳିତ ହୁଏ, ସମ୍ବେଦନଶୀଳ ତଥ୍ୟର ସୁରକ୍ଷା ଏବଂ ଗୋପନୀୟତା ବଜାୟ ରଖିବା ପାଇଁ କ୍ୱାଣ୍ଟମ୍–ପ୍ରତିରୋଧୀ ଏନକ୍ରିପସନ୍ ପଦ୍ଧତି ବିକାଶ କରିବା ଜରୁରୀ ଅଟେ ।

AI ସମେତ ବିଭିନ୍ନ ସ୍ୱୟଂଶାସିତ ପ୍ରଣାଳୀର ବିକାଶ ଏବଂ ନିୟୋଜନ, ଅବାଞ୍ଛିତ ପରିଣାମ ଏବଂ ନୈତିକ ଉଲ୍ଲଂଘନକୁ ରୋକିବା ପାଇଁ ସ୍ୱଚ୍ଛ ନୈତିକ ନିର୍ଦ୍ଦେଶାବଳୀ ଏବଂ ଆନ୍ତର୍ଜାତୀୟ ନିୟମାବଳୀ ଆବଶ୍ୟକ କରେ । ଏହି ନିର୍ଦ୍ଦେଶାବଳୀଗୁଡ଼ିକ ପକ୍ଷପାତିତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ରୋଜଗାର ଉପରେ ସମ୍ଭାବ୍ୟ ପ୍ରଭାବ ଭଳି ସମସ୍ୟାକୁ ସମାଧାନ କରିବା ଉଚିତ । କ୍ୱାଣ୍ଟମ୍ ଗଣନା ଏବଂ AI ର କେବଳ ବୈଷୟିକ ପ୍ରଗତି ଅପେକ୍ଷା ଅଧିକ ପ୍ରତିନିଧିତ୍ୱ କରେ । ଏହା ଏକ ବିଶାଳ ଲମ୍ଫକୁ ପ୍ରତୀକ କରେ ଏହି ସମ୍ମିଶ୍ରଣ ଗଣନା, ବୈଜ୍ଞାନିକ ଅନୁସନ୍ଧାନ ଏବଂ ନୈତିକ ଶାସନର ଦୃଶ୍ୟକୁ ମୌଳିକ ଭାବରେ ବଦଳାଇଥାଏ । ଏହି କ୍ଷେତ୍ରଗୁଡିକ ମଧ୍ୟରେ ପାରସ୍ପରିକ ନିର୍ଭରଶୀଳତା ଆମର ଡିଜିଟାଲ୍ ଭବିଷ୍ୟତକୁ ପୁନଃ ନିର୍ଦ୍ଦିଷ୍ଟ କରିବାକୁ ପ୍ରତିଜ୍ଞା କରେ, ଚ୍ୟାଲେଞ୍ଜଗୁଡିକର ଉତ୍ତର ପ୍ରଦାନ କରେ, ଯାହା ଏକଦା ଅସମର୍ଥ ବୋଲି ବିବେଚନା କରାଯାଉଥିଲା ।


**ସୁଜନପୁର , ଯାଜପୁର**
**ମୋ–୯୩୪୮୭୬୮୮୧୨**


# ସ୍ରଷ୍ଟାଙ୍କର ସୃଷ୍ଟିରେ ମୁକ୍ତି

ସୃଷ୍ଟିକର୍ତ୍ତା ମନୁଷ୍ୟକୁ ଏ ସଂସାରକୁ ପଠାଇଛନ୍ତି ତାର ଯଥାରୀତି କର୍ତ୍ତବ୍ୟ କରି ମୁକ୍ତି ପାଇବା ପାଇଁ । ଏ ସଂସାରର କିଛି ମଙ୍ଗଳ ବିଧାନ କରିବା ପାଇଁ । କିନ୍ତୁ ମନୁଷ୍ୟ ହେଉଛି ଈଶ୍ୱରଙ୍କର ଅଂଶ । ମନୁଷ୍ୟ ଦେହରେ ଈଶ୍ୱର ସତ୍ତା ଅଛି । କିନ୍ତୁ ସେ ଏହା ବୁଝିପାରେ ନାହିଁ । କୌଣସି ମନୁଷ୍ୟର ମୃତ୍ୟୁ ହୁଏ ନାହିଁ । ଆତ୍ମା ତ ଅମର ତାର ମୃତ୍ୟୁ ଆସିବ କୁଆଡୁ ? କେବଳ ରକ୍ତ ମାଂସ ଶରୀର ନଷ୍ଟ ହୁଏ । ବିଶ୍ୱ ସ୍ରଷ୍ଟା ସମସ୍ତଙ୍କ ହୃଦୟରେ ବିରାଜମାନ କରିଛନ୍ତି । ତା' ହେଲେ ସେ ମରିବ କିପରି ? ଆତ୍ମାକୁ ଆତ୍ମା କେବେ ମାରିପାରେ ନାହିଁ । ଶ୍ରୀକୃଷ୍ଣ କଂସକୁ ମାରିନଥିଲେ ବା ଭଗବାନ ଶ୍ରୀରାମ ରାବଣକୁ ମାରିନଥିଲେ । ତାଙ୍କର ଆସୂରୀକ ପ୍ରକୃତିକୁ ଦମନ କରିଥିଲେ । ରାମ ନିଜେ ମର୍ଯ୍ୟାଦା ପୁରୁଷୋତ୍ତମ ଅନ୍ତର୍ଯ୍ୟାମୀ ହୋଇ ସେ ସବୁବେଳେ ଶିବଙ୍କୁ ପୂଜା କରୁଥିଲେ ଏବଂ ଶିବ ଆଶୁତୋଷ ହୋଇ ମଧ୍ୟ ରାମଙ୍କୁ ପୂଜା କରୁଥିଲେ । ରାମ ହୋଇ ସମାଜ ତଥା ମନୁଷ୍ୟକୁ ଶିକ୍ଷା ଦେବା ପାଇଁ ଗୁରୁ ବଶିଷ୍ଟଙ୍କ ପାଖରେ ବିଦ୍ୟା ଶିକ୍ଷା କରୁଥିଲେ ଓ ଶ୍ରୀକୃଷ୍ଣ କରୁଣାକର ଲୀଳାମୟ ପୁରୁଷ ହୋଇ ସାନ୍ଦୀପନୀଙ୍କ ପାଖରେ ବିଦ୍ୟାଧ୍ୟୟନ କରୁଥିଲେ । କେବଳ ସଂସାରକୁ ଉପଯୁକ୍ତ ମାର୍ଗ ଦେଖାଇବା ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ସମସ୍ତ ମାନବ ସମାଜ ଉପରେ ଅଛି । ଯାହା ଫଳରେ ସମସ୍ତେ ଧରାଧାମରେ ଜୀବିତ ଅଛନ୍ତି । ଯେଉଁଦିନ ଈଶ୍ୱର ତାଙ୍କର ହାତ ମନୁଷ୍ୟ ମୁଣ୍ଡ ଉପରୁ ଉଠାଇନେବେ ସେହିଦିନ ହିଁ ତାର ମହାପ୍ରୟାଣ ହେବ । ଏହା ହେଉଛି ସୃଷ୍ଟିର ନିୟମ । ଏହା ମନୁଷ୍ୟ ବୁଝିନପାରି କହିବ ଯେ ମୁଁ ଆତ୍ମା, ମୁଁ କାହିଁକି ଈଶ୍ୱରଙ୍କୁ ପୂଜା କରିବି? ଏହା ଠିକ ନୁହେଁ । ମୁଁ କାହିଁକି ଖାଦ୍ୟ ଖାଇବି? ସେହିପରି ବୃକ୍ଷଲତା, ତରୁତୃଣର ଆତ୍ମା ବା ଜୀବନ ଅଛି । ଜୀବନଧାରଣ ନିମନ୍ତେ ସେମାନେ କାହିଁକି ଜଳ ଗ୍ରହଣ କରିବେ ଇତ୍ୟାଦି ? ଏସବୁ ଆଲୋଚନା କଲେ ଜଣାପଡୁଛି ଯେ ବଞ୍ଚିବାକୁ ହେଲେ ଖାଦ୍ୟ ଖାଇବା, ଠାକୁର ପୂଜା କରିବା, ଭଜନ କୀର୍ତ୍ତନ କରିବା ଓ ନିୟମିତ ଯୋଗ ପ୍ରାଣାୟାମ କରିବା ଉଚିତ । ଯାହାଫଳରେ ଜୀବନଚର୍ଯ୍ୟା ଠିକଣାରୂପେ ଚାଲିବା ସଙ୍ଗେ ସଙ୍ଗେ ଆମ୍ଭେମାନେ ସ୍ରଷ୍ଟାଙ୍କର ନିକଟତର ହୋଇ ତାଙ୍କର ଅଶେଷ କୃପା ଲାଭ କରିପାରିବା ଏବଂ ସରଳ ସୁନ୍ଦର ଜୀବନଯାପନ କରି ଶେଷ ଜୀବନରେ ଯନ୍ତ୍ରଣାରୁ ରକ୍ଷା ପାଇ ମୁକ୍ତିଲାଭ କରିବା ।


**ଦମୟନ୍ତୀ ନାୟକ,**
**ପ୍ଲଟ – ୧୮୩୯ / ୪୫୫୫**
**ମହାଦେବ ନଗର, ଝାରପଡା,**
**ଭୁବନେଶ୍ୱର ,ମୋ–୯୩୩୮୭୦୪୫୧୩**


# ହୃତ୍‌ପିଣ୍ଡକୁ ରଖନ୍ତୁ ସୁସ୍ଥ

## ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ଦିନକୁ ଦିନ ଖରା ବଢୁଛି । ଏପରି ପାଣିପାଗ ଅସ୍ତବ୍ୟସ୍ତ କରିଦେଉଛି ଯେ ଦିନ ଏଗାରଟା ପରେ ବାହାରକୁ ବାହାରିବା ପାଇଁ ମଧ୍ୟ ତୀବ୍ର ଖରାକୁ ସାମ୍ନା କରିବାକୁ ପଡୁଛି । ତେବେ ଶରୀର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ହୃତପିଣ୍ଡର ଅନେକ ସମସ୍ୟା ଏହି ଖରାଦିନରେ ସାଧାରଣତଃ ଦେଖାଦେଇଥାଏ । ଖରାଦିନେ ହୃଦ୍‌ଘାତ ଅଧିକ ହେବାର ମୁଖ୍ୟ କାରଣ ହେଉଛି ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି । ହୃତ୍‌ପିଣ୍ଡ ଅଧିକ କାର୍ଯ୍ୟ କରି ଶରୀରର ତାପମାତ୍ରା ଓ ବାହାରର ତାପମାତ୍ରାରେ ସନ୍ତୁଳନ ଆଣିବାରେ ଚେଷ୍ଟା କରେ । ହେଲେ ବାୟୁମଣ୍ଡଳର ତାପମାତ୍ରା ଅଧିକ ହେତୁ ଧମନୀ ପ୍ରସାରିତ ହୋଇଯାଏ । ଫଳରେ ହୃତ୍‌ପିଣ୍ଡକୁ ରକ୍ତପ୍ରବାହ ଓ ଅମ୍ଳଜାନ ପ୍ରବାହ ବାଧାପ୍ରାପ୍ତ ହୁଏ । ଏହାଦ୍ୱାରା ହୃଦ୍ଘାତର ଆଶଙ୍କା ବଢ଼ିଯାଏ ।

ହୃଦ୍ଘାତ କେବଳ ବୟସ୍କ ଲୋକଙ୍କୁ ହୁଏ ତାହା ନୁହେଁ, ଆଜିକାଲି କମ୍ ବୟସ୍କଙ୍କ ଠାରେ ଏହି ସମସ୍ୟା ଅଧିକ ଦେଖାଯାଉଛି । ଅନିୟମିତତା ଜୀବନଶୈଳୀ ପାଇଁ କମ୍ ବୟସ୍କ ପିଲା ଓ ବ୍ୟକ୍ତି ହୃଦ୍ଘାତର ଶିକାର ହେଉଛନ୍ତି । ଏକ ସର୍ଭେରୁ ଜଣାପଡ଼ିଥିଲା, ଭାରତରେ ୩୦ରୁ ୫୦ ବର୍ଷ ବୟସ୍କଙ୍କ ମଧ୍ୟରୁ ପ୍ରତି ମିନିଟରେ ଚାରି ଜଣ ମୃତ୍ୟୁମୁଖରେ ପଡୁଛନ୍ତି । ଭାରତରେ ପ୍ରାୟ ୨୫ ପ୍ରତିଶତ ଲୋକ ୪୦ ବର୍ଷରୁ କମ୍ ବୟସ୍କ ହୃଦ୍ଘାତରେ ମୃତ୍ୟୁ ମୁଖରେ ପଡୁଥିବାବେଳେ ୩୦ ବର୍ଷ ବୟସ୍କ ଯୁବା ପ୍ରତିଦିନ ଜଣେ ମୃତ୍ୟୁମୁଖରେ ପଡୁଛନ୍ତି ।

ଖରା ଦିନେ ହୃଦ୍ଘାତରୁ ରକ୍ଷା ପାଇବା ପାଇଁ ଜୀବନଶୈଳୀକୁ ପରିବର୍ତ୍ତନ କରନ୍ତୁ । ଉଚ୍ଚ ରକ୍ତଚାପ ଓ ଡାଇବେଟିସ୍‌କୁ ନିୟନ୍ତ୍ରଣରେ ରଖନ୍ତୁ । ଧୂମପାନ ଓ ମଦ୍ୟପାନ ଠାରୁ ଦୂରେଇ ରୁହନ୍ତୁ । ତନ୍ତୁଜାତୀୟ ଖାଦ୍ୟ ଖାଆନ୍ତୁ । ପ୍ରଦୂଷଣ ଠାରୁ ନିଜକୁ ରକ୍ଷା କରନ୍ତୁ, ନିୟମିତ ଭାବରେ ଡାକ୍ତରୀ ଚେକ୍‌ଅପ୍‌ରେ ରୁହନ୍ତୁ । ଭିଟାମିନ୍ ଡି ସପ୍ଲିମେଣ୍ଟ ଖାଆନ୍ତୁ । ପ୍ରଚୁରମାତ୍ରାରେ ଫଳ ଓ ସବୁଜ ପନିପରିବା ଖାଆନ୍ତୁ । ମେଦ ହ୍ରାସ କରି ହୃତ୍‌ପିଣ୍ଡ ପ୍ରତି ଟିକେ ସତର୍କ ରହିବା ଦରକାର ।

ଖରାଦିନେ ଶରୀର ଅନ୍ୟଦିନ ଅପେକ୍ଷା ନିଷ୍କ୍ରିୟ ହୋଇପଡ଼େ । ଏଣୁ ଏ ଦିନରେ ଶାରୀରିକ ପରିଶ୍ରମ ତଥା ବ୍ୟାୟାମ କମ୍ କରିବା ଏକାନ୍ତ ଆବଶ୍ୟକ । ଶାରୀରିକ ନିଷ୍କ୍ରିୟତା ବୃଦ୍ଧି ଯୋଗୁଁ ହୃଦ୍ଘାତ ଆଶଙ୍କା ବଢ଼ିଯାଏ । ଏଣୁ ବ୍ୟାୟାମ କରିବା ଅବା ପ୍ରାତଃ ଭ୍ରମଣ କିମ୍ବା ସାଇକେଲିଂ କରିବା ଦ୍ୱାରା ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ । କାରଣ ଡେରି ହେଲେ ଖରାର ତାତି ବଢ଼ିଯାଇଥାଏ । ଏହାଦ୍ୱାରା ହୃତ୍‌ପିଣ୍ଡରୁ ରକ୍ତ ପ୍ରବାହ ବୃଦ୍ଧି ପାଇବା ହେତୁ ହୃତ୍‌ପିଣ୍ଡ ସୁସ୍ଥ ରହେ ।

ଖରାଦିନେ ଅତ୍ୟଧିକ ଗରମ ଲାଗୁଥିଲେ ଶରୀରକୁ ଥଣ୍ଡା ରଖିବା ପାଇଁ କଟନ ବା ସୂତା ପୋଷାକ ପିନ୍ଧନ୍ତୁ । ବାହାରକୁ ବାହାରିବା ସମୟରେ ସମ୍ପୂର୍ଣ୍ଣ ଶରୀରକୁ ଏହି ପୋଷାକରେ ଢ଼ାଙ୍କି ଯାଆନ୍ତୁ । ଏହା ସହିତ ସୁଶୀତଳ ପାଣି, ପ୍ରାକୃତିକ ଉପାୟର ଥଣ୍ଡା ଖାଦ୍ୟ ବା ପାନୀୟ ବା ଖୁବ୍ ହେଲେ ଅଦା ଚା' ଅତି ଉତ୍ତମ । ତେବେ ଶରୀରକୁ ଥଣ୍ଡା କରିବା ପାଇଁ ମଦ୍ୟପାନ ବା କୌଣସି ନିଶା ଦ୍ରବ୍ୟ ଗ୍ରହଣ କରନ୍ତୁ ନାହିଁ । ଖରାଦିନେ ପଇଡ଼ ପିଇବା ଖୁବ୍ ଭଲ ଅଭ୍ୟାସ ।



ଆପଣଙ୍କର ସୁଗାର ସମସ୍ୟା ନଥିଲେ ଆଖୁରସ ଓ ଫଳରସ ମଧ୍ୟ ଶରୀର ପାଇଁ ସ୍ୱାସ୍ଥ୍ୟ ସହାୟକ କାର୍ଯ୍ୟ କରିଥାଏ । ଶୀତ ଅପେକ୍ଷା ଗ୍ରୀଷ୍ମଦିନେ ଭାରତୀୟଙ୍କ ସହିତ ପାଶ୍ଚାତ୍ୟ ଦେଶର ଲୋକମାନେ ମଧ୍ୟ ହୃଦ୍ଘାତରେ ଅଧିକ ଶିକାର ହୋଇଥାନ୍ତି । ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ପାଇବା ସହିତ ଶାରୀରିକ ପରିଶ୍ରମ ହ୍ରାସ, ବାୟୁ ପ୍ରଦୂଷଣ, ପାର୍ଶ୍ୱ ପ୍ରତିକ୍ରିୟା ଓ ଅସ୍ୱାଭାବିକ ଶୈଳୀରେ ଖାଦ୍ୟ ଗ୍ରହଣ ଓ ରକ୍ତଜମାଟ ହେବା, ଉଚ୍ଚ ରକ୍ତଚାପ, କୋଲେଷ୍ଟରଲ ସ୍ତର ଅଧିକ, ଡାଇବେଟିସ୍, କମ୍ ଶାରୀରିକ ପରିଶ୍ରମ, ମେଦବହୁଳ, ଚିନ୍ତା ଓ ବଂଶଗତ ଆଦି ହୃଦ୍ଘାତର ମୁଖ୍ୟ କାରଣ । ହୃଦ୍ଘାତ ହେବାର ମୁଖ୍ୟ ଲକ୍ଷଣ ହେଉଛି ଛାତି ଯନ୍ତ୍ରଣା ହେବା ଓ ଛାତି ଭାରି ଲାଗିବା, କେତେକ ସମୟରେ ଗୋଟିଏ କିମ୍ବା ଦୁଇଟି ବାହୁରେ ଯନ୍ତ୍ରଣା ହେବା, ପାଟି ହାଡ଼ରେ ଯନ୍ତ୍ରଣା ହେବା, ପିଠି, ପେଟ କିମ୍ବା ବେକରେ ଯନ୍ତ୍ରଣା ହେବା ଆଦି ଲକ୍ଷଣ ଦେଖାଯାଏ । ବିଶେଷ କରି ଡାଇବେଟିସ୍ ରୋଗୀ, ବୟସ୍କ ବ୍ୟକ୍ତିଙ୍କ ଠାରେ ହୃଦ୍ଘାତର ଆଶଙ୍କା ଅଧିକ ଥାଏ । ହୃଦ୍ଘାତ ଅଧିକ ଆଶଙ୍କା ଥିବା ବ୍ୟକ୍ତିଠାରେ ହଠାତ୍ କିଛି ଲକ୍ଷଣ ଦେଖାଯାଏ, ଯେପରି ଲମ୍ବା ନିଃଶ୍ୱାସ ନେଇପାରନ୍ତି ନାହିଁ, ବାନ୍ତି ବାନ୍ତି ଲାଗିବା, ବାନ୍ତି ହୋଇଯିବା ଓ କିଛି କିଛି ସମୟରେ ଝାଳ ବାହାରିବା ଆଦି ଲକ୍ଷଣ ଦେଖାଯାଏ । ସମୟ ସମୟରେ ପାଟି ଶୁଖିଯିବା, ପରିସ୍ରା ଗାଢ଼ ରଙ୍ଗର ହେବା, ମାଂସପେଶୀ ଯନ୍ତ୍ରଣା ହେବା, ତ୍ୱଚା ଶୁଖିଯିବା, ହୃଦ୍‌ସ୍ପନ୍ଦନ ବଢ଼ିଯିବା, ମୁଣ୍ଡବୁଲାଇବା ଆଦି ସମସ୍ୟା ମଧ୍ୟ ଦେଖାଯାଏ । ମୂଳକଥାଟି ହେଉଛି ଯୋଗ, ପ୍ରାଣାୟମ, ବ୍ୟାୟାମ, ଆଦି ନ କରିବା, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରୋଲ, ଶର୍କରାରେ ଅସ୍ଥିରତା ଆଦି ହୃଦୟ ସମ୍ବନ୍ଧୀୟ ରୋଗର ପ୍ରମୁଖ କାରଣ । ପୌଷ୍ଟିକ ଖାଦ୍ୟ ସେବନ ଏବଂ ନିୟମିତ ବ୍ୟାୟାମ କରିବା ଦ୍ୱାରା ହୃଦୟ ସମ୍ବନ୍ଧୀୟ ରୋଗରୁ ମୁକ୍ତି ମିଳିଥାଏ । ଆଜିକାଲିର ଆଧୁନିକ ଯୁଗରେ ଲୋକମାନେ ଗୋଟିଏ ଜାଗାରେ ବସି କମ୍ପ୍ୟୁଟର ସହାୟତାରେ କାର୍ଯ୍ୟ କରୁଛନ୍ତି । ଫଳରେ ଅଧିକାଂଶ ଲୋକ ମେଦବହୁଳତାର ଶିକାର ହେଉଛନ୍ତି । ଯାହା ହୃଦ୍ଘାତର ପ୍ରମୁଖ କାରଣ । ତେଣୁ ବିଶ୍ୱ ହୃଦୟ ଦିବସ ପାଳନ ଅବସରରେ ଲୋକମାନଙ୍କୁ ହୃଦୟକୁ ସୁସ୍ଥ ରହିବା ପାଇଁ ସାଇକେଲିଂ କରିବା, ପହଁରିବା, ଚାଲିବା, ଦୌଡ଼ିବା ଏବଂ ସର୍ବୋପରି ବ୍ୟାୟାମ କରିବାକୁ ପରାମର୍ଶ ଦିଆଯାଏ । ହୃଦୟ ହେଉଛି ଆମର ସବୁକିଛି, ହୃଦୟକୁ ନେଇ ହିଁ ସବୁକିଛି । ତଥାପି ଆମେ କହିବାକୁ ଗଲେ ହୃଦୟକୁ ଭଲ ପାଉନାହୁଁ ।

ଆମ ହୃଦୟ ଚାହେଁ ବା ପ୍ରତିଟି ହୃଦୟ ଚାହେଁ ସେ ଠିକ୍ ସମୟରେ ଖାଦ୍ୟ ଖାଇବ, ଠିକ୍ ସମୟରେ ବିଶ୍ରାମ ନେବ, ଠିକ୍ ସମୟରେ କର୍ତ୍ତବ୍ୟରତ ରହିବ ଆଉ ଅନାବଶ୍ୟକ ଖାଦ୍ୟ ଖାଇବ ନାହିଁ କିମ୍ବା କର୍ମ କରିବ ନାହିଁ । କହିବାକୁ ଗଲେ ଶ୍ରେଷ୍ଠ ଜୀବନର ପରିଭାଷା ଆମକୁ ହୃଦୟ ହିଁ ବୁଝାଇ ଦେଇଛି । ଏହାକୁ ଗ୍ରହଣ କରି ଚାଲିଲେ ଆମେ ସମ୍ପୂର୍ଣ୍ଣ ନୀରୋଗ ରହିବା ପାଇଁ ନିଶ୍ଚିନ୍ତ ଯତ୍ନବାନ ହେବା ।

ହୃଦ୍‌ସ୍ପନ୍ଦନ ହିଁ ଆମ ଜୀବନ ଆଉ ସମ୍ପର୍କର ପ୍ରମାଣ । ତେଣୁ ହୃଦୟକୁ ସୁସ୍ଥ ରଖିବାକୁ ହେବ । ଜଣଙ୍କ ବୟସ ୩୦ରୁ ୫୦ ବର୍ଷ ଭିତରେ ଥିବା ସମୟରେ ନିଜ ଓଜନ ଉପରେ ନିୟନ୍ତ୍ରଣ ରଖିବା ଖୁବ୍ ଜରୁରୀ । କାରଣ ଏ ସମୟରେ ଓଜନ ବଢ଼ିବାର ଆଶଙ୍କା ଅଧିକ । ଓଜନ ବୃଦ୍ଧି ହୃଦ୍‌ରୋଗ ସହ ବହୁ ରୋଗକୁ ଜନ୍ମ ଦେଇପାରେ । ତେଣୁ କୋଲେଷ୍ଟେରୋଲ୍ ଯୁକ୍ତ ଖାଦ୍ୟ ସହ ଆଳୁ, ଭାତ ଆଦି କମ୍ ଖାଇବା ଆବଶ୍ୟକ । ଫଳ, ଗଜାମୁଗ, ବୁଟ ଓ ଦଳିଆ ଆଦି ଲୋକ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୁକ୍ତ ଖାଦ୍ୟ ସୁସ୍ଥ ହୃଦୟ ପାଇଁ ଖୁବ୍ ଉପଯୋଗୀ । ଏହି ବୟସରେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗ ହେଲେ ଡାକ୍ତରଙ୍କ ପରାମର୍ଶରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷଣ କରାଇନେବା ଆବଶ୍ୟକ । ଏ ବୟସ ପାଇଁ କଠୋର ବ୍ୟାୟାମ ସ୍ୱାସ୍ଥ୍ୟ ଅପେକ୍ଷା ହାଲ୍‌କା ବ୍ୟାୟାମ ଆବଶ୍ୟକ । ତେବେ ଦ୍ରୁତ ପ୍ରାତଃଭ୍ରମଣ ଖୁବ ଉପଯୋଗୀ । ୱାକିଂ ସ୍ପିଡ୍ ଠିକ୍ ଅଛି ନା ନାହିଁ ତାହା ନିଜେ ଜାଣିପାରିବେ । ଉଦାହରଣ ସ୍ୱରୂପ ଚାଲିବା ବେଳେ ଯଦି କୌଣସି ବାକ୍ୟକୁ ଆରାମରେ କହିପାରୁଛନ୍ତି, ତାହେଲେ ଜାଣନ୍ତୁ ଗତି ଧିମା ଅଛି । ଅଧା ବାକ୍ୟ ଠିକ୍‌ରେ କହିପାରୁ ନଥିଲେ ଜାଣନ୍ତୁ ଅଧିକ ଅଛି । ଯଦି ବାକ୍ୟଟି କଷ୍ଟରେ କହିପାରୁଛନ୍ତି ତା ହେଲେ ବୁଝି ନିଅନ୍ତୁ ଗତି ଠିକ୍ ଅଛି । ବୟସ ୫୧ ଛୁଇଁଲେ ଖାଦ୍ୟ ପାନୀୟରେ ଆଧିକ୍ୟରୁ ଦୂରେଇ ରହିବା ଉଚିତ । ଖାଦ୍ୟପାନୀୟ ବା ମଦର ଅଧିକ ମାତ୍ରା ଏ ବୟସରେ ଚିନ୍ତାଜନକ । ଏ ବୟସରେ ପାଦ ଦେବା ପରେ ଗରିଷ୍ଠ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ । ଖାଦ୍ୟରେ ସାଲାଡ଼, ସବୁଜ ପନିପରିବା ଓ ଫଳକୁ ପ୍ରାଧାନ୍ୟ ଦିଅନ୍ତୁ । ଅଳ୍ପ ଅଳ୍ପ କରି ଦିନରେ ୬ଥର ଖାଇବା ଦରକାର । ୫୧ ବର୍ଷରୁ ଅଧିକ ବୟସର ଲୋକମାନେ କଠୋର ବ୍ୟାୟାମ ଓ ଅଧିକ ଶାରୀରିକ ପରିଶ୍ରମ କରିବା ଉଚିତ ନୁହେଁ । ଦିନରେ ୪୫ ମିନିଟ୍ ପର୍ଯ୍ୟନ୍ତ ଚାଲନ୍ତୁ । ଏ ବୟସରେ ଅବସାଦ ସମସ୍ୟା ଅଧିକ ଥାଏ, ଯାହା ହୃଦ୍ ସମସ୍ୟାକୁ ଡାକି ଆଣିପାରେ । ଏ ସ୍ଥିତିରେ ମନସ୍ତତ୍ତ୍ୱ ବିଶେଷଜ୍ଞମାନଙ୍କ ପରାମର୍ଶ ନେବା ଆବଶ୍ୟକ । ଏ ବୟସରେ ଜୀବନର ସଫଳତା ଓ ବିଫଳତାକୁ ନେଇ ମସ୍ତିଷ୍କରେ ଅଙ୍କକଷା ଚାଲିଥାଏ । ଏଥିରୁ ନିଜକୁ ମୁକୁଳେଇବା ପାଇଁ ଧ୍ୟାନ କରନ୍ତୁ । ନିୟମିତ ରକ୍ତ, ଇସିଜି, ଟିଏମ୍‌ଟି, ଶର୍କରା ଆଦି ପରୀକ୍ଷଣ କରାଇନିଅନ୍ତୁ ।

ପ୍ରତିମାସରେ ଥରେ ଉପବାସ ରହିବା ଖୁବ୍ ଭଲ । ନିଜକୁ ଚାପମୁକ୍ତ କରି ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିଲେ ଏହା ହୃଦ୍‌ରୋଗର ଆଶଙ୍କା ରଖନ୍ତା ନାହିଁ । ପ୍ରତିଦିନ କିଛି ସମୟ ବ୍ୟାୟାମ ଓ ମେଦବହୁଳତା ଠାରୁ ଦୂରେଇ ରୁହନ୍ତୁ । ରକ୍ତରେ କୋଲେଷ୍ଟେରୋଲ ପରିମାଣ ବଢ଼ିଗଲେ ହୃଦ୍‌ରୋଗ ହେବାର ଆଶଙ୍କା ରହିଥାଏ । ଏଣୁ ରକ୍ତଚାପ ଓ କୋଲେଷ୍ଟେରୋଲ ନିୟମିତ ବ୍ୟବଧାନରେ ପରୀକ୍ଷା କରନ୍ତୁ । ସୁଷମ ଖାଦ୍ୟ, ସବୁଜ ପନିପରିବା, ଫଳ ବହୁତ ଭଲ । ଅଧିକ ତେଲ ମସଲା, ରାଗ, ଘିଅ, ଲହୁଣୀ, ମାଂସ ଠାରୁ ଦୂରେଇ ରୁହନ୍ତୁ । ନିଜ ଖାଦ୍ୟରେ ଯେପରି କମ୍ ଲୁଣ ବ୍ୟବହାର ହୋଇଥାଏ ସେ ଦିଗକୁ ନଜର ରଖନ୍ତୁ କାରଣ ଲୁଣ ହିଁ ହୃଦ୍ଘାତ ଓ ଷ୍ଟ୍ରୋକର ମୁଖ୍ୟ କାରଣ । ବିଶ୍ୱସ୍ତରରେ ଘଟୁଥିବା ଅକାଳ ମୃତ୍ୟୁର ମୁଖ୍ୟ କାରଣ ହେଉଛି ହୃଦ୍ଘାତ ଓ ହୃଦ୍‌ରୋଗ । ବ୍ୟବସ୍ଥିତ ଜୀବନ ଶୈଳୀ ନିଶ୍ଚିନ୍ତ ଭାବରେ ଆପଣମାନଙ୍କୁ ହୃଦ୍‌ରୋଗକୁ ରକ୍ଷା କରିବ ଏ ବିଶ୍ୱାସ ରଖନ୍ତୁ ।


**ସହଯୋଗୀ ପ୍ରଫେସର, ହୃଦ୍‌ରୋଗ ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,**
**କଟକ, ମୋ–୯୪୩୭୨୭୭୮୬୪**


**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁଇ...

ପିଟିସନ୍ ଆଧାରରେ ଏମାନଙ୍କ ସଭ୍ୟ ପଦକୁ ଆଜି ରଦ୍ଦ କରାଯାଇଛି । ଦଳ ବଦଳ ନିରୋଧ ଆଇନ୍ ଅନୁଯାୟୀ ଏହି ସଭ୍ୟ ପଦ ରଦ୍ଦ ହୋଇଛି । ଗୋଟିଏ ଦଳରୁ ନିର୍ବାଚିତ ହୋଇ ଦଳ ଛାଡିଲେ ସଭ୍ୟପଦ ରଦ୍ଦ ହୋଇପାରିବ । ଯଦି ନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ ଏକତୃତୀୟାଂଶ ବିଧାୟକ ଦଳ ଛାଡନ୍ତି ତେବେ ସଭ୍ୟପଦ ରଦ୍ଦ ହେବନାହିଁ । କିମ୍ବା ଦଳରୁ ବହିଷ୍କୃତ ହେଲେ ସଭ୍ୟପଦ ରଦ୍ଦ ହୋଇପାରିବ ନାହିଁ ।

## ଚଡକ...

ବଡ଼ର ଠାରୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ରାସ୍ତା ରେ ଯାତ୍ରୀଙ୍କ ଲମ୍ବାଲାଇନ ଲାଗିଥିଲା । ଚଳିତ ବର୍ଷ ଜୀଉଙ୍କ ଠାରେ ଉପବିତଧାରୀଙ୍କ ସଂଖ୍ୟା ୭୫ ହଜାର ସରକାରୀ ପଞ୍ଜିକୃତ ହୋଇଥିବାବେଳେ ବେସରକାରୀଭାବେ ଏହା ଲକ୍ଷାଧିକ ହେବବୋଲି ଆକଳନ କରାଯାଇଛି ।ଯାହାକି ଚଡକ ମେଳା ଇତିହାସର ସମସ୍ତ ପୂର୍ବ ରେକଡ଼କୁ ଭଙ୍ଗ କରିଛି ।ବିଜୁପଟ୍ଟନାୟକ ଗୋଲେଇଠାରୁ ମନ୍ଦିର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଆଗମନ ଓ ପ୍ରସ୍ଥାନ ନିମାନେ ବେରିକେଡ଼ କରାଯାଇଥିବାବେଳେ ମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ଭିଡ ଯୋଗୁଁ ପୋଲିସକୁ ନାକେଦମ ହେବାକୁ ପଡିଥିଲା ଭକ୍ତଙ୍କ ଭାବାବେଗରେ ପୋଲିସ ଏକପ୍ରକାର ଅସହାୟ ହୋଇପଡ଼ିଥିଲେ । ଦୂରଦୂରାନ୍ତରୁ ହଜାରହଜାର ମାନସିକ ଶୈବ ଭକ୍ତ ଚନ୍ଦନେଶ୍ୱର ମନ୍ଦିରରେ ଜଳାଭିଷେକ ନିମନ୍ତେ ସୁଶୋଭିତ ବାହୁଙ୍ଗୀରେ ନଦୀରୁ ପବିତ୍ର ଜଳପାତ୍ର କାନ୍ଧରେ ଧରି ଖାଲିପାଦରେ ଚାଲିଚାଲି ଜୀଉଙ୍କ ମନ୍ଦିରକୁ ଆସିବା ଅପୂର୍ବ ଶୋଭା ଦୃଷ୍ଟିଗୋଚର ହୋଇଥିଲା । ନୀଳପର୍ବରେ ଜୀଉଙ୍କ ଠାରେ ଲାଗିଥିବା ପଞ୍ଚାମୃତ ପାନ କରି ଶୈବ ଭକ୍ତମାନେ ଦିନ ତମାମ ବ୍ରତ ପାଳନ କରିଥିଲେ।ସମୁଦ୍ର ମନ୍ଥନ ବେଳେ ବାସୁକୀ ନାଗର ହଳାହଳ ବିଷକୁ ନୀଳକଣ୍ଠ ପାନ କରିଥିବାରୁ ତାଙ୍କୁ ନୀଳକଣ୍ଠ କୁହାଯାଏ । ଅପରାହ୍ନ ରେ ଜୀଉଙ୍କ ନୀଳପୋଖରୀ ରେ ନୀଳ ଉତ୍ସବ ଦର୍ଶନ ଲାଗି ପୋଖରୀ ହୁଡାରେ ଯାତ୍ରୀଙ୍କ ଭିଡ ଲାଗିଥିଲା ଜୀଉଙ୍କ ମୁଖ୍ୟ ସେବାୟତ ମୌରସୀ ତପନ କୁମାର ପଣ୍ଡା ଓ ଉପ ମୌରସୀ ବୁଦ୍ଧଦେବ ପଣ୍ଡା ସହ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆ ଓ ଶ୍ରୀବେକିଡ଼ିଙ୍କ ନିର୍ଦ୍ଦେଶକ୍ରମେ ଉପବିତଧାରୀ ଭକ୍ତ ମାନେ ନୀଳ ପୁଷ୍କରଣୀରୁ ୨ଟି ଠୁମ୍ବିକାଠ ଦ୍ୱୟ କୁ ଜଳକ୍ରୀଡା କରି ଉତ୍ତୋଳନ କରି ମନ୍ଦିର ପରିସରରେ ରଖିଥିଲେ । ପରେ ସନ୍ଧ୍ୟାରେ ଜୀଉଙ୍କ ଶ୍ରେଷ୍ଠ ୧୩ ଭକ୍ତ ଓ ବାଦ୍ୟକାର ମାନେ ୧୬ ପ୍ରକାର ବାଦ୍ୟ ବଜାଇ ଶୈବନୃତ୍ୟ ପ୍ରଦର୍ଶନ କରିଥିଲେ ।ମହାଦେବଙ୍କ ସମ୍ମୁଖ ନୀଳ ଉତ୍ସବ ମଞ୍ଚରେ ନୀଳଉତ୍ସବର ମାହାତ୍ମ୍ୟ ବିଷୟରେ ପଣ୍ଡିତ ଭାଷ୍ୟକାର ମାନେ କାହ୍ନୁ ଚରଣ ଶତପଥୀ, ମୌରସୀ ତପନ କୁମାର ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡା ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ ।ପରେ ମହାଦେବଙ୍କ ମହାଆଳତି ହେବାପରେ ଭକ୍ତଙ୍କ ସକାଶେ ଅର୍ଘ୍ୟ ଦାନ କରାଯାଇଥିଲା । ଗୁରୁବାର ପଶ୍ଚିମବଙ୍ଗ ସିନେତାରକା ତଥା ଟି ଏମ ସି ନେତ୍ରୀ ଜୁଲମାଲିଆ ଜୀଉଙ୍କ ଆଶିଷ ନେବା ସହ ଟି ଏମ ସି ନେତା ନନ୍ଦନ ପାଳ, ରାଜେନ୍ଦ୍ର ଜେନା, ସୁମିତା ପାଳ ଓ ମମତା ପାଳ ପ୍ରମୁଖ ଜୀଉଙ୍କ ମହାନୀଳ ଉତ୍ସବ ଦର୍ଶନ କରି ବିଭୋର ହୋଇଥିବାର ପ୍ରକାଶ କରିଛନ୍ତି ।ସିଦ୍ଧ ମେଳାରେ ଅଦ୍ୟାବଧି ୩ ହଜାର ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିବାର ଚିକିତ୍ସାଧିକାରୀ ଡା କମଳାକାନ୍ତ ଜେନା ସୂଚନା ଦେଇଛନ୍ତି ।ଅପର ପକ୍ଷରେ ଏସିଆର ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ଜୀଉ ଓ କୁମ୍ଭାରମୁଳୀ ଗ୍ରାମସ୍ଥ ଧବଳେଶ୍ୱର ମହାଦେବଙ୍କ ମହାନୀଳ ପର୍ବ ଉଦଯାପିତ ହୋଇଥିବାବେଳେ ଶୁକ୍ରବାର ମହାଦେବଙ୍କ ପ୍ରସିଦ୍ଧ ପାଟଉତ୍ସବ ଉଦଯାପିତ ହେବ । ନୀଳ ପର୍ବରେ ଜିଲା ଯୋଜନା ବୋର୍ଡ଼ ର ଅଧକ୍ଷ ତଥା ବିଧାୟକ ଅନନ୍ତ ଦାସ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରୀକା ନାଥ ସହ ବହୁ ପୋଲିସ ଅଧିକାରୀ ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ ।

## ସୁଧ...

ପହଞ୍ଚି ତାଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିଲା । ଦୁହିଁଙ୍କ ଅବସ୍ଥା ଗୁରୁତର ଥିବା ଦେଖି ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ତୀବ୍ର ଉତ୍ତେଜନା ଲାଗିରହିଥିବାରୁ ପଦ୍ମକେଶରପୁରରେ ୩ ପ୍ଲାଟୁନ ଫୋର୍ସ ପଇଁତରା ମାରୁଛନ୍ତି ।

କଟକ ମେଡିକାଲରେ ଚିକିତ୍ସା ହେବାପରେ ବୋହୂ ନିରୁପମା ଘରକୁ ଫେରିଥିବା ଖବର ମିଳିଛି । ଶ୍ୱଶୁରଙ୍କ ଅବସ୍ଥା ଭଲ ନଥିବାରୁ ସେ ସେଠାରେ ଚିକିତ୍ସିତ ହେଉଛନ୍ତି । ପୋଲିସ ୪ ଅପରାଧୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି । ଗତ କିଛି ମାସ ହେବ ପଦ୍ମକେଶରପୁର ଗ୍ରାମରେ ବିଭିନ୍ନ କଥାକୁ ନେଇ ମାରପିଟ୍ ଓ ଗଣ୍ଡଗୋଳ ହେଉଛି । ପୂର୍ବରୁ ଏକ ଗୁରୁତର ଗଣ୍ଡଗୋଳ ଘଟଣାରେ ସେହି ଗ୍ରାମରେ ବହୁଦିନ ଫୋର୍ସ ମୁତୟନ ରହିଥିଲେ । ଦୁଇ ପକ୍ଷର ଅଭିଯୁକ୍ତମାନେ ଗିରଫ ହେବାପରେ ଫୋର୍ସ ପ୍ରତ୍ୟାହାର କରାଯାଇଥିଲା । ବୁଧବାର ରାତି ଗଣ୍ଡଗୋଳ ପରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ତୀକ୍ଷ୍ଣ ନଜର ରହିଛି ସେହି ଗ୍ରାମ ଉପରେ ।

## ୯ ବିଧାୟକ...

ସେଠାରେ ମାଧବ ସର୍ଦାର ଓ ସମ୍ବଲପୁରରୁ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରାଯାଇଛି । ଲକ୍ଷ୍ମୀପୁରରୁ ପ୍ରଭୁ ଜାନୀଙ୍କୁ ପ୍ରାର୍ଥୀ କରାଯାଇଛି । ବିଜେଡି ପୂର୍ବରୁ ୩ ପର୍ଯ୍ୟୟରେ ଲୋକସଭା ଲାଗି ୨୦ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା । ଆଜି ଆଉଏକ ଆସନ ପାଇଁ ଘୋଷଣା କରିଛି । ସେହିଭଳି ବିଧାନସଭା ଲାଗି ପ୍ରଥମ ପର୍ଯ୍ୟାୟରେ ୭୨, ଦ୍ୱିତୀୟ ପର୍ଯ୍ୟାୟରେ ୨୭ ଓ ତୃତୀୟ ପର୍ଯ୍ୟାୟରେ ୯ ପ୍ରାର୍ଥୀ ଘୋଷଣା ହୋଇଥିଲେ । ଚତୁର୍ଥ ପର୍ଯ୍ୟାୟରେ ମଧ ୯ ପ୍ରାର୍ଥୀଙ୍କୁ ଘୋଷଣା କରାଯାଇଛି । ଆଉ ୩୦ ଆସନରେ ପ୍ରାର୍ଥୀ ଦେବା ବାକି ରହିଛଇ ।

## ମୂଲ୍ୟ...

ଏବେ ଚାକିରୀ ପାଇବା ସବୁଠୁ କଷ୍ଟକର ବ୍ୟାପାର ହୋଇଛି । ଅପରପକ୍ଷରେ ୧୭% କହିଛନ୍ତି ଯେ ଚାକିରୀ ଖୋଜିବା ପୁରା ସହଜ ହୋଇଯାଇଛି । ସେହିଭଳି ଅଧିକାଂଶ ଭୋଟର ମୂଲ୍ୟ ବୃଦ୍ଧିକୁ ଚିନ୍ତା ପ୍ରକଟ କରିଛନ୍ତି । ସେମାନେ ଉଲ୍ଲେଖ କରିଛନ୍ତି ଯେ ମୂଲ୍ୟବୃଦ୍ଧି ଏବେ ସେମାନଙ୍କ ପକେଟକୁ ବେଶ୍ ବାଧିଛି । ୭୧% କହିଛନ୍ତି ଯେ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ହୋଇଛି । ୭୬% ଗରିବ ଲୋକ କହିଛନ୍ତି ଯେ ମୁଦ୍ରାସ୍ଫିତି ସେମାନଙ୍କୁ କ୍ଷତି ପହଞ୍ଚାଇଛି । ସେହିଭଳି ସମାନ ସଂଖ୍ୟକ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକ ମଧ ସମାନ ଉତ୍ତର ଦେଇଛନ୍ତି । ନିକଟରେ ଜାତିସଂଘର ଆଇଏଲ୍‌ଓ ରିପୋର୍ଟରେ ମଦ୍ୟ ୮୩% ଭାରତୀୟ ଯୁବକ ବେକାର ବୋଲି ପ୍ରକାଶ ପାଇଛି । ସେହିଭଳି ଜୀବନ ଧାରଣର ମାନ ଉପରେ ୪୮% ଭଲ କହିଥିବାବେଳେ ୩୫% ଗତ ୫ ବର୍ଷରେ ସେମାନଙ୍କ ସ୍ଥିତି ଅଧିକ ଖରାପ ହୋଇଛି ବୋଲି ମତ ରଖିଛନ୍ତି । କେବଳ ୨୨% ଲୋକ କହିଛନ୍ତି ଯେ ସେମାନେ ଟଙ୍କା ସଞ୍ଚୟ କରିବାକୁ ସକ୍ଷମ ହେଉଛନ୍ତି । ୩୬%ଙ୍କ ମତରେ ସେମାନେ କେବଳ ଆବଶ୍ୟକତା ପୂରଣ କରିପାରୁଛନ୍ତି ଓ ଟଙ୍କାଟେ ମଧ ସଞ୍ଚୟ କରିପାରୁନାହାନ୍ତି । ଗତ ୫ ବର୍ଷରେ ଦୁର୍ନୀତି ବଢ଼ିଛି ବୋଲି ୫୫% ଲୋକ ମତ ଦେଇଛନ୍ତି । ୨୫% ଲୋକ କେନ୍ଦ୍ରକୁ ଦୁର୍ନୀତି ପାଇଁ ଦାୟୀ କରିଥିବାବେଳେ ୧୬% ରାଜ୍ୟକୁ ଦାୟୀ କରିଛନ୍ତି । ଲୋକନୀତି-ସିଏସ୍‌ଡିଏସ୍ ପକ୍ଷରୁ ୧୯ ରାଜ୍ୟର ୧୦ ହଜାର ୧୯ ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା ।

## ପ୍ରସନ୍ନ...

ରଖି ବିଜେଡି ଦଳ ସଂସଦୀୟ କ୍ଷେତ୍ରର ୭ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାବିଚିନ୍ତି ପ୍ରାର୍ଥୀ ଚୟନ କରୁଛି । ପ୍ରସନ୍ନଙ୍କୁ ସମ୍ବଲପୁର ଓ ଜିଲ୍ଲା ସଭାପତି ତଥା ବିଧାୟକ ଇଂ. ରୋହିତ ପୁଜାରୀଙ୍କୁ ରେଢାଖୋଲରୁ ପ୍ରାର୍ଥୀ କରି ନିର୍ବାଚନକୁ ଅତି ଗୁରୁତ୍ୱ ଭାବେ ନେଉଥିବା ଜଣାପଡିଛି । ପ୍ରସନ୍ନ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଜନତା ଦଳର ସଭାପତି ଭାବେ ବିଜୁ ପଟ୍ଟନାୟକଙ୍କ ଅତି ଘନିଷ୍ଠ ଭାବେ ସଙ୍ଗଠନ ପରିଚାଳିତ କରିଥିଲେ । ବିଶେଷ କରି ୧୯୮୫ରୁ ୨୦୦୦ ପର୍ଯ୍ୟନ୍ତ ସେ ନିଜର ସଙ୍ଗଠନ ଗଢିଛନ୍ତି । ଗତ ୧୯୯୮, ୧୯୯୯ ଓ ୨୦୦୪ରେ ସେ ସମ୍ବଲପୁର ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ । ଏହି ଅଭିଜ୍ଞତାକୁ ଆଧାର କରି ବିଜେଡି ତାଙ୍କୁ ସମ୍ବଲପୁର ବିଧାନସଭାରୁ ପ୍ରାର୍ଥୀ କରି ଚକ୍‌ମା ଦେବାରେ ସମର୍ଥ ହୋଇଛି ।

ସେହିପରି ରେଢାଖୋଲରୁ ୨ଥର ବିଜେଡି ଟିକେଟ୍‌ରୁ ବିଜୟ ହୋଇଥିବା ଇଂ. ରୋହିତଙ୍କୁ ପ୍ରାର୍ଥୀ କରି ନିର୍ବାଚନୀ ଅଭିଜ୍ଞତା ଓ ଅନୁଭବକୁ ଦଳ ଗୁରୁତ୍ୱ ଦେଇଛି । ରେଙ୍ଗାଲିରେ ସୁଦର୍ଶନ ହରିପାଲକୁ ଦଳ ପ୍ରାର୍ଥୀ କରିଥିବା ବେଳେ କେବଳ କୁଚିଣ୍ଡା ଆସନ ଏବେ ମଧ୍ୟ ଅଛିଣ୍ଡା ହୋଇ ପଡିଛି । ତେବେ କଂଗ୍ରେସ ଦଳ ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରିନାହିଁ । ଖୁବ୍‌ଶୀଘ୍ର ପ୍ରାର୍ଥୀ ଘୋଷଣା ହେବା ପରେ ୩ଦଳର ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇବେ । ଏହାଦ୍ୱାରା ସମ୍ବଲପୁର ଲୋକସଭା ଓ ବିଧାନସଭା ଆସନ ଗୁଡିକରେ ନିର୍ବାଚନ ଲଢେଇ ବେଶ ରୋଚକ ହେବ ବୋଲି ରାଜନୈତିକ ବିଶେଷଜ୍ଞଙ୍କ ମତ ।

# ଭୁବନେଶ୍ୱର ଆର୍ଯ୍ୟସମାଜ ବିବାଦ : ପିଟିସନ୍ ଖାରଜ କଲେ ହାଇକୋର୍ଟ

ଭୁବନେଶ୍ୱର (ସବ୍ୟୁ) : ଭୁବନେଶ୍ୱର ସହିଦନଗରସ୍ଥିତ ଆର୍ଯ୍ୟସମାଜ ବିବାଦ ମାମଲାରେ ଅଭିଯୋଗକାରୀଙ୍କ ପିଟିସନକୁ ଖାରଜ କରିଦେଇଛନ୍ତି ହାଇକୋର୍ଟ। ଫଳରେ କଳେ ବଳେ କୌଶଳେ ସଭାପତି ଇଂ ପ୍ରିୟବ୍ରତ ଦାସଙ୍କୁ ହଟାଇ ଆର୍ଯ୍ୟସମାଜକୁ କବ୍‌ଜା କରିବାକୁ ଉଦ୍ୟମ କରୁଥିବା ବିକାଶ ପଣ୍ଡା ଓ ସୁଦର୍ଶନ ପାତ୍ରଙ୍କ ଷଡ଼ଯନ୍ତ୍ର ଫସର ଫାଟିଯାଇଛି। ମାମଲାର ବିବରଣୀରୁ ଜଣାଯାଇଛି ଯେ, ଆର୍ଯ୍ୟସମାଜ, ସହିଦନଗରର ପ୍ରତିଷ୍ଠାତା ତଥା ସଭାପତି ଶ୍ରୀ ଦାସ ଓ ସମ୍ପାଦକ ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଗଠିତ କମିଟି ସଦସ୍ୟମାନେ ଗତ ଶିବରାତ୍ରି ଦିନ ଋଷି ବୋଧତ୍ସବ ପାଳନ କରୁଥିବାବେଳେ ନିଜକୁ ସମ୍ପାଦକ ବୋଲି କହି ବିକାଶ ପଣ୍ଡା, ନୂଆପଡ଼ାସ୍ଥିତ ଗୁରୁକୁଳ ହରିପୁରର ସଂଚାଳକ ସୁଦର୍ଶନଙ୍କ ସହ ପ୍ରଶାନ୍ତ ଦାଶ, ସୁବ୍ରତ ସାମଲ, ଅଭିଷେକ ଗୁପ୍ତା, ରଶ୍ମୀ ଗୁପ୍ତା, ବିନୋଦିନୀ ପଣ୍ଡା, ସୌଦାମିନୀ ପଣ୍ଡା ପ୍ରମୁଖ ସାଙ୍ଗରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଅସାମାଜିକ

ବ୍ୟକ୍ତି ଓ କିଛି ମହିଳାଙ୍କୁ ଧରି ଆର୍ଯ୍ୟସମାଜ ମୁଖ୍ୟ ଫାଟକ ତାଲା ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ସମ୍ପାଦକ ଓ କେତେକ ସଦସ୍ୟା/ସଦସ୍ୟଙ୍କୁ ମାଡ଼ ମାରିବା ସହ ଆତଙ୍କରାଜ ସୃଷ୍ଟି କରିଥିଲେ। ଖବର ପାଇ ସହିଦନଗର ପୁଲିସ ଘଟଣାସ୍ଥଳରେ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଆକ୍ରମଣକାରୀ ବିକାଶ-ସୁଦର୍ଶନ ଗୋଷ୍ଠୀଙ୍କୁ ଆର୍ଯ୍ୟସମାଜ ପରିସରରୁ ବାହାର କରି ଦେଇଥିଲେ। ଏ ସମ୍ପର୍କରେ ସହିଦନଗର ଥାନାରେ ସମ୍ପାଦକ ବୀରେନ୍ଦ୍ର କରଙ୍କ ପକ୍ଷରୁ ଏତଲା ଦାଏର କରାଯାଇଥିଲା। ୨୬ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା।

କିନ୍ତୁ ନିଜକୁ ସମ୍ପାଦକ ଓ ସହ ସମ୍ପାଦକ ବୋଲି ଦାବି କରି ବିକାଶ ପଣ୍ଡା ଓ ପ୍ରଶାନ୍ତ ଦାଶ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ଓ ସେମାନଙ୍କୁ ଆର୍ଯ୍ୟସମାଜକୁ ପ୍ରବେଶ କରିବାକୁ ଦିଆଯାଉ ବୋଲି ଅଦାଲତରେ ପ୍ରାର୍ଥନା କରିଥିଲେ। ଗତ ମାର୍ଚ୍ଚ ୨୦ ତାରିଖରେ ବିଚାରପତି ଭି. ନରସିଂହଙ୍କ ଅଦାଲତରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ଗତ ଅପ୍ରେଲ୬ ତାରିଖରେ ମାନ୍ୟବର ବିଚାରପତି ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସହିଦନଗର ଥାନା ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୯ ତାରିଖରେ ପୁଲିସ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ। ପୁଲିସ୍ ରିପୋର୍ଟ ଆଧାରରେ ମାନ୍ୟବର ବିଚାରପତି ମାମଲାଟିକୁ ଖାରଜ କରି ଦେଇଥିଲେ। ଏହି ମାମଲାରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ, ପୁଲିସ କମିଶନର, ଡିସିପି ଓ ସହିଦନଗର ଥାନା ଅଧିକାରୀଙ୍କ ସମେତ ଆର୍ଯ୍ୟସମାଜର ସଭାପତି ପ୍ରିୟବ୍ରତ ଦାସ ଓ ଅନ୍ୟ ୬ ସଦସ୍ୟଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଅଭିଯୋଗକାରୀଙ୍କ ପକ୍ଷରୁ ମନ୍ମୟ କୁମାର ଦାଶ ଓ ସରକାରଙ୍କ ପକ୍ଷରୁ କେ.କେ. ଗୟା ଏହି ମାମଲା ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ପ୍ରତିପକ୍ଷ ବିକାଶ ପଣ୍ଡା ଓ ଅନ୍ୟ ସଦସ୍ୟମାନଙ୍କ ପକ୍ଷରୁ ଆର୍ଯ୍ୟସମାଜରେ ୧୪୪ ଧାରା ଜାରି କରିବାକୁ କମିଶନରେଟ ପୁଲିସର ଏକ୍ସିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଦାଏର ଅନ୍ୟ ଏକ ମାମଲାକୁ ମଧ ମାଜିଷ୍ଟ୍ରେଟ ଗତ ୯ ତାରିଖ ଦିନ ଖାରଜ କରିଦେଇଛନ୍ତି। ସମ୍ପାଦକ ବୀରେନ୍ଦ୍ର କରଙ୍କ ପକ୍ଷରୁ ଦାଏର ମାମଲାର ଶୁଣାଣି କରି ଆର୍ଯ୍ୟସମାଜ ପରିସରରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଯେଭଳି ବ୍ୟାହତ ନହୁଏ ତାହା ତଦାରଖ କରିବାକୁ ପୁଲିସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି।

# ଉପଭୋକ୍ତାଙ୍କୁ ଟିପିସିଓଡିଏଲ୍‌ର ସ୍ୱାସ୍ଥ୍ୟ ସେବା ପ୍ରଦାନ




ଭୁବନେଶ୍ୱର (ସବ୍ୟୁ) : ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଜୀବନର ସମସ୍ତ କ୍ଷେତ୍ରରେ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ପ୍ରାଥମିକତା ଦେବାର ଗୁରୁତ୍ୱ ଉପରେ ଆଲୋକପାତ କରିଛି। ୨୦୨୪ରେ ଡବ୍ଲ୍ୟୁଏଚ୍‌ଓର ୭୬ତମ ବାର୍ଷିକୀ ପାଳନ କରାଯାଉଛି ଏବଂ ଏହି ଉତ୍ସବର ଏକ ଅଂଶ ଭାବେ ଡବ୍ଲ୍ୟୁଏଚ୍‌ଓ 'ମୋ ସ୍ୱାସ୍ଥ୍ୟ, ମୋ ଅଧିକାର' କୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୪ର ବିଷୟବସ୍ତୁ ଭାବେ ଚୟନ କରିଛି ଯାହା ମୌଳିକ ମାନବିକ ଅଧିକାର-ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା, ଶିକ୍ଷା ଏବଂ ସୂଚନାର ଉପଲବ୍ଧତା ଉପରେ ଗୁରୁତ୍ୱାରୋପ କରୁଛି।

ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପ୍ରତି ଏହି ପ୍ରତିବଦ୍ଧତା ଅନୁଯାୟୀ, ଟିପିସିଓଡିଏଲ୍ ଏହାର କାର୍ଯ୍ୟକ୍ଷେତ୍ରରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ୨୦୨୩-୨୪ରେ ଟିପିସିଓଡିଏଲ୍ ପକ୍ଷରୁ ୧୭ଟି ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଭୁବନେଶ୍ୱର ୧, ଭୁବନେଶ୍ୱର ୨, କଟକ ଓ ଢେଙ୍କାନାଳ ଭଳି କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇ ମୋଟ ୩୭୯ ଜଣ କର୍ମଚାରୀ ଏହି ଅତ୍ୟାବଶ୍ୟକ ତାଲିମରୁ ଉପକୃତ ହୋଇଥିଲେ। ଏହାବ୍ୟତୀତ ଟିପିସିଓଡିଏଲ୍ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସ୍ପେନସରି ଜରିଆରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜନ କରାଯାଇଥିଲା ଯେଉଁଥିରେ କଟକ, ଢେଙ୍କାନାଳ, ପାରାଦ୍ୱୀପ ଓ ଭୁବନେଶ୍ୱର ୨ ଭଳି ୪ଟି ସର୍କଲକୁ ସାମିଲ କରାଯାଇଥିଲା। ୧୭୭୪ଟି ଗ୍ରାମ ପଂଚାୟତ, ୨୬୨୭ଟି ଗ୍ରାମ ଏବଂ ୧,୧୨,୩୦୨ ଜଣ ଲୋକଙ୍କୁ ମିଶାଇ ବହୁ ସଂଖ୍ୟକ ହିତାଧିକାରୀଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସେବା ଯୋଗାଇବାରେ ଏହି ଶିବିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଏହାବ୍ୟତୀତ, ଟିପିସିଓଡିଏଲ୍ ୮୬ଟି ସ୍ଥାନରେ ସ୍ୱାସ୍ଥ୍ୟ ଯାଂଚର ସୁବିଧା କରିଥିଲା ଯେଉଁଥିରେ ୩୮୦୪ ଜଣ କର୍ମଚାରୀ ଉପକୃତ ହୋଇଥିଲେ ଏବଂ ପାଖାପାଖି ୩୦୦୦ (ବିଜନେସ୍ ଆସୋସିଏଟ୍ସ) ବିଏ କର୍ମଚାରୀଙ୍କର ଡାକ୍ତରୀ ଫିଟନେସ୍ ଯାଂଚ କରାଯାଇଥିଲା। ଏହାବ୍ୟତୀତ କମ୍ପାନୀ ବିଶ୍ୱ ହୃଦୟ ଦିବସରେ ଅଧିବେଶନ କରି ହୃତପିଣ୍ଡ ସ୍ୱାସ୍ଥ୍ୟ ଉପରେ ବିଶେଷଜ୍ଞଙ୍କ ଦୃଷ୍ଟିକୋଣ ଏବଂ ସଂାନିତ ହୃଦରୋଗ ବିଶେଷଜ୍ଞଙ୍କ ଦ୍ୱାରା ହୃଦଘାତ ପ୍ରତିରୋଧ ଉପରେ ଆଲୋଚନା ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି ପଦକ୍ଷେପଗୁଡିକ କମ୍ପାନୀର କର୍ମଚାରୀ ଏବଂ ଏହା ସେବା ପ୍ରଦାନ କରୁଥିବା ସମୁଦାୟ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ କଲ୍ୟାଣର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଟିପିସିଓଡିଏଲ୍‌ର ସମର୍ପଣକୁ ସୂଚାଉଛି।

# ବିଶ୍ୱନାଥ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବାର୍ଷିକୋତ୍ସବ

ସୋର, (ସବ୍ୟୁ) :ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ମହୁମୁହାଣ ଗ୍ରାମରେ ଥିବା ବିଶ୍ୱନାଥ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସପ୍ତବିଂଶତିତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଦାଧର ମହାପାତ୍ର ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲକ ପାଢ଼ୀ, ମୁଖ୍ୟବକ୍ତା ଭାବେ ଅଭୟ ଦାସ ଏବଂ ସମ୍ମାନିତ ଅତିଥିଭାବେ ଡ. ବିଶ୍ୱନାଥ ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟରେ ତୃତୀୟ ଏବଂ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ, ନବୋଦୟ ଏବଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

# ଡାକ୍ତରଙ୍କ ମାଗଣା ରୋଗୀ ଚିକିତ୍ସା

ସୋର,(ସବ୍ୟୁ): ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସୁସ୍ଥ ଏବଂ ନିରାମୟ ଜୀବନଯାପନ କରିବା ପାଇଁ ସୋରର କିଡ଼ନୀ ରୋଗ ବିଶେଷଜ୍ଞ ଡାକ୍ତର ଭାସ୍କର ଚନ୍ଦ୍ର ସାହୁଙ୍କ ପରାମର୍ଶ ଏବଂ ମାଗଣା ରୋଗୀ ଚିକିତ୍ସା ସେବା। କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋର ଉତ୍ତରେଶ୍ୱରସ୍ଥିତ ଜୟ ମା ଦୁର୍ଗା ମେଡିସିନ ଷ୍ଟୋର ନିକଟରେ ଡା. ସାହୁ ପ୍ରତିବର୍ଷ ପରି ଚଳିତ ବର୍ଷ ଏହି ଦିବସରେ ପାଖପାଖି ୭୫ ଜଣଙ୍କୁ ମାଗଣାରେ ଚିକିତ୍ସା କରିବା ସହିତ ଗରିବ ଲୋକଙ୍କୁ ଔଷଧ ପ୍ରଦାନ କରିଥିଲେ। ମଣିଷର ସ୍ୱାସ୍ଥ୍ୟ ହେଉଛି ସବୁଠାରୁ ବଡ଼ ସଂପଦ, ଏହାକୁ ଧରି ରଖିବା ସହିତ ସୁସ୍ଥ ଏବଂ ନିରାମୟ ଜୀବନଯାପନ କରିବା ପାଇଁ ଲୋକମାନଙ୍କ ସ୍ୱାସ୍ଥ୍ୟ ସଚେତନତା କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ ।

# ଧାମନଗର ବିଜେଡ଼ିରେ ବିଦ୍ରୋହର ପୂର୍ବାଭାଷ

ଅସୁରାଳି,(ସବ୍ୟୁ):ସାଧାରଣ ନିର୍ବାଚନ ପୂର୍ବରୁ ଧାମନଗର ବିଜେଡ଼ିରେ ବିଦ୍ରୋହର ସ୍ୱର ଶୁଭିଛି। ନିର୍ଦ୍ଦିଷ୍ଟ କ୍ଷମତା କେନ୍ଦ୍ରକୁ ନେଇ ଅସନ୍ତୁଷ୍ଟ ଶାସକ ଦଳର କେତେକ ଛାମୁଆ ନେତା ଓ ସଂଗଠକ ଗୋଟିଏ ସ୍ଥାନରେ ମିଳିତ ହେବା ଦେଖିବାକୁ ମିଳିଛି। ବିଭିନ୍ନ ସମୟରେ ଗୋଷ୍ଠୀ ବିବାଦ ପାଇଁ ଅପବାଦ ମୁଣ୍ଡାଇ ଥିବା ଧାମନଗର ବିଜେଡ଼ି ଗତ ପଂଚାୟତ ନିର୍ବାଚନରେ ଏକଜୁଟ୍ ହୋଇ ବିରୋଧୀ ବିଜେପିକୁ ଟେକେ ଦେବା ସହ ବିପୁଳ ବିଜୟ ହାସଲ କରିଥିଲା। ପରେ ଉପନିର୍ବାଚନରେ ଯଦିଓ ଦଳର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଟିକେଟ ନପାଇ ବିଦ୍ରୋହ କବିତା ସହିତ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ ଏଥିରେ କିନ୍ତୁ ଧାମନଗର ବ୍ଲକ ବିଜେଡ଼ି ତାଙ୍କୁ ସାଥ ହେଇ ନଥିଲା। ଗତ ଏକ ବର୍ଷରୁ ଅଧିକ ସମୟ ହେଲା ଡାକ୍ତର ସଞ୍ଜୟ ଦାସ ବିଧାୟକ ପାଇଁ ବିଜେଡ଼ିରୁ ଆଶାୟୀ ତାଲିକାରେ ରହି ସାଙ୍ଗଠନିକ କାର୍ଯ୍ୟ କରୁଥିବା ବେଳେ ଦଳର ସବୁ ନେତାଏ ତାଙ୍କ ସହିତ ଥିବା ଦେଖିବାକୁ ମିଳିଥିଲା। ସଞ୍ଜୟ ଏବେ ଦଳର ପ୍ରାର୍ଥୀ ଘୋଷିତ ହୋଇଛନ୍ତି ଏବଂ ନିର୍ବାଚନ ପାଇଁ ମାହୋଲ ସରଗରମ ହେବା ବେଳକୁ ଶାସକ ଦଳରେ ଅସନ୍ତୋଷ ପଦାକୁ ଆସିଛି। ବୁଧବାର ଦିନ ଭଦ୍ରକ ସହରର ଏକ ସ୍ଥାନରେ ଧାମନଗର ବିଜେଡ଼ିର ଆଗଧାଡିର ନେତା ତଥା ଜିଲ୍ଲା ଉପସଭାପତି ରଘୁନାଥ ଲେଙ୍କା,ଜିଲ୍ଲା ସାଧାରଣ ସଂପାଦକ ତଥା କୋଠାର ସମବାୟ ସମିତି ସଭାପତି ହରେକୃଷ୍ଣ ପାଢୀ,ବରିଷ୍ଠ ନେତା ଅର୍ଜୁନପୁର ସମିତି ସଭ୍ୟ ବିଦ୍ୟାଧର ରାଉତ,ଧୂଷୁରୀ ସମିତି ସଭ୍ୟ କାହ୍ନୁ ଚରଣ ସ୍ୱାଇଁ,ରାମଚନ୍ଦ୍ର ସାହୁ,ସୁଶାନ୍ତ ପଣ୍ଡା,ଆଇନଜୀବୀ ଅଶୋକ ଦାସ,ନିରାକାର ଯେନା,ଶୁକଦେବ ସ୍ୱାଇଁ ପ୍ରମୂଖ ବହୁସଂଖ୍ୟକ କର୍ମକର୍ତ୍ତା ବୈଠକରେ ଏକତ୍ରିତ ହୋଇଥିଲେ। ଏହି ବୈଠକରେ ସାଂସଦ କି ବିଧାୟକ ପ୍ରାର୍ଥୀଙ୍କ ସମେତ ବ୍ଲକ ଅଧକ୍ଷା,ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ଆଦିଙ୍କୁ ଦେଖିବାକୁ ମିଳିନଥିଲା। ଯାହା ଦଳୀୟ ଅନ୍ତଃକନ୍ଦଳର ଚିତ୍ରକୁ ସାମନାକୁ ଆଣିଥିବା କୁହାଯାଉଛି। ଧାମନଗରରେ ଶାସକ ଦଳ ପ୍ରାକ୍ତନ ପଂଚାୟତ ସମିତି ଅଧକ୍ଷ ତଥା ଜିଲ୍ଲାର ଅନ୍ୟତମ ଉପସଭାପତି ଅଶୋକ ନାୟକଙ୍କ ନେତୃତ୍ୱରେ ଚାଲିଥିବାବେଳେ ସେ ଏବେ ଧାମନଗର ବିଜେଡ଼ିର ଏକପ୍ରକାର କ୍ଷମତା କେନ୍ଦ୍ର ସାଜିଛନ୍ତି। ଏହାହିଁ ବିବାଦ ଓ ବିଦ୍ରୋହର ପ୍ରମୁଖ କାରଣ ପାଲଟିଛି। ଆୟୋଜିତ ବୈଠକ ସମ୍ପର୍କରେ ବରିଷ୍ଠ ନେତା ବିଦ୍ୟାଧର ରାଉତଙ୍କ ପ୍ରତିକ୍ରିୟା ନିଆଯିବାରୁ ସେ କହିଥିଲେ ଯେ ଆମେ ବିଜୁ ଜନତା ଦଳକୁ ସଙ୍ଗଠିତ କରିବା ସହ କିପରି ଆଗକୁ ଥିବା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ କାର୍ଯ୍ୟ କରିବା ପାଇଁ ଏହି ବୈଠକ କରିଥିଲୁ। କିନ୍ତୁ ଧାମନଗରରେ ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକଙ୍କ ନେତୃତ୍ୱରେ କାର୍ଯ୍ୟ କରିବୁ ନାହିଁ,ତାଙ୍କ କାର୍ଯ୍ୟକଳାପ ବିଭିନ୍ନ ଦୃଷ୍ଟିକୋଣରୁ ଗ୍ରହଣୀୟ ହୋଇପାରୁନାହିଁ। ବିଜେଡ଼ିରେ ବିବାଦ ଘଟଣା ଏବେ ଧାମନଗର ରାଜନୀତିରେ ଭିନ୍ନ ଭିନ୍ନ ଚର୍ଚ୍ଚା ଆରମ୍ଭ କରିଛି।

**LOST**

**I, Sri B. Suresh,** S/o.: Late B. Gupteswar Rao, Resident of Village: Borigumma, PO./P.S.: Borigumma, District.: Koraput, declared that on: 03/04/2024, at about 5.00 P.M. my Registered Sale Deed, Vide Deed No.: 313/2009, Dtd: 03/06/2009 have Lost while I transit from my house to daily market at Borigumma and I enquired, but the same is not trace out & it is beyond recover.

# ସଂଯୋଗୀ ସାହିତ୍ୟ ସମ୍ମାନ ପାଇବେ ରସିକ ଚନ୍ଦ୍ର ବେହେରା ଓ ଯଦୁନାଥ ଜେନା

ଢେଙ୍କିକୋଟ , (ସବ୍ୟୁ) : ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା, ଅଭିବୃଦ୍ଧି ତଥା ପ୍ରସାର ପ୍ରଚାର କ୍ଷେତ୍ରରେ ପ୍ରତିବର୍ଷ ଅଭିନବ କାର୍ଯ୍ୟକ୍ରମ ମାନ ହାତକୁ ନେଇ ଏକ ବୈପ୍ଳବିକ ପରିବେଶ ସୃଷ୍ଟି କରୁଥିବା ସ୍ଥାନୀୟ କୁଣ୍ଡାପିଠାସ୍ଥ ସଂଯୋଗୀ ସାହିତ୍ୟ ସଂସଦ ତରଫରୁ ୨୦୨୩/୨୪ ବର୍ଷ ପାଇଁ ସମ୍ବର୍ଦ୍ଧନା ପାଇବାକୁ ଯାଉଥିବା ସାରସ୍ୱତ ସ୍ରଷ୍ଟା ମାନଙ୍କ ନାମ ଘୋଷଣା କରାଯାଇଛି। ଅନୁଷ୍ଠାନର ସର୍ବଶ୍ରେଷ୍ଠ ସମ୍ମାନ ସଂଯୋଗୀ ସାହିତ୍ୟ ସମ୍ମାନ ରାଜ୍ୟ ସ୍ତରରେ ପାଇବେ ବରଗଡ଼ ଜିଲ୍ଲାର କୋଶଳ ଭଞ୍ଜ କବି ରସିକ ଚନ୍ଦ୍ର ବେହେରା , ଜିଲ୍ଲାସ୍ତରରେ ପାଇବେ ଯଦୁନାଥ ଜେନା ( ବିପିନ୍ ବିହାରୀ ଦାସ ସ୍ମୃତି ସମ୍ମାନ ) । ସେହିପରି ମା ତାରିଣୀ ସମ୍ମାନ - ନାରାୟଣ ସାହୁ, ସୁବର୍ଣ୍ଣପୁର, ସଂଯୋଗୀ ସମାଜସେବୀ ସମ୍ମାନ - କମ୍ରେଡ୍ ନାରାୟଣ ଭୋଳ, କଟକ , ସଂଯୋଗୀ ସଜଫୁଲ ସମ୍ମାନ କସ୍ତୁରୀ ଚରଣ ରାଉତ, ବଲାଙ୍ଗୀର, ରମେଶ ଚନ୍ଦ୍ର ଚକ୍ରବର୍ତ୍ତୀ ସ୍ମୃତି ସମ୍ମାନ -ଅକ୍ଷୟ କୁମାର ପଲେଇ, କେନ୍ଦୁଝର, ସଜଫୁଲ ପ୍ରତିଭା ସମ୍ମାନ ମଧୁସୁଦନ ମହାପାତ୍ର, ଯାଜପୁର ଅପର୍ତ୍ତି ପଲେଇ ସ୍ମୃତି ସମ୍ମାନ - କୈଳାସ ଚନ୍ଦ୍ର ତନ୍ତୀ, କେନ୍ଦୁଝର ଜଗନ୍ନାଥ ଦାଶ ସ୍ମୃତି ସମ୍ମାନ -ରାମକୃଷ୍ଣ ଦାଶ , କେନ୍ଦ୍ରାପଡ଼ା ,ପଞ୍ଚାନନ ପଲେଇ ସ୍ମୃତି ସମ୍ମାନ - ହିମାଂଶୁ ଶେଖର ଦାସ, ମୟୂରଭଞ୍ଜ, ସଂଯୋଗୀ ସୌରଭ ସମ୍ମାନ ଶ୍ରୀମାନ ରିତେଶ କୁମାର ଦାଶ , ଦେବଗଡ଼,ସଂଯୋଗୀ ଗୌରବ ସମ୍ମାନ- ଶ୍ରୀମତୀ ମୌସୁମୀ ଶୁକ୍ଳା, ଭୁବନେଶ୍ୱର, ସଂଯୋଗୀ ସୃଜନୀ ସମ୍ମାନ- ଶ୍ରୀମତୀ ବିଜୟା ଲକ୍ଷ୍ମୀ ବେହେରା କେନ୍ଦୁଝର, ଓ ତପନ କୁମାର ଦାଶ, କେନ୍ଦୁଝର , ସଂଯୋଗୀ ବନ୍ଧୁ ସମ୍ମାନ - ଭୀମସେନ ବଳ, ପ୍ରମେୟ ପ୍ରତିନିଧି, ଘଟଗାଁ,ସଂଯୋଗୀ କଳାକାର ସମ୍ମାନ - ସୁଶ୍ରୀ ଭାଗ୍ୟଶ୍ରୀ ଦାସ, ବରହାଟିପୁରା । ଏହି ଅବସରରେ କେନ୍ଦୁଝର ତଥା ରାଜ୍ୟର ଜଣେ ପ୍ରଥିତଯଶା କବି, ସଂଗଠକ,ଶିଶୁ ସାହିତ୍ୟିକ, ସଂପାଦକ ସ୍ୱର୍ଗତ କବିଜୀବନ ନୃସିଂହ ପ୍ରସାଦ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦିଆଯିବାକୁ ଥିବା ସମ୍ମାନ, ରାଜ୍ୟସ୍ତରରେ ପାଇବେ ବଲାଙ୍ଗୀର ଜିଲ୍ଲାର ଉଦୀୟମାନ ନାଟ୍ୟକାର, ନିର୍ଦ୍ଦେଶକ ତଥା କଳାକାର ଶ୍ରୀଯୁକ୍ତ ହୃଷୀକେଶ ଦାଶ, ଜିଲ୍ଲାସ୍ତରରେ ଜଣେ ଆଦର୍ଶ ଶିକ୍ଷକ ତଥା ପ୍ରୁଭ ରିଡର୍ , ସଂଗଠକ ଓ କବି ଶ୍ରୀଯୁକ୍ତ ସନ୍ତୋଷ କୁମାର ପତି, ପୀତାମ୍ବର ଶତପଥୀ ସ୍ମୃତି ସମ୍ମାନ ଶ୍ରୀଯୁକ୍ତ ଚତୁର୍ଭୁଜ ପହି , କେନ୍ଦୁଝର ଙ୍କୁ ସଂସଦ ମନୋନୀତ କରିଅଛିଛ ଆଗାମୀ ଜୁନ ମାସ ୨୩ ତାରିଖ ଦିନ ଘଟଗାଁ ରେ ଅନୁଷ୍ଠିତ ହେବାକୁ ଯାଉଥିବା ବାର୍ଷିକୋତ୍ସବରେ ମାନପତ୍ର, ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବା ସହ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସଂପାଦକ ବାବୁଲାଲ ପଲେଇ ଙ୍କ ଠାରୁ ପ୍ରକାଶଛ ଏଥିସହ ୪ ଜଣ ଶ୍ରେଷ୍ଠ ବିଚାରକ,୧୧ ଜଣ ସାରସ୍ୱତ ସ୍ରଷ୍ଟା ଏବଂ ଗଳ୍ପ ଓ କବିତା ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଥିବା ୮ ଜଣ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବ

# ୱାର୍ଲଡ୍‌ଷ୍ଟିଲ୍ ପକ୍ଷରୁ ଟାଟା ଷ୍ଟିଲ୍‌କୁ ସଷ୍ଟେନେବିଲିଟି ଚମ୍ପିୟାନ ମାନ୍ୟତା

ଭୁବନେଶ୍ୱର,(ସବ୍ୟୁ), : ନିରନ୍ତର ବିକାଶ ଏବଂ ବିଶ୍ୱସ୍ତରୀୟ ମାନଦଣ୍ଡ ପାଳନ ପାଇଁ ପ୍ରତିଶ୍ରୁତିବଦ୍ଧତା ଏବଂ କାର୍ଯ୍ୟ ପାଇଁଟାଟା ଷ୍ଟିଲକୁ କ୍ରମାଗତ ସପ୍ତମ ବର୍ଷ ପାଇଁ ୱାର୍ଲଡ୍‌ଷ୍ଟିଲ ଦ୍ୱାରା ୨୦୨୪ ଷ୍ଟିଲ୍ ସଷ୍ଟେନେବିଲିଟି ଚାମ୍ପିୟନ ମାନ୍ୟତା ମିଳିଛି । ୨୦୧୮ରେଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ଟାଟା ଷ୍ଟିଲ ପ୍ରତିବର୍ଷ ଚାମ୍ପିୟନ ହୋଇଆସୁଛି। ବିଶ୍ୱସ୍ତରୀୟ ଇସ୍ପାତ ଉତ୍ପାଦନକାରୀ ଭାବେ ଏହାରନେତୃତ୍ୱ ବଜାୟ ରଖିବା ପାଇଁ ଟାଟା ଷ୍ଟିଲର ପ୍ରୟାସକୁ ଏହି ପୁରସ୍କାର ସ୍ୱୀକୃତି ଦେଇଛି ଯାହା ଦୀର୍ଘସ୍ଥାୟୀତ୍ୱ ନୀତି ପ୍ରତି ସମ୍ପୂର୍ଣ୍ଣ ସମର୍ପିତ।୧୧ଟି ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ମଧ୍ୟରେ ଟାଟା ଷ୍ଟିଲ ରହିଛି ଯେଉଁମାନଙ୍କୁ ବୋର୍ଡ ଅଫ୍ ମେମ୍ବର୍ସର ଏପ୍ରିଲ ସ୍ପେଶାଲ ଜେନେରାଲମିଟିଂ (ଏସଜିଏମ)ରେ ୨୦୨୪ ଷ୍ଟିଲ ସଷ୍ଟେନେବିଲିଟି ଚମ୍ପିଆନ୍ ଭାବେ ମନୋନୀତ କରାଯାଇଛି।ଟାଟା ଷ୍ଟିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନ କହିଛନ୍ତି ଯେ, ବିଶ୍ୱ ଇସ୍ପାତ ସଂଘ ଦ୍ୱାରାଇସ୍ପାତ ସ୍ଥାୟୀତ୍ୱ ଚମ୍ପିଆନ୍ ଭାବରେ ପୁଣିଥରେ ସ୍ୱୀକୃତି ପାଇ ଆମେ ଗର୍ବ ଅନୁଭବ କରୁଛୁ। ଏହି ସ୍ୱୀକୃତି ଟାଟା ଷ୍ଟିଲର ସମସ୍ତ ଦିଗରେଦୀର୍ଘସ୍ଥାୟୀତ୍ୱ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି। ଆମେ ଇସ୍ପାତ ଶିଳ୍ପ ଏବଂ ଏହା ବାହାରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଉତ୍ସର୍ଗୀକୃତରହିଛୁ, କାରଣ ଆମେ ପରିବେଶ ପରିଚାଳନା, ସାମାଜିକ ଦାୟିତ୍ୱବୋଧ ଏବଂ ସୁଦୃଢ଼ ଶାସନ ଅଭ୍ୟାସକୁ ପ୍ରାଥମିକତା ଦେଉଛୁ।''ସଷ୍ଟେନେବିଲିଟି ଚମ୍ପିଆନ ଭାବରେ ଯୋଗ୍ୟତା ଅର୍ଜନ କରିବା ପାଇଁ କମ୍ପାନିଗୁଡିକ କଠୋର ମାନଦଣ୍ଡ ପୂରଣ କରିବା ଆବଶ୍ୟକ। ଏଥିରେବିଶ୍ୱସ୍ତରୀୟ ସ୍ଥାୟୀତା ଚାର୍ଟର ସ୍ୱାକ୍ଷର କରିବା ଏବଂ ପରିବେଶ ପରିଚାଳନା, ସାମାଜିକ ଦାୟିତ୍ୱବୋଧ ଏବଂ ପ୍ରଶାସନିକ ଉତ୍କର୍ଷତା ଉପରେଗୁରୁତ୍ୱ ଦେଉଥିବା ନୀତି ପ୍ରତି ପ୍ରତିବଦ୍ଧତା ଅନ୍ତର୍ଭୁକ୍ତ ରହିଛି।

**COASTAL PROJECTS LIMITED**

**CIN: U452030R1995PLC003982**

**Invitation for Expression of Interest towards sale of Coastal Projects Limited as a Going Concern under Liquidation / Sale of set of assets collectively**

**Corporate Office Address:**
Plot No. 305-B, Road No. 78, Film Nagar, Jubilee Hills, Hyderabad 500033

Further to the directions of Hon'ble NCLT, Cuttack towards sale of Coastal Projects Limited as a going concern & Sale of set of assets collectively under Liquidation through E-Auction Process, I, as the Liquidator, hereby invite Expressions of Interest (EOI) from interested parties under Regulation 32 of the Liquidation Process Regulations, IBC, 2016.

E-Auction process will be conducted strictly on **"AS IS WHERE IS", "AS IS WHAT IS" and "WHATEVER THERE IS BASIS"** without any recourse to CPL or Liquidator/Stakeholders of CPL.

Interested parties can send an email to liquidator.cpl@in.ey.com for further details regarding eligibility criteria, process memorandum, asset details & estimated timelines. The last date for submission of EOI is **3rd May 2024 (Friday).**

**The Liquidator may in his absolute discretion, but without being under any obligation to do so, update or amend the eligibility criteria, process memorandum and estimated timelines.**

Sd/-
**Ravi Sankar Devarakonda**
**Liquidator**
**Place: Hyderabad** **IP Registration No. IBBI/IPA-001/IP-P00095/2017-2018/10195**
**Date: April 12, 2024** **Authorisation for Assignment is valid upto 9.8.2024**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।



ଭୁବନେଶ୍ୱର : ପବିତ୍ର ଇଦ୍ ଅବସରରେ ସମୂହ ନମାଜ ପାଠ

# ସିଆଇଆଇ ସବୁଜ ଓଡ଼ିଶା କନକ୍ଲେଭ

# ସ୍ଥାୟୀ ପରିବେଶ ଦିଗରେ ଓଡ଼ିଶାର ଯାତ୍ରାକୁ ତ୍ୱରାନ୍ୱିତ କରିବ ଗ୍ରୀନ ବିଲ୍ଡିଂ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଇଣ୍ଡିଆନ ଗ୍ରୀନ ବିଲ୍ଡିଂ କାଉନସିଲ(ଆଇଜିବିସି), ଗ୍ରୀନ ଓଡ଼ିଶା କନକ୍ଲେଭ୍ ୨୦୨୪ର ବିପୁଳ ସଫଳତା ଘୋଷଣା କରି ଆନନ୍ଦିତ। ଏହା ହେଉଛି ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ଉଦ୍ଭାବନ ଓ ସହଯୋଗକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ଏପ୍ରିଲ ୧୦, ୨୦୨୪ରେ ଭୁବନେଶ୍ୱରରେ ଅନୁଷ୍ଠିତ ଏହି କନକ୍ଲେଭରେ ସରକାର, ଶିଳ୍ପ, ଶିକ୍ଷାବିତ୍ ଏବଂ ନାଗରିକ ସମାଜର ବିଭିନ୍ନ ଅଂଶୀଦାର ସାମିଲ ହୋଇ ସବୁଜ ଅଭ୍ୟାସ ଓ ପ୍ରଯୁକ୍ତିବିଦ୍ୟା ଉପରେ ଆଲୋକପାତ କରିଥିଲେ।

ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ଅବକ୍ଷୟର ମୁକାବିଲା ପାଇଁ ବିଶ୍ୱସ୍ତରୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗ୍ରୀନ ଓଡ଼ିଶା କନକ୍ଲେଭ୍ ୨୦୨୪ ଏକ ସବୁଜ ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ଗଠନ ଉଦ୍ଦେଶ୍ୟରେ ବୁଝାମଣା, ରଣନୀତି ଏବଂ ସର୍ବୋତମ ଅଭ୍ୟାସ ଆଦାନପ୍ରଦାନ କରିବା ପାଇଁ ଚିନ୍ତାଶୀଳ ନେତୃତ୍ୱ ଏବଂ ବିଶେଷଜ୍ଞମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ ଉଭା ହୋଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ମୁଖ୍ୟ (ସିଭିଲ୍) ଯନ୍ତ୍ରୀ ମନୋରଞ୍ଜନ ମିଶ୍ର ପରିବେଶ ସମସ୍ୟା ସମାଧାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି,




'ବିଗତ କିଛି ବର୍ଷ ମଧ୍ୟରେ ନିର୍ଗମନ ବୃଦ୍ଧି ପାଇଛି ଏବଂ କେବଳ ଭାରତରେ ୨୦୨୨ ସୁଦ୍ଧା ମୁଣ୍ଡପିଛା ନିର୍ଗମନ ୨ ଟନ୍‌ରେ ପହଂଚିଛି। ଗ୍ରୀନ ବିଲ୍ଡିଂ ଏବଂ ସ୍ଥାୟୀ ପ୍ରକଳ୍ପଗୁଡ଼ିକୁ ଆବଶ୍ୟକତା ଭାବରେ ଗ୍ରହଣ କରିବା ଜରୁରୀ ଅଟେ । ଗ୍ରୀନ ବିଲ୍ଡିଂ ଓ ସବୁଜ ପ୍ରକଳ୍ପ ପାଇଁ ଆମ ପାଖରେ କୌଣସି ବିକଳ୍ପ ନାହିଁ ।'' ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ତଥା ଏସଏନଏମ ଗ୍ରୁପ ଅଧ୍ୟକ୍ଷ ଡା ପ୍ରଦୀପ୍ତ ମହାନ୍ତି ଓଡ଼ିଶାକୁ ସବୁଜ ପଦକ୍ଷେପର ଅଗ୍ରଣୀ ଭାବେ ଅବସ୍ଥାପିତ କରିବା ପାଇଁ ମିଳିତ ଆଭିମୁଖ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶାକୁ ସବୁଜ ପଦକ୍ଷେପର ନେତୃତ୍ୱ ଭାବେ ଗଢ଼ିତୋଳିବା ପାଇଁ ସମସ୍ତ ଅଂଶୀଦାରଙ୍କ ମିଳିତ ପ୍ରୟାସ ଅପରିହାର୍ଯ୍ୟ ବୋଲି ସେ କହିଛନ୍ତି । ଆଇଜିବିସି ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ମନୋଜ କର ସ୍ୱାଗତ ଭାଷଣ ଦେଇଥିଲେ । ଏମ ଆନନ୍ଦ ତାଙ୍କ ଉପସ୍ଥାପନାରେ ସବୁଜ ବିଲ୍ଡିଂର ବିକାଶ ପାଇଁ ପ୍ରମୁଖ ସବୁଜ ଚିନ୍ତାଧାରା, ସର୍ବୋତମ ଅଭ୍ୟାସ ଏବଂ ଖର୍ଚ୍ଚ ସଂଚୟ ବିଷୟରେ ଆଲୋକପାତ କରିଥିଲେ। ଏହି ଉଦଘାଟନୀ ଅବସରରେ ଆଇଜିବିସି ଭୁବନେଶ୍ୱର ଚାପ୍ଟରର ସହଅଧ୍ୟକ୍ଷ ସୋଫିଆ ଫିରଦୌସ ସମାପନୀ ଭାଷଣ ଦେଇଥିଲେ। ସିଆଇଆଇ ଆଇଜିବିସି ଭୁବନେଶ୍ୱର ଚାପ୍ଟରର ନୂଆ ଅଧ୍ୟକ୍ଷ ଭାବେ ମନୟ ରଥ ଓ ସହଅଧ୍ୟକ୍ଷ ଭାବେ ସୋଫିଆ ଫିରଦୌସ ନିର୍ବାଚିତ ହୋଇଛି ।

ଆଇଜିବିସିର ଉପନିର୍ଦ୍ଦେଶକ ଏମ ଆନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ ମନୋରଞ୍ଜନ ମିଶ୍ର, ଇଡକୋ ସିଜିଏମ୍-ପରିବେଶ ଅଶୋକ କୁମାର ମିଶ୍ର, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏବଂ ବିଏମସି ସିଟି ଇନିୟର ବିକାଶ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ କ୍ରେଡାଇ, ଆଇଆଇଏ, ଆଇଆଇଆଇଡି ଏବଂ ଆଇଏସଏଚଆରଏଇର ସ୍ଥାନୀୟ ଚାପ୍ଟର ସମର୍ଥନ କରିଥିବାବେଳେ, ଏଥିରେ ସରକାରୀ ବିଭାଗ, ବିଲ୍ଡିଂ ଶିଳ୍ପ ଏବଂ କର୍ପୋରେଟର ୧୭୫ରୁ ଅଧିକ ପ୍ରମୁଖ ଅଂଶୀଦାର ଅଂଶଗ୍ରହଣ କରିଥିଲେ।

## ଜାଗୁଲାଇଙ୍କ ପୀଠରେ କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଲେ ମା'



ଜଟଣୀ(ସ.ବ୍ୟୁ): ଜଟଣୀ କୁଦିଆରୀସ୍ଥିତ ମାଆ ଜାଗୁଳାଇଙ୍କ ପୀଠରେ ଚାଲିଥିବା ବାସନ୍ତୀକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବର ଆଜି ଚତୁର୍ଥୀ ତିଥିରେ ମାଆ କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଇଥିଲେ। ଗୁରୁବାର ସକାଳୁ ମାଆଙ୍କର ବିଭିନ୍ନ ପୂଜାନୀତି ସଂପନ୍ନ କରାଯାଇଥିଲା। ସକାଳେ ଶାଳା ମଣ୍ଡନ, ସୂର୍ଯ୍ୟପୂଜା ପରେ ସଂଧ୍ୟାରେ ମାଆଙ୍କୁ ମହାସ୍ନାନ କରାଯାଇ କୁଷ୍ମାଣ୍ଡା ବେଶରେ ସଜ୍ଜିତ କରାଯାଇଥିଲା । ଷୋଡ଼ଶ ଉପଚାର ପୂଜା ମହାସପ୍ତସତୀ ସଂପୂର୍ଣ୍ଣ ଚଣ୍ଡୀ ଆହୂତି ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା ।

## ତେଲଗୁ ନବ ବର୍ଷ ରେ ଯୋଗଦେଲେ ପ୍ରକାଶ ଓ ସଂନ୍ତୃପ୍ତ

କଟକ,(ସବ୍ୟୁ): ତେଲଗୁ ସଂପ୍ରଦାୟର ନୂତନ ବର୍ଷ ଉଗାଦି ଉତ୍ସବ ବାରବାଟୀ ଷ୍ଟାଡିୟମ ସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ପ୍ରାଙ୍ଗଣରେ ମହା ସମାରୋହରେ ପାଳିତ ହୋଇଯାଇଛି ।ଐକତା ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଏ.ଏସ. ନାଇଡୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ଅନ୍ୟତମ ଅତିଥିଭାବେ ସାଂସଦ ଦେବାଶିଷ ସାମନ୍ତରାୟ,ମେୟର ସୁବାସ ସିଂ,ବିଧାୟକ ମହମ୍ମଦ ମୋକିମ,ବାରବାଟୀ କଟକ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ଓ ଲୋକସଭା ସଂସଦୀୟ କ୍ଷେତ୍ର ପ୍ରାର୍ଥୀ ଡଃ ସଂନ୍ତୃପ୍ତ ମିଶ୍ର ପ୍ରମୁଖ ଯୋଗଦେଇ ତେଲଗୁ ସଂପ୍ରଦାୟର ଉତ୍ତୋରତ୍ତର ଉନ୍ନତି କାମନା କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।ଏହି ଅବସରରେ ଐକତାର ଅଧ୍ୟକ୍ଷ ସୁଭାଷ ନାଇଡୁ,ଆବାହକ ଜି.କୈଳାସ ରାଓ,ସଭାପତି କେ. ଦୁର୍ଗା ପ୍ରସାଦ ପ୍ରମୁଖ ପ୍ରାର୍ଥୀ ଦ୍ୱୟଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ ।

## ଅଙ୍ଗଦାନ ସଚେତନତା ଅଭିଯାନରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

କଟକ,(ସବ୍ୟୁ) : ଅଙ୍ଗଦାନ ଏକ ମହତ୍ ଦାନ ଯାହାର ବିକଳ୍ପ ନାହିଁ ମାନବ ପ୍ରତି ମାନବର ଦାନ,ଏହା ସର୍ବଶ୍ରେଷ୍ଠ ଦାନ ଅଟେ ଏଥି ମହତ୍ ଚିନ୍ତା ଚେତନାରେ ଉଦବୁଦ୍ଧ ହୋଇ ଅଗ୍ରଣୀ ସାମାଜିକ ସଂଗଠନ ଶ୍ରୀ ଜଗନ୍ନାଥ ଚାରି ଟେବୁଲ୍ ଟ୍ରଷ୍ଟ, ଓଡ଼ିଶା କଟକ ସଦର ସହ ସାରା ରାଜ୍ୟରେ ଅଙ୍ଗଦାନ କାର୍ଯ୍ୟକ୍ରମ,ସଚେତନତା ଶିବିରକୁ ରାନିତ କରିଛି । ଏହି ଶିବିରର ମୁଖ୍ୟଲକ୍ଷ୍ୟ ସାରା ଅଞ୍ଚଳବାସୀ ଶରୀର ଦାନ ଅଭିଯାନ ବିଷୟରେ ବୁଝନ୍ତୁ,ଯଦି ପ୍ରକୃତବାର୍ତ୍ତା ବୁଝନ୍ତି ତେବେନିଜ ସ୍ୱଇଚ୍ଛାରେ ଅଙ୍ଗଦାନ କରିପାରନ୍ତି । ଶିବିର ମାନଙ୍କରେ ଅଙ୍ଗଦାନ ସମନ୍ଧିୟ କାଗଜ ବିତରଣ ସହ ଅଧିକ ସଚେତନ ହେବା ପାଇଁ ପ୍ରୋଜେକ୍ଟର ମାଧମରେ ଲୋକ ମାନଙ୍କୁ ମଧ୍ୟ ତଥ୍ୟ ପ୍ରଦାନ କରାଯାଉଛି । ଟ୍ରଷ୍ଟ ସଭାପତି ସମାଜସେବୀ ଦମନ ମହାନ୍ତି ଓ କାର୍ଯ୍ୟକର୍ତ୍ତା ଏବେ ସୁଦ୍ଧା ୧୫୦ ଜଣଙ୍କ ଅଙ୍ଗଦାନ ସତ୍ୟ ପାଠ କରି ଖୁବ୍ ସଫଳତା ଆଣି ପାରିଛନ୍ତି । ଟ୍ରଷ୍ଟର ଏପରି ମହତ ସେବା କାର୍ଯ୍ୟକୁ ବଡ଼ି ଆଣ୍ଡ ଅର୍ଗାନ୍ ଡୋନେସନ ସୋସାଇଟି ଅଫ୍ ଇଣ୍ଡିଆ(ବିଓଡିଓ୍ୱାଇ) ସଭାପତି ବିଶିଷ୍ଟ ସମାଜସେବୀ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କ ସହ ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସା କରାଯାଉଛି ।

## ହସ୍ପିଟାଲରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ

### ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର(ସବ୍ୟୁ): ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଅବନତି ପରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ । ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି । ହସ୍ପିଟାଲ ଯାଇ ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ସ୍ୱସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ସାଂସଦ ମାନସ ମଙ୍ଗରାଜ ମଧ୍ୟ ହସ୍ପିଟାଲରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ଚନ୍ଦ୍ରଶେଖରଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ସେ ସୂଚନା ଦେଇଛନ୍ତି । ଆସନ୍ତା ଦିନେରୁ ଦୁଇ ଦିନ ମଧ୍ୟରେ ସେ ହସ୍ପିଟାଲରୁ ଡିସଚାର୍ଜ ହେବେ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି । ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କ ଗସ୍ତ ସମୟରେ ସାଂସଦ ସସ୍ମିତ ପାତ୍ର ଏବଂ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଉପସ୍ଥିତ ଥିଲେ ।

## ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ହେକ୍ଟର ବ୍ଲାକ୍‌ଷ୍ଟର୍ମର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ୧୦୦ ବର୍ଷ ପୁରୁଣା ବିରାସତ ସହିତ ଏକ ବ୍ରିଟିଶ ଅଟୋମୋବାଇଲ ବ୍ରାଣ୍ଡ ଏମ୍‌ଜି (ମୋରିସ୍ ଗ୍ୟାରେଜେସ୍) ପକ୍ଷରୁ ଆଜି ଭାରତରେ ଏମ୍‌ଜି ହେକ୍ଟର୍‌ର ନୂଆ ବ୍ଲାକ୍‌ଷ୍ଟର୍ମ ସଂସ୍କରଣର ଶୁଭାରମ୍ଭ କରାଯାଇଛି। ଏମ୍‌ଜି ହେକ୍ଟର ବ୍ଲାକ୍‌ଷ୍ଟର୍ମକୁ ଏକ ଷ୍ଟେରୀ-ବ୍ଲାକ୍ କଲର୍ ଏକ୍ସଟେରିୟର ଏବଂ ଗନ୍




ମେଟାଲ ଆସେଂଟ୍ ସହିତ ବ୍ଲାକ୍ ଥିମ୍ ଇଂଟେରିୟର ସହ ଡିଜାଇନ କରାଯାଇଛି ଯାହା ଭାରତର ପ୍ରଥମ ଇଂଟରନେଟ୍ ଏସ୍‌ୟୁଭିର ଶକ୍ତିଶାଳୀ ଚରିତ୍ରକୁ ପରିପ୍ରକାଶ କରୁଛି। ଏକାଧିକ ଟେକ୍ ଓ କନେକ୍ଟେଡ ଫିଚରଗୁଡିକ ସହ ସୁସଜ୍ଜିତ ହେକ୍ଟର ବ୍ଲାକ୍‌ଷ୍ଟର୍ମ ଏହାର ସ୍ୱତନ୍ତ୍ର ଲୁକ୍ ସହିତ ଏସ୍‌ୟୁଭି କ୍ରେତାଙ୍କ ପାଇଁ ଶକ୍ତି ଓ ବିଳାସପୂର୍ଣ୍ଣତାର ଏକ ଚମତ୍କାର ପ୍ୟାକେଜ ପ୍ରଦାନ କରୁଛି। ସର୍ବୋତମ ଶ୍ରେଣୀର ଉତ୍ପାଦ ଓ ସ୍ୱତନ୍ତ୍ର ଡିଜାଇନ ଉପାଦାନଗୁଡିକ ସହିତ ହେକ୍ଟର ବ୍ଲାକ୍‌ଷ୍ଟର୍ମ ଏଡିସନ ୫,୬ ଓ ୭-ସିଟର କନ୍‌ଫିଗରେଶନରେ ଉପଲବ୍ଧ ହେଉଛି । ଏମଜି ହେକ୍ଟର ବ୍ଲାକ୍‌ଷ୍ଟର୍ମ ୨୧.୨୪ ଲକ୍ଷ ଟଙ୍କା (ଏକ୍ସ-ଶୋରୁମ୍)ର ଆକର୍ଷଣୀୟ ମୂଲ୍ୟ ସହିତ ଆସୁଛି। ହେକ୍ଟର ବ୍ଲାକ୍‌ଷ୍ଟର୍ମ ନିଜର ନିର୍ଭୀକ ଓ ଗତିଶୀଳ କଳା ରଙ୍ଗର ସୌନ୍ଦର୍ଯ୍ୟତା ସହିତ ଧ୍ୟାନ ଅକର୍ଷିତ କରୁଛି, ଡାର୍କ କ୍ରୋମ୍ ବ୍ରାଣ୍ଡ ଲୋଗୋ, ଡାର୍କ କ୍ରୋମ୍ ଆର୍‌ଜିଲେ ଅନୁପ୍ରାଣିତ ଡାଇମଣ୍ଡ ମେଶ୍ ଫ୍ରଂଟ୍ ଗ୍ରିଲ, ସ୍କିଡ୍ ପ୍ଲେଟ୍ ଉପରେ ଡାର୍କ କ୍ରୋମ୍ ଇନ୍‌ସର୍ଟସ, ବଡି ସାଇଡ କ୍ଲାଡିଙ୍ଗ୍‌ରେ ଡାର୍କ କ୍ରୋମ୍ ଟେଲ୍‌ଗେଟ ଗାର୍ଣ୍ଣିସ ଓ ଡାର୍କ କ୍ରୋମ୍ ଫିନିଶ ଦ୍ୱାରା ଏହାର ଲୁକ୍ ଆହୁରି ଉନ୍ନତ ହୋଇଛି।

## ଅଇଁଠାପାଲିରେ ନୂଆ ଭୋଟରଙ୍କ ସହ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ସମ୍ବଲପୁରକୁ ବଡ କରିବା ସହ ବିକଶିତ ଭାରତ ସ୍ୱପ୍ନ ସାକାର କରିବା ପାଇଁ ଭୋଟ୍ ଦେବା

ଭୁବନେଶ୍ୱର (ସବ୍ୟୁ): ଗଣତନ୍ତ୍ରରେ ଜନମତ ସର୍ବାଗ୍ରେ । ସରକାର ଗଠନରେ ନୂଆ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ନିର୍ଣ୍ଣୟ କେବଳ ଶାସକ ନିର୍ଦ୍ଧାରଣ କରିବ ନାହିଁ ବରଂ ସମ୍ବଲପୁରକୁ ବଡ କରିବା ସହ ଆଗାମୀ ୨୫ ବର୍ଷର ବିକଶିତ ଭାରତର ସ୍ୱପ୍ନ ଓ ଆକାଂକ୍ଷା ପାଇଁ ଥିବା ମାର୍ଗ ପ୍ରଶସ୍ତ କରିବ ବୋଲି ଗୁରୁବାର ସମ୍ବଲପୁର ଅଇଁଠାପାଲିର ବଡ଼ପଡ଼ାରେ ନୂଆ ଭୋଟରଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆ ଭୋଟରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ପ୍ରଥମ ଥର ପାଇଁ ଭୋଟ୍ ଦେବାକୁ ନେଇ ସେମାନଙ୍କ ମଧ୍ୟରେ ଥିବା ଉତ୍ସୁକତା ଦେଖି ବହୁତ ଖୁସି ଲାଗିଲା । ଆଜି ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଦ୍ରୁତ ଗତିରେ ଆଗକୁ ବଢୁଛି । ମୋଦିଜୀଙ୍କ ସଫଳ ନେତୃତ୍ୱ କାରଣରୁ ସ୍ୱଦେଶୀ ଭ୍ୟାକସିନ ପ୍ରସ୍ତୁତ ସହ ଦେଶର ଖାଦ୍ୟ ସୁରକ୍ଷା ସୁନିଶ୍ଚିତ ହୋଇଛି । ଯୋଗାଯୋଗ, ଅର୍ଥନୀତି କ୍ଷେତ୍ରରେ ସୁଦୃଢ଼ କରିବା ସହ ଶିକ୍ଷା, ଦକ୍ଷତା ବିକାଶକୁ ଆଗକୁ ନେବା ସହ ସମ୍ବଲପୁର ସମ୍ମାନ ଓ ସ୍ୱାଭିମାନ ରଖିବା ପାଇଁ



ଆମେ ସାମୂହିକ ଦାୟିତ୍ୱ ନେବାକୁ ସେ ଆହ୍ୱାନ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଇତିହାସ ପୃଷ୍ଠାରେ ଅନାଲୋଚିତ ଜନଜାତି ସଂଗ୍ରାମୀଙ୍କ ବୀରଗାଥା ଓ ସାହସକୁ ସମ୍ମାନ ଏବଂ ଶ୍ରଦ୍ଧାଞ୍ଜଳି ଦେବା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ପ୍ରଥମ ଥର ପାଇଁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଉଛି । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ଦେଶରେ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ସଠିକ୍ ଖେଳାଳୀ ମାନଙ୍କୁ ପ୍ରୋତ୍ସାହନ ଦିଆଯାଉଥିବା କାରଣରୁ ଦେଶର ଯୁବକମାନେ ଆଗାମୀ ଅଲିମ୍ପିକ ପାଇଁ ନିଜକୁ ପ୍ରସ୍ତୁତ କରିପାରୁଛନ୍ତି । ଆଗାମୀ ଦିନରେ ସମ୍ବଲପୁର କ୍ରୀଡ଼ାର ଏକ ପେଣ୍ଠସ୍ଥଳୀ ହେବ । ୨୦୩୬ ଅଲିମ୍ପିକ ସୁଦ୍ଧା ଏହି ଅଞ୍ଚଳରୁ ବିଶେଷତଃ ଆଦିବାସୀ ଓ ପଛୁଆ ବର୍ଗର ପିଲାମାନେ କିପରି ଅଲିମ୍ପିକ ଖେଳିବା ସହ ମେଡାଲ ଆଣିବେ, ଏଥିପାଇଁ ସମସ୍ତେ ମିଳିମିଶି କାମ କରିବା ଆବଶ୍ୟକ । ଲକ୍ଷ୍ୟ ରଖିଲେ ହିଁ ସଫଳ ପ୍ରାପ୍ତି ହେବ । ଯୁବ ଭୋଟରଙ୍କ ସ୍ୱପ୍ନ, ଆକଂକ୍ଷା, ଅପେକ୍ଷାକୁ ପୂରଣ କରିବା ସହ ସମ୍ବଲପୁର ତଥା ଓଡ଼ିଶାର ବିକାଶ ପାଇଁ ଆଗଭର ହେବା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ସ୍ୱିଗିରେ ଭୁବନେଶ୍ୱରର ସବୁଠାରୁ ଲୋକପ୍ରିୟ ରେଷ୍ଟୁରାଂଟଗୁଡ଼ିକୁ ମିଳିଛି ମାନ୍ୟତା

ଭୁବନେଶ୍ୱର (ସବ୍ୟୁ): ଭାରତର ଅଗ୍ରଣୀ ଅନ୍-ଡିମାଣ୍ଡ କନ୍‌ଭିନିଏନ୍ସ ପ୍ଲାଟ୍‌ଫର୍ମ ସ୍ୱିଗି ପକ୍ଷରୁ ଭୁବନେଶ୍ୱର ପାଇଁ ଏହାର ପ୍ରଥମ ସ୍ୱିଗି ରେଷ୍ଟୁରାଂଟ ଆୱାର୍ଡସ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ୧୫ଟି ବର୍ଗରେ ସହରର ଉପଭୋକ୍ତାଙ୍କଠାରୁ ୫୧,୩୪୬ଟି ମତାମତ ଗ୍ରହଣ କରାଯାଇଛି। ଏହା ସ୍ପଷ୍ଟ ହୋଇଛି ଯେ, ଭୁବନେଶ୍ୱରର ଖାଦ୍ୟପ୍ରେମୀମାନେ ନିଜ ପସନ୍ଦର ସ୍ଥାନୀୟ ଭୋଜନାଳୟଗୁଡିକରୁ ସମସ୍ତ ପ୍ରକାରର ଖାଦ୍ୟକୁ ପସନ୍ଦ କରୁଛନ୍ତି । ନିଜର ଜୁସି ଟପିଙ୍ଗ୍ ପାଇଁ ପରିଚିତ ଡୋମିନୋସ୍ ପିଜ୍ଜା ଭୁବନେଶ୍ୱରରେ ପିଜ୍ଜା ପସନ୍ଦ କରୁଥିବା ଲୋକଙ୍କ ପାଇଁ ଶୀର୍ଷ ପ୍ରତିଯୋଗୀ ଭାବେ ଉଭା ହୋଇଥିବାବେଳେ, ବର୍ଗର କିଙ୍ଗ ଏବଂ ୱାଓ! ମୋମୋ ଲୋକଙ୍କ ହୃଦୟ ଜିତିଛି । ଗରମ ମସାଲା ଏହାର ଉତର ଭାରତୀୟ ଖାଦ୍ୟଗୁଡିକ ପାଇଁ ଏକ କେନ୍ଦ୍ରରେ ପରିଣତ ହୋଇଛି।

## ସୋନାଲିକା ପକ୍ଷରୁ ୨୦୨୪ ଆର୍ଥିକ ବର୍ଷରେ

# ୧୫.୩%ର ସର୍ବୋଚ୍ଚ ବଜାର ଅଂଶ ହାସଲ

ଭୁବନେଶ୍ୱର (ସବ୍ୟୁ) : ଭାରତର ଅଗ୍ରଣୀ ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ, ସୋନାଲିକା ଚମତ୍କାର ସଫଳତା ସହିତ ୨୦୨୪ ଆର୍ଥିକ ବର୍ଷରେ ପ୍ରାୟ ୧୫.୩%ର ବାର୍ଷିକ ସର୍ବୋଚ୍ଚ ବଜାର ଅଂଶ ହାସଲ କରିଛି । ଏଥିସହିତ ୨୦୨୪ ଆର୍ଥିକ ବର୍ଷରେ ଘରୋଇ ବଜାରରେ ଅଭିବୃଦ୍ଧି ହାସଲ କରିଥିବା ଏକମାତ୍ର ଟ୍ରାକ୍ଟର ବ୍ରାଣ୍ଡରେ ପରିଣତ ହୋଇଛି। ଏହି ଚମତ୍କାର ପ୍ରଦର୍ଶନ ସୋନାଲିକାକୁ ଶିଳ୍ପ ପ୍ରଦର୍ଶନ ତୁଳନାରେ ଅଧିକ ଉତମ ଭାବେ ପ୍ରଦର୍ଶନ କରିବାକୁ ସକ୍ଷମ କରିଛି ।



ଏହି ଆର୍ଥିକ ବର୍ଷରେ କମ୍ପାନୀ ୧୩୦୦ କୋଟି ଟଙ୍କାର ନିବେଶ ଯୋଜନା ସମ୍ପର୍କରେ ଉନ୍ମୋଚନ କରିବା ସହିତ ହୋସିଆରପୁରରେ ଦୁଇଟି ନୂଆ ପ୍ଲାଂଟ୍ ସ୍ଥାପନ କରିବା ସମ୍ପର୍କରେ ଘୋଷଣା କରିଥିଲା ଯାହା ବିଶ୍ୱର ସବୁଠାରୁ ବଡ ଟ୍ରାକ୍ଟର ପ୍ଲାଂଟ୍ ଥିବା କମ୍ପାନୀ ଭାବେ ସୋନାଲିକା ସ୍ଥିତିକୁ ସୁଦୃଢ କରିବ । ଏହି ଆର୍ଥିକ ବର୍ଷରେ କମ୍ପାନୀ ୫ଟି ନୂଆ ଟ୍ରାକ୍ଟର ଶୁଭାରମ୍ଭ କରିଥିଲା ଯେଉଁଥିରେ ଏସ୍‌ଭି ସିରିଜ ଇଲେକ୍ଟ୍ରିକ ଟ୍ରାକ୍ଟର ସାମିଲ ରହିଛି। କମ୍ପାନୀ ୪୦-୭୫ ଏଚ୍‌ପି ସେଗ୍‌ମେଂଟ୍‌ରେ ଏହାର ପ୍ରିମିୟମ ଟାଇଗର ସିରିଜ ଅଧିନରେ ୧୦ଟି ନୂଆ ମଡେଲର ସବୁଠାରୁ ବଡ ଟ୍ରାକ୍ଟର ରେମଧ ଲଂଚ୍ କରିଛି। ଆଲୋଚ୍ୟ ଅବଧିରେ କମ୍ପାନୀ ନିଜ ବର୍ଗରେ ସବୁଠାରୁ ବଡ ଇଞ୍ଜିନ୍ ସହ ସିକନ୍ଦର ଡିଏଲ୍‌ଏକ୍ସ ଡିଆଇ ୬୦ ଟର୍କ ପ୍ଲସ୍‌ର ଉନ୍ମୋଚନ କରିଥିଲା । ଏଥିସହିତ ଏହାର ଟ୍ରାକ୍ଟର ରେରେ କମ୍ପାନୀ ୫ ବର୍ଷର ଟ୍ରାକ୍ଟର ୱାରେଂଟିର ଶୁଭାରମ୍ଭ କରିଥିଲା। ଏହି ସଫଳତା ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, 'ଆମେ ୧୫.୩%ର ସର୍ବୋଚ୍ଚ ବାର୍ଷିକ ବଜାର ଅଂଶ ସହିତ ଆମର ୨୦୨୩-୨୪ ଆର୍ଥିକ ବର୍ଷର ଯାତ୍ରାକୁ ଶେଷ କରି ଉତ୍ସାହିତ ରହିଛୁ। ଆମେ ଭାରତରେ ଅଭିବୃଦ୍ଧି ହାସଲ କରିଥିବା ଏକମାତ୍ର ଟ୍ରାକ୍ଟର ବ୍ରାଣ୍ଡରେ ପରିଣତ ହୋଇ ଖୁସି ଅନୁଭବ କରୁଛୁ ଏବଂ ଆମେ ଶିଳ୍ପ ପ୍ରଦର୍ଶନକୁ ପଛରେ ପକାଇଛୁ। ରପ୍ତାନୀ କ୍ଷେତ୍ରରେ ଆମେ ୩୪.୪% ବଜାର ଅଂଶ ସହିତ ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ଭାବେ ଆମର ସ୍ଥିତି ମଜଭୁତ କରିଛୁ।

## ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ନିରାପଦ ମାତୃତ୍ୱ ଦିବସ



କଟକ, (ସ୍ୱପ୍ର): ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳିତ ହୋଇଥିଲା । ଏହି ଉପଲକ୍ଷେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ନିରାପଦ ମାତୃତ୍ୱ ସଚେତନତା କାର୍ଯ୍ୟକ୍ରମକୁ ଡ୍ରିମ୍‌ସ ବିଶ୍ୱ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀରେ ଉଦଘାଟନ କରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଲାଗି ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ସାଧୁବାଦ ଦେଇଥିଲେ। ଗର୍ଭାବସ୍ଥା, ସନ୍ତାନ ପ୍ରସବ ଏବଂ ପରବର୍ତ୍ତୀ ସମୟରେ ମା ଓ ଶିଶୁର ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ସହ ଡାକ୍ତରଙ୍କ ପରାମର୍ଶ ବିଷୟବସ୍ତୁ ଅଧାରିତ ନାଟକ ପରିବେଷଣ ହୋଇଥିଲା । ଏଥିରେ ଜିଏନ୍‌ଏମ ତୃତୀୟ ବର୍ଷ ଓ ଏଏନ୍‌ଏମ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଉପସ୍ଥିତ ଗର୍ଭବତୀ ମହିଳାଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମକରାନନ୍ଦ ବେହୁରା, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ମଧୁସ୍ମିତା ନାୟକ, ଡା. ଜ୍ୟୋତି ପ୍ରକାଶ ସାହୁ ପ୍ରମୁଖ ଜନସଚେତନା କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ । ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧ୍ୟକ୍ଷ ଡ. ଗୋପୀ ଡି.ଙ୍କ ମାର୍ଗଦର୍ଶନରେ ଏବଂ ଉପାଧ୍ୟକ୍ଷ ଏନ୍ ପ୍ରେମଲତା ଦେବୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସହକାରୀ ପ୍ରାଧ୍ୟାପିକା ଉର୍ମିଳା ସ୍ୱାଇଁ, ମଧୁସ୍ମିତା ନାୟକ, ଗୀତାମୟୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ ।

## ଏରିଏଲ ଉପରେ ଅନୀଲକପୁର ଓ ସୋନମ କପୁର ଗୃହର ମର୍ଯ୍ୟାଦାବୃଦ୍ଧି ପାଇଁ ଗୁରୁତ୍ୱ ପ୍ରଦାନ କରିଛନ୍ତି

ଭୁବନେଶ୍ୱର (ସବ୍ୟୁ) ଗତ ଦୁଇବର୍ଷ ମଧ୍ୟରେ ଏରିଏଲ ଇଣ୍ଡିଆ କ୍ରମାଗତ ଭାବରେ ଘରୋଇ ଚାହିଦା ବୃଦ୍ଧି କରିବାରେ ଲାଗିଛି। ସମାଜ ଅଗ୍ରଗତି କଲାବେଳେ ପୁରୁଷମାନେ ନିଜ ଜୀବନ ସାଥୀଙ୍କ ସମାନ ଭାବରେ ସମର୍ଥନ କରିବାର ଗୁରୁତ୍ୱକୁ ଅଧିକ ସ୍ୱୀକୃତି ଦେଉଛନ୍ତି । ଯେହେତୁ ଆମେ ୨୦୧୫ରେ ଯାତ୍ରା ଆରମ୍ଭ କରିଥିଲୁ ଆଜି ପ୍ରତ୍ୟକଙ୍କ ଘରେ ଏରିଏଲର ବିଶ୍ୱାସ ସହ ଅଗ୍ରଗତିର ଆବଶ୍ୟକତାକୁ ବିଚାର କରି ଏହା ନିଶ୍ଚିତ କରେ ଯେ ଏରିଏଲ ଘର ଭିତରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଘର କାମର ଉତରଦାୟିତ୍ୱ ଓ ସଂସ୍କୃତି ପ୍ରତିପାଦନ କରିବାକୁ ଲକ୍ଷ୍ୟ ରଖିଛି। ପୁରୁଷମାନେ ଅଧିକରୁ ଅଧିକ ଘରୋଇ ସହାୟତା ଲୋଡୁଥିବା କାର୍ଯ୍ୟ ଗ୍ରହଣ କରୁଛନ୍ତି । ଏରିଏଲର ଏକ ଅଧ୍ୟୟନରୁ ଜଣାଯାଏଯେ ପ୍ରତି ଚାରିଜଣ ମହିଳାଙ୍କ ମଧ୍ୟରୁ ତିନିଜଣ ଏହି ଦାୟିତ୍ୱ ନିର୍ବାହରେ ଅସହଯୋଗ କରିବା ପଛରେ ସେମାନଙ୍କ ସ୍ୱାସ୍ଥ୍ୟ ଓ ବୃତିଗତ ଉନ୍ନତି ଉପରେ ପ୍ରଭାବ ପକାଇବା କାରଣ ରହିପାରେ। ପୁରୁଷମାନେ ଘରର କର୍ତ୍ତବ୍ୟ ପରିଚାଳନାରେ ସେମାନଙ୍କ ପ୍ରତିବଦ୍ଧତା, ନିର୍ଭରଯୋଗ୍ୟତା ଓ ସାମର୍ଥ୍ୟକୁ କ୍ରମାଗତ ଭାବରେ ପ୍ରଦର୍ଶନ କରି ମହିଳାଙ୍କ ବିଶ୍ୱାସ ଭାଜନ ହେବା ଆବଶ୍ୟକ ।

## ପାରାମାଉଣ୍ଟ କମ୍ୟୁନିକେଶନ୍ସ ଲିଃକୁ ମିଳିଛି ଆଇସିଆର୍‌ଏର ବିବିବି-(ଷ୍ଟେବୁଲ) କ୍ରେଡିଟ୍ ରେଟିଂ

ଭୁବନେଶ୍ୱର (ସବ୍ୟୁ) : ଭାରତର ୱେୟାର ଓ କେବୁଲ ଶିଳ୍ପ କ୍ଷେତ୍ରର ଏକ ଅଗ୍ରଣୀ ସଂସ୍ଥା ପାରାମାଉଂଟ କମ୍ୟୁନିକେଶନ୍ସ ଲିମିଟେଡ ପକ୍ଷରୁ ଘୋଷଣା କରାଯାଇଛି ଯେ, ଏକ କ୍ରେଡିଟ୍ ରେଟିଂ ଏଜେନ୍ସି ଆଇସିଆର୍‌ଏ , କମ୍ପାନୀର ବ୍ୟାଙ୍କ ସୁବିଧାଗୁଡିକ ଉପରେ ଏହାର ଦୀର୍ଘାବଧି ରେଟିଙ୍ଗ୍ ବିବିବି-(ଷ୍ଟେବୁଲ) ପ୍ରଦାନ କରିଛି। ୨୦୨୩-୨୪ ଆର୍ଥିକ ବର୍ଷର ୩ୟ ତ୍ରୈମାସ ଓ ପ୍ରଥମ ୯ ମାସରେ କମ୍ପାନୀର ପରିଚାଳନାଗତ ରାଜସ୍ୱ ଯଥାକ୍ରମେ ୩୦.୩% ଓ ୨୫.୭% ବୃଦ୍ଧି ହୋଇ ଯଥାକ୍ରମେ ୨୮୪୨.୫ ମିଲିୟନ ଟଙ୍କା ଓ ୭୪୭୪.୩ ମିଲିୟନ ଟଙ୍କା ରହିଛି ଯାହା ଗତବର୍ଷ ସମାନ ଅବଧିରେ ଯଥାକ୍ରମେ ୨୧୮୦.୯ ମିଲିୟନ ଟଙ୍କା ଓ ୫୯୪୩.୯ ମିଲିୟନ ଟଙ୍କା ରହିଥିଲା। ଏହି ଅଭିବୃଦ୍ଧି କମ୍ପାନୀର ଉତ୍ପାଦର ବର୍ଦ୍ଧିତ ଚାହିଦା ଏବଂ ଏହାର ଅର୍ଡର ବୁକ୍‌ରେ ଦକ୍ଷ କାର୍ଯ୍ୟକାରିତା ଦ୍ୱାରା ପରିଚାଳିତ ହୋଇଛି ଯାହା କମ୍ପାନୀର ବ୍ୟବସାୟର ଦୃଢତା ଓ ସ୍ଥିରତାକୁ ପ୍ରତିଫଳନ କରୁଛି।

## କଟକରେ ଅତ୍ୟାଧୁନିକ ୱେୟାରହାଉସ ପାଇଁ ୧୨୫ କୋଟି ଟଙ୍କା ନିବେଶ କରିଛି ଟିଭିଏସ ଆଇଏଲପି



ଭୁବନେଶ୍ୱର (ସବ୍ୟୁ) : ୱେୟାରହାଉସିଂ ଶିଳ୍ପରେ ଏକ ଲିଡର ଟିଭିଏସ୍ ଆଇଏଲ୍‌ପି (ଟିଭିଏସ୍ ମୋବିଲିଟି ଗ୍ରୁପ୍‌ର ଏକ ଅଂଶ) ପକ୍ଷରୁ ନିକଟରେ ଓଡିଶାର କଟକଠାରେ ଏକ ନୂଆ ଅତ୍ୟାଧୁନିକ ୱେୟାରହାଉସ୍ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଟିମ୍ ପକ୍ଷରୁ ଏକ ସମାରୋହର ଆୟୋଜନ କରାଯିବା ସହିତ ସାଇଟ୍‌ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ନୂଆ ଫ୍ୟାସିଲିଟି ୨୪ ଏକର ଜମିରେ ପରିବ୍ୟାପ୍ତ ରହିଛି ଯେଉଁଥିରେ ମୋଟ ୫ ଲକ୍ଷ ବର୍ଗଫୁଟ ଅଂଚଳରେ ଦୁଇଟି ବିଶାଳ ୱେୟାରହାଉସ୍ ଅନ୍ତର୍ଭୁକ୍ତ ରହିଛି । ଏହା ଏଫ୍‌ଏମ୍‌ସିଜି, ଏଫଏମସିଡି, ୩ପିଏଲ୍ ଓ ଇକମର୍ସ ଭଳି କ୍ଷେତ୍ରଗୁଡିକର ଆବଶ୍ୟକତା ପୂରଣ କରିବା ମୁମ୍ବାଇ ଓ ଚେନ୍ନାଇ-କୋଲ୍‌କାତା ଜାତୀୟ ରାଜପଥ (ଏନ୍‌ଏଚ୍-୫୫)ର ସଙ୍ଗମ ସ୍ଥଳରେ ନିଜର ଉପସ୍ଥିତି ସହିତ ଏହି ୱେୟାରହାଉସ୍ ପାରାଦୀପ ପୋର୍ଟ ଓ ଦେଶର ପ୍ରମୁଖ ଅଂଶଗୁଡିକୁ ଚମତ୍କାର ସଂଯୋଗ ଉପଭୋଗ କରୁଛି। ଟିଭିଏସ୍ ଆଇଏଲ୍‌ପି ଏହି ପ୍ରକଳ୍ପରେ ପ୍ରାୟ ୧୨୫ କୋଟି ଟଙ୍କା ନିବେଶ କରିବ ଏବଂ ଏହାର ନିର୍ମାଣ କାର୍ଯ୍ୟ ଡିସେମ୍ବର ୨୦୨୪ ସୁଦ୍ଧା ଶେଷ ହେବ ବୋଲି ଏହା ଆକଳନ କରିଛି। ଏହା କଟକ ଲଜିଷ୍ଟିକ୍ସ ପାର୍କ ଅଂଚଳରେ ୧୧୦ରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ୫୦୦ରୁ ୧୦୦୦ ମଧ୍ୟରେ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ସମ୍ପର୍କରେ ଟିଭିଏସ ଆଇଏଲପିର ସିଓଓ ମଣିକନ୍ଦନ ରାମଚନ୍ଦ୍ରନ କହିଛନ୍ତି, 'ଚୌଦ୍ୱାର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ନିକଟରେ ଅପାର ଅଭିବୃଦ୍ଧି କ୍ଷମତା ରହିଛି ଏବଂ ଆମର ନୂତନ ଫ୍ୟାସିଲିଟି ଦେଶର ପୂର୍ବ ଭାଗରେ ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ଚାହିଦାକୁ ଦକ୍ଷତାର ସହିତ ପୂରଣ କରିବା ପାଇଁ ବ୍ୟବସାୟଗୁଡିକୁ ସକ୍ଷମ କରିବା ଲାଗି ଲକ୍ଷ୍ୟ ରଖିଛି।

# କେ କବିତାଙ୍କୁ ବାନ୍ଧିଲା ସିବିଆଇ



**ନୂଆଦିଲ୍ଲୀ:** ତେଲାଙ୍ଗନା ବିଆରଏସ (ଭାରତ ରାଷ୍ଟ୍ର ସମିତି) ନେତ୍ରୀ କେ କବିତାଙ୍କ ପାଇଁ ଅଡୁଆ ବଢ଼ିଛି । ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଇଡି ତାଙ୍କୁ ଗିରଫ କରିଥିବା ବେଳେ ଏବେ ସିବିଆଇ ଗିରଫ କରିଛି । ଆଜି ସିବିଆଇ ତାଙ୍କୁ ତିହାର ଜେଲରୁ ଗିରଫ କରିଥିବା ସୂଚନା ମିଳିଛି । ନିକଟରେ ତଦନ୍ତକାରୀ ସଂସ୍ଥା ସିବିଆଇ ଜେଲରେ କବିତାଙ୍କୁ ପଚରାଉଚରା କରୁଥିଲା । ଏକାଧିକ ବାର ପଚରାଉଚରା କରିବାର କିଛି ଦିନ ପରେ ଗିରଫ କରିନେଇଛି । ସିବିଆଇ ମଧ୍ୟ ତାଙ୍କୁ ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଗିରଫ କରିଛି । ପ୍ରକାଶ ଥାଉ କି, ଜାନୁଆରୀ ୧୫ରେ ହାଇଦ୍ରାବାଦ ସ୍ଥିତ ବଞ୍ଜାରା ହିଲ୍ସ ବାସଭବନରୁ କବିତାଙ୍କୁ ଗିରଫ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) । ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଅର୍ଥ ହେରଫେର ଅଭିଯୋଗରେ ବାନ୍ଧିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଦିଲ୍ଲୀର ଅବକାରୀ ନୀତିରୁ ଫାଇଦା ହାସଲ କରିବା ପାଇଁ କ୍ଷମତାସୀନ ଆପର ସାଉଥ ଗ୍ରୁପ ୧୦୦ କୋଟି ଟଙ୍କା ଦେଇଥିଲା । ଏହି ଗ୍ରୁପର କବିତା ଜଣେ ମୁଖ୍ୟ ସଦସ୍ୟ ଥିବା ଇଡି ଅଭିଯୋଗ କରିଥିଲା । ଏହି ଅଭିଯୋଗ ଆଧାରରେ ଇଡି ତାଙ୍କୁ ଗିରଫ କରି ବାରମ୍ବାର ରିମାଣ୍ଡରେ ନେଇ ପଚରାଉଚରା କରୁଛି । ଗତ ମଙ୍ଗଳବାରଠୁ ପୁଣି ୧୪ ଦିନ ଯାଏଁ ରିମାଣ୍ଡରେ ନେଇଥିବା ବେଳେ ସିବିଆଇ ଗିରଫ କରିଛି ।

### ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ସଭା

# ଆତଙ୍କବାଦୀଙ୍କୁ ଘରେ ପଶି ମାରିବୁ



**ଡେରାଡୁନ:** ଉରି ଓ ପୁଲୱାମା ହମଲା ପରେ ଭାରତୀୟ ସେନା ପାକିସ୍ତାନରେ ପଶି ଆତଙ୍କବାଦୀଙ୍କ ଆଡ୍ଡାରେ ଆକ୍ରମଣ କରିଥିଲା । ଏଥିରେ ଶତାଧିକ ଆତଙ୍କୀ ନିହତ ହୋଇଥିଲେ । କେନ୍ଦ୍ରରେ ଥିବା ଶକ୍ତିଶାଳୀ ବିଜେପି ସରକାର ଯୋଗୁ ସୁରକ୍ଷାକର୍ମୀମାନେ ଆତଙ୍କବାଦୀଙ୍କୁ ସେମାନଙ୍କ ଅଞ୍ଚଳରେ ମାତ ଦେଇଛନ୍ତି । ଆତଙ୍କବାଦୀଙ୍କୁ ସେମାନଙ୍କ ଘରେ ପଶି ମରା ଯାଇଛି ବୋଲି ମୋଦି ଉତ୍ତରାଖଣ୍ଡରେ ଆୟୋଜିତ ଗୋଟିଏ ନିର୍ବାଚନରେ ମୋଦି କହିଛନ୍ତି ।ସେ ଆହୁରି କହିଛନ୍ତି, ଦେଶରେ ମଜବୁତ ମୋଦି ସରକାର ଚାଲିଛିଛ ଦେଶ ଏମିତି ଗୋଟିଏ ସରକାରଙ୍କ ହାତରେ ରହିଛି, ଯିଏ ବିବାଦୀୟ ଜୋନରେ ମଧ୍ୟ ଜାତୀୟ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଛନ୍ତି । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ବିରୋଧୀଙ୍କୁ ସମାଲୋଚନା କରିବାକୁ ଆଦୌ ଭୁଲି ନାହାନ୍ତି । ସେ କହିଛନ୍ତ, କଂଗ୍ରେସ ଭଗବାନଙ୍କ ରାମଙ୍କ ଉପସ୍ଥିତି ଉପରେ ପ୍ରଶ୍ନ ଉଠାଇଥିଲା । ସେମାନେ ରାମ ମନ୍ଦିରକୁ ବିରୋଧ କରିଥିଲେ ଓ ଏହାକୁ ରୋକିବା ପାଇଁ ଶତ ଚେଷ୍ଟା କରିଥିଲେ ।ତଥାପି କଂଗ୍ରେସର ସବୁ ପାପକୁ କ୍ଷମା କରି ମନ୍ଦିର ନିର୍ମାଣ ଶେଷ ହେବା ପରେ ଦଳର ନେତାଙ୍କୁ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଡକା ଯାଇଥିଲା । କିନ୍ତୁ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ମଧ୍ୟ କଂଗ୍ରେସ ବୟକଟ କରିଥିଲ । କଂଗ୍ରେସ ଶାସନ ସମୟରେ ସୈନିକମାନଙ୍କୁ ବୁଲେଟ ପ୍ରୁଫ ଜ୍ୟାକେଟ ମିଳୁ ନଥିଲା । ଶତ୍ରୁ ପକ୍ଷର ଗୁଳିରୁ ଯବାନଙ୍କୁ ସୁରକ୍ଷା ଦେବାକୁ କୌଣସି ପ୍ରକାରର ବ୍ୟବସ୍ଥା ହୋଇ ନଥିଲା । କଂଗ୍ରେସ କ୍ଷମତାରେ ଥିବା ବେଳେ ମଧ୍ୟସ୍ଥିମାନେ ଟଙ୍କା ଚୋରି କରୁଥିଲେ । ଏବେ କିନ୍ତୁ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଟଙ୍କା ପହଞ୍ଚୁଛି ।ଏହାପରେ ମୋଦି ନିଜ ସରକାରଙ୍କ ସଫଳତା କଥା କହିଥିଲେ । ଧାରା ୩୭୦ର ଉଚ୍ଛେଦ ଠାରୁ ଆରମ୍ଭ କରି ଆର୍ଥିକ ଅନଗ୍ରସରଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ସେ ସମସ୍ତଙ୍କୁ ଅବଗତ କରାଇଛନ୍ତି ।

### ରାହୁଲଙ୍କ ଘୋଷଣା

# ହଟିବ ଗରିବୀ, ଲାଗୁ ହେବ 'ଲକ୍ଷେ ଟଙ୍କିଆ' ଯୋଜନା



**ଜୟପୁର:** ଲୋକସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ଆଜି ବଡ଼ ଘୋଷଣା କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି । କଂଗ୍ରେସ ଯଦି ଲୋକସଭା ନିର୍ବାଚନରେ କ୍ଷମତା ଦଖଲ କରିବ, ତା'ହେଲେ ଗୋଟିଏ ଝଟକାରେ ଦେଶରୁ ଦୂର ହେବ ଗରିବୀ । କଂଗ୍ରେସ ସରକାର ଏମିତି ଏକ ଯୋଜନା ଲାଗୁ କରିବ, ଯାହା ଗୋଟିଏ ଥରରେ ଦେଶରୁ ଗରିବୀକୁ ହଟାଇ ଦେବ । ଦେଶରେ ଲକ୍ଷେ ଟଙ୍କିଆ ଯୋଜନା ଲାଗୁ ହେବ ବୋଲି ରାହୁଲ ଗାନ୍ଧି କହିଛନ୍ତି । ରାଜସ୍ଥାନର ଅନୁପଗଡ଼ରେ ଆୟୋଜିତ ଏକ ନିର୍ବାଚନୀ କାର୍ଯ୍ୟକ୍ରମରେ ରାହୁଲ ଦେଶରୁ ଦାରିଦ୍ର୍ୟ ବା ଗରିବୀ ହଟାଇବା ଉପରେ ଫୋକସ କରିଛନ୍ତି । ସେ କହିଛନ୍ତି, କଂଗ୍ରେସ ସରକାର ଦେଶର ପ୍ରତିଟି ଗରିବ ପରିବାରର ଜଣେ ମହିଳାଙ୍କ ଆକାଉଣ୍ଟକୁ ବର୍ଷକୁ ୧ ଲକ୍ଷ ଟଙ୍କା ପଠାଇବ । ଯଦି ଆପଣ ଗରିବୀ ରେଖା ତଳେ ଅଛନ୍ତି, ତା'ହେଲେ ପ୍ରତିବର୍ଷ ପରିବାରର ଜଣେ ମହିଳାଙ୍କ ଆକାଉଣ୍ଟକୁ ୧ ଲକ୍ଷ ଟଙ୍କା ଲେଖାଏଁ ଯିବ । ଟଙ୍କା ସେହି ଯାଏ ଯିବ, ଯେଉଁ ପର୍ଯ୍ୟନ୍ତ ପରିବାର ଗରିବ ରେଖା ଉପରକୁ ଉଠି ନାହିଁ ।

ଶ୍ରମିକ ଠାରୁ ଆରମ୍ଭ କରି ଚାଷ କାମ କରୁଥିବା ପ୍ରତିଟି ବିପିଏଲ ବର୍ଗଙ୍କୁ ଏହି ଯୋଜନାର ଫାଇଦା ମିଳିବ । ମାସକୁ ୮ ହଜାର ୫୦୦ ଅର୍ଥାତ ବର୍ଷକୁ ୧ ଲକ୍ଷ ଟଙ୍କା ପଠାଇ ଆମେ ହିନ୍ଦୁସ୍ତାନୀ ଗୋଟିଏ ଝଟକାରେ ଗରିବୀକୁ ହଟାଇବାକୁ ସକ୍ଷମ ହେବା ।

ରାହୁଲ ଗାନ୍ଧି ଆଜି କଂଗ୍ରେସ ତା'ର ନିର୍ବାଚନୀ ଇସ୍ତାହାର ବା ନ୍ୟାୟ ପତ୍ରରେ ଉଲ୍ଲେଖ କରିଥିବା ମହାଲକ୍ଷ୍ମୀ ଯୋଜନା ସମ୍ପର୍କରେ ବୁଝାଇବା ବେଳେ ଏପରି କଥା କହିଛନ୍ତି । ମହାଲକ୍ଷ୍ମୀ ଯୋଜନା ଅଧୀନରେ କଂଗ୍ରେସ କ୍ଷମତାକୁ ଫେରିଲେ ଗରିବ ପରିବାରର ଜଣେ ମହିଳାଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କା ଲେଖାଏ ଦେବ ବୋଲି କହିଛି । ଆର୍ଥିକ ସ୍ଥିରତା ଓ ସମର୍ଥନ ପାଇଁ ଦଳ ଏହି ଯୋଜନା ଲାଗୁ କରିବ । ଆଜିର କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧି ଚାଷୀମାନେ ଏମଏସ୍ପି ପାଇଁ କରୁଥିବା ଦାବି ପ୍ରସଙ୍ଗରେ ଶାସକ ବିଜେପିକୁ ଟାର୍ଗେଟ କରିଛନ୍ତି । ଏହାବାଦ ମୁଦ୍ରାସ୍ଫୀତି ଓ ବେକାରୀ ସମସ୍ୟାକୁ ନେଇ ମଧ୍ୟ ସେ ଗର୍ଜିଛନ୍ତି । ସେ କହିଛନ୍ତି, ଦେଶର ୭୦ କୋଟି ଲୋକଙ୍କ ତୁଳନାରେ ୨୨ ଜଣ ଅଧିକ ଧନୀ । ଚାଷୀମାନେ ଏମଏସ୍ପି ପାଇଁ ଦାବି କରୁଥିବା ବେଳେ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦରକାର । ଦେଶ ଇତିହାସରେ ଚାଷୀମାନେ ପ୍ରଥମଥର ପାଇଁ ଟିକସ ଦେଉଛନ୍ତି । ଦେଶରେ ଏବେ ଦୁଇଟି ବଡ଼ ପ୍ରସଙ୍ଗ ହେଲା ବେକାରୀ ଓ ଦର ବୃଦ୍ଧି ।

## ତୃତୀୟ ପର୍ଯ୍ୟାୟ ପାଇଁ ଆଜି ବିଜ୍ଞପ୍ତି

**ନୂଆଦିଲ୍ଲୀ:** ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ୨୦୨୪ ପାଇଁ ନାମାଙ୍କନପତ୍ର ଦାଖଲ ଶୁକ୍ରବାର ଠାରୁ ଆରମ୍ଭ ହେବ । ଲୋକସଭା ନିର୍ବାଚନ ୨୦୨୪ରେ ହେବାକୁ ଥିବା ୧୨ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୯୪ଟି ସଂସଦୀୟ କ୍ଷେତ୍ର (ପିସି) ପାଇଁ ଆସନ୍ତାକାଲି ଅର୍ଥାତ୍ ୧୨.୦୪.୨୦୨୪ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ । ସେହିପରି ମତଦାନ ସ୍ଥଗିତ ରହିଥିବା ମଧ୍ୟପ୍ରଦେଶର ୨୯-ବେତୁଲ (ଏସଟି) ପିସି ନିର୍ବାଚନ ପାଇଁ ମଧ୍ୟ ଆସନ୍ତାକାଲି ବିଜ୍ଞପ୍ତି ପ୍ରକାଶ ପାଇବ ।

ମଧ୍ୟପ୍ରଦେଶର ୨୯-ବେତୁଲ (ଏସଟି) ସଂସଦୀୟ କ୍ଷେତ୍ରରେ ସ୍ଥଗିତ ନିର୍ବାଚନ ସହ ଏହି ୯୪ଟି ସଂସଦୀୟ କ୍ଷେତ୍ରରେ ମତଦାନ ୭ ତାରିଖରେ ଅନୁଷ୍ଠିତ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ମଧ୍ୟପ୍ରଦେଶର ୨୯-ବେତୁଲ (ଏସଟି) ସଂସଦୀୟ କ୍ଷେତ୍ରରେ ନିର୍ବାଚନ ବହୁଜନ ସମାଜ ପାର୍ଟିର ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ମୃତ୍ୟୁ କାରଣରୁ ସ୍ଥଗିତ ରଖାଯାଇଥିଲା ।

ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକ ହେଲା ଆସାମ, ବିହାର, ଛତିଶଗଡ଼, ଦାଦରା ଓ ନଗର ହାଭେଲି ଏବଂ ଦାମନ ଓ ଦିଉ, ଗୋଆ, ଗୁଜରାଟ, ଜମ୍ମୁ ଓ କଶ୍ମୀର, କର୍ଣ୍ଣାଟକ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ ।

## କେଜରିୱାଲଙ୍କ ବ୍ୟକ୍ତିଗତ ସଚିବ ବହିଷ୍କୃତ

**ନୂଆଦିଲ୍ଲୀ:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବ୍ୟକ୍ତିଗତ ସଚିବ ବିଭବ କୁମାର କାର୍ଯ୍ୟରୁ ବହିଷ୍କୃତ ହୋଇଛନ୍ତି । ସରକାରୀ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିଥିବା ଅଭିଯୋଗରେ ଭିଜିଲାନ୍ସ ଆଜି ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛ । ତୁରନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବିଭବ କୁମାରଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି । ବିଭାଗ କହିଛି ଯେ, ଅସ୍ଥାୟୀ ନିଯୁକ୍ତି ସହ ଜଡିତ କେନ୍ଦ୍ରୀୟ ସିଭିଲ ସର୍ଭିସ ନିୟମ ଉଲ୍ଲଂଘନ କରିଥିବାରୁ ତାଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ପ୍ରକାଶ ଥାଉ କି, ବିଭବ କୁମାର ୨୦୦୭ ମସିହାରେ ଏକ ପୁଲିସ କେସରେ ସମ୍ମୁଖୀନ ହୋଇଥିଲେ । ସେତେବେଳେ ସେ ଜଣେ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । କେଜ୍ରିୱାଲଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ସମୟରେ ତାଙ୍କ ବିରୁଦ୍ଧରେ ଥିବା ମାମଲା ବାବଦରେ ସୂଚନା ଦିଆଯାଇନଥିଲା । ଏହା ନିୟମର ଉଲ୍ଲଘଂନ ବୋଲି ଭିଜିଲାନ୍ସ କହିଛି । ଭିଜିଲାନ୍ସ ପକ୍ଷରୁ ଆହୁରି କୁହାଯାଇଛି ଯେ, ଏହା କେବଳ ଏକ ଅନିୟମିତତା ନୁହେଁ, ବରଂ ଏପରି କରିବା ଦ୍ୱାରା ପ୍ରଶାସନିକ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହୋଇଥାଏ । କୌଣସି ବ୍ୟକ୍ତିଙ୍କ ଚରିତ୍ର ଏବଂ ତାଙ୍କ ବିଷୟରେ ସମ୍ପୂର୍ଣ୍ଣ ଯାଞ୍ଚ ନକରି ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତିକୁ ଅନୁମତି ଦେବା ଠିକ୍ ନୁହେଁ ବୋଲି ଭିଜିଲାନ୍ସ କହିଛି । ସେପଟେ ଦିଲ୍ଲୀ ପ୍ରଶାସନର ଏପରି କାର୍ଯ୍ୟାନୁଷ୍ଠାନ ପରେ ଆପ୍ ପୁଣି ଥରେ ବିଜେପି ଉପରେ ବର୍ଷିଛ । ବିଜେପି ଦିଲ୍ଲୀରୁ କେଜ୍ରିୱାଲଙ୍କ ସରକାରକୁ ଶେଷ କରିଦେବା ଉଦ୍ଦେଶ୍ୟରେ ଏପରି କରୁଥିବା ଅଭିଯୋଗ କରିଛି ଆପ୍ ।

## ସିଏଏ ଗ୍ରହଣ କରିବୁ ନାହିଁ : ମମତା



**କୋଲକତା:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର କହିଛନ୍ତି ଯେ ସେ ରାଜ୍ୟରେ ନାଗରିକତା ସଂଶୋଧନ ଆଇନ (ସିଏଏ), ଜାତୀୟ ନାଗରିକ ପଞ୍ଜିକା (ଏନଆରସି) ଏବଂ ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ଲାଗୁ କରିବାକୁ ଅନୁମତି ଦେବେ ନାହିଁ । ଆମେ ଦେଶ ପାଇଁ ରକ୍ତ ବୁହାଇବାକୁ ପ୍ରସ୍ତୁତ ଅଛୁ କିନ୍ତୁ ଦେଶ ପାଇଁ ନିର୍ଯାତନାକୁ ବରଦାସ୍ତ କରିବୁ ନାହିଁ । ୟୁନିଫର୍ମ ସିଭିଲ କୋଡ୍ ଗ୍ରହଣୀୟ ନୁହେଁ । ମୁଁ ସବୁ ଧର୍ମ ମଧ୍ୟରେ ସୌହାର୍ଦ୍ଦ୍ୟ ଚାହୁଁଛି । ତୁମର ନିରାପତ୍ତା, ତୁମ ଜୀବନ । କିନ୍ତୁ, ଏନଆରସି କିମ୍ବା ସିଏଏ ଲାଗୁ ହେବ ନାହିଁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଇଦ୍-ଉଲ୍-ଫିତର ଅବସରରେ କୋଲକାତାରେ ଏକ ସମାବେଶକୁ ସମ୍ବୋଧିତ କରି କହିଛନ୍ତି ।କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାରକୁ ନେଇ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରି ତୃଣମୂଳ କଂଗ୍ରେସ (ଟିଏମସି) ସୁପ୍ରିମୋ କହିଛନ୍ତି, ଯଦି ବିସ୍ଫୋରଣ ହୁଏ, ତେବେ ସେମାନେ (ବିଜେପି) ସମସ୍ତଙ୍କୁ ଗିରଫ କରିବା ପାଇଁ ଏନଆଇଏ ପଠାଇଥାନ୍ତି । ସମସ୍ତଙ୍କୁ ଗିରଫ କରିବା ଦ୍ୱାରା ଆପଣଙ୍କ ଦେଶ ଉଜୁଡ଼ିଯିବ । ଆମେ ଏକ ସୁନ୍ଦର ଆକାଶ ଚାହୁଁଛୁ ଯାହା ପାଇଁ ସମସ୍ତେ ଏକାଠି ରହିବା । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମଧ୍ୟ କୋଲକାତାରେ ତାଙ୍କ ଅଭିଭାଷଣରେ ଇଦ୍ ପାଇଁ ଶୁଭେଚ୍ଛା ଜଣାଇ କହିଛନ୍ତି, । ଏହା ହେଉଛି ଖୁସିର ଇଦ୍ଛ ଏହା ହେଉଛି ଶକ୍ତି ଦେବାର ଇଦ୍ । ବିନା ପାଣିରେ ଏକ ମାସ ଉପବାସ କରି ଏହି ଇଦ୍ ପାଳନ କରିବା ଏକ ବଡ଼ କଥା ବୋଲି ସେ କହିଛନ୍ତି ।ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଏକ ପୋଷ୍ଟରେ ଲେଖାଯାଇଛି, 'ଇଦ୍-ଉଲ୍-ଫିତରର ଏହି ଖୁସିର ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ । ଏହି ଇଦ୍ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆଣିବ ।

## ତୀର୍ଥଯାତ୍ରୀ ବସ ଦୁର୍ଘଟଣାରେ ୧୭ ଶ୍ରଦ୍ଧାଳୁ ମୃତ

**ଇସଲାମାବାଦ:** ପାକିସ୍ତାନର ସିନ୍ଧ ଓ ବଲୁଚିସ୍ତାନ ଅଞ୍ଚଳର ସୀମାବର୍ତ୍ତୀ ସହର ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଖବର ଅନୁଯାୟୀ, ତୀର୍ଥଯାତ୍ରୀମାନେ ବାଲୁଚିସ୍ତାନର ଖୁଜଦାର ଜିଲ୍ଲାର ସୁଦୂର ମୁସଲିମ ସୁଫି ଶ୍ରୀ ଶାହ ନୁରାନୀଙ୍କ ଦର୍ଘାକୁ ଯାଉଥିବାବେଳେ ହବ ସହରର ନିକଟରେ ତାଙ୍କ ବସ୍ ଖାଇକୁ ଖସିପଡିଥିଲା । କରାଚି ଠାରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଏହି ଦୁର୍ଘଟଣା ଘଟିଥିଲା । ଏଥିରେ ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୮ରୁ ଅଧିକ ଆହତ ହୋଇଛନ୍ତି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି । ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଲୋକେ ମଧ୍ୟ ପୁଲିସକୁ ସହାୟତା କରିଛନ୍ତି । ସେପଟେ ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ୍ ନାକଭି ଏହି ଦୁର୍ଘଟଣାକୁ ନେଇ ସମବେଦନା ଜଣାଇଛନ୍ତି । ନିୟନ୍ତ୍ରଣ ହରାଇ ବସଟି ଖାଇକୁ ଖସିପଡିଥିବା ସେ କହିଛନ୍ତି । ସମସ୍ତ ଯାତ୍ରୀ ସିନ୍ଧ ଅଞ୍ଚଳର ଥାଟ୍ଟା ସହରର ବାସିନ୍ଦା ଥିବା ସୂଚନା ମିଳିଛି । ଜଣେ ପୁଲିସ ଅଧିକାରୀଙ୍କ କହିବା ମୁତାବକ, ମୃତକ ଓ ଆହତଙ୍କୁ କରାଚିର ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ହମାସ ମୁଖ୍ୟଙ୍କ ୩ ପୁଅ, ୨ ନାତି ନିହତ

**ଗାଜା:** ଇସ୍ରାଏଲର ଏୟାର ଷ୍ଟ୍ରାଇକରେ ହମାସର ବରିଷ୍ଠ ନେତା ଇସମାଇଲ ହାନିୟେଙ୍କ ତିନି ପୁଅ ଓ ୨ ନାତିଙ୍କ ଜୀବନ ଯାଇଛି । ଏକ କାର୍ ଉପରେ ଇସ୍ରାଏଲର ପ୍ରତିଶୋଧ ପରାୟଣ ଏୟାର୍ ଷ୍ଟ୍ରାଇକରେ ଏହି ଅଘଟଣ ଘଟିଛି । ଏହି ଘଟଣା ପରେ ସଫେଇ ଦେଇ ଇସ୍ରାଏଲ କହିଛି ଯେ ସେମାନେ ସବୁ ଏକ ଆତଙ୍କବାଦୀ ଗୋଷ୍ଠୀର ସଦସ୍ୟ । ଏହି ମୃତ୍ୟୁକୁ ପ୍ରଥମେ ଅଲ ଜଜିରା ରିପୋର୍ଟ କରିଥିଲା ଏବଂ ପରେ ହନିୟେ ଏବଂ ହାମାସ ନିଜେ ନିଶ୍ଚିତ କରିଥିଲେ । ପରେ ଆଇଡିଏଫ୍ ଏବଂ ସିଣ୍ଡ ବେଟ୍ ତିନି ଜଣଙ୍କ ହତ୍ୟାକୁ ନିଶ୍ଚିତ କରି କହିଥିଲେ ଯେ ସେମାନେ ଆତଙ୍କବାଦୀ ଗୋଷ୍ଠୀର ସଦସ୍ୟ । ଆଇଡିଏଫ୍ ଏବଂ ସିଣ୍ଡ ବେଟ୍ ଅନୁଯାୟୀ ଆମୀର ହାନିଆ ହାମାସ ସାମରିକ ୱିଙ୍ଗରେ ଏକ ସ୍କାଡ କମାଣ୍ଡର ହୋଇଥିବା ବେଳେ ହାଜେମ୍ ଏବଂ ମହମ୍ମଦ ହନିୟେ ସାମରିକ ୱିଙ୍ଗରେ ନିମ୍ନ ସ୍ତରର କର୍ମଚାରୀ ଥିଲେ । ଇସ୍ରାଏଲ ଉପରେ ହତ୍ୟା ଅଭିଯୋଗ ଆଇଡିଏଫ୍ କହିଛି ଯେ ଏହି ତିନିଜଣ କେନ୍ଦ୍ରୀୟ ଗାଜା ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପ କରିବାକୁ ଯାଉଥିଲେ । ବୁଧବାର ଦିନ ଏକ ସାକ୍ଷାତକାରରେ ହାନିୟେ ଏହି ମୃତ୍ୟୁକୁ ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ ଯିରୁଶାଲମ ଏବଂ ଅଲ-ଆକସା ମସଜିଦକୁ ମୁକ୍ତ କରିବା ପାଇଁ ତାଙ୍କ ପୁଅମାନେ ସହିଦ ହୋଇଛନ୍ତି ।

## ଆତଙ୍କବାଦୀଙ୍କୁ ତଥ୍ୟ ଲିକ୍: ୩ ଗିରଫ

**ଶ୍ରୀନଗର:** ଗୁଇନ୍ଦା ସୂଚନା ଆଧାରରେ ବାରାମୁଲା ପୁଲିସ ଓ ସୁରକ୍ଷାବାହିନୀ ଓଲ୍ଡ ଟାଉନ୍ ବାରାମୁଲାରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି । ସେମାନଙ୍କ ନିକଟରୁ ୩ଟି ଗ୍ରେନେଡ୍ ମଧ୍ୟ ଜବତ କରାଯାଇଛି । ଅଭିଯୁକ୍ତଙ୍କୁ ଗିରଫ କରିବା ବିଷୟରେ ସୂଚନା ଦେଇ ବାରାମୁଲା ପୁଲିସ ଏକ୍ସରେ କହିଛି, ଓଲ୍ଡ ଟାଉନ୍ ବାରାମୁଲା-ପୁଲିସ ଲସ୍କର ସଂଗଠନର ୩ ଜଣ ଆତଙ୍କବାଦୀ ସହଯୋଗୀଙ୍କୁ ଗିରଫ କରିଛି, ଓ ସେମାନଙ୍କ ଠାରୁ ଗ୍ରେନେଡ୍ ଜବତ କରିଛି ।ପୋଲିସ ସୂଚନା ଅନୁଯାୟୀ, ଓବେସ୍ ଅହମ୍ମଦ ୱାଜା, ବାସିତ ଫୟାଜ୍ କାଲୁ ଓ ଫହିମ୍ ଅହମ୍ମଦ ମୀର ନାମକ ଏହି ଅଭିଯୁକ୍ତମାନେ ଆତଙ୍କବାଦୀଙ୍କୁ ସହଯୋଗ କରିବା ସହ ସୁରକ୍ଷା ବାହିନୀର ଗତିବିଧି ସମ୍ପର୍କରେ ଆତଙ୍କବାଦୀମାନଙ୍କୁ ସୂଚନା ଦେଉଥିଲେ । ଆଗାମୀ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବାରାମୁଲାରେ ଶାନ୍ତି ପ୍ରକ୍ରିୟାରେ ବାଧା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପୁଲିସ କହିଛି । ଏହି ତିନି ଜଣଙ୍କ ସମ୍ପୃକ୍ତି ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିଛି ବୋଲି ପୁଲିସ କହିଛି । ଅଭିଯୁକ୍ତଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ)ର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି । ଅଧିକ ତଦନ୍ତ ଜାରି ରହିଛି । ଗତ ବର୍ଷ ନଭେମ୍ବରରେ ବାରାମୁଲା ପୁଲିସ ଲସ୍କର-ଇ-ତୋଏବା ସହ ଜଡ଼ିତ ୪ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଥିଲା ।

# ଡିଜିଟାଲ ପେମେଣ୍ଟରେ ପଛରେ ପଡ଼ିଲା ଆମେରିକା



**ୱାଶିଂଟନ:** ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ ଭାରତ କ୍ରମାଗତ ଭାବରେ ନୂତନ ରେକର୍ଡ କରୁଛି । ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଡିଜିଟାଲ ପେମେଣ୍ଟରେ ଭାରତର ଅଭିବୃଦ୍ଧି ଉପରେ ଆଲୋକପାତ କରି କହିଛନ୍ତି ଯେ ଦେଶରେ ଏକ ମାସ ମଧ୍ୟରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ମାଧ୍ୟମରେ ୧୨୦ କୋଟି ଟଙ୍କା ମୂଲ୍ୟର କାରବାର କରାଯାଉଛି । ଭାରତକୁ ଆମେରିକା ସହ ତୁଳନା କରି ସେ କହିଛନ୍ତି ଯେ ଆମେ ସେମାନଙ୍କଠାରୁ ଆଗରେ ଅଛୁ । ଆମେରିକାରେ ଗୋଟିଏ ବର୍ଷରେ କେବଳ ୪୦ କୋଟି ଟଙ୍କା ଡିଜିଟାଲ କାରବାର ହେଉଛି । ରାଜସ୍ଥାନର ବିକାନେରରେ ଏକ କାର୍ଯ୍ୟକ୍ରମରେ ଜୟଶଙ୍କର ଆହୁରି କହିଛନ୍ତି, ଆଜି ଆମେ ୟୁପିଆଇ ମାଧ୍ୟମରେ ନଗଦବିହୀନ ଦେୟ ପ୍ରଦାନ କରୁଛୁ । ଆମର ଏକ ମାସରେ ୧୨୦ କୋଟି ଟଙ୍କା ମୂଲ୍ୟର କାରବାର ହୋଇଥିବାବେଳେ ଆମେରିକା ଗୋଟିଏ ବର୍ଷରେ ମାତ୍ର ୪୦ କୋଟି ଟଙ୍କା ମୂଲ୍ୟର ଡିଜିଟାଲ କାରବାର କରିବାରେ ସକ୍ଷମ ହୋଇଛି ।ଏହା ଦେଖିବା ଉଚିତ ଯେ ଆମେ କେତେକ କ୍ଷେତ୍ରରେ କିପରି ଅଗ୍ରଗତି କରିଛୁ ଏବଂ ବିଶ୍ୱ ଏହାକୁ ପ୍ରଶଂସା କରୁଛି । ଉଲ୍ଲେଖ ଥାଉ କି ୟୁପିଆଇ ଏମିତି ଏକ ବ୍ୟବସ୍ଥା ଯାହାଦ୍ୱାରା ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଅନେକ ବ୍ୟାଙ୍କ ଆକାଉଣ୍ଟକୁ ଯୋଡାଯାଇଥାଏ । ଏହା ୧୧ ଏପ୍ରିଲ ୨୦୧୬ରେ ତତ୍କାଳୀନ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଗଭର୍ଣ୍ଣର ରଘୁରାମ ରାଜନଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ।

## ଏନକାଉଣ୍ଟରରେ ଆତଙ୍କୀ ସଫା

**ଶ୍ରୀନଗର:** ପୁଲୱାମାରେ ଆଜି ଭୋରରୁ ସୁରକ୍ଷା କର୍ମୀ ଓ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି । ଉଭୟ ପକ୍ଷ ମଧ୍ୟରେ ଆଖି ବୁଜା ଗୁଳି ଚାଳନା ହୋଇଥିବା ବେଳେ ସୁରକ୍ଷା କର୍ମୀଙ୍କ ଦ୍ୱାରା ସଫା ହୋଇଛି ଜଣେ ଆତଙ୍କବାଦୀ । ଏଥିସହ ଆଉ ଜଣେ ଆତଙ୍କବାଦୀଙ୍କୁ ସୁରକ୍ଷା କର୍ମୀ ଘେରାବନ୍ଦୀ କରି ରଖିଥିବା ଜଣାଯାଇଛି । ପୁଲୱାମା ଜିଲ୍ଲାର ଅର୍ଶିପୋରା ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚି ରହିଥିବା ନେଇ ସେନାକୁ ସୂଚନା ମିଳିଥିଲା । ଏହାପରେ ତୁରନ୍ତ ଆଜି ଭୋରରୁ ଆଖପାଖ ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ଉଭୟ ପକ୍ଷ ମୁହାଁମୁହିଁ ହୋଇଥିବା ବେଳେ ବହୁ ସମୟ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ଆଖିବୁଜା ଗୁଳି ଚାଳନା ହୋଇଥିଲା । ଏଥିରେ ଜଣେ ଆତଙ୍କୀ ସଫା ହୋଇଥିବା ବେଳେ ଆଉ ଜଣଙ୍କୁ ସୁରକ୍ଷା କର୍ମୀ ଘେରିଥିବା ଜଣାଯାଇଛ । ସେନା ଗୁଳିରେ ନିପାତ ହୋଇଥିବା ଆତଙ୍କୀଙ୍କ ମୃତଦେହ ପଡ଼ିଥିବା ବେଳେ ତାହାକୁ ଜବତ କରାଯାଇ ନ ଥିବା ସୂଚନା ମିଳିଛି । ଏଥିସହ ଆଉ ଜଣେ ଆତଙ୍କବାଦୀ ଘଟଣାସ୍ଥଳରେ ଲୁଚିଥିବା ବେଳେ ସୁରକ୍ଷା କର୍ମୀ ତାଙ୍କୁ ଘେରି ରହିଥିବା ଜଣାଯାଇଛି । ଅଖପାଖ ଅଞ୍ଚଳରେ ସର୍ଚ୍ଚ ଅପରେସନ ଚାଲୁ ରହିଛି । ଜମ୍ମୁ- କଶ୍ମୀରରେ ଆତଙ୍କୀ କାର୍ଯ୍ୟକଳାପ ଉପରେ ସେନା କଡ଼ା ନଜର ରଖିଛି । କିଛି ଦିନ ପୂର୍ବେ ଜମ୍ମୁ- କଶ୍ମୀରର ରାଜୌରି ଓ ପୁଞ୍ଛ ସୀମାବର୍ତ୍ତୀ ଅଞ୍ଚଳରେ ୭ ଆତଙ୍କୀଙ୍କୁ ଠାବ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ବାନ୍ଧିଛି ସେନା । ଏହି ସବୁ ଆତଙ୍କବାଦୀ ଡ୍ରୋନ ସାହାଯ୍ୟରେ ଅସ୍ତ୍ରଶସ୍ତ୍ର, ଗୋଳା ବାରୁଦ, ବିସ୍ଫୋରକ ସାମଗ୍ରୀ, ନିଶା ପଦାର୍ଥ ଆଦି ସୀମାପାର୍ ଅଞ୍ଚଳରୁ ଭାରତକୁ ଆଣିବାରେ ସକ୍ଷମ ହେଉଥିଲେ । ଏହାପରେ ଭାରତର ବିଭିନ୍ନ ପ୍ରାନ୍ତକୁ ସେମାନେ ଏହାକୁ ଚାଲାଣ କରୁଥିଲେ । ଏହି ଗ୍ୟାଙ୍ଗର ମୁଖିଆ ମୋହମ୍ମଦ କାସିମଙ୍କ ଉପରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରି ସେନା ପକ୍ଷରୁ ଏକ ପୋଷ୍ଟର ଜାରି କରାଯାଇଛି ।

## କଳାହାଣ୍ଡି କପ୍

# ଭଦ୍ରକ, ବରଗଡ଼, ଅନୁଗୁଳ ବିଜୟୀ



ଭୁବନେଶ୍ୱର,୧୧।୪(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଘରୋଇ ପ୍ରତିଯୋଗିତା କଳହାଣ୍ଡି କପ୍ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ୍ ପ୍ରିଲିମିନାରୀ ଲିଗ୍ ଚତୁର୍ଥ ପର୍ଯ୍ୟାୟ ଆରମ୍ଭ ହୋଇଛି । ଗୁରୁବାର ଭଦ୍ରକ, ବରଗଡ଼ ଓ ଅନୁଗୁଳ ବିଜୟୀ ହୋଇଛନ୍ତି ।

ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ ଭଦ୍ରକ ୩ ୱିକେଟ୍‌ରେ କିଟକୁ ହରାଇଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି କିଟ୍ ୪୦ ଓଭରରେ ୫ ୱିକେଟ୍ ହରାଇ ୨୧୮ ରନ୍ କରିଥିଲା । ମାରୋଜୁ ପ୍ରଶାନ୍ତ ୭୩ ଓ ସୁଦର୍ଶନ ସ୍ୱାଇଁ ୫୦ ରନ୍ କରିଥିଲେ । ଜବାବରେ ଭଦ୍ରକ ୩୮.୩ ଓଭରରେ ୭ ୱିକେଟ୍ ହରାଇ ୨୨୭ ରନ୍ କରି ବିଜୟୀ ହୋଇଥିଲା । ଆକାଶ ମହାପାତ୍ର ୮୬ ରନ୍‌ର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ ।

ରେଭେନ୍ସା ନଂ.୧ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବରଗଡ଼ ୧୦୯ ରନ ବ୍ୟବଧାନରେ ବୌଦ୍ଧକୁ ହରାଇଛି । ଏହି ମ୍ୟାଚରେ ବରଗଡ଼ ୩୯ ଓଭରରେ ୨୫୫ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା । ହିମାଂଶୁ ବିଷ୍ଟ ସର୍ବାଧିକ ୯୧ ରନ୍ କରିଥିଲେ । ରଜନିସ ଯାଦବ ୪ଟି ଓ ଲକ୍ଷ୍ମୀଧର ପ୍ରଧାନ ୩ ୱିକେଟ୍ ଅକ୍ତିଆର କରିଥିଲେ । ଜବାବରେ ବୌଦ୍ଧ ୩୮.୩ ଓଭରରେ ୧୪୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା ।

ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଅନୁଗୁଳ ୯ ୱିକେଟ୍‌ରେ ପାରାଦୀପକୁ ହରାଇଛି । ଏହି ମ୍ୟାଚରେ ପାରାଦୀପ ୩୦.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୩ ରନ୍ କରିଥିଲା । ଦଳ ପକ୍ଷରୁ ଶାଶ୍ୱତ ମହାନ୍ତି ସର୍ବାଧିକ ୪୭ ରନ୍ କରିଥିଲେ । ଜବାବରେ ଅନୁଗୁଳ ୧୪.୧ ଓଭରରେ ୧ ୱିକେଟ୍ ହରାଇ ୧୨୪ ରନ୍ କରିଥିଲା । ଟୁକୁନା ସାହୁ ୬୯ ରନ୍‌ର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ ।

# ଇଶାନ, ସୂର୍ଯ୍ୟ ମୁମ୍ବାଇକୁ ଦେଲେ ବିଜୟ

## ଆଇପିଏଲ୍ ମହାସମର



ୱାଙ୍ଖେଡେ,୧୧।୪(ଏଜେନ୍ସି): ଆଇପିଏଲର ୨୫ ତମ ମୁମ୍ବାଇ ଧମାକାଦାର ବିଜୟ ହାସଲ କରିଛି । ଐତିହାସିକ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚରେ ମୁମ୍ବାଇ ୨୭ଟି ବଲ୍ ବାକି ଥାଇ ୭ ୱିକେଟ୍‌ରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ଧରାଶାୟୀ କରି ଦ୍ୱିତୀୟ ବିଜୟ ହାସଲ କରିଛି । ଓପନର ଇଶାନ କିଷାନଙ୍କ ବିସ୍ଫୋରକ ୬୯ ରନ୍ ଓ ସୂର୍ଯ୍ୟ କୁମାରଙ୍କ ଦ୍ରୁତ ଅର୍ଦ୍ଧଶତକ (୫୨ ରନ୍) ସହାୟତାରେ ମୁମ୍ବାଇ ଇଣ୍ଡିଆନ୍ସ ଲକ୍ଷ୍ୟ ସ୍ଥଳରେ ସହଜରେ ପହଞ୍ଚି ପାରିଥିଲା । ଏହି ମ୍ୟାଚରେ ବେଙ୍ଗାଲୁରୁ ୨୦ ଓଭରରେ ୮ ୱିକେଟ୍ ହରାଇ ୧୯୬ ରନ୍ ସଂଗ୍ରହ କରିଥିଲା । ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୧୫.୩ ଓଭରରେ ୩ ୱିକେଟ୍ ହରାଇ ୧୯୯ ରନ୍ କରିଥିଲା । ହ୍ୟାଟ୍ରିକ୍ ପରାଜୟ ପରେ ମୁମ୍ବାଇ ଇଣ୍ଡିଆନ୍ସ କ୍ରମାଗତ ୨ଟି ମ୍ୟାଚ ଜିତି ଟ୍ରାକ୍‌କୁ ଫେରିଛି ।

ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ପକ୍ଷରୁ କେବଳ ୩ ଜଣ ବ୍ୟାଟର ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଭଲ ସ୍ଥିତିରେ ପହଞ୍ଚାଇଥିଲା । ଚଳିତ ଆଇପିଏଲ୍‌ରେ ଶତକୀୟ ଇନିଂସ ଖେଳିଥିବା ଭେଟେରାନ୍ କ୍ରିକେଟ୍‌ର ବିରାଟ କୋହଲି ଏହି ମ୍ୟାଚରେ ମାତ୍ର ୩ ରନ୍ କରି ପାଭିଲିୟନ୍ ଫେରିଥିଲେ । ଅଧିନାୟକ ଫାଫ ଡୁପ୍ଲେସିସ୍ ୬୧ ରନ୍, ରଜତ ପଟିଦାର ୨୬ ବଲ୍‌ରୁ ୫୦ ରନ୍ ଏବଂ ଦିନେଶ କାର୍ତ୍ତିକ ୨୩ ବଲ୍‌ରୁ ଦ୍ରୁତ ୫୩ ରନ୍ କରିବାରୁ ବେଙ୍ଗାଲୁରୁ ୨୦ ଓଭରରେ ୮ ୱିକେଟ ହରାଇ ୧୯୬ ରନ୍ କରିଥିଲା । ଯଶପ୍ରୀତ ବୁମରା ସର୍ବାଧିକ ୫ ୱିକେଟ୍, ଗେରାଲ୍ଡ କ୍ୱିଟେଜ୍, ଆକାଶ ମଦୁଆଲ ଓ ଶ୍ରେୟାସ ଗୋପାଳ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୧୯୭ ରନ ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ଦ୍ରୁତ ଆରମ୍ଭ କରିଥିଲା । ଓପନର ଇଶାନ କିଷାନ ଓ ରୋହିତ ଶର୍ମାଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୮.୫ ଓଭରରେ ୧୦୧ ରନ୍‌ର ପାର୍ଟନରସିପ୍ ହୋଇଥିଲା । ସବୁଠୁ ଆକର୍ଷଣୀୟ ଖେଳିଥିଲେ ଇଶାନ କିଷାନ । ସେ ୭ଟି ଚୌକା ଓ ୫ଟି ଛକା ସହାୟତାରେ ୩୪ ବଲରୁ ୬୯ ରନ୍ କରିଥିଲେ । ରୋହିତ ଶର୍ମା ୨୪ ବଲ୍‌ରୁ ୩୮ ରନ୍ କରି ଆଉଟ୍ ହୋଇଥିଲେ । ଦୀର୍ଘ ସମୟ ପରେ ଲୟକୁ ଫେରିଛନ୍ତି ସୂର୍ଯ୍ୟ କୁମାର ଯାଦବ । ବେଙ୍ଗାଲୁରୁ ବିପକ୍ଷ ମ୍ୟାଚରେ ସେ କମାଲ ଦେଖାଇଛନ୍ତି । ସୂର୍ଯ୍ୟ ୧୯ ବଲ୍‌ର ସମ୍ମୁଖୀନ ହୋଇ ୫ଟି ଚୌକା ଓ ୪ଟି ଛକା ସହାୟତାରେ ୫୨ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ୬ ବଲ୍‌ରୁ ୩ଟି ଛକା ମାରି ଅପରାଜିତ ୨୧ ରନ୍ କରି ମ୍ୟାଚ ଫିନିସ କରିଥିଲେ । ତିଲକ ବର୍ମା ୧୦ ବଲ୍‌ରୁ ୧୬ ରନ୍ କରିବା ସହ ମୁମ୍ବାଇ ଦ୍ୱିତୀୟ ବିଜୟ ହାସଲ କରିଥିଲା ।

### ଆଜିର ମ୍ୟାଚ

**ଲକ୍ଷ୍ନୌ – ଦିଲ୍ଲୀ**
**ସମୟ: ରାତି ୭.୩୦**
**ସ୍ଥାନ: ଲକ୍ଷ୍ନୌ**
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୫ | ୪ | ୧ | ୮ |
| କୋଲକାତା | ୪ | ୩ | ୧ | ୬ |
| ଲକ୍ଷ୍ନୌ | ୪ | ୩ | ୧ | ୬ |
| ଚେନ୍ନାଇ | ୫ | ୩ | ୨ | ୬ |
| ସନ୍‌ରାଇଜର୍ସ | ୫ | ୩ | ୨ | ୬ |
| ଗୁଜରାଟ | ୬ | ୩ | ୩ | ୬ |
| ମୁମ୍ବାଇ | ୫ | ୨ | ୩ | ୪ |
| ପଞ୍ଜାବ | ୫ | ୨ | ୩ | ୪ |
| ବେଙ୍ଗାଲୁରୁ | ୬ | ୧ | ୫ | ୨ |
| ଦିଲ୍ଲୀ | ୫ | ୧ | ୪ | ୨ |

## ବ୍ୟାଡ଼ମିଣ୍ଟନ ଏସିଆ ଚାମ୍ପିଅନ୍‌ସିପ୍

# ପ୍ରି–କ୍ୱାର୍ଟରରେ ହାରିଲେ ସିନ୍ଧୁ

ନୂଆଦିଲ୍ଲୀ,୧୧।୪(ଏଜେନ୍ସି): ଡବଲ ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁ ଚୀନର ନିଙ୍ଗବୋ ଚାଲିଥିବା ବ୍ୟାଡ଼ମିଣ୍ଟନ ଏସିଆନ୍ ଚାମ୍ପିଅନ୍‌ସିପ୍‌ର ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ହାରିଯାଇଛନ୍ତି । ସିନ୍ଧୁ ଓ ଷଷ୍ଠସିଡ ଚୀନ୍‌ର ହାନ ୟୁଙ୍କ ମଧ୍ୟରେ ତୀବ୍ର ସଂଘର୍ଷ ହୋଇଥିଲା । ୧ ଘଣ୍ଟା ୯ ମିନିଟ୍‌ର ଲଢ଼େଇରେ ସିନ୍ଧୁ ୧୮–୨୧, ୨୧–୧୩, ୧୭–୨୧ ଗେମ୍‌ରେ ହାରିଯାଇଥିଲେ । ଏହି ମ୍ୟାଚ ପୂର୍ବରୁ ୟୁଇ'ଙ୍କ ବିପକ୍ଷରେ ସିନ୍ଧୁଙ୍କ ବିଜୟ ହାର ୫–୦ ଥିଲା । ତେବେ ଏହା ସିନ୍ଧୁଙ୍କ ପ୍ରଥମ ପରାଜୟ । ସେହିଭଳି ଭାରତୀୟ ମହିଳା ଡବଲ୍ସ ଯୋଡି ତନିସା କ୍ରାଷ୍ଟୋ ଏବଂ ଅଶ୍ୱିନୀ ପୋନାପ୍ପା ପ୍ରି–କ୍ୱାର୍ଟରଫାଇନାଲ ମୁକାବିଲାରେ ଜାପାନର ନାମୀ ମୁଟସୁୟାମା ଓ ଚିହାରୁ ସିଦାଙ୍କ ନିକଟରୁ ୧୭–୨୧, ୧୨–୨୧ ଗେମ୍‌ରେ ପରାଜିତ ହୋଇ ଅଭିଯାନ ଶେଷ କରିଛନ୍ତି ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

# କାନାଡା ପାଇଁ ଖେଳିବାକୁ ଚାହୁଁଥିଲେ ବୁମରା





ନୂଆଦିଲ୍ଲୀ,୧୧।୪(ଏଜେନ୍ସି): ଦ୍ରୁତ ବୋଲର ଜାହିର ଖାନ୍ ତଥା ଆଶିଷ ନେହରାଙ୍କ ପରେ ଭାରତୀୟ ଦଳର ଦ୍ରୁତ ବୋଲିଂ ବାହିନୀକୁ ଶକ୍ତିଶାଳୀ କରିଛନ୍ତି ଯଶପ୍ରୀତ ବୁମରା । ତାଙ୍କ ଆଗମନ ସହ ଭାରତୀୟ କ୍ରିକେଟ୍‌ର ବୋଲିଂ ବର୍ଗର ରୂପରେଖ ବଦଳି ଯାଇଛି । ବୁମରାଙ୍କ ଭିନ୍ନ ଶୈଳୀର ବୋଲିଂ ସାରା ବିଶ୍ୱରେ ଚହଲ ପକାଇଛି । ସେସମୟର ମୁଖ୍ୟ କୋଚ ରବି ଶାସ୍ତ୍ରୀ ଓ ଅଧିନାୟକ ବିରାଟ କୋହଲି ଦଳର ବୋଲିଂ ବାହିନୀକୁ ଶାକ୍ତିଶାଳୀ କରିବାକୁ ଯେଉଁ ଉଦ୍ୟମ କରିଥିଲେ ତାହା ବୁମରାଙ୍କ ଆଗମନ ସହ ସଫଳ ହୋଇଥିଲା । ଟେଷ୍ଟ୍, ଟି–୨୦ ଓ ଦିନିକିଆରେ ବୁମରାଙ୍କ ବଲକୁ ବୁଝିବା ପ୍ରତିପକ୍ଷ ବ୍ୟାଟରଙ୍କ ପାଇଁ ଆଦୌ ସହଜ ହୋଇନଥାଏ । ପୂର୍ବରୁ ଭାରତୀୟ ଦଳର ଦ୍ରୁତ ବୋଲିଂ ବର୍ଗ ସେତେଟା ମଜଭୂତ ନଥିଲା । କିନ୍ତୁ ଏବେ ବିଶ୍ୱର ୩ ଦ୍ରୁତ ବୋଲିଂ ଆଟାକ୍ ମଧ୍ୟରେ ଭାରତ ସ୍ଥାନ ପାଇଛି ।

ଏମିତି ଏକ ସମୟ ଥିଲା ଯେତେବେଳେ ଗୁଜରାଟରେ ଜନ୍ମିତ ବୁମରା ଭାରତ ଛାଡି କାନାଡା ଚାଲିଯିବାକୁ ମନବଳାଇଥିଲେ । କାନାଡାରେ ତାଙ୍କୁ କ୍ରିକେଟ୍ ଖେଳିବାକୁ ଭଲ ସୁଯୋଗ ମିଳିବ ବୋଲି ଭାବୁ ଥିଲେ । ତେବେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ୍ ଖେଳିବାର ଡାକାର ଏବେ ତା'ପରେ ସବୁ କିଛି ଇତିହାସ ପାଲଟି ଯାଇଛି । ଜିଓ ସିନେମା ପକ୍ଷରୁ ବୁମରାଙ୍କ ସାକ୍ଷାତକାର ପତ୍ନୀ ତଥା ଆଙ୍କର ଅଞ୍ଜନା ନେଇଛନ୍ତି । ଏହି ସମୟରେ ସେ ବୁମରାଙ୍କୁ ପ୍ରଶ୍ନ କରିଥିଲେ ଯେ, ଏକଦା କାନାଡା ଚାଲିଯିବାକୁ ଚାହୁଁଥିଲେ । ସେଠାରେ ନୂଆ ଜୀବନ ଆରମ୍ଭ କରିବାର ଲକ୍ଷ୍ୟ ଥିଲା ? ବୁମରା କହିଛନ୍ତି ପ୍ରତିଟି ପିଲା କିଛି ବଡ଼ କରିବାକୁ ଚାହାଁନ୍ତି । କ୍ରିକେଟ୍ ଖେଳିବାକୁ ଭଲ ପାଆନ୍ତି । ଭାରତର ପ୍ରତି ଅଞ୍ଚଳର କ୍ରିକେଟ ଖେଳୁଥିବା ପିଲା ଦିନେ ନାଁ ଦିନେ ଜାତୀୟ ଦଳ ପକ୍ଷରୁ ଖେଳିବାକୁ ଚାହାଁନ୍ତି । ତେଣୁ ଆପଣଙ୍କ ପାଖରେ ବ୍ୟାକ୍‌ଅପ୍ ରହିବା ଦରକାର ।

ମୋ ସମ୍ପର୍କୀୟମାନେ କାନାଡାରେ ରୁହନ୍ତି । ମୁଁ ଭାବିଥିଲି ପାଠପଢ଼ା ଶେଷ ହେବା ପରେ କାନାଡା ଚାଲିଯିବି । ପ୍ରଥମେ ପରିବାର ସହ ଯିବି ବୋଲି ଭାବିଥିଲି । କିନ୍ତୁ ସେଠାକାର ସଂସ୍କୃତି ଭିନ୍ନ ଥିବାରୁ ମା' ଯିବାକୁ ଅରାଜି ହୋଇଥିଲେ । ଏଭଳି ବିଷମ ସ୍ଥିତିରେ ଗୁଜରାଟରେ ହିଁ କିଛି କରିବାକୁ ଚେଷ୍ଟା କରିଥିଲି । ମୁଁ ଅତ୍ୟନ୍ତ ଖୁସି ଓ ଭାଗ୍ୟବାନ ଯେ, ଭାରତରେ ଅନେକ କିଛି ଘଟିଗଲା । ଯଦି ସେମିତି କିଛି ହୋଇନଥାନ୍ତା ତା'ହେଲେ ମୁଁ କାନାଡାର ଜାତୀୟ ଦଳ ପାଇଁ ଚେଷ୍ଟା କରିଥାନ୍ତି । ଏବେ ଭାରତୀୟ ଦଳ ଓ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି । ୨୦୧୩ରେ ବୁମରା ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିବା ଆରମ୍ଭ କରିଥିଲେ । ଏହାପରେ ତାଙ୍କୁ ୨୦୧୬ରେ ଭାରତୀୟ ଦଳରେ ସୁଯୋଗ ମିଳିଥିଲା । ତେବେ ଭାରତୀୟ ଦଳର ପ୍ରମୁଖ ଦ୍ରୁତ ବୋଲର । ତାଙ୍କ ଦକ୍ଷତା ବଳରେ ଭାରତ ବିଶ୍ୱ କ୍ରିକେଟରେ ଚହଳ ପକାଇଛି ।

### ରୋମାରିଓ ସେଫର୍ଡଙ୍କୁ ଭୟ କରୁଛନ୍ତି ବୁମରା

ନୂଆଦିଲ୍ଲୀ,୧୧।୪(ଏଜେନ୍ସି): ଯଶପ୍ରୀତ ବୁମରାଙ୍କ ଘାତକ ବୋଲିଂ ଚଳିତ ଆଇପିଏଲ୍‌ରେ ଜାରି ରହିଛି । ସବୁ ବ୍ୟାଟର ତାଙ୍କ ଘାତକ ବୋଲିଂକୁ କିଭଳି ସାମ୍ନା କରାଯିବ ତାହାର ସୂତ୍ର କରାଯାଇଛି । ବୁମରା କେଉଁ ବ୍ୟାଟ୍ସମ୍ୟାନଙ୍କୁ ବଲ ଫିଙ୍ଗିବାକୁ ଭୟ କରୁଛନ୍ତି ତାହାର ଖୋଲାସ ହୋଇଛି । ବିରାଟ କୋହଲି କିମ୍ବା ରୋହିତ ଶର୍ମାଙ୍କ ଅପେକ୍ଷା ସେ ରୋମାରିଓ ସେଫର୍ଡଙ୍କୁ ଭୟ କରୁଥିବା କହିଛନ୍ତି । ସେଫର୍ଡ ଯେଉଁ ଭଳି ଢ଼ଙ୍ଗରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ବ୍ୟାଟିଂ କଲେ ତା' ବୁମରାଙ୍କୁ ଚକିତ କରିଥିଲା । ତେବେ ଯାହା ହେଉ ସେଫର୍ଡ ଆମ ଟିମ୍ ସହ ଅଛନ୍ତି । ମାତ୍ର ୧୦ ବଲ୍‌ରୁ ୩୯ ରନ୍ କରିବାକୁ ଯୋଗୁଁ ଦିଲ୍ଲୀ ବିପକ୍ଷରେ ମୁମ୍ବାଇ ବଡ଼ ସ୍କୋର କରିବାରେ ସଫଳ ହୋଇଥିଲା । ବୁମରା ଆଇପିଏଲ୍‌ରେ ପ୍ରଥମ ଭାରତୀୟ ଦ୍ରୁତ ଭାବେ ବୁମରା ୧୫୦ ୱିକେଟ୍ ହାସଲ କରିଥିଲେ । ମୁମ୍ବାଇ ବିଜୟ ଧାରାକୁ ଫେରିଥିବାରୁ ସେ ଖୁସି ଅଛନ୍ତି ।





Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


# ପ୍ୟାରିସ ଅଲମ୍ପିକ୍ସ ଦୌଡ଼କୁଦ ସ୍ୱର୍ଣ୍ଣ ବିଜେତାଙ୍କୁ ମିଳିବ ୪୨ ଲକ୍ଷ

ମନାକୋ,୧୧।୪(ଏଜେନ୍ସି): ପ୍ୟାରିସ ଅଲିମ୍ପିକ୍ସରେ ଦୌଡ଼କୁଦ ବର୍ଗର ସ୍ୱର୍ଣ୍ଣ ବିଜେତାଙ୍କ ପାଇଁ ପୁରସ୍କାର ରାଶି ଘୋଷଣା ହୋଇଛି । ବିଶ୍ୱ ଆଥଲେଟିକ୍ସ ସଂଘ ସ୍ୱର୍ଣ୍ଣ ବିଜେତାଙ୍କୁ ୪୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଦେବାକୁ ଘୋଷଣା କରିଛି । ଭାରତର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଭଲ ପ୍ରଦର୍ଶନ କରି ଏହି ପୁରସ୍କାର ହାତେଇବାର ସୁଯୋଗ ପାଇବେ । ଗତ ଅଲିମ୍ପିକ୍ସରେ ନୀରଜ ସ୍ୱର୍ଣ୍ଣ ଜିତି ଦେଶକୁ ଗୌରାବାନ୍ୱିତ କରିଥିଲେ । ସୁଟିଂରେ ଅଭିନବ ବିନ୍ଦ୍ରାଙ୍କ ପରେ ସେ ଭାରତର ଦ୍ୱିତୀୟ ଆଥଲେଟ୍ ଭାବେ ସ୍ୱର୍ଣ୍ଣ ଜିତିଥିଲେ । ବିଶ୍ୱ ଆଥଲେଟିକ୍ସ ସଂଘ ପୁରସ୍କାର ରାଶି ଘୋଷଣା କରି ଅନ୍ତର୍ଜାତୀୟ ମହାସଂଘକୁ ପଛରେ ପକାଇ ଦେଇଛି । ଏହାଦ୍ୱାରା ଆଥଲେଟିକ୍ସଙ୍କୁ ପ୍ରୋତ୍ସାହନ ମିଳିବ । ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ଓ ବିଶ୍ୱ ଆଥଲେଟିକ୍ସ ସଂଘ ମଧ୍ୟରେ ମତଭେଦ ସୃଷ୍ଟି ହେବାର ଆଶଙ୍କା କରାଯାଉଛି । ଖୁବ୍ ଶୀଘ୍ର ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜେତା ଘୋଷଣା କରାଯାଇପାରେ ।

# ଛକାରେ ଗେଲ ଆଗୁଆ


ରୋହିତଙ୍କ ପାଇଁ ସୁଯୋଗ

ନୂଆଦିଲ୍ଲୀ,୧୧।୪(ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସର ତାରକା ବ୍ୟାଟର ରୋହିତ ଶର୍ମା ଚଳିତ ଆଇପିଏଲ୍‌ରେ ଜମାଣିଆ ଫର୍ମରେ ଅଛନ୍ତି । ଚଳିତ ସିଜନରେ ସେ ଆଉ ୬ଟି ଛକା ମାରିପାରିଲେ ୫୦୦ ଛକା ମାରିବା କ୍ଲବରେ ସାମିଲ ହେବେ । ଗତ ଦିଲ୍ଲୀ ବିପକ୍ଷରେ ରୋହିତ ୪୯ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ । ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସବୁଠୁ ଅଧିକ ଛକା ମାରିଥିବା ରୋହିତ ଯଦି ୫୦୦ କ୍ଲବରେ ସାମିଲ ହୁଅନ୍ତି ତେବେ ଟି–୨୦ କ୍ରିକେଟ୍ ଦୁନିଆର ପଞ୍ଚମ ବ୍ୟାଟର ହେବାର ଉପଲବ୍ଧି ହାସଲ କରିବେ । ଏହି କ୍ଲବରେ କ୍ରିସ ଗେଲ୍ କିରଣ ପୋଲାଡ, ଆନ୍ଦ୍ରେ ରସେଲ ଓ କଲିନ୍ ମୁନରୋ ଅଛନ୍ତି । ଟି–୨୦ରେ ରୋହିତ ୪୩୦ ମ୍ୟାଚ ଖେଳି ୪୯୪ ଛକା ମାରିଛନ୍ତି । ଏହି କ୍ଲବ ରେ ସାମିଲ ହେବା ପାଇଁ ସାମିଲ ହେବା ପାଇଁ ୬ଟି ଛକା ଦରକାର । ଏପର୍ଯ୍ୟନ୍ତ ଆଇପିଏଲ୍ ୨୬୪ ଏବଂ ଅନ୍ତର୍ଜାତୀୟ ଟି–୨୦ରେ ୧୯୦ ଛକା ମାରିଛନ୍ତି । ଟି–୨୦ରେ ସବୁଠୁ ଅଧିକ ଛକା ମାରିଥିବା ତାଲିକାରେ କ୍ରିସ ଗେଲ ଆଗରେ ଅଛନ୍ତି । ସେ ୧୦୫୬ ଛକା ମାରିଛନ୍ତି । ପୋଲାର୍ଡ ୮୬୦, ଆନ୍ଦ୍ରେ ରସେଲ ୬୭୮, କଲିନ୍ ମୁନରୋ ୫୪୮, ରୋହିତ ଶର୍ମା ୪୯୪ ଓ ଆଲେକ୍ସ ହେଲ୍ସ ୪୯୪ ଛକା ମାରିଛନ୍ତି ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: ମୁଖ୍ୟ ସମ୍ପାଦକ: ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: ସମ୍ପାଦକ: ପପୁ ମହାନ୍ତି

## ମଣିପୁର ରାଜ୍ୟପାଳଙ୍କ ମଙ୍ଗଳା ମନ୍ଦିର ପରିଦର୍ଶନ



କାକଟପୁର, (ସବ୍ୟୁ) : ମଣିପୁରର ରାଜ୍ୟପାଳ ଅନୁସୟା ୟୁକେ ସପରିବାରେ କାକଟପୁର ମା ମଙ୍ଗଳା ମନ୍ଦିର ରେ ପହଞ୍ଚି ମା ମଙ୍ଗଳାଙ୍କୁ ଦର୍ଶନ କରି ଫେରି ଯାଇଛନ୍ତି । ମଣିପୁରର ରାଜ୍ୟପାଳ ଅନୁସୟା ୟୁକେ ପ୍ରଥମେ ପୁରୀରେ ପହଞ୍ଚି ଜଗନ୍ନାଥ ଦର୍ଶନ କରିସାରି ସିଧା ମଙ୍ଗଳା ମନ୍ଦିର ଠାରେ ପହଞ୍ଚିଥିଲେ। କାକଟପୁରରେ ପହଞ୍ଚିବାପରେ ସେଠାରେ ମଙ୍ଗଳା ମନ୍ଦିର ପ୍ରଶାସନ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ରାଜ୍ୟପାଳ ମହୋଦୟାଙ୍କୁ ସ୍ୱାଗତ କରି ମନ୍ଦିର ଭିତରକୁ ପାଛୋଟି ନେଇଥିଲେ।ସେଠାରେ କଡା ସୁରକ୍ଷା ବଳୟ ଭିତରେ ମନ୍ଦିର ଗର୍ଭଗୃହ କୁ ସୁରକ୍ଷା କର୍ମୀ ମାନେ ନେଇଯାଇଥିଲେ ।

ସେଠାରେ ମା ମଙ୍ଗଳାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ମଣିପୁରରେ ଶାନ୍ତି ବଜାୟରହିବା ପାଇଁ ମା ମଙ୍ଗଳା ଙ୍କ ସେବାୟତ ମାନେ ଆର୍ଶୀବାଦ କରିଥିଲେ। ସେଠାରୁ ଭୁବନେଶ୍ୱର ଫେରିଯାଇଥିଲେ। କାକଟପୁର ଥାନା ଆଇଆଇସି ବିଜୟ କେତନ ବେହେରା, ଏ ଏସ ଆଇ ପ୍ରମୋଦ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଥିଲେ।

## ଶିଶୁଙ୍କୁ ଦିଆଯାଉଛି ନିମ୍ନମାନର ଛତୁଆ

ନିମାପଡା, (ସବ୍ୟୁ): ଅପପୃଷ୍ଟି ଦୂର ସହିତ ସୁଷମ ଖାଦ୍ୟ ଭାବେ କୋମଳମତୀ ଶିଶୁ,ଗର୍ଭବତୀ ଏବଂ ପ୍ରସୂତି ମହିଳାଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଛତୁଆର ମାନକୁ ନେଇ ଉଠୁଛି ପ୍ରଶ୍ନ । ପୁରୀ ଜିଲ୍ଲା ନିମାପଡାରେ ନିମ୍ନମାନର ଛତୁଆ ପ୍ରସ୍ତୁତ କରି ଅଙ୍ଗନୱାଡି କେନ୍ଦ୍ର ମାଧମରେ କୋମଳମତି ଶିଶୁଙ୍କୁ ବଂଟନ କରାଯାଉଥିବା ନେଇ ପିଲାଙ୍କ ଅଭିଭାବକ ଆଣିଛନ୍ତି ସାଂଘାତିକ ଅଭିଯୋଗ । ରାଜ୍ୟ ସରକାରଙ୍କ ଦ୍ୱାରା କୋମଳମତି ଶିଶୁ,ଗର୍ଭବତୀ,ପ୍ରସୂତୀ ମହିଳା ଏବଂ ନାବାଳିକା ମାନଙ୍କ ଅପପୃଷ୍ଟି ଦୂର ସହିତ ସୁଷମ ଖାଦ୍ୟ ଯୋଗାଇଦେବା ଉଦ୍ଦେଶ୍ୟରେ ଛତୁଆ,ଅଣ୍ଡା,ବୁଟ ଆଦି ଅଙ୍ଗନୱାଡି ଦିଦିଙ୍କ ଦ୍ୱାରା ବଂଟନ କରାଯାଉଛି ।

ନିମାପଡା ବ୍ଲକରେ ପ୍ରକଳ୍ପ ସ୍ତରୀୟ ମହାସଂଘକୁ ଛତୁଆ ପ୍ରସ୍ତୁତି ପାଇଁ ଦାୟିତ୍ୱ ଦିଆଯାଇଛି । ପ୍ରସ୍ତୁତ ଛତୁଆ ପ୍ୟାକେଟର ଜରି ଉପରେ ଆମ ଛତୁଆ ବୋଲି ଲେଖାଯାଇଛି । ଏହି ମହାସଂଘ ପ୍ରସ୍ତୁତ କରୁଥିବା ଛତୁଆ ନିମାପଡା ଅଂଚଳରେ ଥିବା ୩୭୯ଟି ଅଙ୍ଗନ ୱାଡି କେନ୍ଦ୍ରକୁ ବଂଟନ ପାଇଁ ପଠାଯାଉଛି । ତେବେ ଗୋଟିଏ ପ୍ୟାକେଟ ଛତୁଆରୁ ୩୦୦ଗ୍ରାମ ଓଜନରୁ ଅଧିକ ପରିମାଣର ଚୋକଡ ଭଳି ଦାନା ଏବଂ କାଠି ବାହାରୁଛି । ଯାହାକି କୋମଳମତି ଶିଶୁ ଏବଂ ଗର୍ଭବତୀ ମହିଳାଙ୍କ ଶରୀର ପାଇଁ ଏହି ଛତୁଆ ବିପଦ ସୃଷ୍ଟି କରିପାରେ ବୋଲି ଅଭିଯୋଗ ହେଉଛି । ନିମାପଡା ଏନ୍‌ଏସି ଅନ୍ତର୍ଗତ ଅମଲାପଡା ଅଙ୍ଗନୱାଡି କେନ୍ଦ୍ରରେ ଜଣେ ଶିଶୁକୁ ଛତୁଆ ପ୍ୟାକେଟ ଦିଆଯାଇଥିଲା । ଘରେ ଶିଶୁର ଅଭିଭାବକ ଛତୁଆକୁ ଚାଲୁଣିରେ ଚଲାଇବା ପରେ ସେଥିରୁ ପ୍ରଚୁର ପରିମାଣର ଚୋକଡ ଭଳି ଦାନା ଏବଂ କାଠି ବାହାରିଥିଲା ।

ଏ ସଂପର୍କରେ ଶିଶୁର ଅଭିଭାବକ ଜୀବନଜ୍ୟୋତି ଶତପଥି ଅଙ୍ଗନ ୱାଡି କେନ୍ଦ୍ରର ଦିଦିଙ୍କୁ କହିବାରୁ ଆମକୁ ଯାହା ଦିଆଯାଉଛି ଆଜ୍ଞା ଆମେ ତାକୁ ଆପଣଙ୍କ ଶିଶୁକୁ ଦେଉଛୁ ବୋଲି ସେ କହିଥିଲେ । ଛତୁଆ ପ୍ୟାକେଟ ଉପରେ ଛତୁଆ ପ୍ରସ୍ତୁତ ଏବଂ ଅବଧିର ଶେଷ ତାରିଖ ସ୍ପଷ୍ଟ ଭାବେ ଲେଖା ନଥିବା ଦେଖିବାକୁ ମିଳିଛି । ତେବେ ନିମାପଡାରେ ଯୋଗାଇ ଦିଆଯାଉଥିବା ଛତୁଆର ମାନକୁ ନେଇ ପ୍ରଶ୍ନ ଉଠିଛି । ଶିଶୁଙ୍କ ଜୀବନ ପ୍ରତି ଖେଳାଯାଇ ନିମ୍ନମାନର ଛତୁଆ ପ୍ରସ୍ତୁତ କରାଯାଇ ଟଙ୍କା ହଡପ କରାଯାଉଛି ବୋଲି ଅଭିଯୋଗ ଉଠୁଛି । ଅଙ୍ଗନୱାଡି କେନ୍ଦ୍ରରେ ଦିଆଯାଉଥିବା ଛତୁଆ ଉପରେ ଭରଷା ପାଉନଥିବାରୁ ପିଲାଙ୍କୁ ନଦେଇ ଗାଈକୁ ଖାଇବାକୁ ଦେଉଥିବା ନେଇ କେତେକ ଅଭିଭାବକ କହିଛନ୍ତି ।

ଏ ସଂପର୍କରେ ନିମାପଡା ସିଡିପିଓ ତନୁପ୍ରଭା ବେଉରାଙ୍କୁ ପଚାରିବାରେ ପ୍ରସ୍ତୁତ ହେଉଥିବା ଛତୁଆର ମାନ ବିଶେଷଜ୍ଞଙ୍କ ଦ୍ୱାରା ଯାଚଂ କରାଯାଉଛି । ଆମ ଛତୁଆ ଖାଇ ଶିଶୁଙ୍କ ଓଜନ ବଢୁଛି , ଯଦି କେଉଁଠି ଅଭିଯୋଗ ଆସୁଛି ତେବେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି । ଏଥିପ୍ରତି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିଶୁର ଅଭିଭାବକ ଜୀବନଜ୍ୟୋତି ଶତପଥି ଦବୀ କରିଛନ୍ତି ।

## ମଦ ଜବତ : ଜଣେ ଗିରଫ

କାକଟପୁର ,(ସବ୍ୟୁ) : କାକଟପୁର ବ୍ଲକ ଅଧିନସ୍ଥ କୁଣ୍ଢେଇ ହାଟ ରେ ପାନ ଦୋକାନ କରିଥିବା ଛୋଟରାୟପୁର ଗ୍ରାମର ସ୍ୱର୍ଗତ ଦୁଃଶାସନ ନାୟକଙ୍କ ପୁଅ ସୁଶାନ୍ତ ନାୟକ(ସଂସାରୀ) (୩୫) ଚୋରା ମଦ ବିକୁଥିବା ଖବର ପାଇ କାକଟପୁର ଥାନା ଏସ ଆଇ ପ୍ରମୋଦ କୁମାର ସେଠୀ,ଏସ ଆଇ ଅତସୀ ଜେନା ସଦଳବଳେ ଚଢ଼ାଉ କରି ତା ନିକଟରୁ ମୋଟ ୪ ଲିଟର ଦେଶୀ ଓ ଦେଶୀ ମଦ ଜବତ କରିଥିଲେ। ଓଡିଶା ଅବକାରୀ ଆଇନି ଅନୁଯାୟୀ ୮୮/୨୪ ରେ ଏକ ମାମଲା ରୁଜୁ କାରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।ଉକ୍ତ ମାମଲାକୁ ଥାନା ଏ ଏସ ଆଇ ବିଶ୍ୱନାଥ ପଟ୍ଟନାୟକ ତଦନ୍ତ କରୁଥିବା ବେଳେ, କୁଣ୍ଢେଇ ହାଟରେ ରାତ୍ର ପେଟ୍ରୋଲିଂ କଡାକଡି ହେବା ସହ ଅନ୍ୟ ଚୋରା ମଦବେପାରିଙ୍କୁ ଖୁବ ଶୀଘ୍ର ଧରା ଯିବ ବୋଲି ଆଇ ଆଇ ସି ବିଜୟ କେତନ ବେହେରା ପ୍ରକାଶ କରିଛନ୍ତି ।

## କବି ସୂର୍ଯ୍ୟନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି

ବଡ଼ମ୍ବା, (ସବ୍ୟୁ): ବଡ଼ମ୍ବାର ବିଶିଷ୍ଟ ଆଇନଜୀବୀ ଓ ସାରସ୍ୱତ ସାଧକ ସ୍ୱର୍ଗତ ପଣ୍ଡିତ ସୂର୍ଯ୍ୟନାରାୟଣ ମିଶ୍ରଙ୍କୁ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସ୍ଥାନୀୟ ରାଜ ବିଶ୍ୱମ୍ଭର କ୍ଲବ ପରିସରରେ ଦିବଂଗତ କବିଙ୍କୁ ସମ୍ମାନ ଜଣାଇ ବୈକୁଣ୍ଠ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା । ସଂସଦର ସଭାପତି କବି ଜଗନ୍ନାଥ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ବଡ଼ମ୍ବା ସମେତ ଆଠଗଡ, ନରସିଂହପୁର ଏବଂ ବାଙ୍କୀର ପ୍ରତିଷ୍ଠିତ ସାହିତ୍ୟିକ ତଥା ବୁଦ୍ଧିଜୀବୀ ମାନେ ଯୋଗଦେଇଥିଲେ । ସାହିତ୍ୟ, କଳା, କ୍ରୀଡା ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କବି ସୂର୍ଯ୍ୟନାରାୟଣ ଜଣେ ନିରବଚ୍ଛିନ୍ନ ଉପାସକ ଥିଲେ ବୋଲି ଅତିଥି ମାନେ ସ୍ମୃତିଚାରଣ ପୂର୍ବକ କହିଥିଲେ ।

ଶିକ୍ଷାବିତ ସରୋଜକାନ୍ତ ବଳିୟାର ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଅନୁଷ୍ଠିତ ସଭାରେ ନରସିଂହପୁର କଲେଜର ପ୍ରାକ୍ତନ ଅଧକ୍ଷ କୁଳମଣି ବାରିକ ମୁଖ୍ୟ ଅତିଥି ଏବଂ ବିକଚ ସାହିତ୍ୟ ସଂସଦର ସଭାପତି ସାହିତ୍ୟିକ ଦୁର୍ଯ୍ୟୋଧନ ବରାଳ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ ।ବାଙ୍କୀ ସମ୍ପର୍କ ସାହିତ୍ୟ ଅନୁଷ୍ଠାନର ସମ୍ପାଦକ କବି ରବିନାରାୟଣ ମଙ୍ଗରାଜ, ନରସିଂହପୁର ସାହିତ୍ୟ ସଂସଦର ସମ୍ପାଦକ ଅଭୟାନନ୍ଦ ଦାଶ, ସାମାଜିକ କର୍ମୀ ଚିନ୍ମୟ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ମ୍ବା ବ୍ଲକର ପୂର୍ବତନ ଅଧକ୍ଷ ବିଭୁଦତ୍ତ ପଟ୍ଟନାୟକ, ଶିକ୍ଷାବିତ ରାମଚନ୍ଦ୍ର ବିଶ୍ୱାଳ,ମନମୋହନ ରାଉତ, ସନାତନ ସ୍ୱାଇଁ, ଧନେଶ୍ୱର ସ୍ୱାଇଁ, ଅଧ୍ୟାପକ ଖଗେଶ୍ୱର ମହାପାତ୍ର, ସମାଜସେବୀ ସରୋଜ କୁମାର ପଟ୍ଟନାୟକ, ମନୋଜ କୁମାର ପଟ୍ଟନାୟକ,ଶିବନାରାୟଣ ମିଶ୍ର, ଶାସ୍ତ୍ରିଜୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବ ପ୍ରସାଦ ବ୍ରହ୍ମା, କାର୍ତ୍ତିକ ଚନ୍ଦ୍ର ପୁହାଣ, ନାରାୟଣ ମିଶ୍ର, ହୃଷିକେଶ ମହାନ୍ତି ଆଇନଜୀବି ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ଅଧ୍ୟାପକ ଡ଼ଃ. ଶାରଦାନନ୍ଦ ଦାଶ ସଭା ସଂଯୋଜନା କରିଥିବା ବେଳେ ଆଇନଜୀବୀ ଗିରିଜା ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଦିବଂଗତ ସାଧକଙ୍କ ଜ୍ୟେଷ୍ଠପୁତ୍ର ଅମ୍ବିକା ପ୍ରସାଦ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ସୁରକ୍ଷା ବାଡ ଭାଙ୍ଗିଲା ଗାଡି

### ସୁରକ୍ଷିତ ସ୍ଥାନକୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଦାବି



ନିମାପଡା, (ସବ୍ୟୁ): ନିମାପଡା ବ୍ଲକ ଚାରିଛକ ବଜାରର ମୁଖ୍ୟ ରାସ୍ତା କଡରେ ଗତ ୧୯୭୭ ମସିହାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲା । ଦିନକୁ ଦିନ ଚାରିଛକ ବଜାର ରାସ୍ତା ସଂକୁଚିତ ହୋଇପଡୁଥିବା ବେଳେ ଯାନବାହାନ ସଂଖ୍ୟା ମଧ ବୃଦ୍ଧି ପାଇଛି । ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିର ସୁରକ୍ଷା ବାଡକୁ ରାସ୍ତାରେ ଯାଉଥିବା ଗାଡି ଭାଙ୍ଗି ଦେଇଥିବା ଜଣାପଡିଛି । ବର୍ତ୍ତମାନ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅସୁରକ୍ଷିତ ଅବସ୍ଥାରେ ରହିଛି । ପ୍ରତିମୂର୍ତ୍ତିକୁ ବଜାରର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଚାରିଛକ ଗୋପବନ୍ଧୁ ଟ୍ରଷ୍ଟର ସଭାପତି ଲକ୍ଷ୍ମୀଧର ନାୟକ,ସନାତନ ପାତ୍ର,ବ୍ୟବସାୟୀ ସଂଘର ସଭାପତି ମହେନ୍ଦ୍ର ନାୟକ,ବରିଷ୍ଠ ନାଗରିକ ମଂଚର ସଭାପତି ପ୍ରଫେସର ଗୋପିନାଥ କର,ସଂପାଦକ କାହ୍ନୁଚରଣ ବେହେରା ପ୍ରମୁଖ ଜିଲ୍ଲା ପ୍ରଶାସନ ନିକଟରେ ଦାବୀ କରିଛନ୍ତି ।

## କୂଅରେ ପଡି ଭଗତା ମୃତ

ଟାଂଗୀ (ଖୋର୍ଧା), (ସବ୍ୟୁ) : ଗୁରୁବାରି ଟାଂଗୀ ରେ ଏକ ଅଭାବନିୟ ଦୁଃଖଦ ଘଟଣା ଘଟି ଯାଇଛ। ଜଣେ ଠାକୁରଙ୍କ ଭଗତା କୂଅରେ ଗଳିପଡି ମୃତ୍ୟୁ ବରଣ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଟାଂଗୀ ଗୋବିନ୍ଦପୁର ସାହିର ବିଶ୍ୱନାଥ ବେହେରା (୭୦) ସ୍ନାନ ସାରି ପଣା ସାରିବା ପରେ ମୁଣ୍ଡ କଣ ହେଉଛି ବୋଲି କହି କୂଅ ବେଢାରେ ବସିଥିଲେ। କେତେବେଳେ ସେ କୂଅକୁ ଗଳିପଡି ଥିବା କେହି ଜାଣିନଥିବା ତଥା ଠାକୁର ଙ୍କ ଜଳତୁଠରେ ତାଙ୍କୁ ଖୋଜାଖୋଜି କରି ପରେ କୂଅରୁ ତାଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡିଛି। ସେ ବାଲୁଙ୍କେଶ୍ୱର ଙ୍କ ଭଗତା ଅଟନ୍ତି ତାଙ୍କୁ ଟାଂଗୀ ଅଗ୍ନିଶମ ବିଭାଗ ସହାୟତା ରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର କୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୋଲିସ ଶବ ଜବତ କରି ଘଟଣାର ତଦନ୍ତ କରୁଛି। ତେବେ ଏଭଳି ଅଭାବନିୟ ଘଟଣା ଦୁଃଖଦ ଘଟଣା ପ୍ରଚାରିତ ହେବା ପରେ ଟାଂଗୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଛେନାପୋଡ଼ ଦିବସ ପାଳିତ

ଦଶପଲ୍ଲା, (ସବ୍ୟୁ) : ଛେନାପୋଡ଼ ଏନ୍ତୁଡ଼ିଶାଳ ଦଶପଲ୍ଲା। ଦଶପଲ୍ଲା ସାତପାଟଣାସ୍ଥିତ ଜରି ପାଟଣା ଗ୍ରାମର ସ୍ୱର୍ଗତ ବିଦ୍ୟାଧର ସାହୁ ହେଉଛନ୍ତି ଛେନାପୋଡ଼ ପ୍ରତିଷ୍ଠାତା । ଦିନେ ତାଙ୍କ ଜଳଖିଆ ଦୋକାନ ରେ ଛେନା ବଳକା ହେବାରୁ ସେ ସେଥିରେ ଚାଉଳଚୁନା ଓ କିଛି ଚିନି ମିଶାଇ ଦୋକାନ ଚୁଲିରେ ପୋଡପିଠା ପରି ପଡ଼ିଥିଲେ । ତାପର ଦିନ ଏହାକୁ ବାହାର କରି ନିଜେ ଖାଇବା ସହ ପରିବାର ଲୋକଙ୍କୁ ଖୁଆଇଥିଲେ ।

ଏହା ସୁସ୍ୱାଦ ହୋଇଥିବାରୁ ପରବରବର୍ତୀ ସମୟରେ ବିଦ୍ୟାଧର ଦଶପଲ୍ଲା ରେ ଛେନାପୋଡ଼ ପ୍ରସ୍ତୁତ କରିଥାଆନ୍ତି ଓ ତାଙ୍କ ସୁପୁତ୍ର ସୁଦର୍ଶନ ସାହୁ ଏହି ଛେନାପୋଡ଼ କୁ ନେଇ ନୟାଗଡ଼ ରେ ବିକ୍ରୟ କରିଥାନ୍ତି । ଯାହାକି ଆଜି ସାରା ଦେଶରେ ଏହି ଛେନାପୋଡ଼ ଏକ ସୁସ୍ୱାଦ ଖାଦ୍ୟ ରୂପେ ପରିଚିତ । ଏହି ଛେନାପୋଡ଼କୁ ଜି ଆଇ ଟ୍ୟାଗ ମିଳିନାହିଁ । ଏହାକୁ ସ୍ୱତନ୍ତ୍ର ଭାବେ ଜି ଆଇ ଟ୍ୟାଗ ମାନ୍ୟତା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରା ଯାଇଛି ।

ନୟାଗଡ଼ ଜିଲ୍ଲା ର ବିଭିନ୍ନ ସ୍ଥାନରେ ଏହି ଛେନାପୋଡ଼ ଦିବସ ପାଳିତ ହିଇଥିବା ବେଳେ ଦଶପଲ୍ଲା ବିବେକାନନ୍ଦ ପଠନ କେନ୍ଦ୍ର ପକ୍ଷରୁ ଏହି ଛେନାପୋଡ଼ ଦିବସ ପାଳିତ ହୋଇଯାଇଛି । ଏଥିରେ ବିଧାୟକ ରମେଶ ଚନ୍ଦ୍ର ବେହେରା , ସ୍ୱେଚ୍ଛାସେବୀ ପ୍ରଫେସର ନନ୍ଦକିଶୋର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଡ଼ଃ ନାରାୟଣ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଛେନାପୋଡ଼ ପାଇଁ ଦଶପଲ୍ଲା ସାତା ଭାତଟ ବର୍ଷ ରେ ପରିଚିତ ହୋଇ ପାରିଛି ବୋଲି ବକ୍ତବ୍ୟ ରଖିବା ସହ ସରକାରୀ ମାନ୍ୟତା ପାଇଁ ଉଦ୍ୟମ ଜାରି ରହିଛି ବୋଲି ବିଧାୟକ ପ୍ରକାଶ କରିଥିଲେ । ଏହି ଉତ୍ସବ ରେ ବିବେକାନନ୍ଦ ପଠନ କେନ୍ଦ୍ର ସଭାପତି ବିନୋଦ ବିହାରୀ ମିଶ୍ର, ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର, ପବିତ୍ର କୁମାର ସାହୁ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

ସେହିପରି ଛେନାପୋଡ଼ ଆମ ଦଶପଲ୍ଲାର ଓ ଏହାକୁ ଜିଆଇ ଟ୍ୟାଗ ମିଳୁ ବୋଲି ଦଶପଲ୍ଲା ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି । ଏକ ସାମ୍ବାଦିକ ସମ୍ମିଳନୀରେ ଦଶପଲ୍ଲା ବିକାଶ ପରିଷଦ ର ସଭାପତି ସୁରେଶ କୁମାର ମିଶ୍ର, ସ୍ୱେଚ୍ଛାସେବୀ ପ୍ରଭାତ କୁମାର ସାହୁ, ନାରାୟଣ ସାହୁ, ସନ୍ତୋଷ କୁମାର ସାହୁ ପ୍ରମୁଖ ଏହା ଦାବି କରିଛନ୍ତି ।

## ରାଷ୍ଟ୍ରୀୟ ଜୟହିନ୍ଦ ପାର୍ଟିର ରାଜ୍ୟ ସଭାପତିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ଆଠଗଡ, (ସବ୍ୟୁ) : ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ଆଉ କିଛି ଦିନ ବାକି ରହିଥିବା ବେଳେ ସମସ୍ତ ଦଳୀୟ ନେତାଙ୍କ ଠାରୁ ଆରମ୍ଭ କରି ଭୋଟର ପର୍ଯ୍ୟନ୍ତ ସମସ୍ତେ ଚଳଚଞ୍ଚଳ ହୋଇଛନ୍ତି ।ବୁଧବାର ଦିନ ରାଷ୍ଟ୍ରୀୟ ଜୟହିନ୍ଦ ପାର୍ଟିର ରାଜ୍ୟ ସଭାପତି ଇଂ ଦେବୀପ୍ରସାଦ ମହାପାତ୍ରଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାପାତ୍ର ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଠଗଡ ବିଧାନସଭା ଆସନରୁ ପ୍ରାର୍ଥୀ ହେବା ଜଣାପଡିଛି। ଆଠଗଡ଼ ର ଉନ୍ନତି ଓ ସାମୁହିକ ବିକାଶ ପାଇଁ ଆଗାମୀ ସାଧାରଣ ନିର୍ବାଚନରେ ନିଶ୍ଚିତ ପ୍ରାର୍ଥୀ ହେବେ ବୋଲି ପ୍ରକାଶ କରିଛନ୍ତି ।ବୁଧବାର ତାଙ୍କର ସମର୍ଥକ ଓ ଶୁଭେଚ୍ଛୁ ମାନେ ନିର୍ବାଚନ ମଇଦାନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଆଗାମୀ ରଣନୀତି ଖୁବ ଶୀଘ୍ର ପ୍ରକାଶ କରିବା ସହ ଲୋକ ହିତ ପାଇଁ ସଂକଳ୍ପ ବଦ୍ଧ ବୋଲି ପ୍ରକାଶ କରିଛନ୍ତି। ଏହି ବୈଠକରେ ସୁଶାନ୍ତ ସ୍ୱାଇଁ, ଦିନେଶ ରାଉତ, ସୂର୍ଯ୍ୟମଣି ପତି , ବେଣୁଧର ପଣ୍ଡା , ସୂର୍ଯ୍ୟକାନ୍ତ ଦାସ , ଦିଲ୍ଲୀପ ଗୋଛି, ଅଜାତି ସାମଲ, ବାବା ଜ୍ଞାନ ପତି, ପ୍ରତାପ ଗୋଛି, କାଳନ୍ଦି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶୀ ବନ୍ଧୁକ ଜବତ : ଯୁବକ ଗିରଫ

ଦଶପଲ୍ଲା, (ସବ୍ୟୁ) : ବାଣୀଗୋଛା ଥାନା ଅନ୍ତର୍ଗତ ମୁଣ୍ଡୁଳା ଗ୍ରାମରୁ ପୋଲିସ ଏକ ଚୋରା ଦେଶୀ ବନ୍ଧୁକ ଜବତ କରି ଜଣେ ଯୁବକକୁ ଗିରଫ କରିଛ।ଗିରଫ ଯୁବକଙ୍କ ନାମ ନରୋତମ ପ୍ରଧାନ (୩୮) ବୋଲି ଜଣାପଡିଛି । ସୂଚନା ଯୋଗ୍ୟ ଯେ, ଆଗକୁ ନିର୍ବାଚନ ଥିବା ବେଳେ ବାଣୀଗୋଛା ପୋଲିସ ପକ୍ଷରୁ ଚୋରା ଦେଶୀ ବନ୍ଧୁକ ଧରପଗଡ଼କୁ ଜୋରଦାର କରାଯାଇଛି । ଆଇ ଆଇ ସି ଲକ୍ଷ୍ମଣ ଦଣ୍ଡସେନାଙ୍କ ନେତୃତ୍ୱରେ ଏହି ଧରପଗଡ଼ ଚାଲିଥିବା ବେଳେ ବିଶେଷ ସୂତ୍ର ରୁ ଖବର ପାଇ ଗତ ବୁଧବାର ଦିନ ମୁଣ୍ଡୁଳା ଗ୍ରାମର ନରତମଙ୍କ ଘର ଉପରେ ବାଣୀଗୋଛା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଏହି ସମୟ ରେ ନରତମ ଙ୍କ ଘରୁ ଏକ ଦେଶୀ ବନ୍ଧୁକ ବାହାରିଥିଲା । ମାତ୍ର ଏହି ବନ୍ଧୁକ ସମ୍ବନ୍ଧରେ ନରତମ କୌଣସି ପ୍ରମାଣପତ୍ର ଦେଖାଇ ନ ପାରିବାରୁ ପୋଲିସ ଦେଶୀ ବନ୍ଧୁକକୁ ଜବତ କରିବା ସହ ନରତମ କୁ ଗିରଫ କରିଥିଲା ପୋଲିସ ଛ ଏହି ଘଟଣା ରେ ପୋଲିସ ଏକ ମାମଲା ରୁଜୁକରି ନରତମ କୁ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନା ମଞ୍ଜୁର ହେବାରୁ ତାଙ୍କୁ ଦଶପଲ୍ଲା ସବ ଜେଲକୁ ପଠାଇ ଦିଆ ଯାଇଛି । ଗତ ତିନିମାସ ମଧରେ ବାଣୀଗୋଛା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୯ଟିଦେଶୀ ଚୋରା ବନ୍ଧୁକ ଜବତ କରାଯାଇଥିବା ବେଳେ ଆଗକୁ ଏହି ଚୋରା ବନ୍ଧୁକ ଧରପଗଡ଼ ଜାରି ରହିବ ବୋଲି ଆଇ ଆଇ ସି ଶ୍ରୀ ଦଣ୍ଡସେନା ପ୍ରକାଶ କରିଛନ୍ତି ।



## ବଡସିଆଣିଆ ପାଣ୍ଡୁ ରଣାଙ୍କ ପରଲୋକ

ଟାଙ୍ଗୀ ,(ସବ୍ୟୁ) : ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ତଥା ଶିଶୁ ସାହିତିକ୍ୟ ଉମ୍ବରୁଧର ପରିଡାଙ୍କ ହୃଦୟସ୍ପର୍ଶୀ ଶିଶୁ କବିତା ବଡ ସିଆଣିଆ ପାଣ୍ଡୁ ରଣା ,ପାଞ୍ଚ ପଚିଶରେ ଜଣାଶୁଣାଙ୍କର ବୁଧବାର ରାତ୍ରିରେ ଦେହାନ୍ତ ହୋଇଯାଇଛି । ମୃତ୍ୟୁ ସମୟରେ ତାଙ୍କୁ ୯୦ ବର୍ଷ ହୋଇଥିଲା । ତାଙ୍କର ମରଶରୀରକୁ ପୁରୀ ସ୍ୱର୍ଗ ଦ୍ୱାର ଠାରେ ଅନ୍ତ୍ୟଷ୍ଟିକ୍ରିୟା କରାଯାଇଛି ।

ଜ୍ୟେଷ୍ଠପୁତ୍ର ରଶ୍ମିରଂଜନ ରଣା ମୁଖାଗ୍ନି ପ୍ରଦାନ କରିଥିଲେ। କବି ଜମ୍ବରୁଧର ପରିଡା ଟାଂଗୀ ବଳରାମଦେବ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଥିଲା ବେଳେ ତାଙ୍କର ଅତ୍ୟନ୍ତ ବିଶ୍ୱସ୍ତ ଚତୁର୍ଥଶ୍ରେଣୀ କର୍ମଚାରୀ ରୂପେ ବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ ପ୍ରାଣନାଥ ରଣା। ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ସେ ପାଣ୍ଡୁ ରଣା ରୂପେ ଆଦରଣିୟ ତଥା ପରିଚିତ ଥିଲେ। ତାଙ୍କ ନାମରେ ଏକ କବିତା ଲେଖିଲା ବେଳେ ଏହି କବିତାକୁ ମୁଦ୍ରିତ ନକରିବା ପାଇଁ ସେ ପ୍ରଧାନଶିକ୍ଷକଙ୍କ ପାଖରେ ବହୁତ ନିବେଦନ କରିଥିଲେ । କିନ୍ତୁ କବିତାଟି ଏତେ ପାଠକୀୟ ଆଦୃତି ପାଇବାର ସମ୍ଭାବନା ଥିବାରୁ ତାଙ୍କ ଅନୁରୋଧକୁ କବି ଗ୍ରହଣ କରିନଥିଲେ । ଚାକିରୀରୁ ଅବସର ନେବା ପରେ ସେ ଶ୍ରୀ ବଳରାମଦେବଙ୍କ ମନ୍ଦିରରେ ମୁଖ୍ୟ ପୂଜକ ହିସାବରେ କାମ କରି ପାଣ୍ଡୁ ରଣା ଭକ୍ତମାନଙ୍କ ମଧରେ ପ୍ରିୟପାତ୍ର ହୋଇପାରିଥିଲେ । ବିଗତ କିଛି ବର୍ଷ ଧରି ସେ ରୋଗାକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ । ବୁଧବାର ଦିନ ରାତିରେ ତାଙ୍କ ନିଜ ବାସଭବନରେ ମୃତ୍ୟୁ ହେବା ଫଳରେ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳି ଯାଇଛି । ବଳରାମଦେବ ବିଦ୍ୟାପୀଠ ପୂରାତନ ଛାତ୍ର ସଂସଦ ତରଫରୁ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରାଯାଇଛି । ୨ ପୁଅ ଓ ବିଧବା ପତ୍ନୀଙ୍କୁ ସେ ଛାଡି ଯାଇଛନ୍ତି । କବି ଉମ୍ବରଧରଙ୍କ ଜ୍ୟେଷ୍ଠପୁତ୍ର ତଥା ଅବସରପ୍ରାପ୍ତ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ରାଜକିଶୋର ଭୁଜବଳ, ବ୍ରଜକିଶୋର ଭୁଜବଳ, ନନ୍ଦକିଶୋର ଭୁଜବଳ, ନବକିଶୋର ଭୂଜବଳ ପ୍ରମୁଖଙ୍କର ସେ ଅତ୍ୟନ୍ତ ପ୍ରିୟପାତ୍ର ଥିଲେ । ବାସ୍ତବିକ ସ୍ୱର୍ଗତ ପାଣ୍ଡୁ ରଣା ଜଣେ ସରଳ, ଅତ୍ୟନ୍ତ ଠାକୁର ପ୍ରେମୀ, ପରପୋକାରି ବ୍ୟକ୍ତି ଭାବେ ଯେତିକି ପରିଚିତ ଥିଲେ ପାଣ୍ଡୁ ରଣା ନାମରେ ସେ ଏ ଅଞ୍ଚଳରେ ବେସ ଜଣାଶୁଣା ଥିଲେ । ଟାଂଗୀ ଲୟର୍ସ ବାର ଆସୋସିଏସନ ତରଫରୁ ତାଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଛି ।

## ଖୋର୍ଦ୍ଧା ଏସପିଙ୍କ ବାଲୁଗାଁ ଥାନା ପରିଦର୍ଶନ

ବାଲୁଗାଁ, (ସବ୍ୟୁ) :ଖୋର୍ଦ୍ଧା ନୂତନ ଆରକ୍ଷୀ ଅଧିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅବିନାଶ କୁମାର ଗୁରୁବାର ଅପରାହ୍ନରେ ହଠାତ ବାଲୁଗାଁ ଥାନା ପରିଦର୍ଶନରେ ଆସି ସମସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି ।ବାଲୁଗାଁ ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଆଇଆଇସି ଜୟ ପ୍ରକାଶ ପରିଡାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏସପିଙ୍କୁ ସ୍ୱାଗତ ଜଣାଇଥିଲେ । ଏସପି ପ୍ରଥମେ ଥାନାର ପାରିପାର୍ଶ୍ୱିକ ଅବସ୍ଥିତି କୁ ଅନୁଧାନ କରିବା ପରେ ଆସନ୍ତା ନିର୍ବାଚନ ନିମନ୍ତେ ଶାନ୍ତି ଶୃଙ୍ଖଳା ଏବଂ ନିରପେକ୍ଷତା କୁ ପ୍ରାଥମିକତା ଦେଇ ଏ ଦିଗରେ ସବିଶେଷ ପରାମର୍ଶ ଦେଇଥିଲେ ।



ବିଶେଷକରି ଉତ୍ତେଜନାପ୍ରବଣ ବୁଥ ଅଞ୍ଚଳରେ କଡା ନଜର, ଟଙ୍କା ଓ ଅସ୍ତ୍ରଶସ୍ତ୍ର ଚାଲାଣ, ବେଆଇନ ମଦ କାରବାର ଏବଂ ମହୁଆଙ୍କୁ ସାବାଡ ଆଦି ବିଭିନ୍ନ ଅସାମାଜିକ ଓ ଅପରାଧିକ ଗତିବିଧି ଉପରେ କଡା ନଜର ରଖିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ବାଲୁଗାଁ ସହର ଏବଂ ନାଭାଲ ଫାଣ୍ଡି ଅଞ୍ଚଳ ପରିଦର୍ଶନ କରି ବାଣପୁର ଥାନା ଅଭିମୁଖେ ଗସ୍ତ କରିଥିଲେ ।

## ବିଜେଡ଼ି ସାମାଜିକ ଗଣମାଧମ ସଂଯୋଜକଙ୍କ କର୍ମଶାଳା

ଫୁଲନଖରା, (ସବ୍ୟୁ) : ନିଆଳି ବିଜେଡ଼ି ସାମାଜିକ ଗଣମାଧମ ସଂଯୋଜକଙ୍କ କର୍ମଶାଳା କୁରାଙ୍ଗ ଶାସନସ୍ଥ ହୋଟେଲ ଆମ୍ରପଲ୍ଲୀ ରିସର୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ନିଆଳି ଯୁବ ବିଜେଡ଼ି ସଭାପତି ବିଷ୍ଣୁଚରଣ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ନିଆଳି ବିଧାୟକ ପ୍ରଫେସର ଡ଼ାକ୍ତର ପ୍ରମୋଦ କୁମାର ମଲ୍ଲିକ ,ବିଜେଡ଼ି ମୁଖପାତ୍ର ଇପସିତା ସାହୁ, କଟକ ଜିଲ୍ଲା ଯୁବ ବିଜେଡ଼ି ଡ଼ିଜିଟାଲ ସଂଯୋଜକ ସତଜିତ ମିଶ୍ର ଯୋଗ ଦେଇ ନିଆଳି ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ ଏବଂ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସଂପର୍କରେ ସୋସିଆଲ ମିଡ଼ିଆରେ ପ୍ରଚାର ପ୍ରସାର କରି ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଗୁରୁତ୍ୱାରୋପ କରିଥିଲେ । କଟକ ଜିଲ୍ଲା ସାଧାରଣ ସଂପାଦକ ଅକ୍ଷୟ କୁମାର ମହାନ୍ତି, କାପଡ଼ା ବ୍ଲକ ବିଜେଡ଼ି ସଭାପତି ପିୟୁଷ ରଂଜନ ମିଶ୍ର,ନିଆଳି ବ୍ଲକ ବିଜେଡ଼ି ସଭାପତି ଅନ୍ତର୍ଯାମୀ ବଡୁ, ବାରଙ୍ଗ ବ୍ଲକ ବିଜେଡ଼ି ସଭାପତି ଗୋଲେଖ ପାତ୍ର, ବାରଙ୍ଗ ବ୍ଲକ ଯୁବ ବିଜେଡ଼ି ସଭାପତି ଶଶୀଭୂଷଣ ଦାଶ, ଶୋଭନ ମହାପାତ୍ର, କାପଡ଼ା ଯୁବ ବିଜେଡ଼ି ସଭାପତି ବିମାନ ବିହାରୀ ବେହେରା ,ଅଶୋକ ରଥ, ପ୍ରଦୀପ ଭୋଇ, ଗଗନ ବିହାରୀ ଜେନା, ସତବ୍ରତ ଜେନା, ଘନଶାମ ପାତ୍ର, ବିଶ୍ୱରଂଜନ ସାହୁ, ସରୋଜ ସାହୁ, ଅରୁଣ ସାହୁ, ରାଜ ବାରିକ, ନିର୍ବାଚନ ମଣ୍ଡଳୀର ଜିଲ୍ଲାପରିଷଦ ସଭ୍ୟ-ସଭ୍ୟା, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସଭାପତି ଏବଂ ପ୍ରତି ପଞ୍ଚାୟତର ଡ଼ିଜିଟାଲ ସଂଯୋଜକମାନଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

## ଯୋଗିଆପଲ୍ଲୀ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ବ୍ଲକ୍ ଅଧିନ ଯୋଗିଆପଲ୍ଲୀ ପଂଚାୟତରେ ପୂର୍ବତନ ବିଧାୟକଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ପୂର୍ବତନ ସରପଂଚପରିକ୍ଷିତ ମାଝି, ସଂଗଠକ ରାମଚନ୍ଦ୍ର ବେହେରା, ମୁରଲିଧର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ବିନାୟକ ମିଶ୍ରଙ୍କସମେତ ୧୫୦ରୁ ଉର୍ଦ୍ଧ୍ୱ କର୍ମୀ, କର୍ମକର୍ତା ଓ ସଂଗଠକମାନେ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ଏଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତା ଜନସାଧାରଣଙ୍କ ନିକଟରେ ପହଁଚାଇବା ସହପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ଦଳୀୟ କର୍ମୀମାନେ ଶଙ୍ଖଚିହ୍ନ ପୋଷ୍ଟର ଲଗାଇଥିଲେ । ଦଳୀୟ କର୍ମୀ, କର୍ମକର୍ତାଙ୍କ ଗହଣରେ ଶ୍ରୀ ପଟ୍ଟନାୟକ ଯୋଗିଆପଲ୍ଲୀ ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମପରିକ୍ରମା କରିଥିଲେ ।

## ଡାକ୍ତରଙ୍କ ଭୁଲ ପରାମର୍ଶରେ ରୋଗୀ ହନ୍ତସନ୍ତ

ଟାଙ୍ଗୀ,(ସବ୍ୟୁ) :ଟାଙ୍ଗୀ ବ୍ଲକ ଅଧିନସ୍ଥ ମଙ୍ଗଳାଯୋଡି ଗ୍ରାମର ୭୫ ବର୍ଷ ବୟସ୍କ ଦାଶରଥି ଦଳାଇ ଗତ ୭ ତାରିଖ ରାତ୍ରିରେ ବୁଲା କୁକୁର କାମୁଡି ଦେବାରେ ଆହତ ହୋଇ ଟାଙ୍ଗୀ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ । ରାତି ପ୍ରାୟ ୧୦ଟାରେ ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ଏଠାରେ ଆବଶ୍ୟକ କୁକୁର କାମୁଡା ଇଞ୍ଜେକ୍ସନ ଉପଲବଧ ନୁହେଁ ।ତୁମେ ଖୋର୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ୩ ଟି ଇଞ୍ଜେକ୍ସନ ନେବା ପରେ ଏଠାକୁ ଆସିବ । ପରଦିନ ସକାଳୁ ଦାଶରଥି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ପରେ ସେଠାକାର ଡାକ୍ତର ତାଙ୍କୁ କହିଲେ ତୁମେ ଏଠାକୁ କାହିଁକି ଆସିଲ । ଟାଙ୍ଗୀ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଏହି କୁକୁର କାମୁଡା ଇଞ୍ଜେକ୍ସନ ଉପଲବଧ ହେଉଛି । ନିରୀହ ବୟସ୍କ ବ୍ୟକ୍ତି ପ୍ରାୟ ୩ ଦିନ ଧରି ମଙ୍ଗଳାଯୋଡି ଠାରୁ ପ୍ରାୟ ୪୫ କିମି ଦୂର ଖୋର୍ଦ୍ଧାକୁ ଯାଇ ଅଯଥା ହଇରାଣ ହେବା ସହିତ ଖର୍ଚାନ୍ତ ମଧ ହେଲେ । ଏହି ଘଟଣା ସଂପର୍କରେ ଟାଙ୍ଗୀ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରର ଦାୟିତ୍ୱରେ ଥିବା ଅଧୀକ୍ଷକ ଡା. ସତ୍ୟରଂଜନ ନନ୍ଦଙ୍କୁ ପଚାରିବାରେ ସେ ଆଶ୍ଚର୍ଯ୍ୟପକଟ କରିଥିଲେ । କାରଣ ଏହି କୁକୁର କାମୁଡା ଇଞ୍ଜେକ୍ସନ ସବୁ ଏଠାରେ ମହଜୁଦ ଥିବା ବେଳେ କାହିଁକି ଓ କେଉଁ ଡାକ୍ତର ତାଙ୍କୁ ଖୋର୍ଦ୍ଧା ପଠାଇଲେ ତାହା ତଦନ୍ତ କରିବେ ବୋଲି ସୂଚନା ଦେଇଥିଲେ । ରୋଗୀସେବାରେ ଏତାଦୃଶ ଅବ୍ୟବସ୍ଥାର ପୁନରାବୃତି ନହେବାକୁ ସାଧାରଣରେ ଦାବି କରାଯାଇଛି।

## ଖବରଦାତାଙ୍କ ବିୟୋଗରେ ଶୋକସଭା

ଖଣ୍ଡପଡା,(ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋ ଗ୍ରାମର ଖବରଦାତା ରାଜୀବ କୁମାର ମିଶ୍ର (୩୮) ଙ୍କର ଅକାଳ ବିୟୋଗରେ ଖଣ୍ଡପଡା ଆଂଚଳିକ ସାମ୍ବାଦିକ ସଂଘ ପରିସରରେ ଗୁରୁବାର ଦିନ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ପୁର୍ବାହ୍ନରେ ସଂଘ କାର୍ଯ୍ୟାଳୟ ପରିସରରେ ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରିବା ସହ ତାଙ୍କ ଅମର ଆତ୍ମାରସଦଗତି କାମନା କରିଥିଲେ ।




ସଂଘର ସଭାପତି ବିନାୟକ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂପାଦକ ଭବାନୀ ଶଂକର ସିଂହସାମନ୍ତ, ଶାନ୍ତି ଶେଖର ରଥ, ଶୁଭେନ୍ଦୁ କୁମାର ପଟ୍ଟନାୟକ, ଗୀତିକାନ୍ତ ପଣ୍ଡା, ପ୍ରଭାତ କୁମାର ବରାଡ, ମନୋ ରଂଜନ ରଥ, ଭବାନୀ ଶଂକର ମହାନ୍ତି, ସତ୍ୟ ନାରାୟଣ ସୁରଜଗଦେବ, ବିରଞ୍ଚି କୁମାର ନାୟକ, ରମାକାନ୍ତ ମିଶ୍ର, ସରୋଜ ଚୌଧୁରୀ, ରବିନ୍ଦ୍ର ବେହେରା, ଶ୍ରୀକାନ୍ତ ରାଉତ, ବିଭୂତି ମହାପାତ୍ର, ସଂଗ୍ରାମ କେଶରୀ ଦେଓ, ଜ୍ୟୋତି ରଂଜନ ମହାରଣା, ଶିବନାରାୟଣ ଦାସ, ମାନସ କୁମାର ସେଠୀ ପ୍ରମୁଖ ଗଣମାଧମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସ୍ୱର୍ଗତ ମିଶ୍ରଙ୍କ ପରିବାରବର୍ଗଙ୍କୁ ସଂଘ ପକ୍ଷରୁ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା ।

## ପ୍ରଚାର ପରେ ବି ହେଲାନି ବିଜୁଳି କାଟ

### କର୍ମଜୀବୀଙ୍କ ଅସନ୍ତୋଷ

ତେଲେଙ୍ଗାପେଣ୍ଠ ,(ସବ୍ୟୁ) : ଦୁଇ ଦୁଇ ଥର ସକାଳ ୭ ରୁ ଦିନ ୧୨ ଟା ପର୍ଯ୍ୟନ୍ତ ବିଜୁଳି କାଟ ହେବ ବୋଲି ପ୍ରଚାର ହେଲା । କିନ୍ତୁ ବିଦ୍ୟୁତ ଯେମିତି ରହିବା କଥା ରହିଲା। ତେଲେଙ୍ଗାପେଣ୍ଠ ଓ ଆଖ ପାଖ ଅଂଚଳ ରେ ଡାକବାଜି ଯନ୍ତ୍ର ଯୋଗେ ଗୋପାଳପୁର ବିଦ୍ୟୁତ ଉପଖଣ୍ଡ ଦ୍ୱାରା ବିଦ୍ୟୁତ କାଟ ହେବାର ପ୍ରଚାର ଅଂଚଳ ର ଅଧିବାସୀ ମାନଙ୍କ ମନରେ ଏକ ପ୍ରହେଳିକା ସୃଷ୍ଟି କରିଛି । ବିଶେଷ କରି ଯେଉଁମାନେ ବିଦ୍ୟୁତ୍ କର୍ମଚାରୀ , ରାଜମିସ୍ତ୍ରୀ, ରଢ଼,କାଠ ମିସ୍ତ୍ରୀ ଓ ସେଣ୍ଟ୍ରିଙ୍ଗ କାମ ଆଦି କରି ପରିବାର ପ୍ରତିପୋଷଣ କରୁଥିବା ବହୁ କର୍ମଜୀବି ବିଦ୍ୟୁତ କାଟ ହେବା ଖବର ଶୁଣି କାର୍ଯ୍ୟ ବନ୍ଦ କରି ଘରେ ବସି ରହିଥିଲେ। ବିଭାଗ ଦ୍ୱାରା ଏପରି ମିଛ ପ୍ରଚାର ଦ୍ୱାରା ଆମ ରୋଜଗାର ବାଧା ପ୍ରାପ୍ତ ହୋଇଛି ବୋଲି ବେଶ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ମିଥ୍ୟା ବିଦ୍ୟୁତ କାଟ ପ୍ରଚାର ବାବଦରେ ମତାମତ ଜାଣିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଙ୍କ ସହ ଯୋଗାଯୋଗ କରାଯାଇଥିଲେ ବି କେହି ଫୋନ ଉଠାଇ ନ ଥିଲେ।

# ଶାନ୍ତି ଶୃଙ୍ଖଳାର ସହ ଇଦ୍-ଉଲ୍-ଫିତର ପାଳିତ



କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ରେ ଶାନ୍ତି ଶୃଙ୍ଖଳାର ସହ ଇଦ-ଉଲ-ଫିତର ପାଳିତ ହୋଇଯାଇଛି । ଶାନ୍ତି, ମୈତ୍ରୀ, ହସ-ଉଲ୍ଲାସର ପର୍ବ ପବିତ୍ର ଇଦ-ଉଲ-ଫିତର କେନ୍ଦ୍ରାପଡା ରେ ପାଳିତ ହୋଇଯାଇଛି । ହଜାର ହଜାର ମୁସଲମାନ ଶ୍ରଦ୍ଧାଳୁ ସମୂହ ନମାଜ ପାଠରେ ସାମିଲ ହୋଇ ପରସ୍ପର ଇଦ୍ ର ଶୁଭମାକନା ଜଣାଇଥିଲେ । ଦୀର୍ଘ ୧ ମାସ ଧରି ଉପବାସ କରିବା ପରେ ଗୁରୁବାର ଶ୍ରଦ୍ଧାଳୁ ମାନେ ଆନନ୍ଦ ଉଲ୍ଲାସର ସହିତ ପର୍ବ ପାଳନ କରିଛନ୍ତି । ଏ ଉପଲକ୍ଷେ ସହରରେ ଥିବା ନୂଆ ଇଦଘା, ପୁରୁଣା ଇଦଘା, ହାଇସ୍କୁଲ ଛକରେ ଥିବା ଇଦଘା, ଫକିରାବାଦ ମସଜିଦ, ରସୁଲାବାଦ ମସଜିଦ ପ୍ରମୁଖ ମସଜିଦ ମାନଙ୍କରେ ସମୂହ ନମାଜ ପାଠ କରାଯାଇ ଥିଲା । ପବିତ୍ର ଇଦ ଅବସରରେ ମୁସଲମାନ ଶ୍ରଦ୍ଧାଳୁ ମାନେ ଗରିବ ଅସହାୟ ମାନଙ୍କୁ ସହାୟତା ଦେଇଛନ୍ତି । ଏହି ଅବସରର ଫକିରାବାଦ ମସଜିଦ ଏବଂ ପୁରୁଣା ଇଦଘା ଠାରେ ବହୁ ରାଜନୈତିକ ବ୍ୟକ୍ତି ଏବଂ ଇନ୍ଦୁଭାଇ ମାନେ ସେଠାରେ ଉପସ୍ଥିତ ରହି ଇଦ-ଉଲ-ଫିତର ରେ ସାମିଲ ହୋଇ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ । ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇ ଥିବା ଦେଖିବାକୁ ମିଳିଛି ।

# ଦର୍ପଣ ତହସିଲରେ ପୁଣି ମାଙ୍କଡ଼ା ପଥର ମାଫିଆ ସକ୍ରିୟ, ଦିନରାତି ଚାଲିଛି ଲୁଟ୍

ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲାର ଦର୍ପଣ ତହସିଲ ଅଞ୍ଚଳରେ ପୁଣି ଏବେ ମାତିଛନ୍ତି ମାଙ୍କଡା ପଥର ମାଫିଆ । ଦିନରାତି କିଛି ମାନୁନାହାନ୍ତି ପଥର ଚୋର! ମେସିନ ଓ ପାଉଆର ଟିଲର ଲଗାଇ ମାଙ୍କଡା କାଟିବା ପରେ ଦୈନିକ ବାହାରକୁ ଚୋରା ଚାଲାଣ କରୁଛନ୍ତି ଲକ୍ଷାଧିକ ଟଙ୍କା ମୂଲ୍ୟର ମାଙ୍କଡା । ଏହି ଚୋରା କାରବାରର ପେଣ୍ଠସ୍ଥଳ ପାଲଟିଛି ପଶ୍ଚିମ ବଡ଼ଚଣା । ଜଙ୍ଗଲ ଓ ପାହାଡିଆ ଅଞ୍ଚଳରେ ଥିବା ଏକାଧିକ ନିଷିଦ୍ଧ ଖଣିରୁ ମାଫିଆମାନେ ବେଆଇନ ଭାବେ ଦିନରାତି ଟ୍ରକଯୋଗେ ବୋହି ନେଉଛନ୍ତି ଶତାଧିକ ଟ୍ରିପ ମାଙ୍କଡା ପଥର! ତହସିଲ ଓ ପୋଲିସର ଆଖିଆଗରେ ଚାଲିଛି ଏହି ବଡ ଲୁଟ । ଏହି ବେଆଇନ କାରବାର ଯୋଗୁଁ ଦୈନିକ ସରକାର ହରାଉଛନ୍ତି ଲକ୍ଷାଧିକ ଟଙ୍କାର ରାଜସ୍ୱ । ଯାଜପୁର ଜିଲ୍ଲାର ବୈରୀ ଥାନା ପୋଲିସ ହେପାଜତ ଓ ମିଳି ଭଗତରେ ଏହି ଲୁଟପାଟ ଚାଲିଥିବା ସାଧାରଣରେ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ସ୍ଥାନୀୟ ବା ଜିଲ୍ଲା ପ୍ରଶାସନ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ଦେଖାଯାଉଛି। ସୂଚନା ମୁତାବକ ଦର୍ପଣ ତହସିଲ ତଥା ବୈରୀ ଥାନା ଅନ୍ତର୍ଗତ ବୈରୀ, ପାରିଆ, ସୋଲର,ସମିଆଁ ଓ ଶାଳାପଡା ଆଦି



ପଞ୍ଚାୟତର ବୈରୀ, ଅମିୟଝରି,ଭାଲୁଖାଇ, ବାଘୁଆ, ବରଗଡା, ନିମଡିହ,ନଳିଦା,ପୁବୁଲି ଓ ପୂର୍ଣଚନ୍ଦ୍ରପୁର ଆଦି ଅଞ୍ଚଳରୁ ମାଫିଆ ମାନେ ଦିନରାତି ଏହି ମାଙ୍କଡ଼ା ପଥର ତାଡି ବାହାର ଅଞ୍ଚଳକୁ ଚୋରା ଚାଲାଣ କରୁଛନ୍ତି । ମେସିନ ସାହାଯ୍ୟରେ ଏହି ମାଙ୍କଡ଼ା ଖାଦାନରୁ ପଥର ତାଡି ସେସବୁକୁ ଟ୍ରକ ଓ ଟ୍ରାକ୍ଟର ସାହାଯ୍ୟରେ କଟକ, କେନ୍ଦ୍ରାପଡା,ଢେଙ୍କାନାଳ ଓ ଯାଜପୁର ଆଦି ଜିଲ୍ଲାର ଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିବା ଜଣାପଡିଛି । ତେବେ ସବୁଠୁ ଆଶ୍ଚର୍ଯ୍ୟ କଥା ଯେ, ଏହି ଚୋରା ମାଙ୍କଡ଼ା ପଥର ବୋଝେଇ ଟ୍ରକ ଓ ଟ୍ରାକ୍ଟର ଗୁଡିକ ପ୍ରତିଦିନ ବୈରୀ ଥାନା ସମ୍ମୁଖ ରାସ୍ତା ଦେଇ ବିଭିନ୍ନ ଅଞ୍ଚଳକୁ ପରିବହନ ହେଉଥିବା ବେଳେ ପୋଲିସ କାହିଁକି କୌଣସି ପଦକ୍ଷେପ ନନେଇ ନିରବଦ୍ରଷ୍ଟା ସାଜିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବୈରୀ ଥାନାର ଦୁଇଜଣ ଅଧିକାରୀ ମାଙ୍କଡା ମାଫିଆଙ୍କ ସହିତ ସଲାସୁତୁରାରେ ଥିବାସହ ଦୁଇଜଣ ଦଲାଲ ଦିନରାତି ଥାନାରେ ବସିରହି ମାଙ୍କଡା ଚୋରଙ୍କୁ ସହଯୋଗ ଦେଉଥିବା ଆଲୋଚନା ହେଉଛି । ଫଳରେ ମାଫିଆ ପୋଲିସ ନାକତଳେ ରହି ନିର୍ଭୟରେ ଶହଶହ ଟ୍ରିପ ମାଙ୍କଡ଼ା ବାହାରକୁ ଚାଲାଣ କରୁଛନ୍ତି । ଅପରପକ୍ଷରେ ଏହି ବେଆଇନ ମାଙ୍କଡ଼ା ପଥର କାରବାରରେ ଉଭୟ ଶାସକ ଓ ବିରୋଧୀଛଦଳର ସ୍ଥାନୀୟ ନେତାମାନଙ୍କ ସମ୍ପୃକ୍ତି ଥିବା ଆଲୋଚନା ହେଉଛି । ସରକାରୀ ଫାଇଲରେ ଏହିସବୁ ମାଙ୍କଡାଖଣି ଗୁଡିକ ଉପରେ ୧୪୪ ଧାରା ଜାରି କରାଯାଇ ସେଠାରୁ ବେଆଇନ ଖନନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିବା କୁହାଯାଉଥିଲେ ମଧ୍ୟ ଏଠାରୁ ଦୈନିକ ଶହଶହ ଟ୍ରିପ ମାଙ୍କଡା ଖନନ ହେଉଛି । ଫଳରେ ସ୍ଥାନୀୟ ଜଙ୍ଗଲ ଓ ପ୍ରାକୃତିକ ପରିବେଶ ଧ୍ୱଂସ ହେବାରେ ଲାଗିଛି । ତୁରନ୍ତ ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଏହି ଲୁଟପାଟକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି।

# ଟ୍ରଲର ଜବତ, ୧୪ ମତ୍ସ୍ୟଜୀବୀ ଗିରଫ

ରାଜନଗର, (ସବ୍ୟୁ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଂଚଳରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୧୪ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଛି । ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟଗାର୍ଡ ମଦନମୋହନ ହାଁସଦାଙ୍କ ନେତୃତ୍ୱରେ ବନବିଭାଗ ପାଟ୍ରୋଲିଂ ଟିମ୍ ଗହୀରମଥା ନିଷିଦ୍ଧାଂଚଳର ସାତଭାୟା ନିକଟରେ ମା'ଲକ୍ଷ୍ମୀ ନାରାୟଣ ନାମକ ଟ୍ରଲର ମାଛ ଧରୁଥିବା ସମୟରେ କାବୁ କରିଥିଲେ । ଟ୍ରଲରରେ ଥିବା ରବିନ୍ଦ୍ର ପ୍ରଧାନ, ଗୌରହରି ପାତ୍ର, ଖୋକନ ସାମନ୍ତ ,ରତନ ମାଝି, ଲକ୍ଷ୍ମଣ ବାରିକ, ସୁଶାନ୍ତ ସର୍ଦ୍ଧାର, ବିବେକାନନ୍ଦ ଜେନା, ଅମୂଲ୍ୟ କୁମାର ବେହେରା, ଖଗେଶ୍ୱର ମାଝି, ଜୟଦେବ ମଣ୍ଡଳ, ଜିତୁ ସିଂ, ପଂଚାନନ ମାଝି, ବାଦଲ ମଳିକ, ରବିନ୍ଦ୍ର ସାହୁ ପ୍ରମୁଖ ୧୪ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି । ଜବତ ଟ୍ରଲରରୁ ୬ଟି ଭିଏଚଏଫ, ୨ଟି ଜିପିଏସ, ଗୋଟିଏ ଫିସ୍ ଫାଇଣ୍ଡର, ୩ଟି ଟ୍ରଲିଂ ନେଟ, ୧୭ କୁଂଟାଲ ସାମୁଦ୍ରିକ ମାଛ ଜବତ କରାଯାଇଛ । ୧୯୭୨ ବନ୍ୟପ୍ରାଣୀ ଆଇନ୍ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

# ନଦାମହଲାରେ ଇଦ୍ ଉଲ୍ ଫିତର ପାଳିତ

ତିର୍ତ୍ତୋଲ, (ସବ୍ୟୁ): ତିର୍ତ୍ତୋଲ ବ୍ଲକ ଅ'ର୍ଗତ କୃଷାନନ୍ଦପୁର ଓ ବିଶନପୁର ପଞ୍ଚାୟତର ନଦାମହଲା ମସଜିଦ୍ ଠାରେ ଇଦ୍ ଉଲ୍ ଫିତର ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ମୁସଲମାନ ସମ୍ପ୍ରଦାୟର ଜନସାଧାରଣ ନବବସ୍ତ୍ର ଧାରଣ କରି ଇଦଗା ପଡିଆରେ ସମୂହ ନମାଜ ପାଠ କରିବା ସହ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଶେଖ ଆଜମ ଅଲ୍ଲୀ, ଶେଖ ସଲ୍ଲାହୁଦ୍ଦିନ, ଶେଖ ସବିର ଅଲ୍ଲୀ, ଶେଖ ଜାକିର ଅଲ୍ଲୀ, ସଫାୟତ ଅଲ୍ଲୀ, ଶେଖ ଆକିବ ଅଲ୍ଲୀ, ଇମ୍ରାନ ଅଲ୍ଲୀ, ଶେଖ ହାଫିଜ ଉଦ୍ଦିନ, ଶେଖ ଆଜାଦ, ଶେଖ ସହୀଦ, ଶେଖ କବିର, ଆକବର, ମୋହିମ, ହାଫିଜୁଲ, ବବଲୁ, ନଓ୍ୱାଜ, ଅସଲମ, ତୌଫିକ, ଆୟାଦ, ଶାୟନ, ସନଓ୍ୱର, ଜୁନେଦ, ଦିଲଶାଦ, ମହସିନ, ନିୟାଜ, ମନାଓ୍ୱାର,କ୍ୱାୟାମ,, କାସିଫ, ଅମିର, ନୁର, ଜିଲାନୀ, ଅରବାଜ, ଜାହିଦଙ୍କ ସମେତ କମିଟି ସଭ୍ୟ ଶେଖ ସବୋ, ଶେଖ ଇଦ୍ରିଶ ଅଲ୍ଲୀ, ଶେଖ ମାଜିଦ ଅଲ୍ଲୀ, ଶେଖ ଲତିଫ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ବାଲିଚନ୍ଦ୍ରପୁର, (ସବ୍ୟୁ): ଚଳିତ ସାଧାରଣ ନିର୍ବାଚନ ପାଇଁ ତାରିଖ ଓ ଦିନ ଧାର୍ଯ୍ୟ ହୋଇ ଘୋଷଣା ନାମା ପ୍ରକାଶ ପାଇସାରିଛି। ନିର୍ବାଚନରେ ଶାନ୍ତିଶୃଙ୍ଖଳା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ କେଉଁ ପ୍ରକାର ସମ୍ପର୍କ ସ୍ଥାପନ ହୋଇପାରିବ ସେଥିନେଇ ଯାଜପୁର ଏସ.ପିଙ୍କ ନିର୍ଦ୍ଦେଶ କ୍ରମେ ବଡ଼ଚଣା ନିର୍ବାଚନ ମଣ୍ଡଳୀ ବାଲିଚନ୍ଦ୍ରପୁର ଥାନା ଅଧିନରେ ବିଭିନ୍ନ ପଞ୍ଚାୟତରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଥିବା ଦେଖାଯାଇଛି। ଜନସାଧାରଣଙ୍କୁ ସଚେତନ ଉଦ୍ଦେଶ୍ୟରେ ଥାନାଧିକାରିଣୀ ପ୍ରମୋଦିନୀ ସାହୁଙ୍କ ନେତୃତ୍ୱରେ ହାବିଲଦାର ରାଜ କିଶୋର ସ୍ୱାଇଁଙ୍କ ସମେତ ସିଆରପିଏଫ ପୋଲିସ ବାହିନୀ ଚାରିନଙ୍ଗଳ, ନଳୀପୁର ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରି ସଚେତନତା କରାଇଥିଲେ।

# ଗାଡି ଅଟକାଇ ଡ୍ରାଇଭରକୁ ମାଡ଼: ଅଭିଯୁକ୍ତ ଗିରଫ

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ଥାନା ପାଖର ପଂଚାୟତ ବାଟିଜଂଘା ଗ୍ରାମରେ ଗତକାଲି ରାତିରେ ୨ଜଣ ଯୁବକ ଏକ ଟାଟା ଏସି ଗାଡିକୁ ଅଟକାଇ ଡ୍ରାଇଭରକୁ ମାଡମାରିବା ସହ ମୋବାଇଲ ଛଡାଇନେବା ଅଭିଯୋଗରେ ପୁଲିସ ଜଣକୁ ଗିରଫ କରିଛି । ସୂଚନା ମୁତାବକ ବିଜେଡି ପ୍ରଚାରରେ ନିୟୋଜିତ ଏଲଇଡି ଲାଗିଥିବା ଟାଟାଏସି ଗାଡିକୁ ଡ୍ରାଇଭର ସାବିର ଖାଁ ଓ ତାଙ୍କ ସହଯୋଗୀ ହରିଓମ ଠାକୁର ପାଖର ଗ୍ରାମର ଅନିଲ ବେହେରାଙ୍କ ଘର ପାଖକୁ ଏଲଇଡି ସଜାଡିବା ପାଇଁ ଯାଉଥିଲେ । ରାତି ପ୍ରାୟ ୮ ଟା ସମୟରେ ସ୍ଥାନୀୟ ବାଟିଜଂଗା ଗ୍ରାମର ୨ ଜଣ ଯୁବକ ଗାଡି ଅଟକାଇ ଡ୍ରାଇଭର ଓ ତାର ସହଯୋଗୀକୁ ଆକ୍ରମଣ କରିବା ସହ ତାଙ୍କ ଠାରୁ ମୋବାଇଲ ଛଡାଇ ନେଇଥିଲେ । ଏନେଇ ଡ୍ରାଇଭର ସାବିର ଖାଁ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୨୭୨/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଏହି ଘଟଣାରେ ସଂପୃକ୍ତ ବାଟିଜଙ୍ଗା ଗ୍ରାମର ଧନଞ୍ଜୟ ପାଣ୍ଡବ (୩୬)କୁ ଗିରଫ କରି ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

# ଶ୍ରୀହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା, ଯଜ୍ଞ ଉତ୍ସବ

ତୁଆଖିଆ, (ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଂଚି ପଂଚାୟତର ପାଂଚଗୋଛିଆ ମା ଜାଗୁଳାଇ ମନ୍ଦିର ପରିସରରେ ସଂକଟମୋଚନ ମହାବୀର ଶ୍ରୀ ହନୁମାନଙ୍କର ମହାବୀର ମନ୍ଦିର ବିଗ୍ରହ ପ୍ରତିଷ୍ଠା ଓ ମହାଯଜ୍ଞ କାର୍ଯ୍ୟକ୍ରମ ୪ଦିନ ଧରି ପାଳିତ ହେବ। ୧୦ତାରିଖ ଦିନ ଅଙ୍କୁରା ରୋପଣ, କୁଣ୍ଡ ମଣ୍ଡଳାଧିକରଣ, ୧୧ତାରିଖ ଦିନ କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ବିଗ୍ରହ ମହାସ୍ନାନ ଯଜ୍ଞାରମ୍ଭ ଦେଖିବାକୁ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଛି। ଏହି ଯଜ୍ଞ ଉତ୍ସବ ବେଶ ଯାଜ୍ଞିକ ରୀତି ନିତିରେ ପାଳିତ ହେବ । ଜୀବ ତଥା ଜଗତର ସର୍ବବିଧ କଲ୍ୟାଣ ନିମିତ ମଙ୍ଗଳ ଭବନ ଅମଙ୍ଗଳହାରୀ ପରମ କାରୁଣିକ



ପରମ କୃପାଳୁ ପ୍ରଭୁ ଶ୍ରୀରାମ ଚନ୍ଦ୍ର ଙ୍କ କୃପା ପ୍ରାପ୍ତି ନିମିତ ମହାପ୍ରଭୁ କପି ଶ୍ରେଷ୍ଠ କପିକୁଳ ନାୟକ ଭକ୍ତ ଶ୍ରେଷ୍ଠ ଶ୍ରୀ ବିର ବଜରଙ୍ଗ ବଳି ମହାବୀର ହନୁମାନ ଜୀଉଙ୍କର ଯଜ୍ଞ ପ୍ରତିଷ୍ଠା କାର୍ଯ୍ୟକ୍ରମ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ପାଂଚଗୋଛିଆର ଗ୍ରାମବାସୀ ଓ କର୍ତ୍ତା ପ୍ରତିଷ୍ଠାତା ସୁବ୍ରତ ଦ୍ୱିବେଦୀ (ବୁନ)ଙ୍କ ପ୍ରମୁଖଙ୍କ ଉଦ୍ୟମରେ ଏହା ପାଳିତ ହେଉଅଛି। ପାଂଚଗୋଛିଆର ସମସ୍ତ ଗ୍ରାମ ବାସୀ ଶ୍ରୀ ହନୁମାନଙ୍କ ଯଜ୍ଞ କାର୍ଯ୍ୟକ୍ରମରେ ସହଯୋଗ କରୁଥିବାବେଳେ କର୍ତ୍ତା ଭାବେ ପାପୁନ, ବୁନ, ସୁବାସ ଚନ୍ଦ୍ର ରାଉତ ରାୟ, ପଦ୍ମନାଭ ଦ୍ୱିବେଦୀ, ଶେଷଦେବ ରଥ, ଦିଲ୍ଲିପ୍ ରଥ, ଅନିଲ ଦ୍ୱିବେଦୀ, ଅଭିଜିତ୍ କଣ୍ଟ, ବିଦ୍ୟାଧର ସ୍ୱାଇଁ, ଢୁନା ଦ୍ୱିବେଦୀ, ମାନିଆ ତରାଇ, କାଲୁଆ, ସହଦେବ ତରାଇ, ସଂଗ୍ରାମ ରଥ, ଦେବୀ ପ୍ରଶନ୍ନ ସାହୁ ବଂଟନ, ପୁଜା, ଯଜ୍ଞ କାର୍ଯ୍ୟ ସଂଚାଳନ କରିବାରେ ସହଯୋଗ ଜାରି ରଖିଛନ୍ତି। । ପଣ୍ଡିତ ଓ ପୂଜକ ଯଜ୍ଞକୁ ପରିଚାଳନା କରିଥିଲେ ।

# ମିନିଉଜ ପକ୍ଷରୁ ଜଳଛତ୍ର

ନିଶ୍ଚିନ୍ତକୋଇଲି, (ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଉତ୍ତରକୂଳ ପଞ୍ଚାୟତ ମାହାଳ ହାଟ ଛକରେ ମିନିଉଜ ପକ୍ଷରୁ ପବିତ୍ର ଇଦ-ଉଲ-ଫିତର ଉପଲକ୍ଷେ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମିନିଉଜ୍ ଓଡ଼ିଶାର ଅଧ୍ୟକ୍ଷ ଇଜାଜ୍ ଖାଁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାବୁଜଙ୍ଗ ପଞ୍ଚାୟତ ସରପଞ୍ଚ ମିଳନ ଭୂୟାଁ , ଉତ୍ତରକୂଳର ପୂର୍ବତନ ସରପଞ୍ଚ ଦିଲ୍ଲିପ ବିଶ୍ୱାଳ,କଟକ ସଦର ବିଜେଡ଼ି ଛାତ୍ର ନେତା ସଂଗ୍ରାମ ସାହାଣୀ,ବଜାର କମିଟି ସଭାପତି ପ୍ରତାପ ଦାସ,କିଶୋର ସାହାଣୀ,ମାହାଳ ହାଟ ଫାଣ୍ଡି ଅଧିକାରୀ ଅଜୟ କୁମାର ମହାନ୍ତି,ସୁଶାନ୍ତ ପ୍ରଧାନ,ଅଙ୍କିତ ସେଠୀ,ତାପସ ସେଠୀ,ଜଲାଲ ଉଦ୍ଦିନ୍ ,ସାମ୍ବାଦିକ ପ୍ରଫୁଲ୍ଲ ମହାପାତ୍ର,ରତ୍ନାକର ବାରିକ,ଅମିତାଭ ମହାପାତ୍ର,ବିନୟ ଦାସ,ଗୋବିନ୍ଦ ଦାସ,ଜଗନ୍ନାଥ ପଣ୍ଡା,ସପ୍ତଜ୍ୟୋତି ରାଉଳ,ରଂଜନ ଦାସ, ଦେବେନ୍ଦ୍ର ଷଡଙ୍ଗୀ, ପ୍ରକାଶ ରାଉଳ,ଜାନକୀବଲ୍ଲଭ ମହାନ୍ତି,ବିଜୟାନନ୍ଦ ମଲିକ,ପ୍ରସନ୍ନ ମହାପାତ୍ରଙ୍କ ସମେତ ବହୁ ସାମ୍ବାଦିକ, ସମାଜସେବୀ ଓ ନେତୃବୃନ୍ଦ ଏଥିରେ ଯୋଗ ଦେଇଥିଲେ । ଏହି ଅବସରରେ ହଜାର ହଜାର ତୃଷାର୍ତ୍ତ ଲୋକଙ୍କୁ ଲେମ୍ବୁ ଦହି ମିଶା ସରବତ ବଣ୍ଟନ କରାଯାଇଥିଲା । ଏହି ଜଳଛତ୍ର କାର୍ଯ୍ୟକ୍ରମ ଇଦ୍-ଉଲ-ଫିତର ଉପଲକ୍ଷେ ଆରମ୍ଭ ହୋଇଥିଲା ବେଳେ ୧୪ତାରିଖ ଦିନ ପଣା ସଂକ୍ରାନ୍ତି ଅବସରରେ ଉଦଯାପନୀ ହେବ ବୋଲି ମିନିଉଜ୍ ଓଡ଼ିଶାର ଅଧ୍ୟକ୍ଷ ଇଜାଜ୍ ଖାଁ ପ୍ରକାଶ କରିଛନ୍ତି ।

# ପକ୍ଷାଘାତ ପୀଡିତଙ୍କୁ ସହାୟତାର ହାତ ବଢାଇଲେ ମନୀଷା

ଡେରାବିଶ, (ସବ୍ୟୁ): ଡେରାବିଶ ବ୍ଲକ ଦାନପୁର ପଂଚାୟତ କେଶରପୁର ଗ୍ରାମର ରବି ମହାନ୍ତି ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରନ୍ତି । ମାତ୍ର ହଠାତ ସେ ପକ୍ଷାଘାତରେ ପିଡିତ ହୋଇ ଅକର୍ମଣ୍ୟ ହୋଇଯିବା ଫଳରେ ପରିବାର ଲୋକେ ବିସାହାରା ହୋଇପଡିଛନ୍ତି । ଏପରିକି ରବିଙ୍କ କଲେଜ ପଢୁଆ ଝିଅର ପାଠପଢାରେ ମଧ୍ୟ ବାଧାସୃଷ୍ଟି ହୋଇଛି । ଔଷଧ କିଣିବାକୁ ପ୍ରତ୍ୟହ ସଂଗ୍ରାମ ଚଳାଇଥିବା ରବିଙ୍କ ପରିବାର ସମ୍ପର୍କରେ ଖବର ପାଇ ବିଜେପି ଜିଲ୍ଲା ସମ୍ପାଦିକା ତଥା ସମାଜସେବୀ ମନୀଷା ପଣ୍ଡା କେଶରପର ଗ୍ରାମର ଏହି ପରିବାର ନିକଟରେ ପହଁଚି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ । ଏପରିକି ଅଧିକ ଚିକିତ୍ସା ଓ ଝିଅର ପାଠପଢା ପାଇଁ ସବୁପ୍ରକାର ସହାୟତା ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏହି ସମୟରେ ସରୋଜକାନ୍ତ ପଣ୍ଡା, ଗଗନ ବିହାରୀ ମହାନ୍ତି, ରାଜେନ୍ଦ୍ରନାଥ ସମାଲ ଓ 'ମନକିଣିନେଲା କଳାଠାକୁର'ଗୃପର ଅବିନାଶ ପରିଡା, ଜିତନ ଭୁକ୍ତା ଓ କୁମାର ସ୍ୱରୂପ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଳଛତ୍ର କାର୍ଯ୍ୟକ୍ରମ

ଡେରାବିଶ, (ସବ୍ୟୁ): ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ଗ୍ରାମ ପଂଚାୟତ ପକ୍ଷରୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳଛତ୍ର କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ଏହାକୁ ସରପଂଚ କାଶିନାଥ କାଣ୍ଡି ଉଦଘାଟନ କରି ପଥଚାରୀମନଙ୍କୁ ଥଣ୍ଡା ପାନୀୟ ସହ ଲେମ୍ବୁ ସରବତ ଯୋଗାଇଦେଇଥିଲେ। ଗ୍ରୀଷ୍ମପ୍ରବାହକୁ ଉପଲବ୍ଧି କରି ଏହି କାର୍ଯ୍ୟକ୍ରମ ଚାଲୁରହିବ ବୋଲି ଶ୍ରୀ କାଣ୍ଡି ଘୋଷଣା କରିଥିଲେ । କାର୍ଯ୍ୟକ୍ରମକୁ ମନୋଜ ବେହେରା, କମଳାକାନ୍ତ କାଣ୍ଡି, ବରେନ୍ଦ୍ରବେହେରା, ବର୍ଷାରାଣୀ କାଣ୍ଡି, ପ୍ରମିଳା ମହାନ୍ତିଙ୍କ ସମେତ ଓ୍ୱାର୍ଡସଭ୍ୟ ସଭ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ।

# ମିର୍ଜାପୁରରେ ଇଦ୍-ଉଲ୍ ଫିତର

ତୁଆଖିଆ, (ସବ୍ୟୁ): ରସୁଲପୁର ବ୍ଲକ୍ ଅନ୍ତର୍ଗତ ରାହାମ୍ବା ପଂଚାୟତ ମିର୍ଜାପୁର ଗ୍ରାମରେ ଆଜି ପବିତ୍ର ଇଦଉଲ ଫିତର ପାଳିତ ହୋଇଯାଇଛି। ମୌଲାନା ମୌଲବୀ ମେହେର୍‌ବାନ ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଇଦଉଲ ଫିତର ପର୍ବରେ ସର୍ଦାର ସେକ ତବିର ଯୁବେର ଆଲାମ୍ କଇମ୍ ଖାଁ କବୁଲ ଖାଁ ନିଜାମୋଦିନ ଲ୍ୟାମଦ୍ ଅଲ୍ଲି ଖାଁ, ଗୋପିନାଥପୁରରେ ଜିଲାନୀ ଖାଁ, ଅତଲାପୁର ବ୍ରହ୍ମବରଦା, ଶ୍ରୀବନ୍ତପୁର ଆଦି ଅଂଚଳରେ ଶାନ୍ତି ଶୃଖଳାର ସହ ଇଦୁଉଲ ଫିତର ପାଳିତ ହୋଇଯାଇଛି।

## ୨୨ରୁ ମା' ହିଙ୍ଗୁଳା ପୂଜା ମହୋତ୍ସବ

କୋରେଇ, (ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ଗ୍ରାମର ମା ହିଂଗୁଳାଙ୍କ ଯଜ୍ଞ ମହୋତ୍ସବ ଓ ୫୦ ବର୍ଷ ପୂର୍ତି ପାଇଁ ମାଙ୍କ ପୀଠରେ କମିଟି ପକ୍ଷରୁ ଆଜି ଏକ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ହିଂଗୁଳା କମିଟିର ସଭାପତି ଅଭୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମର ଚୁଡାନ୍ତ ରୂପରେଖ ଓ ବାର୍ଷିକ ଆୟ ବ୍ୟୟର ବିବରଣୀ ପ୍ରକାଶ ପାଇଥିଲା। ଚଳିତ ବର୍ଷ ମା ହିଙ୍ଗାଙ୍କ ପୂଜାର ୫୦ ବର୍ଷ ପୂର୍ତି ଉପଲକ୍ଷେ ମହାସମାରୋହରେ ମହୋତ୍ସବ ସହ ଏହା ପାଳନ କରାଯିବ । ଆସନ୍ତା ଏପ୍ରିଲ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମ ଚାଲୁ ରହିବ । ଯଜ୍ଞ, ନାମ ଯଜ୍ଞ, ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ନୃତ୍ୟଗୀତ ପ୍ରତିଯୋଗୀତା, ୨ ଦିନ ପାଲା, ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ କରାଯିବ । ଏଥି ସହିତ ବିଭିନ୍ନ ଅତିଥି ମାନଙ୍କ ଦ୍ୱାରା ୨୩ ତାରିଖରୁ ମହୋତ୍ସବ କାର୍ଯ୍ୟକ୍ରମ ଚାଲୁରହିବ । ଏହି ଅବସରରେ ଉପସ୍ଥିତ ସମସ୍ତ ସମ୍ବାଦିକ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ଦିଆଯାଇ ସମ୍ମାନୀତ କରାଯାଇଥିଲା । ଏହି ବୈଠକରେ ସମ୍ପାଦକ ଶିଶିର କୁମାର ମହାପାତ୍ର, ହରେକୃଷ୍ଣ ପଣ୍ଡା, ନାରାୟଣ ରାଉତ, ସେମାନାଥ ପତ୍ରୀ, ଅମର ମହାରଣା, ଅର୍ଜୁନ ମହାରଣା, ସୁରେଶ ଖଣ୍ଡାଇ, ସାରଂଗ ଧର ମହାପାତ୍ର, ଦିନବନ୍ଧୁ ଶତପଥି, ବୈରୀଗଂଜନ ମହାପାତ୍ର, ସୁଧିର ବେହେରା, ଶରତ ବାରିକ, ବିଶ୍ୱନାଥ ପଣ୍ଡା, ଫଗୁଣ ପୂର୍ତି ପ୍ରମୁଖଙ୍କ ସମେତ କମିଟିର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ରେବା ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୭୧ ବ୍ୟାଚ୍ ବନ୍ଧୁମିଳନ

ସାଲେପୁର, (ସବ୍ୟୁ): ଗତକାଲି ସାଲେପୁର ବ୍ଲକ ଅନ୍ତର୍ଗତ କଟରପା ପଂଚାୟତ ସ୍ଥିତ ରେବା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଥମ ମାଟ୍ରିକ ୟାଚ ୧୯୭୧ ମସିହା ଛାତ୍ର ଛାତ୍ରୀ ମାନଙ୍କର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ୍ଞ ବିଦ୍ୟାଳୟର ସେହି ସମୟର ପ୍ରଧାନ ଶିକ୍ଷକ ଦୋଳଗୋବିନ୍ଦ ପରିଡା,ସହକାରୀ ଶିକ୍ଷକ ସୌରୀଚରଣ ରାଉତ, ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ସାମଲ, ଶିକ୍ଷକ ଗୌରଚନ୍ଦ୍ର ଦାଶ ଉପସ୍ଥିତ ରହି ତାଙ୍କର ୫୨ବର୍ଷ ତଳର ଛାତ୍ର ଛାତ୍ରୀ ମାନଙ୍କ ସହିତ ପୁରୁଣା ଦିନର ସ୍ମୃତି ମନେପକାଇ ଭାବବେହ୍ୱଳ ହୋଇଯାଇଥିଲେ ଓ ସମସ୍ତଙ୍କୁ ଆଶ୍ରିବାଦ କରିବା ସହ ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ସମସ୍ତ



ପ୍ରକାର ସହଯୋଗ କାମନା କରିଥିଲେ ୍ଞ ୫୨ବର୍ଷ ତଳର ଛାତ୍ର ଛାତ୍ରୀ ମାନେ ନିଜ ଶିକ୍ଷକ ଓ ସହପାଠୀଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ ୍ଞ ଏହି ବନ୍ଧୁ ମିଳନ ଉତ୍ସବରେ ଖଗେଶ୍ୱର ମଲିକ, ସୁକାନ୍ତ ରାଉତରାୟ, ପ୍ରଫୁଲ୍ଲ ବିଶ୍ୱାଳ, ଶତ୍ରୁଘ୍ନ ନାୟକ, କୁଞ୍ଜମୋହନ ରାଉତରାୟ, ପ୍ରଭଞ୍ଜନ ଦାଶ, ଜୟଶ୍ରୀ ପ୍ରହରାଜ, କଳ୍ପଲତା ରାଉତରାୟ ପ୍ରମୁଖ ଛାତ୍ରଛାତ୍ରୀ ସପରିବାରେ ଯୋଗଦେଇଥିଲେ ।

# ମଜୁରେଇକୁ ସବୁଦିନିଆ ରାସ୍ତା ନିର୍ମାଣ ଦାବି

ରଘୁନାଥପୁର, (ସବ୍ୟୁ): ସ୍ୱାଧୀନତାର ୭୭ବର୍ଷ ପୁରି ଯାଇଥିଲେ ମଧ୍ୟ କେତେକ ଗ୍ରାମକୁ ଗୋଟିଏ ସବୁଦିନିଆ ରାସ୍ତା ଏଯାବତ ନିର୍ମାଣ ହୋଇ ପାରନଥିବା ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ ବୋଲି ଆଲୋଚନା ହେଉଛି। ବର୍ଷାଦିନେ ଏହି ରାସ୍ତା ଗୁଡିକ ପାଣି କାଦୁଅରେ ଭର୍ତ୍ତୀ ହୋଇ ଯାଉଥିବାରୁ ଉକ୍ତ ଗ୍ରାମକୁ ଆମ୍ବୁଲାନ୍ସ, ସ୍କୁଲ ଗାଡି ତଥା ଜରୁରୀକାଳିନ ଗାଡି ଗୁଡିକ ଯାଇ ପାରୁନଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଏକ ରାସ୍ତା ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକର ରେଢୁଆ ପଂଚାୟତର ମଜୁରେଇ ଗ୍ରାମରେ। ଏହି ଗ୍ରାମରେ ଥିବା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ଅଭିନ ଦଣ୍ଡା ଠାରୁ ସୁବଳ ମଲ୍ଲିକ ଘର ପର୍ଯ୍ୟନ୍ତ ୮ନମ୍ବର କେନାଲ ୧କିଲୋମିଟର ପ୍ରମୁଖ ରାସ୍ତାଟି ବର୍ତ୍ତମାନ ଜଙ୍ଗଲିଆ ହୋଇଥିବା ଯୋଗୁଁ ଦୁର୍ଗମ ହୋଇ ପଡିଛି। ଏହା ଉପରେ ନିର୍ଭର କରୁଥିବା ୩ଟି ଓ୍ୱାର୍ଡର ଲୋକମାନେ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ଏହି ରାସ୍ତାଟି ଜଙ୍ଗଲିଆ ସହିତ ପାଣି କାଦୁଅରେ ଭର୍ତ୍ତୀ ହେଉ ଯାଉଥିବାରୁ ଲୋକମାନଙ୍କୁ ନିଜର ଗନ୍ତବ୍ୟ ସ୍ଥଳକୁ ଦୀର୍ଘ ୩କିଲୋମିଟର ବୁଲିକରି ଆସିବାକୁ ପଡିଥାଏ ଏବଂ ଜରୁରୀକାଳିନ ଗାଡି ଗୁଡିକ ଯିବା ସଂପୂର୍ଣ୍ଣ ବନ୍ଦ ହୋଇ ଯାଇଥାଏ। ଏହି ରାସ୍ତାଟିକୁ ଏକ କଂକ୍ରିଟ ରାସ୍ତାରେ ପରିଣତ କରାଗଲେ ମଜୁରେଇ ଗ୍ରାମକୁ ଏକ ସବୁଦିନିଆ ରାସ୍ତା ମିଳି ପାରିବ ଏବଂ ୩ଟି ଓ୍ୱାର୍ଡର ୧୦୦୦ରୁ ଉର୍ଦ୍ଧ ଲୋକ ଉପକୃତ ହୋଇ ପାରିବେ ବୋଲି ଗ୍ରାମର ଦିପ୍ତି ରଂଜନ ଦାଶ, ବାବାଜି ଚରଣ ନାୟକ, ବୈଷ୍ଣବ ପୃଷ୍ଟି, ସଂଗ୍ରାମ ବିଶ୍ୱାଳ, ଭାସ୍କର ନାୟକ, ବିଚିତ୍ର ମହାନ୍ତି, ଶିବ ପ୍ରସାଦ ସେଠୀ, ତ୍ରିଲୋଚନ ମଲ୍ଲିକ ପ୍ରମୁଖ ଜଗତସିଂହପୁର ଜିଲ୍ଲାପାଳ ଓ ଜଳସଂପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଦାବୀ କରିଛନ୍ତି।

# ୧୯ରୁ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ, ଉଦାସ ଧର୍ମ ପୁସ୍ତକ ପାଠାଗାର ଉଦ୍‌ଘାଟନ




ଜଗତସିଂହପୁର, (ସବ୍ୟୁ): ଉଦାସ ଆଶ୍ରମ,ସୋଲର,ଛତିଆ ଆନୁକୁଲ୍ୟରେ ଜଗତସିଂହପୁର ଜିଲ୍ଲାର କାଠୁଆପଟଣା ଗ୍ରାମରେ ଆସନ୍ତା ଅପ୍ରେଲ ୧୯ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ ଅନୁଷ୍ଠିତ ହେବା ସହିତ ଉଦାସ ଧର୍ମ ପୁସ୍ତକ ପାଠାଗାର ଉଦଘାଟନ ହେବ ।ଏହି ଅବସରରେ କାଠୁଆପାଟଣା ସ୍ଥିତ ଆଶ୍ରମ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମାଳନୀରେ ଆଶ୍ରମର ଅଧ୍ୟକ୍ଷ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ଅଧ୍ୟକ୍ଷତାକରି ଏହି ୧୧ ଦିବସୀୟ କାର୍ଯ୍ୟକ୍ରମର ରୁପରେଖ ବାବଦରେ ସୁଚନା ଦେଇଥିଲେ ।୧୯ ତାରିଖ ସକାଳେ ଜଗତସିଂହପୁର ବଜାରରୁ ଏକ ବିଶାଳ ଶୋଭାଯାତ୍ରାରେ ଠାକୁରଙ୍କୁ ଯଜ୍ଞ ମଣ୍ଡପରେ ବିଜେ କରାଯିବା ପରେ ସଂଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବ । ବିଭିନ୍ନ ଦିବସରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗୀତା ଆବୃତ୍ତି,ଚିତ୍ରାଙ୍କନ,ସଂଗୀତ,ବକ୍ତୃତା ଆଦି ପ୍ରତିଯୋଗିତା , ଗୋଟିପୁଅ ନୃତ୍ୟ ,ପାଲା ପରିବେଷଣ ,ଆଧାତ୍ମିକ କବିତା ଆସର , ସମ୍ବଲପୁରୀ ନୃତ୍ୟ, ଭାରତ ଲିଳା ପରିବେଷଣ, ଉଦାସ ଧର୍ମପୁସ୍ତକ ପାଠାଗାର ଉଦଘାଟନ, ସାଧୁସନ୍ଥ ସମ୍ମିଳନୀ , ବାବା ଦିବାକର ଦାସଙ୍କ ଦ୍ୱାରା ପ୍ରବଚନ , ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିର ,ପୀଠାଦିଶ ଗୁରୁଦେବ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ଦ୍ୱାରା ସତସଙ୍ଗ ଅନୁଷ୍ଠିତ ହେବ ।୨୯ ତାରିଖ ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମାପନ ପରେ ସଂଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବ ବୋଲି ସୁଚନା ଦିଆଯାଇଥିଲା ।ଏହି ସାମ୍ବାଦିକ ସମ୍ମିଳନୀର ପ୍ରାରମ୍ଭରେ ସେବକ ଦିବ୍ୟଲୋଚନ ଦାସ ପ୍ରାରମ୍ଭିକ ସୁଚନା ଦେଇଥିବା ବେଳେ ମହେଶ୍ୱର ପୃଷ୍ଟି,ଅରକ୍ଷିତ ପୃଷ୍ଟି,ନିଳମଣୀ ପଣ୍ଡା,ଦିବାକର ସାହୁ,ଦିଲ୍ଲିପ ଦାସ,ସ୍ମୃତି ମଞ୍ଜରୀ ନାୟକ,ପ୍ରଣତି ମଞ୍ଜରୀ ନାୟକ,ଅମ୍ବିକା ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଦେଶୀ ମଦ ଜବତ, ବେପାରୀ ଗିରଫ

ପାଣିକୋଇଲ, (ସବ୍ୟୁ): ପାଣିକୋଇଲି ପୁଲିସ ଦ୍ୱାରା ଦେଶୀ ମଦ ବେପାରୀ ଗିରଫ ହେବା ସହ ତା ନିକଟରୁ ଦେଶୀ ମଦ (ଆସ୍କାଫଂଟିଁ ) ୮ ଲିଟର (୪୦ ବୋତଲ) ଜବତ କରାଯିବା ସହ ଏକ ମାମଲା ରୁଜୁ ହୋଇଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ନିକଟରେ ବେଆଇନ ଭାବେ ଚୋରା ମଦର କାରବାର ଖବରପାଇ ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ପୁଲିସ ପଠାଇଥିଲେ । ସବଇନ୍ସପେକ୍ଟର ସ୍ମୃତି ମଂଜରୀ ବଡଜେନା ସଦଳବଳେ ଚଢାଉ କରି ସଠିପୁର ନିକଟରୁ ୪୦ ବୋତଲ ଆସ୍କାଫଟିଁ (୮ ଲିଟର) ଜବତ କରିବା ସହ ବେପାରୀ ସଠିପୁର ଗ୍ରାମର ଗଦାଧର ମାଝୀଙ୍କ ପୁଅ ମଣି ମାଝୀ (୩୪)କୁ ଧରିଥିଲେ । ଏନେଇ ଏକ ମାମଲା ୫୨(ଏ) ଓଡିଶା ଅବକାରୀ ଆଇନ ଦ୍ୱାରା ରୁଜୁ କରାଯାଇ ମଣିକୁ ଗିରଫ କରାଯାଇଛି।

# ପ୍ରାକ୍ତନ ପ୍ରଶାସକ ଘନଶ୍ୟାମଙ୍କ ସ୍ମୃତିଚାରଣ



ରାଜକନିକା, (ସବ୍ୟୁ): ରାଜକନିକା ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ, ସାହିତ୍ୟିକ, ସମାଜସେବୀ ତଥା ଅବସର ପ୍ରାପ୍ତ ସେଲ ଅଧିକାରୀ ସ୍ୱର୍ଗତ ଘନଶ୍ୟାମ କରଣ ଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବାଘବୁଦା ପଞ୍ଚାୟତ ଅନ୍ତର୍ଗତ ତାଙ୍କ ସେବାସାହି ସ୍ଥିତ ବାସଭବନ ପରିସରରେ ସୁଧା ପତ୍ରିକାର ସମ୍ପାଦକ ହରେକୃଷ୍ଣ ବାରିକଙ୍କ ସଂଚାଳନା ରେ ଅନୁଷ୍ଠିତ ସ୍ମୃତିସଭାରେ ପରିବାର ପକ୍ଷରୁ ରମେଶ ଚନ୍ଦ୍ର କରଣ, ଏସ୍. ଏନ୍ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବୈକୁଣ୍ଠ ନାଥ ପରିଡ଼ା, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ଓୟୁଏଟି ର ଭିସି ବିଭୁତି ଭୂଷଣ ବିଶ୍ୱାଳ, କନିକା ପୂଜ୍ୟପୂଜାର ସଭାପତି ଦୁର୍ଯ୍ୟୋଧନ ସାମଲ, ସମ୍ପାଦକ କପିଳ ଚରଣ ମିଶ୍ର, ପ୍ରାକ୍ତନ ଜିଲ୍ଲା ପରିଷଦ ଶ୍ରୀନିବାସ ପ୍ରଧାନ, ସାମ୍ବାଦିକ ପ୍ରମୋଦ ମଲ୍ଲିକ, ଶିକ୍ଷାବିତ୍ ରଙ୍ଗାଧର ବେହୁରା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଘନଶ୍ୟାମ କରଣଙ୍କ ମାନବବାଦୀ ଚେତନା ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କର ସ୍ମୃତଚାରଣ କରିଥିଲେ । ଆଜି ବିଧାୟକ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା,। ବିଜେପି ଦଳର କୃଷ୍ଣଚନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।